# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୧/୨୦୨୪ (୧୬ ପୃଷ୍ଠା) Bhubaneswar, Wednesday, September 11/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୮୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 288 ମୂଲ୍ୟ ₹୭/-




## ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ
ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ମହିଳା ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି।

୧୪

୧୩

## ତାପସୀଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଗାନ୍ଧାରୀ'
ଅଭିନେତ୍ରୀ ତାପସୀ ପନ୍ନୁ ଆଗାମୀ ଦିନରେ 'ଗାନ୍ଧାରୀ' ଫିଲ୍ମରେ ନଜରକୁ ଆସିବେ। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।





ଓଏସ୍‌ଏସ୍‌ଏସ୍‌ସିରେ ନିଯୁକ୍ତି ବ୍ୟବସ୍ଥାରେ ଦୁର୍ନୀତିର ତଦନ୍ତ ଏବଂ ଅଫ୍‌ଲାଇନ୍‌ରେ ପରୀକ୍ଷା କରାଯିବା ଦାବି ନେଇ ଆଶାୟୀମାନେ ମଙ୍ଗଳବାର ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନିଲେନି
## ଜୁନିୟର ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

କୋଲକାତା,୧୦।୯(ପି.ଟି.)

ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପଶ୍ଚିମବଙ୍ଗର ଆନ୍ଦୋଳନରତ ଜୁନିୟର ଡାକ୍ତରମାନେ ଏହାକୁ ମାନିନାହାନ୍ତି। ଆର୍.ଜି. କର ହସ୍ପିଟାଲର ମହିଳା ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

ଜୁନିୟର ଡାକ୍ତରମାନେ ସପ୍ତାହେ ହେଲା କୋଲକାତା ପୋଲିସ ମୁଖ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମଙ୍ଗଳବାର ସ୍ୱାସ୍ଥ୍ୟ ଭବନ ଅଭିମୁଖେ ଶୋଭାଯାତ୍ରାରେ ଯାଇଛନ୍ତି। ବଳାତ୍କାର ଓ ହତ୍ୟା ମାମଲାରେ ସେମାନେ କୋଲକାତା ପୋଲିସ କମିଶନର ଏବଂ ବହୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଇସ୍ତଫା ଦାବି କରିଛନ୍ତି। ସଲ୍ଟ ଲେକ୍‌ର ସେକ୍ଟର-୫ ସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟକୁ ଶୋଭାଯାତ୍ରାରେ ଯାଉଥିବାବେଳେ ଜୁନିୟର ଡାକ୍ତରମାନେ ଝାଡ଼ୁ ଏବଂ ମଡେଲ ବ୍ରେନ୍ ପ୍ରଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ପରିଷ୍କାର କରିବା ଏବଂ ଡାକ୍ତରମାନଙ୍କ ଅସୁବିଧା ସମ୍ପର୍କରେ ଶୀର୍ଷ ଅଧିକାରୀମାନେ ଚିନ୍ତା କରନ୍ତୁ ବୋଲି ଜଣାଇଦେବା ପାଇଁ ଆନ୍ଦୋଳନକାରୀ ଡାକ୍ତରମାନେ ପ୍ରତୀକ ସ୍ୱରୂପ ଝାଡ଼ୁ ଓ ବ୍ରେନ୍ ମଡେଲ ନେଇଛନ୍ତି। ସ୍ୱାସ୍ଥ୍ୟ ଭବନ ଗେଟ୍ ନିକଟରେ ସେମାନଙ୍କୁ ଅଟକାଇବା ପାଇଁ ବ୍ୟାପକ ପୋଲିସ ମୁତୟନ ହେବା ସହ ବ୍ୟାରିକେଡ୍ ଲଗାଯାଇଥିଲା। ସେମାନଙ୍କ ୫ ଦଫା ଦାବି ପୂରଣ ପାଇଁ ଜୁନିୟର ଡାକ୍ତରମାନେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ☞ପୃଷ୍ଠା-୨

### ଆର୍.ଜି. କର ହସ୍ପିଟାଲ
## ୫୧ ଡାକ୍ତରଙ୍କୁ ନୋଟିସ

କୋଲକାତା,୧୦।୯(ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ସ୍ପେଶାଲ କାଉନସିଲ କମିଟି ଏହାର ୫୧ ଜଣ ଡାକ୍ତରଙ୍କୁ ନୋଟିସ ଜାରି କରି ତଦନ୍ତରେ ସାମିଲ ହେବାକୁ କହିଛି। ଏହି ଡାକ୍ତରମାନେ ହସ୍ପିଟାଲରେ ଭୟର ସଂସ୍କୃତି ସୃଷ୍ଟି କରିବା ସହ ଏହାର ଗଣତାନ୍ତ୍ରିକ ପରିବେଶକୁ ବିପଦରେ ପକାଇଥିଲେ। ବୁଧବାର ସେମାନଙ୍କୁ ତଦନ୍ତ କମିଟିରେ ହାଜର ହେବା ପାଇଁ କୁହାଯାଇଛି। ଇନ୍‌କ୍ୱାରି କମିଟି ସମନ ଜାରି ନ କଲେ ଉକ୍ତ ୫୧ ଡାକ୍ତରଙ୍କ କ୍ୟାମ୍ପସ୍ ପ୍ରବେଶ ଉପରେ କଟକଣା ଲଗାଯିବ ବୋଲି ହସ୍ପିଟାଲର ସ୍ପେଶାଲ କାଉନସିଲ୍ କମିଟି ନିଷ୍ପତ୍ତି ନେଇଥିଲା। ନୋଟିସ ଜାରି ହୋଇଥିବା ଡାକ୍ତରଙ୍କ ମଧ୍ୟରେ ବରିଷ୍ଠ ରେସିଡେଣ୍ଟ ଡାକ୍ତର, ହାଉସ୍ ଷ୍ଟାଫ୍, ଇଣ୍ଟର୍ନ ଏବଂ ପ୍ରଫେସର ରହିଛନ୍ତି।

## ୧୦ ବର୍ଷରେ ମଲେଣି ୭ ମହାବଳ, ୪୮ କଲରାପତରିଆ ବାଘ

ଭୁବନେଶ୍ୱର,୧୦।୯(ଅନିଲ ଦାସ)

ଜଙ୍ଗଲରେ ବାଘ ସୁରକ୍ଷିତ ନାହାନ୍ତି। ଦିନକୁଦିନ ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ୧୦ ବର୍ଷ ମଧ୍ୟରେ ୪୮ଟି କଲରାପତରିଆ ଏବଂ ୭ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ୨୫ଟି ବାଘକୁ ଶିକାରୀମାନେ ହତ୍ୟା କରିଛନ୍ତି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବିଦ୍ୟୁତ ଆଘାତରେ ୪ଟି ବାଘଙ୍କର ମୃତ୍ୟୁ ହୋଇଥିବା ବେଳେ ରେଳ ଦୁର୍ଘଟଣାରେ ୨, ରାସ୍ତା ଦୁର୍ଘଟଣାରେ ୩ ଏବଂ ☞ପୃଷ୍ଠା-୨




**ବସ୍‌ରେ ମହିଳାଙ୍କୁ ଅସଦାଚରଣ**

କୋଲକାତାର କସ୍‌ବା ଅଞ୍ଚଳରେ ମଙ୍ଗଳବାର ସକାଳେ ଜଣେ ମହିଳା ଯାତ୍ରୀଙ୍କୁ ଚଳନ୍ତା ବସ୍ ଭିତରେ ଜଣେ ସହଯାତ୍ରୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଚିତ୍କାର କରିବାରୁ ଅନ୍ୟ ଯାତ୍ରୀମାନେ ଅଭିଯୁକ୍ତଙ୍କୁ ଧରିନେଇ ମାଡ଼ ମାରିଥିଲେ। ସେ କୌଣସି ପ୍ରକାରେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଲୋକେ ତାଙ୍କୁ ଧରିନେଇ କସ୍‌ବା ଥାନାକୁ ହସ୍ତାନ୍ତର କରିଥିଲେ।

## ସଂକ୍ଷେପରେ

### କେଦାରନାଥରେ ଭୂସ୍ଖଳନ: ୫ ମୃତ

ଡେରାଡୁନ୍,୧୦।୯

ଉତ୍ତରାଖଣ୍ଡର କେଦାରନାଥକୁ ଯାତ୍ରା ରାସ୍ତାରେ ପ୍ରଳୟଙ୍କରୀ ଭୂସ୍ଖଳନ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସୋନପ୍ରୟାଗ ଏବଂ ଗୌରୀକୁଣ୍ଡ ମଧ୍ୟବର୍ତ୍ତୀ ରାସ୍ତାରେ ବଡ଼ ପଥରଖଣ୍ଡଗୁଡ଼ିକ ଖସିବାରୁ ତୀର୍ଥଯାତ୍ରୀମାନେ ଫସି ରହିଥିଲେ। ପଥର ଖସିବା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ସୋମବାର ବିଳମ୍ବିତ ରାତିରୁ ବନ୍ଦ ରହିଥିଲାବେଳେ ମଙ୍ଗଳବାର ପୁନର୍ବାର ଆରମ୍ଭ ହୋଇଛି। ଅନ୍ୟ ତୀର୍ଥଯାତ୍ରୀମାନେ ମାଟି ଅତଡ଼ା ମଧ୍ୟରେ ଫସି ରହିଥିବା ଆଶଙ୍କା କରାଯାଉଛି।

### ପୃଥିବୀ ଆଡ଼କୁ ମୁହାଉଛି କ୍ଷୁଦ୍ରଗ୍ରହ



ବେଙ୍ଗାଲୁରୁ, ୧୦।୯

ଆପୋଫିସ୍ ନାମକ ଏକ କ୍ଷୁଦ୍ରଗ୍ରହ ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ଏହା ୨୦୨୯ରେ ପୃଥିବୀ ସହ ଧକ୍କା ହେବ ବୋଲି ମଙ୍ଗଳବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ସୂଚନା ଦେଇଛି। ଏହି କ୍ଷୁଦ୍ରଗ୍ରହ ପୃଥିବୀର ନିକଟତର ହେବା ମାନବ ସମାଜ ପ୍ରତି ବିପଦ ବୋଲି ଇସ୍ରୋ ଦର୍ଶାଇଛି। ଇସ୍ରୋର ନେଟ୍‌ୱାର୍କ ଫର୍ ସ୍ପେସ୍ ଅବଜେକ୍ଟସ୍ ଟ୍ରାକିଂ ଆଣ୍ଡ ଆନାଲିସିସ(ନେତ୍ରା) ଆପୋଫିସ୍ ଉପରେ ନଜର ରଖିଥିବା ଏହାର ଅଧ୍ୟକ୍ଷ ଡକ୍ଟର ଏସ୍. ସୋମନାଥ କହିଛନ୍ତି। ଆପୋଫିସ ପ୍ରଥମେ ୨୦୦୪ରେ ଆବିଷ୍କୃତ ହୋଇଥିଲା। ଏହା କ୍ରମେ ପୃଥିବୀର ନିକଟତର ହେବାକୁ ଲାଗିଛି। ଇସ୍ରୋ ଏହାକୁ ଟ୍ରାକ୍ କରୁଛି। ୨୦୨୯ ପରେ ଏହା ୨୦୩୬ରେ ମଧ୍ୟ ପୃଥିବୀର ନିକଟତର ହେବ। ତେବେ କିଛି ଅଧ୍ୟୟନ ଅନୁଯାୟୀ ଏହା ୨୦୨୯ରେ ପୃଥିବୀ ପାଖ ଦେଇ ଅତିକ୍ରମ କରିବ, ଧକ୍କା ହେବ ନାହିଁ। ଏହା ପୃଥିବୀଠାରୁ ୩୨ ହଜାର କି.ମି. ଦୂରରେ ଅତିକ୍ରମ କରିପାରେ।

### ଅଷ୍ଟ୍ରେଲିଆରେ ପିଲାଙ୍କୁ ସୋସିଆଲ ମିଡିଆ ମନା

କାନ୍‌ବେରା, ୧୦।୯

ଅଷ୍ଟ୍ରେଲିଆରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରରେ ରଖିବା ପାଇଁ ଆଇନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏନେଇ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲ୍‌ବାନିଜ କହିଛନ୍ତି। ଏହି ଆଇନରେ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ, ଟିକ୍‌ଟକ୍ ପରି ସୋସିଆଲ ମିଡିଆରେ ପ୍ଲାଟ୍‌ଫର୍ମଗୁଡ଼ିକରେ ଲଗ୍‌ଇନ କରିବା ପାଇଁ ସର୍ବନିମ୍ନ ବୟସ ୧୪ରୁ ୧୬ ବୟସ ପର୍ଯ୍ୟନ୍ତ ରହିପାରେ। ଏନେଇ ବର୍ତ୍ତମାନ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ପିଲାମାନେ ମୋବାଇଲ, ଟ୍ୟାବ୍‌ଲେଟ, କମ୍ପ୍ୟୁଟର ଆଦି ଡିଭାଇସ୍‌ରୁ ଦୂରରେ ରହି କ୍ରିକେଟ, ଫୁଟ୍‌ବଲ, ଟେନିସ୍, ସୁଇମିଂ ଆଦି କ୍ରୀଡ଼ା ପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଅପିଲ କରିଛନ୍ତି।

# ମଣିପୁରରେ ଜୋର୍‌ଦାର ହେଲା ଛାତ୍ର ଆନ୍ଦୋଳନ

ଇମ୍ଫାଲ,୧୦।୯(ପି.ଟି.)

**୩ ଜିଲାରେ କର୍ଫ୍ୟୁ, ୫ ଦିନ ଇଣ୍ଟରନେଟ୍ ବନ୍ଦ**



ଶୋଭାଯାତ୍ରାରେ ରାଜଭବନ ଯାଉଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷାକର୍ମୀ ଅଟକାଉଛନ୍ତି।

ମଣିପୁରରେ ସାନି ହିଂସା ଓ ଡ୍ରୋନ୍ ଆକ୍ରମଣର ପ୍ରତିବାଦ ଏବଂ ତୁରନ୍ତ ଶାନ୍ତି ଫେରାଇ ଆଣିବା ଦାବିରେ ଛାତ୍ର ଆନ୍ଦୋଳନ ଜୋର୍‌ଦାର ହୋଇଛି। କେତେକ ସ୍ଥାନରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ରାଜ୍ୟ ସରକାର ୩ ଜିଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରିଛନ୍ତି। ଇମ୍ଫାଲ ଇଷ୍ଟ, ଇମ୍ଫାଲ ୱେଷ୍ଟ ଏବଂ ଥୌବାଲ ଜିଲାରେ ଜନସାଧାରଣ ବାହାରକୁ ବାହାରିବା ଉପରେ କଟକଣା ଲାଗୁ ହୋଇଛି। ତେବେ ଗଣମାଧ୍ୟମ, ବିଦ୍ୟୁତ୍, କୋର୍ଟ ଓ ସ୍ୱାସ୍ଥ୍ୟସେବା ଆଦି ଜରୁରୀ ସେବାକୁ କର୍ଫ୍ୟୁରୁ ବାଦ୍ ଦିଆଯାଇଛି। ଏଥିସହ ରାଜ୍ୟରେ ୫ ଦିନ ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ସୋସିଆଲ ମିଡିଆରେ ଆନ୍ଦୋଳନ ବେଳର ଫଟୋ, ଘୃଣିତ ଭାଷଣ ଓ ଭିଡିଓ ଛାଡ଼ିବା ବନ୍ଦ କରିବା ପାଇଁ ସରକାର ମଙ୍ଗଳବାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଇଣ୍ଟରନେଟ୍ ସମେତ ମୋବାଇଲ ଡେଟା ସର୍ଭିସ ସେପ୍ଟେମ୍ବର ୧୫ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

ପୋଲିସ ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସରକାରଙ୍କ ସୁରକ୍ଷା ଉପଦେଷ୍ଟାଙ୍କ ବହିଷ୍କାର ଦାବିରେ ଛାତ୍ରୀଛାତ୍ର ମଙ୍ଗଳବାର ରାଜଭବନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବାବେଳେ ସୁରକ୍ଷା ବଳ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ସୋମବାର ମଧ୍ୟ ହଜାର ହଜାର ସଂଖ୍ୟାରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ରାଜଭବନ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ବାହାରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷାରେ ବିଫଳ ହୋଇଥିବା ସୁରକ୍ଷା ପରାମର୍ଶଦାତା, ଡିଜିପି ଏବଂ ୫୦ ଜଣ ବିଧାୟକ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ରାଜ୍ୟର ଆଞ୍ଚଳିକ ଏବଂ ପ୍ରଶାସନିକ ସଂହତି ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ନିକଟରେ ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଛାତ୍ରୀଛାତ୍ର ଦାବି କରିଛନ୍ତି। ରାଜଭବନ ବାହାରେ ସେମାନେ ଟେକାମାଡ଼ କରୁଥିବାବେଳେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଗୋଡ଼ାଇ ତଡୁଥିବା ଦେଖାଯାଇଥିଲା। କେତେକ ସ୍ଥାନରେ ପୋଲିସ ଓ ବିକ୍ଷୋଭକାରୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇମ୍ଫାଲ ୱେଷ୍ଟ, କାକ୍‌ଚିଙ୍ଗ ଏବଂ ଥୌବାଲ ଜିଲାରେ ସାନି ହିଂସା ପ୍ରତିବାଦରେ ବିଶାଳ ରାଲି ହୋଇଥିଲା। ବିଭିନ୍ନ ସ୍କୁଲ୍ କଲେଜର ଶହ ଶହ ଛାତ୍ରୀଛାତ୍ର ଇମ୍ଫାଲର ଖ୍ୱାଇରାମବନ୍ଦ ଓମେନ୍ ମାର୍କେଟରେ ସୋମବାର ରାତିରେ କ୍ୟାମ୍ପ୍ ପକାଇ ରହିଥିଲେ। କ୍ୟାମ୍ପ୍ ନିର୍ମାଣ କରିବାରେ ପିଲାମାନଙ୍କୁ ମହିଳା ଦୋକାନୀମାନେ ସହାୟତା କରିଥିଲେ। ଆମର ୬ ଦଫା ଦାବି ପୂରଣ ପାଇଁ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ୨୪ ଘଣ୍ଟା ମହଲତ ଦେଇଛୁ। ଉକ୍ତ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଛାତ୍ରନେତା ସିଏଚ୍ ଭିକ୍ଟର ସିଂ କହିଛନ୍ତି।

### ସୀତାରାମ ୟେଚୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ନୂଆଦିଲ୍ଲୀ,୧୦।୯

ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡ଼ିବାରୁ ମଙ୍ଗଳବାର ତାଙ୍କୁ ଦିଲ୍ଲୀ ଏମ୍ସର ରେସ୍ପିରେଟୋରି ସପୋର୍ଟ ସିଷ୍ଟମରେ ରଖାଯାଇଛି। ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଅନୁଧ୍ୟାନ କରୁଛନ୍ତି। ତାଙ୍କ ଶ୍ୱାସନଳୀରେ ସଂକ୍ରମଣ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପ୍ରବଳ ଜ୍ୱର ହେବାରୁ ଅଗଷ୍ଟ ୧୯ରେ ୟେଚୁରୀଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇ ଶ୍ୱାସନଳୀ ସଂକ୍ରମଣର ଚିକିତ୍ସା କରାଯାଉଛି।

# ମୋଦିଙ୍କ ସୃଷ୍ଟ ଭୟ ଏବେ ଇତିହାସ: ରାହୁଲ

ୱାଶିଂଟନ,୧୦।୯



ୱାଶିଂଟନ ଡିସିର ଜର୍ଜଟାଉନ୍ ୟୁନିଭର୍ସିଟିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଲୋଚନା କରୁଛନ୍ତି।

ଲୋକ ସଭା ନିର୍ବାଚନ ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ଏବଂ ସେ ସୃଷ୍ଟି କରିଥିବା ଭୟ ଦୂର ହୋଇଛି। ତାହା ଏବେ ଇତିହାସ ହୋଇଯାଇଛି ବୋଲି ୪ ଦିନିଆ ଆମେରିକା ଗସ୍ତରେ ଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସୋମବାର ରାହୁଲ ଜର୍ଜଟାଉନ୍ ୟୁନିଭର୍ସିଟି ଏବଂ ୱାଶିଂଟନ ଡିସି ଅନ୍ତର୍ଗତ ହେର୍ଣ୍ଡନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ କହିଥିଲେ, ନିର୍ବାଚନ ଫଳାଫଳ ପରେ ସବୁକିଛି ବଦଳି ଯାଇଥିଲା। ମୋଦିଙ୍କ ଦ୍ୱାରା ସୃଷ୍ଟ ଭୟର ବାତାବରଣ କିଛି ସେକେଣ୍ଡ ମଧ୍ୟରେ ଉଭାନ ହୋଇଯାଇଥିଲା। ଏହି ଭୟ ସୃଷ୍ଟି ପାଇଁ ବହୁବର୍ଷ ଲାଗିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ସରକାର ଗଢ଼ିଥିଲେ ମଧ୍ୟ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହିଁ। ମୋଦିଙ୍କ ୫୬ ଇଞ୍ଚ୍ ଛାତି, ଭଗବାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସବୁକିଛି ଏବେ ଇତିହାସ । ଯେଉଁ ମେଣ୍ଟ ମୋଦିଙ୍କୁ କ୍ଷମତାକୁ ଆଣିଥିଲା, ତାହା ଏବେ ଭୁଶୁଡ଼ି ପଡ଼ିଥିବା ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଭର୍ଜିନିଆରେ ରାହୁଲ ଶିଖ୍‌ମାନଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରାଯାଇଛି। ସେ କହିଥିଲେ, ଭାରତରେ ଶିଖ୍‌ମାନଙ୍କୁ ପଗଡ଼ି ପିନ୍ଧିବା, କାଡ଼ା ପିନ୍ଧିବା ଏବଂ ଗୁରୁଦ୍ୱାରା ଯିବାକୁ ଅନୁମତି ମିଳିବ କି ନାହିଁ, ଏହାକୁ ନେଇ ଲଢ଼େଇ ଚାଲିଛି। ଏହା କେବଳ ଶିଖ୍‌ମାନଙ୍କ ପାଇଁ ନୁହେଁ, ସବୁ ଧର୍ମ ପାଇଁ ବୋଲି ରାହୁଲ କହିଥିଲେ। ଭାଜପା ଏହାର କଡ଼ା ସମାଲୋଚନା କରିଛି। ୧୯୮୪ରେ କଂଗ୍ରେସ କ୍ଷମତାରେ ଥିବାବେଳେ ଦିଲ୍ଲୀରେ ୩,୦୦୦ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ସେମାନଙ୍କ ପଗଡ଼ି ଖୋଲିନିଆଯିବା ସହ ଚୁଟି ଓ ଦାଢ଼ି କାଟିଦିଆଯାଇଥିଲା। ରାହୁଲ ସେ କଥା କହୁ ନ ଥିବା ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଆର୍.ପି. ସିଂ କହିଛନ୍ତି। ଶିଖ୍ ଗଣହତ୍ୟାରେ ସମ୍ପୃକ୍ତ କଂଗ୍ରେସ ଏବେ ଆମକୁ ଭାଷଣ ଦେବାକୁ ଉଦ୍ୟମ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି।

# ଜେଲ ଗଲେ ସନ୍ଦୀପ୍ ଘୋଷ

କୋଲକାତା,୧୦।୯



ଆର୍ଥିକ ଅନିୟମିତତା ମାମଲାରେ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କ ସହ ସୁରକ୍ଷା ଅଧିକାରୀ ଅଫ୍‌ସର ଅଲି, ତାଙ୍କର ୨ ସହଯୋଗୀ, ଠିକା ଭେଣ୍ଡର ବିପ୍ଳବ ସିହ୍ନା ଏବଂ ସୁମନ ହାଜରାଙ୍କୁ ମଧ୍ୟ ଜେଲ ପଠାଇ ଦିଆଯାଇଛି। ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ଘୋଷଙ୍କୁ ସେପ୍ଟେମ୍ବର ୨ରେ ଗିରଫ କରିବା ପରେ ୮ ଦିନିଆ ରିମାଣ୍ଡରେ ନେଇଥିଲା। ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ବେଳେ ସନ୍ଦୀପ୍ ଅପରାଧ ସ୍ଥଳ ରେଷ୍ଟରୁମ୍ ଏବଂ ଟଏଲେଟ୍ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ପ୍ରମାଣ ନଷ୍ଟ କରିବାକୁ ପିଡବ୍ଲ୍ୟୁଡି ହସ୍ପିଟାଲର ଉକ୍ତ ଅଂଶକୁ ଭାଙ୍ଗଥିବା ଅଭିଯୋଗ ହୋଇଥିଲା। ପରେ ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଅଖତର ଅଲି ସନ୍ଦୀପ୍‌ଙ୍କ ସମୟରେ ହସ୍ପିଟାଲରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ।

# ମାଲ୍‌ଗାଡ଼ି ଲାଇନଚ୍ୟୁତ କରିବାକୁ ଉଦ୍ୟମ



**ରେଳଲାଇନ୍‌ରେ ସିମେଣ୍ଟ ବ୍ଲକ୍**

ଜୟପୁର,୧୦।୯(ପି.ଟି.)

ଉତ୍ତରପ୍ରଦେଶର କାନପୁରରେ ପ୍ରୟାଗରାଜରୁ ହରିୟାଣାର ଭିୱାନୀ ଯାଉଥିବା କାଳିନ୍ଦୀ ଏକ୍ସପ୍ରେସକୁ ବିସ୍ଫୋରଣରେ ଉଡ଼ାଇ ଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ରବିବାର ରାତି ୮ଟା ୨୦ ସମୟରେ ଏକ୍ସପ୍ରେସ୍ ଟ୍ରେନ୍‌ଟି ଦ୍ରୁତ ବେଗରେ ଯାଉଥିବାବେଳେ ରେଳଲାଇନ୍‌ରେ ରଖାଯାଇଥିବା ଏଲ୍‌ପିଜି ସିଲିଣ୍ଡରରେ ଧକ୍କା ହୋଇ ଅଟକିଯିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ରେଳଲାଇନରେ ଏଲ୍‌ପିଜି ସିଲିଣ୍ଡର ସମେତ ପେଟ୍ରୋଲ ବୋତଲ, ଦିଆସିଲି ଆଦି ରଖାଯାଇଥିବାରୁ ଏହା ପଛରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହରେ ତଦନ୍ତ ଜାରି ରହିଛି। ସେହି ରାତିରେ ରାଜସ୍ଥାନ ଆଜମେର ଜିଲାରେ ଅନୁରୂପ ଘଟଣା ଘଟିଛି। ଏକ ମାଲ୍‌ବାହୀ ଟ୍ରେନ୍‌କୁ ଲାଇନଚ୍ୟୁତ କରିବା ପାଇଁ କେହି ଦୁର୍ବୃତ୍ତ ରେଳଲାଇନରେ ୨ଟି ସିମେଣ୍ଟ ବ୍ଲକ୍ ରଖିଥିଲେ। ବ୍ଲକ୍ ୨ଟିର ଓଜନ ୭୦ କିଲୋଗ୍ରାମ ଲେଖାଏ। ମାଲ୍‌ବାହୀ ଟ୍ରେନ୍ ଏହାକୁ ଧକ୍କା ଦେଇଥିଲେ ମଧ୍ୟ ବେଗ କମ୍ ଥିବାରୁ ଲାଇନ୍‌ଚ୍ୟୁତ ହୋଇନାହିଁ। ଫୁଲେରା–ଅହମଦାବାଦ ରୁଟ୍‌ର ୱେଷ୍ଟର୍ନ ଡେଡିକେଟେଡ୍ ଫ୍ରାଇଟ୍ କରିଡରରେ ଏହି ଦୁର୍ଘଟଣା ଘଟିଛି। ରେଲୱେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାଳିନ୍ଦୀ ଏକ୍ସପ୍ରେସ୍‌କୁ ଲାଇନଚ୍ୟୁତ କରିବା ଉଦ୍ୟମର ଦିନକ ପରେ ଏହି ଘଟଣା ସାମ୍ନାକୁ ଆସିଛି।

**କ୍ୟାମ୍ପ୍ ଉପରେ ଇସ୍ରାଏଲ୍‌ର ବୋମାମାଡ଼**

# ୪୦ ପାଲେଷ୍ଟିନୀୟ ମୃତ



ଯୁଦ୍ଧରେ ଘରଦ୍ୱାର ହରାଇଥିବା ପାଲେଷ୍ଟିନୀୟ ଆଶ୍ରୟ ନେଇଥିବା କ୍ୟାମ୍ପ ଉପରେ ଇସ୍ରାଏଲ ବୋମାମାଡ଼ କରିଛି।

ଡେଇର୍ ଅଲ୍–ବାଲାହ,୧୦।୯

ଇସ୍ରାଏଲ୍–ହମାସ୍ ଯୁଦ୍ଧରେ ଘରଦ୍ୱାର ହରାଇ ଅସ୍ଥାୟୀ ଶିବିରରେ ମୁଣ୍ଡ ଗୁଞ୍ଜିଥିବା ପାଲେଷ୍ଟିନୀୟମାନଙ୍କ ଉପରେ ଇସ୍ରାଏଲୀ ସେନା ମଙ୍ଗଳବାର ଆକାଶମାର୍ଗରୁ ବୋମାମାଡ଼ କରିଛି। ଏଥିରେ ଅନ୍ୟୁନ ୪୦ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ହମାସ୍ ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଇସ୍ରାଏଲ୍ ଆକ୍ରମଣ କରିଥିବା କହିଛି। ଗାଜା ଉପକୂଳ ମୁୱାସିରେ ବହୁସଂଖ୍ୟାରେ ଅସ୍ଥାୟୀ ଟେଣ୍ଟରେ ଲୋକମାନେ ଆଶ୍ରୟ ନେଇଥିବାବେଳେ ମଙ୍ଗଳବାରର ଆକ୍ରମଣ ସବୁଠୁ ଭୟାବହ ଥିଲା। ଲକ୍ଷାଧିକ ନିରୀହ ଲୋକ ଯୁଦ୍ଧରେ ଘରଦ୍ୱାର ହରାଇ ଉକ୍ତ ଶିବିରଗୁଡ଼ିକରେ ରହୁଥିବାବେଳେ ଇସ୍ରାଏଲ୍ ଏହାକୁ ମାନବୀୟ ଜୋନ୍ ଘୋଷଣା କରିଥିଲା। ଏହା ସତ୍ତ୍ୱେ ଉକ୍ତ କ୍ୟାମ୍ପ୍ ଉପରେ ଇସ୍ରାଏଲୀ ସେନା ଆକ୍ରମଣ କରିଛି। ସେଠାରୁ ୪୦ଟି ମୃତଦେହ ମିଳିଥିବାବେଳେ ଅନେକ ନିଖୋଜ ରହିଛନ୍ତି। ଟେଣ୍ଟରେ ଥିବା କେତେକ ପରିବାରର ସମସ୍ତ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ବୋମା ଏତେ ଶକ୍ତିଶାଳୀ ଥିଲା ଯେ ଉକ୍ତ ସ୍ଥାନରେ ୩ଟି ଗଭୀର ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି। ସେଠାରୁ ଲୋକମାନେ ହାତରେ ବାଲି ଓ ଭଗ୍ନାବଶେଷ ବାହାର କରି ମୃତଦେହ ଖୋଜୁଥିବା ଦେଖାଯାଇଥିଲା। ଆକ୍ରମଣ ପରେ ଖାନ୍ ୟୁନିସ୍‌ସ୍ଥିତ ନାସେର ହସ୍ପିଟାଲରେ ୨ ଡଜନ ମୃତଦେହ ପହଞ୍ଚିଥିବା ଏହାର କର୍ତ୍ତୃପକ୍ଷ କହିଛନ୍ତି। କ୍ୟାମ୍ପ୍‌ରେ ଲୋକମାନେ ଶୋଇଥିବାବେଳେ ଭୋର ସମୟରେ ଆକ୍ରମଣ ହୋଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।




ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୧/୨୦୨୪ | Bhubaneswar, Wednesday, September 11/2024 | ପୃଷ୍ଠା-୧

# ୫୭ ଏନ୍ଏସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୧୦।୯(ଅନିଲ ଦାସ)



ନୂତନ ଏନ୍ଏସି ଗଠନକୁ ନେଇ ବିଧାନସଭାରେ ଦାବି ଜୋର୍ ଉଠିଛି। ଗତ ସରକାର ସମୟରେ ୫୭ଟି ଏନଏସି ପ୍ରସ୍ତାବ ଆସିଥିବା କୁହାଯାଉଥିବା ବେଳେ ଭାଜପା ସରକାରଙ୍କ ପାଖରେ ସେମିତି କିଛି ପ୍ରସ୍ତାବ ନାହିଁ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଧାନସଭାରେ ବିବୃତ୍ତି ରଖିଛନ୍ତି।

ସରକାରୀ ପ୍ରସ୍ତାବରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ନାହିଁ। ନିର୍ବାଚନକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଏନ୍ଏସି ଘୋଷଣା କରିଥିଲେ। କିନ୍ତୁ ଏ ନେଇ କୌଣସି ସରକାରୀ ପ୍ରସ୍ତାବ ନାହିଁ କି ନୂଆ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ପ୍ରତାପ ଦେବଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଗତ ସରକାର ସମୟରେ ୫୭ଟି ନୂତନ ଏନ୍ଏସି ପାଇଁ ପ୍ରସ୍ତାବ ଆସିଥିଲା। ସେହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କଠାରୁ ଆସିଥିଲା କି। ଯଦି ଆସିଥିଲା ତେବେ ଏହାର ସ୍ଥିତି କ'ଣ ଅଛି। ସେଥିରୁ ସରକାର କେତୋଟିକୁ ଏନ୍ଏସି କରିବାକୁ ପଦକ୍ଷେପ ନେଇଛନ୍ତି ବୋଲି ପ୍ରତାପ ଦେବ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏନେଇ ଜିଲାପାଳଙ୍କଠାରୁ କୌଣସି ସରକାରୀ ପ୍ରସ୍ତାବ ଆସିନାହିଁ। ଜିଲାପାଳମାନଙ୍କୁ କେବଳ ଚିଠି ହୋଇଥିଲା। ଜିଲାପାଳଙ୍କ ପାଖରୁ ଉତ୍ତର ମିଳିନାହିଁ। ଜିଲାପାଳଙ୍କ ପାଖରୁ ନୂଆ ଏନ୍ଏସି ନେଇ ଯଦି କୌଣସି ପ୍ରସ୍ତାବ ଆସିବ ସରକାର ତାହା ଉପରେ ବିଚାରବିମର୍ଶ କରିବା ପରେ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଭ୍ୟ ସଞ୍ଜୀବ ମଲ୍ଲିକ ପ୍ରଶ୍ନ ନମ୍ବର ୬୬୨ରେ ଭଦ୍ରକ ଜିଲା ବନ୍ତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ☞ପୃଷ୍ଠା-୨

# ୨.୬୫ ଲକ୍ଷ କୋଟିର ବ୍ୟୟମଞ୍ଜୁରୀ ବିଲ୍ ପାରିତ

## ୫-ଟି ରୂପାନ୍ତରୀକରଣର ହିସାବ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ଉପସ୍ଥାପିତ କରିଥିବା ୨ ଲକ୍ଷ ୬୫ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍ ମଙ୍ଗଳବାର ଗୃହରେ ପାରିତ ହୋଇଛି। ବ୍ୟୟ ମଞ୍ଜୁର ବିଲ୍ ନେଇ ଚାଲିଥିବା ଆଲୋଚନା ପରେ ଗୃହରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବ୍ୟୟ ମଞ୍ଜୁରୀ ବିଲ୍ ପାରିତହେବା ଦ୍ୱାରା ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ହୋଇପାରିବ। ବଜେଟ ଆଗତ ପରେ ଷ୍ଟାଣ୍ଡିଂ କମିଟି ଏହାକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ବଜେଟ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ସାକାରକରିବା ପାଇଁ ଆମେ ପରିବର୍ତ୍ତନ, ବିକାଶ, ସୁଶାସନ ଏବଂ ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଇଛୁ। ଉକ୍ତ ବଜେଟରେ ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ମୂଳଦୁଆ ଉପସ୍ଥାପନ କରିଛୁ। ବଜେଟ ଆଲୋଚନାର ମୁଖ୍ୟ ବିଷୟ ହେଉଛି ବଜେଟର କଳେବର ଏବଂ ବିତ୍ତୀୟ ଅନୁଶାସନ। ଏହି ଦୁଇଟି ଯାକ ମାପଦଣ୍ଡରେ ୨୦୨୪-୨୫ରେ ବଜେଟ ପ୍ରସ୍ତାବ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛି। ସମ୍ପୂର୍ଣ୍ଣ କ୍ୟାବିନେଟ୍ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରି ଆଶୀର୍ବାଦ ଭିକ୍ଷା କରିଥିଲି। ପ୍ରଭୁଙ୍କ ଆଶୀର୍ବାଦ ଫଳ ସ୍ୱରୂପ ୩ମାସ ସରକାରକୁ ପୂର୍ତ୍ତିନି ସରକାରଙ୍କ ପ୍ରୟାସ ଓ ଉଦ୍ୟମର ଫଳ ଲୋକଙ୍କ ପାଖରେ ପହଞ୍ଚିବା ଆରମ୍ଭ ହୋଇଗଲାଣି। ବିରୋଧୀ ବଜେଟ ଆଗତ ପରେ ସମାଲୋଚନା କରୁଛନ୍ତି। ସେମାନଙ୍କୁ ମନେପକାଇ ଦେଉଛୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋହେଲାଠାରେ ଏକ ସଭାରେ ଧାନ କ୍ରୟ ଉପରେ ଶହେ ଟଙ୍କା ଲେଖା ବୋନସ ଦେବାକୁ ଘୋଷଣା କରିଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବ୍ଲାକ୍ କାଳ

# ସେନା ପୋଷାକରେ ଦାଗ

## ୱିଙ୍ଗ୍ କମାଣ୍ଡରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଲେ ବାୟୁସେନା ଅଫିସର

ନୂଆଦିଲ୍ଲୀ,୧୦।୯

ସେନା ପୋଷାକରେ ଲାଗିଛି ଦାଗ। ଭାରତୀୟ ବାୟୁସେନାର ଜଣେ ମହିଳା ଫ୍ଲାଇଂ ଅଫିସରଙ୍କୁ ଜମ୍ମୁ-କଶ୍ମୀର ଏୟାରଫୋର୍ସ ଷ୍ଟେଶନ୍‌ର ୱିଙ୍ଗ୍ କମାଣ୍ଡର ବଳାତ୍କାର କରିବା ସହ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ ଆଧାରରେ ଜମ୍ମୁ-କଶ୍ମୀର ପୋଲିସ ୱିଙ୍ଗ୍ କମାଣ୍ଡରଙ୍କ ବିରୋଧରେ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ୨୦୨୩ ଡିସେମ୍ବର ୩୧ ରାତିରେ ନୂଆବର୍ଷ ପାଳନ ବେଳେ ୱିଙ୍ଗ୍ କମାଣ୍ଡର ମହିଳା ଅଫିସରଙ୍କୁ ଗିଫ୍ଟ ଦେବା ନାଁରେ ତାଙ୍କ ପ୍ରକୋଷ୍ଠକୁ ଡାକି ଯୌନ ନିର୍ଯାତନା ଦେଇଥିଲେ। ଏନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ମହିଳା ଅଫିସର ଗତ ୮ ତାରିଖରେ ବଡ଼ଗାମ୍ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ☞ପୃଷ୍ଠା-୨

# ୫ ଦିନ ବର୍ଷା, ୩ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୧୦।୯ (ଅନୁରାଧା ମହାରଣା)

## ନୂଆପଡ଼ାରେ ୧୩୩.୮ ମିମି, ମାଲକାନଗିରିରେ ୧୦୨.୬ ମିମି ବର୍ଷିଲା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତର ରୂପ ନେବା ପରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବର୍ଷା କମିଥିବାବେଳେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ାରେ ସର୍ବାଧିକ ୧୩୩.୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ପଛକୁ ମାଲକାନଗିରିରେ ୧୦୨.୬ ମିମି, ଟିଟିଲାଗଡ଼ରେ ୫୯.୪ ମିମି, କୋରାପୁଟରେ ୫୮.୮ ମିମି, ବଲାଙ୍ଗୀରରେ ୪୩.୫ ମିମି ଓ ହୀରାକୁଦରେ ୩୯.୮ ମିମି ବର୍ଷା ହୋଇଥିବାବେଳେ ସମଗ୍ର ରାଜ୍ୟରେ ଭାରି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟର କେତେକ ଜିଲାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ ଓ କେନ୍ଦୁଝରରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ୩-୪ଟି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି। ଅବଶିଷ୍ଟ ଅଞ୍ଚଳରେ ପାଗ ପ୍ରାୟ ଶୁଖିଲା ରହିବ।

# ଲଞ୍ଚ୍ ହେଲା ସ୍ପେସ୍ ଏକ୍ସର 'ପୋଲାରିସ୍ ଡନ୍' ମିଶନ



ୱାଶିଂଟନ, ୧୦।୯

## ମହାକାଶରେ ସ୍ପେସ୍ ୱାକ୍ କରିବେ ୪ ସଦସ୍ୟ

ଆମେରିକୀୟ ମହାକାଶ ଯାନ ନିର୍ମାତା କମ୍ପାନୀ 'ସ୍ପେସ୍ ଏକ୍ସ' ମଙ୍ଗଳବାର ନିଜର ବହୁ ପ୍ରତୀକ୍ଷିତ 'ପୋଲାରିସ୍ ଡନ୍' ମିଶନକୁ ମଙ୍ଗଳବାର ଲଞ୍ଚ୍ କରିଛି। ନାସାର ଫ୍ଲୋରିଡାସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ଏହି ମିଶନର ଶୁଭାରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମିଶନରେ 'ସ୍ପେସ୍ ଏକ୍ସ' ୪ ଜଣ କ୍ରିଉ ସଦସ୍ୟଙ୍କୁ ମହାକାଶ ପଠାଯାଇଛି। ସମସ୍ତ କ୍ରିଉ ସଦସ୍ୟ ଡ୍ରାଗନ୍ କ୍ୟାପସୁଲ ଭିତରେ ରହି ମହାକାଶ ଅଭିମୁଖେ ଯାଇଛନ୍ତି। ସ୍ପେସ୍ ଏକ୍ସ'ର ଲଞ୍ଚିଂ କାର୍ଯ୍ୟକ୍ରମକୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲାଇଭ ଷ୍ଟ୍ରିମିଂ କରାଯାଇଛି। ଆସନ୍ତା ୧୨ରେ ମିଶନର ତୃତୀୟ ଦିନରେ ଉକ୍ତ ୪ କ୍ରିଉ ସଦସ୍ୟ ମହାକାଶରେ ସ୍ପେଶ୍ ୱାକ୍ କରିବେ। ଏହି ସମୟରେ ସେମାନେ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି ବୋଲି ଅନୁମାନ କରାଯାଉଥିବାବେଳେ ସ୍ପେସ୍ ଏକ୍ସ' ପକ୍ଷରୁ ୪ କ୍ରିଉ ସଦସ୍ୟଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଇଥିବା କୁହାଯାଇଛି। 'ପୋଲାରିସ୍ ଡନ୍' ମିଶନ ଜରିଆରେ ପ୍ରଥମ ଥର ପାଇଁ କୌଣସି କମର୍ସିଆଲ ମହାକାଶ ଯାନରେ ମହାକାଶଚାରୀ ସ୍ପେସ୍ ୱାକ୍ କରିବେ। ଉକ୍ତ ମିଶନରେ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ, ଏନ୍‌ସିଇଆର୍‌ଟି, ଭୁବନେଶ୍ୱରର କ୍ୟାରିୟର ଏକ୍ସିବିଶନ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ମୁଭ୍ ଫର୍ ଆର୍ଥ ସିମ୍ପୋସିୟମ୍' ଆଲୋଚନା ଚକ୍ର, ସ୍ଥାନ: କିଟ୍ କନ୍‌ଭେନଶନ ହଲ୍, କ୍ୟାମ୍ପସ-୬, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ଧାରଣା, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ସମାରୋହ ପାଳନ ଅବସରରେ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ, ସ୍ଥାନ: ଲୋକସଭା ଭବନ, କନ୍‌ଭେନଶନ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଯାଜପୁର ରୋଡ- ଧାମରା ରେଳପଥର ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ ଦାବିରେ ଗଣଧାରଣା, ସ୍ଥାନ: ପୂର୍ବତଟ ରେଳପଥ ରେଳ ସଦନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେଙ୍କୁ ସମ୍ବର୍ଦ୍ଧନା ନିମନ୍ତେ ସାଧାରଣ ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପରାହ୍ନ ୫ଟା।
- ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଭାଗବତ ପାଠ ଓ ସାରସ୍ୱତ ଆସର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ପିସି', ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଭୁବନେଶ୍ୱର ଭସାଣି ଉତ୍ସବ ସମିତିର ସାଧାରଣ ସଭା, ସ୍ଥାନ: ଶହୀଦ ନଗର ପୂଜା ମଣ୍ଡପ, ସ୍ଥାନ: ସନ୍ଧ୍ୟା ୭ଟା।

## କଟକ

- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ଚୌଦ୍ୱାର ପୌରପାଳିକାର ୬ ନମ୍ବର ୱାର୍ଡ, ସମୟ: ସକାଳ ୮ଟା ୩୦।
- କଣ୍ଟାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ପ୍ରାଚୀ ଏକାଡେମୀ, ଅଡ଼ଶପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଜିତ୍ କୁମାର ନନ୍ଦଙ୍କ ଇଂଲିଶ ପୁସ୍ତକ ଭାଲ୍ୟୁ ଆଡେଡ୍ ଭୋଟିଂ ସିଷ୍ଟମ ଫର୍ କ୍ୱାଲିଟେଟିଭ ଡେମୋକ୍ରେସି, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀରାଧା ଜନ୍ମ ମହୋତ୍ସବ ନାମ ସଂକୀର୍ତ୍ତନ ସମାବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଶ୍ରୀରାଧା ସାଂସ୍କୃତିକ ମଞ୍ଚ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୫ଟା।
- ଶ୍ରୀରାଧା ଜନ୍ମୋତ୍ସବ ଉଦ୍‌ଯାପନୀ ସମାରୋହ, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାଧା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଦେବସେନା ଓ ମା' ଲଙ୍କେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କୁଶୁଡ଼ିହା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟବଲ, ଚେସ୍ ଓ ଯୋଗ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ଓ ଶ୍ରୀ ରାଧାଷ୍ଟମୀ ମହାଅଭିଷେକ ମହୋତ୍ସବ, ସ୍ଥାନ: କୃଷ୍ଣ କୃପା ସେବାଶ୍ରମ, କୁରୁଠିଆ, ଭୋଗରାଇ, ସମୟ: ଦିବସବ୍ୟାପୀ।

## ଭଦ୍ରକ

- ରାଧାଷ୍ଟମୀ ପାଳନ, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୮ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୀରହାଟ ଥାନା ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସ୍ୱର୍ଗତ ମଧୁସୂଦନ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ନିଶାକର ଭବନ ପରିସର, ବାସୁଦେବପୁର ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ରାଧାଷ୍ଟମୀ ପାଳନ, ସ୍ଥାନ: ମହତାବ ନଗର ମଙ୍ଗଳା ମନ୍ଦିର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ:କୁସୁମୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାତୃତ୍ୱ ଦିବସ ପାଳନ, ସ୍ଥାନ: ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ, ବାରିପଦା ବ୍ରାଞ୍ଚ,ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ରକ୍ତଦାନ ଶିବିର, ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମୀନାବଜାର ପୂଜା ପ୍ରତିଷ୍ଠାନର ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ, ସ୍ଥାନ:ମୀନାବଜାର, ସମୟ:ସକାଳ ୬ଟା୩୦।
- ଇସ୍କନ ପକ୍ଷରୁ ରାଧାଷ୍ଟମୀ ଉତ୍ସବ, ସ୍ଥାନ:ଇସ୍କନ ମନ୍ଦିର, ଦକ୍ଷିଣକାଳୀ ରୋଡ଼, ବାଇପାସ, ସମୟ:ପୂର୍ବାହ୍ନ ୧୦ଟା।
- ବଜରଙ୍ଗ କ୍ଲବ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ:ବଜରଙ୍ଗ କ୍ଲବ ପୂଜା ମଣ୍ଡପ, ସମୟ: ଅପରାହ୍ନ୧ଟା।
- ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ:ଗଣେଶ ବଜାର କ୍ଲବ ଘର, ସମୟ:ଅପରାହ୍ନ ୧ଟା।

## ଅନୁଗୋଳ

- ବିଶ୍ୱଶାନ୍ତି ହୋମ ଓ ନାମ ସଂକୀର୍ତ୍ତନ, ସ୍ଥାନ: କଣିହାଁ ବ୍ଲକ ବଡ଼ହୀରା ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ବିସର୍ଜନ ଉତ୍ସବ, ସ୍ଥାନ: କଣିହାଁ ବ୍ଲକର ବିଭିନ୍ନ ଗ୍ରାମ, ସମୟ: ସନ୍ଧ୍ୟା ୬ଟାରୁ ଆରମ୍ଭ।

## ଜଗତ୍‌ସିଂହପୁର

- ଏଚ୍‌ଏମ୍‌ଏସ୍ ଅନୁବନ୍ଧିତ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନର ନବନିଯୁକ୍ତ ସଭାପତିଙ୍କ ପାଇଁ ରାଲି ଓ ସାଧାରଣ ସଭା, ସ୍ଥାନ: ବଡପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ବଡ଼ାମ୍ବିଲା ପଞ୍ଚାୟତ କାର୍ଯ୍ୟାଳୟ, ଆଳି, କଖାରୁଣୀ ପଞ୍ଚାୟତ କାର୍ଯ୍ୟାଳୟ ଓ ୱାର୍ଡ ନଂ. ୨ ପଟ୍ଟାମୁଣ୍ଡାଇ, କଳାବୁଦା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ବରକନ୍ଧା, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ଶାଖା ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ଜାରକାସ୍ଥିତ ସମ୍ରାଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଗଣ ଧାରଣା, ସ୍ଥାନ: ପୂର୍ବତଟ ରେଳପଥର ସଦର ଦପ୍ତର(ରେଳ ସଦନ), ସମୟ: ପୂର୍ବାହ୍ନ ୧୧ଟା୩୦।
- ଜାରକା ବଜାର ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଶୁଭାରମ୍ଭ ଅବସରରେ କଳସ ଯାତ୍ରା, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ୨୪୭ ଆଦିବାସୀ ଓ ଦଳିତଙ୍କ ଗାଁରେ ରାସ୍ତା, ବିଦ୍ୟୁତ୍, ପାଣି ଯୋଗାଇବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଗଣେଶ ପୂଜା ଉପଲକ୍ଷେ ପିଡିସି ଗ୍ରାଫି ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାଉସିଂ ବୋର୍ଡ କଲୋନୀ,ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ହିନ୍ଦୁ ମହାସମାବେଶ, ସ୍ଥାନ: ଉମରକୋଟ, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ଜୟପୁର ପୌରପାଳିକା ଦ୍ୱାରା ସୁଭଦ୍ରା ସଚେତନତା ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବସଷ୍ଟାଣ୍ଡ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ସମ୍ବଲପୁର ମହାନଗର ନିଗମ ପକ୍ଷରୁ ୱାର୍ଡସ୍ତରୀୟ ଅଧିବାସୀଙ୍କ ପରାମର୍ଶ ବୈଠକ, ସ୍ଥାନ : ମୁଦିପଡା ଶନି ମନ୍ଦିର ନିକଟ, ସମୟ : ସକାଳ ୮ଟା।

## ବଲାଙ୍ଗୀର

- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ନୂଆଁଖାଇ ଭେଟଘାଟ ଏବଂ ସ୍ଥାୟୀ ଜଳସେଚନ ଉପରେ ଆଲୋଚନା, ସ୍ଥାନ: ରୁଗୁଡ଼ିଖାଲ ରାମମନ୍ଦିର,ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଦୁଗ୍ଧଚାଷୀଙ୍କ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କର୍ଡାପାଲ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା୩୦।
- ନୂଆଁଖାଇ ଭେଟ୍‌ଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅମରପାଲି, ସମୟ: ଅପରାହ୍ନ ୪ଟା।
- ତରଭା ବ୍ଲକ ଅନ୍ତର୍ଗତ କଟାପାଲିରେ ନୂଆଁଖାଇ ଭେଟ୍‌ଘାଟ ଉପଲକ୍ଷେ କୀର୍ତ୍ତନଧାରା କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି ଗ୍ରାମ୍ୟ ମଣ୍ଡପ, ସମୟ:ସନ୍ଧ୍ୟା ୬ଟା ୩୦।
- ନୃସିଂହ ପୁରାଣ ପଠନ, ସ୍ଥାନ:ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ପଗାରପାଣି, ଝାରବନ୍ଧ, ସମୟ: ସନ୍ଧ୍ୟା ୭ଟା

## ସୁନ୍ଦରଗଡ଼

- ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ,ସମୟ: ସକାଳ ୧୦ଟା, ସ୍ଥାନ: ବଡ଼ଗାଁ ମିନି ଷ୍ଟାଡିୟମ।
- ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ଆଇନ ସଚେତନତା ଶିବିର,ସ୍ଥାନ:ଏଡିଆର ବିଲଡିଂ (କୋର୍ଟ କ୍ୟାମ୍ପସ),ସମୟ:ଅପରାହ୍ନ ୪ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ରାଧାଷ୍ଟମୀ ପାଳିତ, ସ୍ଥାନ: ଛେଣ୍ଡ ଇସ୍କନ ମନ୍ଦିର, ସମୟ: ପ୍ରାତଃ ୫ଟା।
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳରେ ସଂସ୍କୃତ ଆଲୋଚନା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାଷ୍ଟମୀ ଉତ୍ସବ ପାଳିତ, ସ୍ଥାନ: ସେକ୍ଟର- -୧୪, ନନ୍ଦ ଗାଁ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ ସୁରସନ୍ଧ୍ୟା ବାଲେଶ୍ୱର ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ କଟକ ସିଗନେଚର୍ ବ୍ୟାଣ୍ଡର ମେଲୋଡ଼ି, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ଯାତ୍ରା ଯାଜ୍ଞସିନି, ସ୍ଥାନ: ପ୍ରଧାନପାଟ ରୋଡ, ବଡବଗିଚା, ସମୟ: ରାତି ୧୧ଟା।
- ଗଣେଶ ମେଳା ଅବସରରେ ପ୍ରି ଶୋ' ଅପେରା, ନ୍ୟୁ ବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର ପଡ଼ିଆ, ସମୟ: ରାତି ୧୧ଟା।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ଜୟପାଟଣା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ମହିଳା ଦଣ୍ଡନୃତ୍ୟ, ସ୍ଥାନ: ମହାଭାରତ ପଡିଆ, ଗୋଲାମୁଣ୍ଡା, ସମୟ: ସନ୍ଧ୍ୟା ୮ଟା।

## ନୂଆପଡ଼ା

- ସରପଞ୍ଚ ଓ ସମିତି ସଭ୍ୟ ସଂଘର ନୂଆଁଖାଇ ଭେଟଘାଟ, ସ୍ଥାନ: ସାହିପଲ୍ଲା ଡ୍ୟାମ ପରିସର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜନଗଣନା ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ବିଛା ରାଶିସ୍ଥ ଚନ୍ଦ୍ର ମାନସିକ ସ୍ଥିତି, ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅସ୍ୱାଭାବିକ ରଖିପାରେ। କିନ୍ତୁ ଷଷ୍ଠଭାବସ୍ଥ ଶୁକ୍ର ନୀଚସ୍ଥ ଯୋଗୁ ଆର୍ଥିକ ସ୍ଥିତି ବିଗିଡ଼ି ଯାଇପାରେ। ଅବୁଝା ବନ୍ଧୁଙ୍କୁ ବୁଝାଇ ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ** ଆଜି ବୁଧାଦିତ୍ୟ ଯୋଗ ଫଳରେ ସଭାସମିତି କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କିନ୍ତୁ ପାରିବାରିକ ସମସ୍ୟା ଓ ପିଲାମାନଙ୍କ ବିବାହ ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ଏକାଦଶାଧିପତିଙ୍କ ପ୍ରଭାବରେ ସବୁ ସୁବିଧା ହାସଲ କରି ଲକ୍ଷ୍ୟପଥର ପଥିକ ହୋଇପାରନ୍ତି। ସମ୍ପର୍କୀୟଙ୍କ ଦ୍ୱାରା ବିଳାସର ପ୍ରାଚୁର୍ଯ୍ୟ ପାଇବାର ସମ୍ଭାବନା ରହିଛି। ବୈଷୟିକ ସମ୍ପଦ ହାସଲ ପରିପ୍ରେକ୍ଷୀରେ କୂଟନୀତି ବଳରେ କାର୍ଯ୍ୟ ସାଧନରେ ସମର୍ଥ ହେବେ। କର୍ମାରମ୍ଭ, ଜମିଜମା କ୍ରୟବିକ୍ରୟ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତି ସନ୍ତୋଷଜନକ ରହିବ।

**କର୍କଟ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ପ୍ରତ୍ୟେକ ଦିଗରୁ ପ୍ରତିକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁ କିମ୍ବା ସହକର୍ମୀଙ୍କ ଉପରେ ବିରକ୍ତି ଓ ତ୍ରୁଟିକଟୁ ବ୍ୟବହାର ସମ୍ପର୍କ କ୍ଷୁଣ୍ଣ କରିପାରେ। ଦ୍ୱନ୍ଦ୍ୱରେ ପଡ଼ି କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି। ଆର୍ଥିକ, ବ୍ୟବସାୟିକ, ଉପରିସ୍ଥ କର୍ମଚାରୀ କିମ୍ବା ସରକାରୀ କାମ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ସିଂହ** ସ୍ୱଗୃହୀ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାର ଲକ୍ଷ୍ୟକରି ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି।

**କନ୍ୟା** ଧନଭାଗ୍ୟାଧିପତିଙ୍କ ଶୁକ୍ରଙ୍କ ନୀଚତ୍ୱପ୍ରଭାବ କ୍ରମେ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ହ୍ରାସ ପାଇପାରେ। ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିପାରିବେ। ରାହୁଙ୍କ ସ୍ଥିତି କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆପଣଙ୍କ ପ୍ରାପ୍ୟ ପାଇବାରେ କିଛିଟା ସମସ୍ୟା ଉପୁଜିବାର ଆଶଙ୍କା ଦେଖାଦେବ।

**ତୁଳା** ଦ୍ୱିତୀୟଭାବସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ସମ୍ପର୍କ ଓ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ରୋକ୍‌ଠୋକ୍ କଥା ସମସ୍ୟାର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିପାରିଲେ ସଫଳତା ପାଇବେ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ।

**ବିଛା** ଭାଗ୍ୟାଧିପତିଙ୍କ ଦୁର୍ବଳତାଜନିତ ବିବାଦୀୟ ଘଟଣା କିମ୍ବା ଅସଫଳତା ହେତୁକ ମନସ୍ତାପ କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ରାଶ୍ୟାଧିପ ବୃହସ୍ପତି ଦୁଃସ୍ଥାନସ୍ଥ ଯୋଗୁ ପାରିବାରିକ ଅସ୍ଥିରତା ଲାଗିରହିବ। ସାମ୍ବାଦିକତା, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେବ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ମଧ୍ୟ ଘଟିବ।

**ମକର** ଆଜି ଲାଭଭାବରେ ଦୁର୍ବଳଚନ୍ଦ୍ର ଅବସ୍ଥାନ କରି ମନରେ ନିରୁତ୍ସାହିତା ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବା କାରଣରୁ ବିଚଳିତ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ। ବନ୍ଧୁଙ୍କ ସହାୟତାରେ ଅଭିଳଷିତ ଫଳ ଲାଭ କରିବେ।

**କୁମ୍ଭ** ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡ଼ିବ। ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ।

**ମୀନ** ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ହେତୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଉଚ୍ଚଚିନ୍ତା ଓ ନୂଆ ନୂଆ ଯୋଜନା କରିପାରନ୍ତି। କିନ୍ତୁ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ ଏବଂ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ ବୁଧବାର, ଶ୍ରୀମନ୍ଦିରରେ ରାଧାଷ୍ଟମୀ ଓ ସୁଦର୍ଶନଦେବଙ୍କ ଆଶ୍ରମବିଜେ, ଦୁର୍ଗାଶୟନ, ଅତିବଡୀ ଜଗନ୍ନାଥଦାସଙ୍କ ଜୟନ୍ତୀ, ବୁଧିବାମନ ଓଷା ଚତୁର୍ଥପାଳି, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୬ମି. ଗତେ ଘ. ୦୫.୧୪ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୪ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ...

ସମୟ ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ରହିଛି କୋଲକାତା ପୋଲିସ କମିଶନର, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଇସ୍ତଫା। ତାହା ପୂରଣ ନ ହେଲେ ସେମାନେ ସ୍ୱାସ୍ଥ୍ୟ ଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି।

ଅପରପକ୍ଷରେ ଆର୍.ଜି. କର ହସ୍ପିଟାଲ ପ୍ରସଙ୍ଗରେ ଲାଗିରହିଥିବା ଅଚଳାବସ୍ଥାର ସମାଧାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଆନ୍ଦୋଳନରତ ଡାକ୍ତରଙ୍କୁ ଆଲୋଚନା ପାଇଁ ରାଜ୍ୟ ସଚିବାଳୟକୁ ଡାକିଥିଲେ। ଜୁନିୟର ଡାକ୍ତରମାନେ ତାଙ୍କ ଆମନ୍ତ୍ରଣକୁ ଅଗ୍ରାହ୍ୟ କରିଦେଇଛନ୍ତି। ଡାକ୍ତରମାନଙ୍କର ଏକ ୧୦ ଜଣିଆ ପ୍ରତିନିଧି ଦଳଙ୍କୁ ନବାନ୍ନ ଆସି ସରକାରଙ୍କ ସହ ଆଲୋଚନା କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ଏନ୍.ଏସ୍. ନିଗମ ଇମେଲ୍ ଯୋଗେ ଡାକିଥିଲେ। ଇମେଲ୍‌ରେ ବ୍ୟବହୃତ ଭାଷା କେବଳ ଡାକ୍ତରମାନଙ୍କ ପାଇଁ ଅପମାନଜନକ ନୁହେଁ, ବରଂ ଅସମ୍ବେଦନଶୀଳ। ଇମେଲ୍‌ର ଉତ୍ତର ଦେବାର କୌଣସି କାରଣ ନାହିଁ ବୋଲି ଅନ୍ଦୋଳନରତ ଡାକ୍ତରମାନଙ୍କ ନେତା ଡ. ଦେବାଶିଷ ହାଲ୍‌ଦାର କହିଛନ୍ତି।

ଆର୍.ଜି. କର ହସ୍ପିଟାଲ ବଳାତ୍କାର ଓ ହତ୍ୟାକାଣ୍ଡ ଘଟଣାରେ ନ୍ୟାୟ ଦାବିକରି ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ମାସେ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ରୋଗୀସେବା ବ୍ୟାହତ ହେଉଥିବାରୁ ସେମାନଙ୍କୁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବା ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟରେ ଯୋଗଦେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁବୋଲି ପଶ୍ଚିମବଙ୍ଗ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହା ସତ୍ତ୍ୱେ ଜୁନିୟର ଡାକ୍ତରମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହି କାର୍ଯ୍ୟରେ ଯୋଗଦେଇ ନାହାନ୍ତି।

### ୧୦ ବର୍ଷରେ ମଲେଣି...

ନଦୀ ନାଳରେ ବୁଡ଼ି ୬ଟି ବାଘଙ୍କର ମୃତ୍ୟୁ ହୋଇଛି। ଓଡ଼ିଶା ଜଙ୍ଗଲରେ ଏବେ ୨୭ଟି ମହାବଳ ଅଛନ୍ତି। ଏମାନଙ୍କ ମଧ୍ୟରୁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୨୪ଟି ମହାବଳ ଥିବାବେଳେ କେନ୍ଦୁଝର, ସୁନ୍ଦରଗଡ଼, ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ୨୦୦୨ରେ ଓଡ଼ିଶାରେ ପାଦଚିହ୍ନ ପଦ୍ଧତିରେ ହୋଇଥିବା ବାଘ ଗଣନା ଅନୁଯାୟୀ ରାଜ୍ୟରେ ୧୭୩ଟି ମହାବଳ ଥିଲେ। ୨୦୦୬ରେ ପ୍ରଥମଥର ପାଇଁ ସର୍ବଭାରତୀୟ ସ୍ତରରେ କ୍ୟାମେରା ଟ୍ରାପ୍ ପଦ୍ଧତିରେ ହୋଇଥିବା ଗଣନାରୁ ରାଜ୍ୟରେ ୪୫ଟି ମହାବଳ ଥିବା ଠାବ କରାଯାଇଥିଲା। ତେବେ ୨୦୨୪ ବାଘ ଗଣନାରୁ ରାଜ୍ୟର ଜଙ୍ଗଲରେ ୨୭ଟି ମହାବଳ ସମେତ ୮ଟି ମହାବଳ ବାଘ ଶାବକ ଥିବା ଠାବ କରାଯାଇଛି। ସେହିଭଳି ଗତ ୧୦ବର୍ଷ ମଧ୍ୟରେ ୨ଟି ମହାବଳ ଅଣାଯାଇଥିବାବେଳେ ଓଡ଼ିଶାର ଜଙ୍ଗଲରୁ କୌଣସି ବାଘକୁ ଅନ୍ୟ ଜଙ୍ଗଲକୁ ପଠାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

### ୨.୬୫ ଲକ୍ଷ କୋଟିର...

କାର୍ଯ୍ୟକାଳ ସରିଗଲା, ଟଙ୍କାଟିଏ ମଧ୍ୟ ଦେଇପାରିଲେନାହିଁ। ମହିଳାଙ୍କୁ ସଶକ୍ତ କରିବା ଲାଗି ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖା ଦେବାକୁ କ୍ୟାବିନେଟ୍‌ରେ ମଞ୍ଜୁର ହୋଇଛି। ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଏହି ଯୋଜନାର ଶୁଭାରମ୍ଭ ହେବ। ଶିକ୍ଷା କଥା ଦେଖିଲେ, ପ୍ରାଥମିକ ଶିକ୍ଷା ହେଉଛି ମୂଳଦୁଆ। ମାଧ୍ୟମିକ ଶିକ୍ଷା ଉନ୍ନତ ନ ହେଲେ ଜଣେ ପିଲା ଉଚ୍ଚ ଶିକ୍ଷାରେ କେବେ ବି ଉନ୍ନତ ହୋଇପାରିବ ନାହିଁ। କିନ୍ତୁ ଗତ ୩ ବର୍ଷରେ ୫-ଟି ନାଁରେ ଯେଉଁ ସ୍କୁଲ ରୂପାନ୍ତରୀକରଣ ନାଟକ ଚାଲିଲା, ଯେଉଁ ପ୍ରଚାରପ୍ରସାର କରାଗଲା ତାକୁ ସମସ୍ତେ ଦେଖିଛନ୍ତି। କିନ୍ତୁ ଏହିସବୁ ସ୍କୁଲର ବାସ୍ତବ ଚିତ୍ର ଏବେ ଦେଖିବାକୁ ମିଳୁଛି। ଏ ବିଷୟରେ ଅନେକ ଅଭିଯୋଗ ଆସିଲାଣି। ଏହାର ହିସାବ କିତାବ ହେବ ବୋଲି ମୋହନ କହିଛନ୍ତି।

ମୋହନ ଆହୁରି କହିଛନ୍ତି, ପିଲାଙ୍କ ଶିକ୍ଷାକୁ ସୁଦୃଢ଼ କରିବା ଲାଗି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାକୁ ଗୁରୁତ୍ୱ ଦିଆଯିବ। ପ୍ରଥମ ପର୍ଯ୍ୟାରେ ୫୦୦ଟି ପ୍ରତିଷ୍ଠା ହେବ। ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ଯୋଜନା ଅଧୀନରେ ପୁରାତନ ଛାତ୍ରୀଛାତ୍ରଙ୍କ ଯୋଗଦାନରେ ୩୩୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହାଦ୍ୱାରା ବିଶେଷ ଭାବେ ପିଲାଙ୍କ ଡ୍ରପ୍‌ଆଉଟ୍ ସଂଖ୍ୟା କମାଯିବ। ଗତ ସରକାରରେ ମାତୃଭାଷାକୁ ତ ଉଚ୍ଚ କଲେ ନାହିଁ, ଶିକ୍ଷାକୁ ଅପବ୍ୟବହାରକରି ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ କେତେଜଣ ନେତା ଓ ବ୍ୟକ୍ତି କେଳେଙ୍କାରୀ କରି ଉଚ୍ଚା ହୋଇଯାଇଛନ୍ତି ବୋଲି ଭାବୁଛନ୍ତି। ଶିକ୍ଷାକୁ ଗୁରୁତ୍ୱ ଦେଇ ଖାଲିଥିବା ୨୦ ହଜାର ପ୍ରାଥମିକ ଶିକ୍ଷକ ପଦବୀ ପୂରଣ ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସନ୍ତା ବର୍ଷ ସୁଦ୍ଧା ୩ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯିବ। ମହିଳାମାନଙ୍କୁ ଗତ ସରକାର ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଥିଲା। ଭାଜପା ସରକାର ମହିଳା ହିଂସା, ଅତ୍ୟାଚାର ବିରୋଧରେ ଜିରୋ ଟଲରାନ୍ସ ପଲିସି ଆପଣାଇଛନ୍ତି। ଚଳିତ ବଜେଟରେ ମହିଳାମାନଙ୍କ ପାଇଁ ୭୫ ହଜାର ୬୨୨ କୋଟି ୯୧ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ହେବ। ଏହା ଗତ ବର୍ଷ ତୁଳନାରେ ୧୧ ହଜାର କୋଟି ଟଙ୍କାରୁ ବି ଊର୍ଦ୍ଧ୍ୱ। ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ ଜରିଆରେ ଆସନ୍ତା ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ୨ ବର୍ଷରେ ୬୫ ହଜାର ପଦବୀ ପୂରଣ କରାଯିବ। ଗତ ସରକାର ସମୟରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ମୁଖ୍ୟମନ୍ତ୍ରୀ ଆସୁ ନ ଥିଲେ। ଏହାକୁ ଆଗକୁ ଆହୁରି ଜୋର୍‌ଦାର କରାଯିବ। କେତେଜଣ ସଦସ୍ୟ ମୁଣ୍ଡ ପିଛା ଋଣ କଥା ଚିନ୍ତା କରିଛନ୍ତି। ଋଣ ଭାରର ପୋଷଣୀୟତା ମାପିବା ଲାଗି ଦୁଇଟି ପରିମାପକର ବ୍ୟବସ୍ଥା କରାଯାଇଛି। ଋଣ ଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ରଖିବା ଆବଶ୍ୟକ। ୨୦୨୪-୨୫ ବଜେଟ ଆକଳନ ଅନୁଯାୟୀ, ବର୍ଷ ଶେଷରେ ରାଜ୍ୟର ଡେବିଟ୍ ଜିଏସ୍‌ଡିପି ରେସିଓ ୧୩.୫୬ ପ୍ରତିଶତ ଏବଂ ଆଇପି/ଆର୍‌ଆର୍ ରେସିଓ ୨.୬ ପ୍ରତିଶତରେ ସୀମିତ ରହିବ। ବିରୋଧୀ ଦଳ ନେତାଙ୍କୁ ଅନୁରୋଧ କରୁଛି, ରାଜ୍ୟର ଅର୍ଥନୀତି ଏବଂ ବିକାଶକୁ ରାଜନୀତିର ଊର୍ଦ୍ଧ୍ୱରେ ରଖନ୍ତୁ। ରାଜନୀତି କରିବାକୁ ବହୁତ ପ୍ରସଙ୍ଗ ଆସିବ। ବିରୋଧୀ ଦଳ ପକ୍ଷରୁ କାଳିଆ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଚାଷୀ ୧୦ ହଜାର ଟଙ୍କା ବାର୍ଷିକ ପାଇବେ ବୋଲି ଘୋଷଣା କରିଥିଲେ। ହେଲେ ନିର୍ବାଚନ ପରେ ଏହାକୁ ୪ ହଜାର ଟଙ୍କା ବାର୍ଷିକ କରାଗଲା। ପ୍ରଥମ ବର୍ଷ ଏହି ଯୋଜନାରେ ୫ ହଜାର କୋଟି ଟଙ୍କା ରଖାଯାଇଥିବା ବେଳେ ଏହା ପର ବର୍ଷ ବଜେଟରେ ଏହାକୁ ୧୮୦୦ କୋଟି ଟଙ୍କାକୁ ଆଣିଲେ। ଭାଜପା ସରକାର ପ୍ରତି ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବାକୁ ନିଷ୍ପତ୍ତି କରିଛି। ପ୍ରଥମ ପର୍ଯ୍ୟାୟରେ ୫୮ଟି ସବ୍‌ଡିଭିଜନରେ ଖୋଲାଯିବ ବୋଲି ମୋହନ କହିଛନ୍ତି।

### ୫୭ ଏନ୍‌ଏସି ପ୍ରସ୍ତାବ...

ନାହିଁ ବୋଲି ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ଉତ୍ତରରେ କହିଥିଲେ, ଭଦ୍ରକ ଜିଲାର ବନ୍ତଠାରେ ଏନ୍‌ଏସି ଗଠନ ସଂକ୍ରାନ୍ତ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଛି। ଏ ସଂକ୍ରାନ୍ତ ବିଧିବଦ୍ଧ ପ୍ରସ୍ତାବ ଆସିବା ପରେ ପ୍ରଚଳିତ ଓଡ଼ିଶା ପୌର ଅଧିନିୟମ ୧୯୫୦ ଓ ନିର୍ଦ୍ଦେଶାବଳୀର ବ୍ୟବସ୍ଥା ତଥା ଗ୍ରାମୀଣ ସହରୀ ପରିବର୍ତ୍ତନ ନୀତି ଅନୁସାରେ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ସରକାର କେବେ ଦେବେ। ଏହାକୁ ଏନ୍‌ଏସି କରାଯିବ କି ନାହିଁ ବୋଲି ପଚାରିଥିଲେ। ଭାଜପା ସଭ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଚିକିଟି, କଂଗ୍ରେସ ସଭ୍ୟ ପବିତ୍ର ସାଉଁଟା ଲକ୍ଷ୍ମୀପୁରକୁ ଏନ୍‌ଏସି କରିବାକୁ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ବିଧିବ୍ୟବସ୍ଥା ଭିତରେ ଯଦି ଆସୁଥିବ ତେବେ ସେଗୁଡ଼ିକୁ ଏନ୍‌ଏସି କରିବାରେ ସରକାରଙ୍କର ଆପତ୍ତି ନାହିଁ।

### ଲଞ୍ଚ୍ ହେଲା ସ୍ପେସ୍...

ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପ୍‌ସୁଲ ଜରିଆରେ ମହାକାଶକୁ ଯାଇଥିବା ୪ କ୍ରିଉ ସଦସ୍ୟ ହେଉଛନ୍ତି ସିଫ୍ଟସ୍ ଫର୍ ପେମେଣ୍ଟସ୍‌ର ପ୍ରତିଷ୍ଠାତା ତଥା ବିଲିୟନେୟାର ଜାରେଡ୍ ଆଇସେକ୍‌ମ୍ୟାନ, ପାଇଲଟ ସ୍କଟ୍ ପୋଟିଟ୍, ମିଶନ ସ୍ପେସିଆଲିଷ୍ଟ ଶାରାହ ଗିଲ୍ସ ଏବଂ ଅନ୍ନା ମେନନ୍। ସେମାନଙ୍କ ମଧ୍ୟରୁ ଆଇସେକ୍‌ମ୍ୟାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ପ୍ରଥମ ଥର ପାଇଁ ମହାକାଶକୁ ଯାଉଛନ୍ତି। ୨୦୨୧ ସେପ୍ଟେମ୍ବରରେ ଆଇସେକ୍‌ମ୍ୟାନ ମହାକାଶକୁ ଯାଇଥିଲେ। ସେହିପରି ପୋଟିଟ୍ ହେଉଛନ୍ତି ଆମେରିକୀୟ ବାୟୁସେନାର ପୂର୍ବତନ ଲେଫ୍ଟନାଣ୍ଟ କର୍ନେଲ। ଗିଲ୍ସ ଏବଂ ମେନନ୍ ଦୁହେଁ ହେଉଛନ୍ତି ସ୍ପେସ୍ ଏକ୍ସ'ର ଇଞ୍ଜିନିୟର। ଏହି ୪ କ୍ରିଉ ସଦସ୍ୟ ସ୍ପେସ୍ ୱାକ୍ କରୁଥିବା ସମୟରେ ଡ୍ରାଗନ କ୍ୟାପ୍‌ସୁଲ ପୃଥିବୀଠାରୁ ୧୪୦୦ କିଲୋମିଟର ଉଚ୍ଚତାରେ ରହିବ। ଏହି ମିଶନ ଅନୁଯାୟୀ, ସ୍ପେସ୍ ଏକ୍ସ'ର ୪ କ୍ରିଉ ସଦସ୍ୟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ର ୩ ଗୁଣା ଉଚ୍ଚରେ ୫ ଦିନ ଧରି ସମୟ ଅତିବାହିତ କରିବେ। ସୂଚନାଯୋଗ୍ୟ, 'ପୋଲାରିସ୍ ଡନ୍' ମିଶନ ଅଗଷ୍ଟ ୨୬ରେ ଲଞ୍ଚ୍ ହେବାକୁ ଥିବାବେଳେ ଡ୍ରାଗନ୍ କ୍ୟାପ୍‌ସୁଲରେ କିଛି ବୈଷୟିକ ତ୍ରୁଟି ଏବଂ ଖରାପ ପାଗ ଯୋଗୁ ଏହାର ଲଞ୍ଚିଂ ତାରିଖ ଘୁଞ୍ଚାଇ ଦିଆଯାଇଥିଲା। ଉକ୍ତ ମିଶନ 'ସ୍ପେସ୍ ଏକ୍ସ' ପାଇଁ ବହୁ ଗୁରୁତ୍ୱ ବହନ କରୁଛି।

### ସେନା ପୋଷାକରେ...

ୱିଙ୍ଗ୍ କମାଣ୍ଡର ଜଣକ ମହିଳା ଅଫିସରଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ଯୌନ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେ ୨ ବର୍ଷ ହେଲା ଶ୍ରୀନଗରସ୍ଥିତ ଏୟାରଫୋର୍ସ ଷ୍ଟେଶନର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଆସୁଥିବା କହିଛନ୍ତି।




# ‘ମୁନ୍‌ଷ୍ଟ୍ରକ୍’ରେ ମଣିଷ ଓ ଚନ୍ଦ୍ରର କାହାଣୀ

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଷଷ୍ଠ ସନ୍ଧ୍ୟା

ଭୁବନେଶ୍ୱର,୧୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ – ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ମଙ୍ଗଳବାର ଥିଲା ଷଷ୍ଠ ସନ୍ଧ୍ୟା। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ କଥକ ନୃତ୍ୟ ପ୍ରଦର୍ଶକ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟ ଓ ତାଙ୍କ ନୃତ୍ୟାନୁଷ୍ଠାନ ଉପାସନା ସେଣ୍ଟର ଫର୍ ଡ୍ୟାନ୍ସ ପକ୍ଷରୁ କଥକ ନୃତ୍ୟରେ ‘ମୁନ୍‌ଷ୍ଟ୍ରକ୍’ ପରିବେଷିତ ହୋଇଥିଲା। ‘ମୁନ୍‌ଷ୍ଟ୍ରକ୍’ ଗୁରୁ ଅସୀମ୍‌ବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ନୃତ୍ୟ ସଂରଚିତ ହେବା ସହିତ ଜୟନ୍ତ ବାନାର୍ଜୀଙ୍କ ସଙ୍ଗୀତ ସଂଯୋଜନା ଏବଂ ଅମିତ ଦାସଗୁପ୍ତାଙ୍କ ସଂଳାପ, ବିପ୍ଳବ ଗାଙ୍ଗୁଲୀଙ୍କ ଦ୍ୱାରା ବର୍ଣ୍ଣିତ ଏହି ପ୍ରସ୍ତୁତିରେ ମଣିଷ ଓ ଚନ୍ଦ୍ରର କାହାଣୀକୁ ଦର୍ଶାଯାଇଥିଲା। ଏହି କାହାଣୀରେ ଜଣେ ନିଃସଙ୍ଗ ବ୍ୟକ୍ତି ଏବଂ ତାଙ୍କ ବନ୍ଧୁ ଚନ୍ଦ୍ରଙ୍କ ମଧ୍ୟରେ ଏକ ଚିନ୍ତନଶୀଳ ଓ ଭାବପୂର୍ଣ୍ଣ ବାର୍ତ୍ତାଳାପକୁ ବର୍ଣ୍ଣନା କରାଯାଇଥିଲା। ଏହା କଥକର ଛନ୍ଦମୟ ଅନ୍ତର୍ଭେଦୀ ବୈଶିଷ୍ଟ୍ୟ ସହିତ ନୃତ୍ୟ ସଂଯୋଜନା ଓ ଚିତ୍ତାକର୍ଷକ ସଙ୍ଗୀତରେ ପ୍ରସ୍ତୁତ ହୋଇଥିଲା, ଯାହା ଚନ୍ଦ୍ରର ଉଭୟ ଆକାଶୀୟ ସୌନ୍ଦର୍ଯ୍ୟ ଏବଂ ଅନ୍ଧକାର ପାର୍ଶ୍ୱକୁ ଚିତ୍ରିତ କରିଥିଲା। ଚନ୍ଦ୍ରମା ପ୍ରତି ମଣିଷର ଚିରନ୍ତର ଆକର୍ଷଣକୁ ଦର୍ଶାଇବା ସହିତ ପାରମ୍ପରିକ ଓ ସମସାମୟିକ ପରସ୍ପର ସହ ଯୋଡ଼ି କଥକ ନୃତ୍ୟ ‘ମୁନ୍‌ଷ୍ଟ୍ରକ୍’ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରସ୍ତୁତିର ଆଲୋକୀକରଣ ସୋମେନ ଚକ୍ରବର୍ତ୍ତୀ କରିଥିଲେ।

ଉତ୍ସବରେ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ସିଙ୍ଗାପୁରର ଶିବା କନ୍ସଲଟାଣ୍ଟ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଶିବରାମ ରାଜଗୋପାଳନ୍, ଏନ୍‌ଟିପିସିର ପୂର୍ବତନ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ ଷ୍ଟଡିଜ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବାବେଳେ ଏହାକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହି ଉତ୍ସବର ମିଡିଆ ପାର୍ଟନର ରହିଛନ୍ତି।



ଉତ୍ସବରେ କଳାକାରଙ୍କ ଦ୍ୱାରା କଥକ ନୃତ୍ୟରେ ‘ମୁନ୍‌ଷ୍ଟ୍ରକ୍’ ପରିବେଷଣ। (ଫଟୋ: ମନୋରଞ୍ଜନ ମିଶ୍ର)

# ମୂର୍ତ୍ତି ତଳେ ଚାପି ହୋଇ ଛାତ୍ର ମୃତ

### ଗଣେଶ ଭସାଣିବେଳେ ଅଘଟଣ

ବାରଙ୍ଗ,୧୦।୯(ଲିଙ୍ଗରାଜ ରାଉତ)

ବାରଙ୍ଗ କଣ୍ଟାବାଡ ଗାଁ ନିକଟ ଏକ ଘରୋଇ କଲେଜର ଗଣେଶ ଭସାଣିବେଳେ ଏକ ଅଘଟଣ ଘଟିଛି। ଏଥିରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୃତକ ହେଲେ ବିଟେକ୍ ଶେଷ ବର୍ଷର ଛାତ୍ର ରାକେଶ ମହାନ୍ତି (୨୧)। ପୋଲିସ ଏନେଇ ୩୦୫/୨୪ରେ ଏକ ମକଦ୍ଦମା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ଏକ ଘରୋଇ କଲେଜର ଗଣେଶ ଭସାଣି ହୋଇଥିଲା। କଲେଜର ବିଟେକ ଛାତ୍ରମାନେ ଭସାଣି ଉତ୍ସବରେ ସାମିଲ ହୋଇ ମୂର୍ତ୍ତିକୁ ନେଇ ଏକ ପଥର ଖାଦାନ ପାଖକୁ ଯାଇଥିଲେ। ପାଣିରେ ମୂର୍ତ୍ତି ବିସର୍ଜନ କରିବାବେଳେ ମୂର୍ତ୍ତି ତଳେ ୨ ଜଣ ଛାତ୍ର ଚାପି ହୋଇ ରହିଯାଇଥିଲେ। ଅନ୍ୟମାନେ ଦୁହିଁଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇ ନେଇଥିଲେ। ସେଠାରେ ଛାତ୍ର ରାକେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅନ୍ୟ ଜଣେ ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଥାନା ଅଧିକାରୀ ପି.କେ. ଜେନା ସୂଚନା ଦେଇଛନ୍ତି।

# ଲଘୁଚାପ କ୍ଷୟକ୍ଷତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭା ପ୍ରକୋଷ୍ଠରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କୁ ଲଘୁଚାପଜନିତ ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ସମୁଦ୍ରକୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବହୁ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ବିଶେଷକରି କୋରାପୁଟ ଓ ମାଲକାନଗିରି ଜିଲାବାସୀ ବର୍ଷା ଯୋଗୁ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଅନେକ ଜାଗାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ସମସ୍ୟା ମଧ୍ୟ ଘଟିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ଲୋକଙ୍କ ଅସୁବିଧାକୁ ତତ୍ପରତାର ସହ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରିଲିଫ ସାମଗ୍ରୀ ବ୍ୟାପକ ମାତ୍ରାରେ ମହଜୁଦ ରଖି ପ୍ରଭାବିତ ଲୋକଙ୍କୁ ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଛନ୍ତି ।

### ପର୍ଯ୍ୟାପ୍ତ ରିଲିଫ ଯୋଗାଇ ଦେବାକୁ ନିର୍ଦ୍ଦେଶ

# ଓଡ଼ିଶାରେ ଚାଲିବ ୩ ନୂଆ ବନ୍ଦେ ଭାରତ ଟ୍ରେନ୍

ଭୁବନେଶ୍ୱର,୧୦।୯(ଅନିଲ ଦାସ)

ପୂର୍ବତଟ ରେଳୱେର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ବିଧାନସଭା କାର୍ଯ୍ୟାଳୟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆସନ୍ତା ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ବନ୍ଦେ ଭାରତ ଟ୍ରେନ୍ ଶୁଭାରମ୍ଭ ସମାରୋହରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ଏଥିନିମନ୍ତେ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ଓ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶରେ ୧୦ଟି ନୂତନ ବନ୍ଦେ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରାଯିବ। ସେଥିରୁ ଓଡ଼ିଶା ମଧ୍ୟରେ ୩ଟି ଟ୍ରେନ୍ ଚଳାଚଳ କରିବ। ଏହି ଟ୍ରେନ୍‌ଗୁଡ଼ିକ ହେଲା ଟାଟା–ବ୍ରହ୍ମପୁର ବନ୍ଦେ ଭାରତ, ରାଉରକେଲା–ହାଓଡ଼ା ବନ୍ଦେ ଭାରତ ଏବଂ ଦୁର୍ଗ–ବିଶାଖାପାଟଣା ବନ୍ଦେ ଭାରତ। ରେଳମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ଷ୍ଟେଶନଠାରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଓଡ଼ିଶା ମଧ୍ୟରେ ୩ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଆଉ ନୂତନ ୩ଟି ଟ୍ରେନ୍ ମିଶିଲେ ସମୁଦାୟ ୬ଟି ବନ୍ଦେ ଭାରତ ଟ୍ରେନ୍ ଓଡ଼ିଶାବାସୀଙ୍କୁ ସେବା ଯୋଗାଇବ। ଚଳିତବର୍ଷ ବଜେଟରେ ଓଡ଼ିଶା ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରେକର୍ଡ ୧୦,୫୮୬ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୫୪,୪୩୪ କୋଟି ଟଙ୍କାର ରେଳ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରି ରହିଛି।

### ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ରେଳମନ୍ତ୍ରୀ




# ସ୍ୱାମୀ ଲକ୍ଷ୍ମଣାନନ୍ଦ, ନବ ଦାସ, ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କଲେ ଜୟନାରାୟଣ

ଭୁବନେଶ୍ୱର,୧୦।୯(ଅନିଲ ଦାସ)

କିଛି ମାସ ବ୍ୟବଧାନ ପରେ ବିଧାନସଭାରେ ପୁଣି ସ୍ୱାମୀ ଲକ୍ଷ୍ମଣାନନ୍ଦ, ନବ ଦାସ, ମମିତା ମେହେର ହତ୍ୟା ପ୍ରସଙ୍ଗ ଉଠିଛି। ମଙ୍ଗଳବାର ଶୂନ୍ୟକାଳରେ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ, ସ୍ୱାମୀ ଲକ୍ଷ୍ମଣାନନ୍ଦ, ପୂର୍ବତନ ମନ୍ତ୍ରୀ ନବ ଦାସ, ମମିତା ମେହେର ହତ୍ୟା ଘଟଣାକୁ ନେଇ ଲୋକଙ୍କ ମନରେ ଏବେ ବି ସନ୍ଦେହ ରହିଛି। ସରକାର ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର କରନ୍ତୁ। ଗୃହ ବାହାରେ ବିଜେଡି ସଭ୍ୟ ପ୍ରତାପ ଦେବ କହିଛନ୍ତି ଯେ, ରାଜ୍ୟ ସରକାର ତାଙ୍କର। ସେ କାହାକୁ ପ୍ରଶ୍ନ କରୁଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ସରକାର ନିଷ୍ପତ୍ତି ନେବାରେ କେଉଁଠି ନା କେଉଁଠି ବିଫଳ ହେଉଛନ୍ତି। କଥା ଆଗେ କୁହାଯାଉଛି, ଚିନ୍ତା ପରେ କରାଯାଉଛି। ବାମ ହାତ କ'ଣ କରୁଛି ଡାହାଣ ହାତ ଜାଣୁନି, ଡାହାଣ ହାତ କ'ଣ କରୁଛି ବାମ ହାତ ଜାଣୁନି। ସରକାରଙ୍କ ଉକ୍ତି, ଯୁକ୍ତି ଓ କାର୍ଯ୍ୟକାରିତା ଭିତରେ କୌଣସି ଜାଗାରେ ତାଳମେଳ ରହୁନି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ଯେତେବେଳେ ହତ୍ୟାକାଣ୍ଡ ହୋଇଥିଲା ସେତେବେଳେ ସେ ସିବିଆଇକୁ ଦେବାକୁ ଦାବି କରୁଥିଲେ। ଏବେ ମୋହନ ସରକାର ଅଛନ୍ତି। ସରକାର ତୁରନ୍ତ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦିଅନ୍ତୁ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମାଈହାତୀ ମୃତ

ରାଉରକେଲା/ଲାଠିକଟା, ୧୦।୯(ବିପ୍ଳବ ରଞ୍ଜନ ଦାଶ/ ରାମେଶ୍ୱର ଖାଡଙ୍ଗା)

ରାଉରକେଲା ବନଖଣ୍ଡ ଲାଠିକଟା ବ୍ଲକ ଅନ୍ତର୍ଗତ ବଲାଣି ପଞ୍ଚାୟତ ନୂଆଗାଁଠାରେ ସୋମବାର ରାତିରେ ଏକ ମାଈହାତୀର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ହାତୀ ମରିପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସୂଚନାପାଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ବନ ବିଭାଗ ପକ୍ଷରୁ ହୋଇଥିବା ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରକୃତ ସତ୍ୟାସତ୍ୟ ଅନୁସନ୍ଧାନ ନିମନ୍ତେ ଭୁବନେଶ୍ୱରରୁ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ ହେବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ବନ ବିଭାଗର ସୂଚନା ମୁତାବକ ଖାଦ୍ୟ ଅନ୍ୱେଷଣରେ ହାତୀପଲ ନୂଆଗାଁ ମୌଜା ଧାନକ୍ଷେତ ମୁହାଁ ହୋଇଥିଲେ। ଚାଷ ଜମି ଦେଇ ଯାଉଥିବାବେଳେ ହାତୀପଲ ମଧ୍ୟରୁ ଏକ ମାଈ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଯେଉଁ ଜମି ଦେଇ ହାତୀ ଯାଉଥିଲେ ଉକ୍ତ ଜମି ଉପର ଦେଇ ବେଆଇନ ଭାବେ ବିଦ୍ୟୁତ୍ ତାର ଇଟାଭାଟିକୁ ସଂଯୋଗ ହୋଇଥିଲା।



# ପିଜି ନାମଲେଖା ପାଇଁ ପ୍ରକାଶ ପାଇଲା ତୃତୀୟ ପର୍ଯ୍ୟାୟ ମେଧା ତାଲିକା

ଭୁବନେଶ୍ୱର,୧୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ସମୁଦାୟ ୭ହଜାର ୯୫୨ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୫ହଜାର ୫୧୬ଜଣ ଛାତ୍ରୀ ଥିବାବେଳେ ୨ ହଜାର ୪୩୬ଜଣ ଛାତ୍ର ରହିଛନ୍ତି। ଏହା ଅନ୍ତିମ ପର୍ଯ୍ୟାୟ ଚୟନ ହୋଇଥିବାରୁ ଛାତ୍ରୀଛାତ୍ରମାନେ ଫ୍ରିଜ୍ ଅପଶନ୍ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ନାମଲେଖାଇ ସାରିଥିଲେ କେବଳ ତଫାତ ଥିବା ଫି' ଦାଖଲ କରିବାକୁ ହେବ। ଅର୍ଥାତ ନାମ ଲେଖାଇଥିବା ଓ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନାମଲେଖା ଫି' ମଧ୍ୟରେ ଥିବା ଅଧିକ ଫି' ୧୩ ତାରିଖ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ସେହିପରି ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ପ୍ରମାଣପତ୍ର ଯାଞ୍ଚ ହେବା ପରେ ନାମ ଲେଖାଇବେ। ଏହାପରେ ସ୍ପଟ୍ ନାମଲେଖା ପାଇଁ ୧୮ରୁ ୨୦ ତାରିଖ ମଧ୍ୟରେ ଅନଲାଇନ୍‌ରେ ଆବେଦନ କରିବେ। ୨୫ ତାରିଖରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ସମୁଦାୟ ୨୯ ହଜାର ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୭ହଜାର ୭୨୫ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ହଜାର ୮୩୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏହି ପର୍ଯ୍ୟାୟରେ ୭ହଜାର ୯୫୨ ଜଣ ନାମ ଲେଖାଇବାକୁ ଚୟନ ହୋଇଥିବାରୁ ସର୍ବାଧିକ ୧୯ ହଜାର ୫୧୨ ସିଟ୍ ପୂରଣ ହେବ। ଫଳରେ ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଆହୁରି ପ୍ରାୟ ୧୦ହଜାର ସିଟ୍ ଖାଲି ରହିବ।

### ୧୮ରୁ ସ୍ପଟ୍ ଆଡ୍‌ମିଶନ ପାଇଁ ଆବେଦନ

# ଖାଦ୍ୟ ଛୁଉଁନି ଅସୁସ୍ଥ ହାତୀ ଶାବକ

କେନ୍ଦୁଝର, ୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅଧୀନ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରୁ ୨ବର୍ଷର ମାଈ ହାତୀ ଶାବକ ଉଦ୍ଧାର କରାଯାଇଛି। ସୋମବାର ସନ୍ଧ୍ୟାରେ ହାତୀ ଶାବକ ଗୋଠରୁ ଅଲଗା ହୋଇ ରହିଯାଇଛି। ବନବିଭାଗ ଖବର ପାଇ ଶାବକକୁ ହାତୀପଲରେ ମିଶାଇବା ପାଇଁ ବହୁ ଚେଷ୍ଟା କରି ବିଫଳ ହେବା ପରେ ମଙ୍ଗଳବାର ସକାଳେ ହାତୀ ଛୁଆକୁ ଉଦ୍ଧାର କରି ବନ୍ଧନଝରୀ ଫରେଷ୍ଟ ବିଟରେ ରଖି ଚିକିତ୍ସା କରୁଛି। ହାତୀ ଛୁଆକୁ ଓଆରଏସ, କଦଳୀ ଖାଇବାକୁ ଦିଆଯାଉଥିଲେ ମଧ୍ୟ ସେ ଖାଉନି କି ପିଉନି। ଫଳରେ ଅଧିକ ଅସୁସ୍ଥ ହୋଇପଡୁଥିବା ସ୍ଥାନୀୟ ପ୍ରାଣୀ ଚିକିତ୍ସକ, ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଚିକିତ୍ସକ ତଥା ୱାଇଲ୍ଡ ଲାଇଫ ବାଇଓଲୋଜିଷ୍ଟଙ୍କ ଦାରା ଚିକିତ୍ସା ଚାଲିଥିବା ଡିଏଫଓ ଧନରାଜ. ଏଚଡି କହିଛନ୍ତି।

# ମହାନଦୀରେ ବୁଡ଼ି ଯୁବକ ମୃତ

ବୌଦ୍ଧ,୧୦।୯( ଅଜିତ କୁମାର ବାରିକ)

ବୌଦ୍ଧ ସହରର ନୂଆଁସାହିରେ ମଙ୍ଗଳବାର ଦିନ ଏକ ଦୁଃଖଦ ଘଟଣା ଘଟିଯାଇଛି। ମହାନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ସାହିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗନ୍ନାଥ ବେହେରା(୨୭)। ସେ ସବୁଦିନ ଭଳି ସକାଳେ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ବୌଦ୍ଧ–ମର୍ଜାକୁଦ ମହାନଦୀ ସେତୁ ତଳ ପାଣିରେ ଜଗନ୍ନାଥ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। -ଶ୍ରୀଅରବିନ୍ଦ

-ଶ୍ରୀ ରାଧାଷ୍ଟମୀ,
ଦୁର୍ଗାଷ୍ଟମୀ ଓ
ଶ୍ରୀଦୁର୍ଗାଶୟନୋତ୍ସବ



# କ୍ୱାକ୍ କାଳ

ବିହାରର ସରନ ଜିଲାରେ ୧୫ ବର୍ଷର ବାଳକ କ୍ରିଷ୍ଣ କୁମାର ବା ଗୋଲୁ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧର୍ମବାଗି ବଜାରରେ ଥିବା ଏକ ଘରୋଇ କ୍ଲିନିକ୍‌କୁ ନେଇଯାଇଥିଲେ। ସେଠାରେ ଡାକ୍ତରୀ ପାଠ ପଢ଼ି ନ ଥିବା ଅଜିତ କୁମାର ପୁରୀ ଗୋଲୁଙ୍କ ପରୀକ୍ଷା କରି ଜାଣିପାରିଲେ ଯେ ତାଙ୍କ ଗଲ୍ ବ୍ଲାଡର ବା ପିତ୍ତକୋଷରେ ପଥର ରହିଛି। ସେ ତାହାକୁ ଅସ୍ତ୍ରୋପଚାର କରି ବାହାର କରିଦେବାକୁ ଚିନ୍ତା କଲେ। ଅସ୍ତ୍ରୋପଚାରକୁ କେହି ଯେମିତି ଜାଣିପାରିବେ ନାହିଁ ଗୋଲୁଙ୍କ ଜେଜେଙ୍କୁ ଅଜିତ ବଜାରରୁ ଡିଜେଲ ଆଣିବା ଲାଗି କହିଥିଲେ। ତା' ପରେ କ୍ୱାକ୍ ଅଜିତ ୟୁଟ୍ୟୁବ୍‌ର ଏକ ଭିଡିଓ ଦେଖି ଗୋଲୁଙ୍କ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ଶେଷ ହେବା ପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯିବାରୁ ଗୋଲୁଙ୍କୁ ପାଟନା ହସ୍ପିଟାଲକୁ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ଗୋଲୁଙ୍କ ଜେଜେ କହିଛନ୍ତି, ଅଜିତ ଅସ୍ତ୍ରୋପଚାର କଥା ତାଙ୍କୁ କହି ନ ଥିଲେ। ୟୁଟ୍ୟୁବ୍ ଦେଖି ଅସ୍ତ୍ରୋପଚାର କରୁଥିବାରୁ ଜେଜେଙ୍କ ମନରେ ସନ୍ଦେହ ଜାତ ହୋଇଥିଲା ଓ ସେ ପ୍ରତିବାଦ କରିଥିଲେ। କିନ୍ତୁ ସୁଫଳ ମିଳି ନ ଥିଲା। ଇତିମଧ୍ୟରେ ସମ୍ପୃକ୍ତ କ୍ୱାକ୍‌ଙ୍କୁ ଗିରଫ କରାଯାଇଛି। ଏହି ଘଟଣାକୁ ଦେଖିଲେ ଅଜିତ ଅସ୍ତ୍ରୋପଚାର କ୍ଷେତ୍ରରେ ତାଙ୍କ ପ୍ରଥମ ଅଭିଜ୍ଞତା ପାଇବା ପାଇଁ ସମ୍ଭବତଃ ୟୁଟ୍ୟୁବ୍ ସାହାରା ନେଇଛନ୍ତି। ଯେତେବେଳେ ସ୍ଥିତି ଅସମ୍ଭାଳ ହୋଇପଡ଼ିଲା, ସେ ଘାବରେଇ ଗଲେ। ଉଲ୍ଲେଖଯୋଗ୍ୟ ଯେ, ୟୁଟ୍ୟୁବ୍‌ରେ ମିଳୁଥିବା ସବୁ ଭିଡିଓରୁ ଠିକ୍ ତଥ୍ୟ ମିଳି ନ ଥାଏ। ଡାକ୍ତରୀ ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତି ଅସ୍ତ୍ରୋପଚାର କରିବା ବେଳେ ସର୍ବାଧିକ ସତର୍କତା ଅବଲମ୍ବନ କରି ରୋଗୀଙ୍କ ଜୀବନ ବଞ୍ଚାଇ ଥାଆନ୍ତି। ୟୁଟ୍ୟୁବ୍ ଦେଖି ଅସ୍ତ୍ରୋପଚାର କରାଯାଉଥିବା ବିଷୟ ଶୁଣିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି।

**ଦେଶର ଅପହଞ୍ଚ ଇଲାକାରେ ଯେ ଏସବୁ ଘଟୁଛି ତାହା ନୁହେଁ, ଡାକ୍ତରୀ ସୁବିଧା ଥିବା ଅଞ୍ଚଳରେ ମଧ୍ୟ କିଛି ଲୋକ ନିକଟସ୍ଥ କ୍ୱାକଙ୍କ ପାଖକୁ ଚାଲିଯାଉଛନ୍ତି। ଫଳରେ ସେମାନେ ରୋଗୀଙ୍କ ପାଇଁ କାଳ ସାଜୁଛନ୍ତି। ଏଭଳି ସ୍ଥଳେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇ ଲୋକେ କିଭଳି କ୍ୱାକ୍‌ଙ୍କଠାରୁ ଦୂରେଇ ରହିବେ ସେଦିଗରେ ସଘନ ପ୍ରୟାସ ହେଉ। ନ ହେଲେ ଡିଗ୍ରୀବିହୀନ ଠକ ଡାକ୍ତରଙ୍କ ସଂଖ୍ୟା ବଢ଼ିଚାଲୁଥିବ।**

କେବଳ ବିହାରର ସରନ ଅଞ୍ଚଳ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ କ୍ୱାକ୍‌ଙ୍କ ଦ୍ୱାରା ଅନେକ ରୋଗୀ ଠକାମିର ଶିକାର ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ପ୍ରାଣହାନି ଘଟୁଥିବା ଖବର ବାରମ୍ବାର ଶୁଣିବାକୁ ମିଳୁଛି। ନିକଟରେ ବଲାଙ୍ଗୀର ଜିଲା ସିନ୍ଧିକେଲା ଅଞ୍ଚଳରେ ଜଣେ ବାଳିକାଙ୍କ ଖପୁରିରେ କ୍ୱାକ୍ ଜଣଙ୍କ ୨୨ଟି ଛୁଞ୍ଚି ଫୋଡ଼ାଇ ରଖିଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ପରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯିବାରୁ ଖବର ପଦାକୁ ଆସିଥିଲା। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ କ୍ୱାକ୍ ଚିକିତ୍ସା ବନ୍ଦ କରାଯାଇପାରୁ ନାହିଁ। ୨୦୦୮ ମସିହାରେ ଦେଶରେ ବଡ଼ ଧରଣର କିଡ୍‌ନୀ ର୍ୟାକେଟ ଧରାପଡ଼ିଥିଲା। ନୂଆଦିଲ୍ଲୀ ନିକଟ ଗୁରଗାଓଁରେ ଠାବ କରାଯାଇଥିବା ଉକ୍ତ ର୍ୟାକେଟର କିଙ୍ଗପିନ୍ ଥିଲେ ଅମିତ କୁମାର। ସେଥିରେ ଡାକ୍ତରୀ ଡିଗ୍ରୀ ନ ଥିବା ଅସଂଖ୍ୟ ବ୍ୟକ୍ତି ସମ୍ପୃକ୍ତ ଥିଲେ। ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହେବା ପରେ କେନ୍ଦ୍ର ସରକାର ବିଧିବଦ୍ଧ ଆଇନ ଆଣିବାକୁ ଚେଷ୍ଟା କରିଥିଲେ। କ୍ୱାକ୍ ବିରୋଧୀ ବିଲ୍‌କୁ ନେଇ ତର୍ଜମା କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଣାଯାଇଥିବା ଆଇନରେ ଡାକ୍ତରୀ ଡିଗ୍ରୀ ନ ଥାଇ ଯେଉଁମାନେ ପ୍ରାକ୍ଟିସ୍ କରୁଥିବାର ବୋଲି ଧରାପଡ଼ିବେ, ସେମାନଙ୍କୁ ୧ ବର୍ଷ ଜେଲ ସହ ହଜାରେ ଟଙ୍କା ଜରିମାନା ବ୍ୟବସ୍ଥା ରଖାଯାଇଥିଲା। ଏଭଳି ଭୟଙ୍କର ଅପରାଧ ପାଇଁ କମ୍ ଦଣ୍ଡାଦେଶ ଥିବାରୁ ଭାରତୀୟ ମେଡିକାଲ ସଂଘ ତାହାକୁ ବିରୋଧ କରିଥିଲା। ଅନୁରୂପ ଭାବେ ଓଡ଼ିଶା ହାଇକୋର୍ଟ ରାଜ୍ୟର ପ୍ରତି ଜିଲାରେ କ୍ୱାକ୍ ବିରୋଧୀ ସେଲ୍ ଗଠନ କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଜିଲାୱାରୀ ସେଲ୍ ଗଠନ କରିଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ।

ଦେଖିବାକୁ ଗଲେ ସରକାର ହୁଅନ୍ତୁ କିମ୍ବା ଆଇନ ଦ୍ୱାରା ଏଭଳି ବେଆଇନ କାର୍ଯ୍ୟକୁ ରୋକିବା କଷ୍ଟକର। ତେଣୁ ଜନସାଧାରଣ ସଚେତନ ହେବା ଦରକାର। ଅନେକ ସମୟରେ ସରକାରୀ ବିଜ୍ଞାପନ ମାଧ୍ୟମରେ କ୍ୱାକ୍‌ଙ୍କଠାରୁ ଦୂରେଇ ରହିବା ପାଇଁ କୁହାଯାଉଛି। ଦେଶର ଅପହଞ୍ଚ ଇଲାକାରେ ଯେ ଏସବୁ ଘଟୁଛି ତାହା ନୁହେଁ, ଡାକ୍ତରୀ ସୁବିଧା ଥିବା ଅଞ୍ଚଳରେ ମଧ୍ୟ କିଛି ଲୋକ ନିକଟସ୍ଥ କ୍ୱାକଙ୍କ ପାଖକୁ ଚାଲିଯାଉଛନ୍ତି। ଫଳରେ ସେମାନେ ରୋଗୀଙ୍କ ପାଇଁ କାଳ ସାଜୁଛନ୍ତି। ଏଭଳି ସ୍ଥଳେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇ ଲୋକେ କିଭଳି କ୍ୱାକ୍‌ଙ୍କଠାରୁ ଦୂରେଇ ରହିବେ ସେଦିଗରେ ସଘନ ପ୍ରୟାସ ହେଉ। ନ ହେଲେ ଡିଗ୍ରୀବିହୀନ ଠକ ଡାକ୍ତରଙ୍କ ସଂଖ୍ୟା ବଢ଼ିଚାଲୁଥିବ।

# ମୋର ଦୋଷ କ'ଣ



ଶୁଭନାରାୟଣ ଶତପଥୀ

ମୁଁ ୭ ମାସର ଭ୍ରୂଣ। ଯେତେବେଳେ ମାଆର ଗର୍ଭରେ ଥିଲି ସେତେବେଳେ ମୁଠାଏ ଦାନା ପାଇଁ ମାଆ ଯାଉଥିଲା ଦିନ ମଜୁରିକୁ। କେବେ କେଉଁଠି ବାସନ ମାଜୁଥିଲା ତ ଆଉ କେଉଁଠି ନିର୍ମାଣ କାର୍ଯ୍ୟରେ ଶ୍ରମିକ ହୋଇ କାମ କାରୁଥିଲା। ସେ ଯେତେବେଳେ ନିଜକୁ ଅବହେଳାକରି ଭୋକ ଉପାସରେ କାମ କରୁଥିଲା ସେତେବେଳେ ଗର୍ଭରେ ମୋ ପେଟ ବି ପୋଡୁଥିଲା। ମାଆ ଜାଣିପାରୁଥିଲା କିନ୍ତୁ କିଛି କରିବାର ଉପାୟ ସତେ ଯେମିତି ତା' ପାଖରେ ନ ଥିଲା। କାରଣ ବାପା ଛାଡ଼ି ଚାଲିଯାଇଥିଲେ ବୋଲି ପରିବାରର ସବୁ ଦାୟିତ୍ୱ ତା' ମୁଣ୍ଡରେ। ନିଜେ ରୋଜଗାର କଲେ ଖାଇବ, ଖୁଆଇବ, ଚଳିବ। ମୁଁ ତ ଭ୍ରୂଣଟିଏ। ମାଆର ଖାଦ୍ୟ ଉପରେ ନିର୍ଭରକରେ। ଭଲ ମୁଠାଏ ଆହାର ପାଇଲେ ମୁଁ ଭଲରେ ବଢ଼େ। ଏଠି ସବୁ ଓଲଟା। ପୋଷଣ ବିଷୟରେ ମାଆ ଅଚେତନ। ଅଙ୍ଗନୱାଡି ଦିଦି ଡାକିବାକୁ ଆସିଲେ କିମ୍ବା ବୁଝାଇଲେ ମାଆ ଶୁଣେନା ବା ଏକଥାକୁ ଗୁରୁତ୍ୱ ଦିଏନା। ଏମିତି ପରିସ୍ଥିତିରେ ଗର୍ଭରୁ ମୁଁ ସୁସ୍ଥ ନ ରହିଲେ ଜନ୍ମ ବେଳକୁ ଦିବ୍ୟାଙ୍ଗ ହୁଏ ନଚେତ୍ କମ୍ ଓଜନର ଶିଶୁଟିଏ ହୋଇ ଜନ୍ମହୁଏ। ମୃତ୍ୟୁ ସହ ଲଢ଼େଇ କରିବାକୁ ପଡ଼େ ଅହରହ। ଏଥିରେ ମୋର ଦୋଷ କ'ଣ ?

ଅନ୍ୟ ଏକ ପରିବାରର ୭ ବର୍ଷର ଶିଶୁଟିଏ ମୁଁ। ମୋତେ ମାଆ ସହ ସବୁଦିନ ଯିବାକୁ ପଡ଼େ ତା'ର କର୍ମସ୍ଥଳୀକୁ। ସେ ବାଲି, ଇଟା ବୁହେ ମୁଣ୍ଡରେ। ମୁଁ ଗଡ଼େ ବାଲିରେ। ସେଦିନ ଗୋଟିଏ ଅଫିସ୍‌ର ପରିସର ଥିଲା। ମୁଁ ଜାଣି ନ ଥିଲି। ଜଣେ ଭଦ୍ରବ୍ୟକ୍ତି ଆସି ମୋତେ ଦେଖାଇ ମୋ ମାଆକୁ ପଚାରିଲେ ୟାର ବୟସ କେତେ? ମାଆ କହିଲା, ୭ ବର୍ଷ। ତା' ପରେ ସେ କହିଲେ, ଇଏ ବିଦ୍ୟାଳୟକୁ କାହିଁକି ଯାଉନି ? ମାଆ କହିଲା, ସେ ବିଦ୍ୟାଳୟକୁ ଯିବା ପୂର୍ବରୁ ମୁଁ କାମକୁ ଆସେ ଆଉ ବିଦ୍ୟାଳୟରୁ ଆସିବା ପରେ ମୁଁ କାମରୁ ଫେରେ। ତାକୁ ବିଦ୍ୟାଳୟରେ ଛାଡ଼ିବ ଆଉ ଆଣିବ କିଏ? ତା'ର ଜନ୍ମ ବେଳୁ ତା' ବାପା ଆମକୁ ଛାଡ଼ି ଚାଲିଗଲେ। ଘରେ ତ ଆଉ କେହି ନାହାନ୍ତି, ତା'ର କିଏ ଯତ୍ନ ନେବ? ମାଆ କୁହେ, ମୁଁ ଯେଉଁ ବସ୍ତିରେ ରହୁଛି ସେଠାରେ ଅନ୍ୟ ପିଲାମାନେ ବଦମାସି କରୁଛନ୍ତି। ତାଙ୍କ ସହ ମୁଁ କୁଆଡ଼େ ସବୁବେଳେ ଖାଲି ବୁଲିବି। ସେଥିପାଇଁ ମାଆ ମୋତେ ତା'ସହ ସବୁବେଳେ ନିଏ। ଭଦ୍ରବ୍ୟକ୍ତି ଜଣକ ଗୁଣୁଗୁଣୁ ହେଲେ, କ୍ରେଚ୍ ସୁବିଧା ନାହିଁ ? ପଡ଼ୋଶୀ କିମ୍ବା ସମ୍ପର୍କୀୟ ଦାୟିତ୍ୱ ନେଉନାହାନ୍ତି ? ଯୌଥ ପରିବାର ଭାଙ୍ଗିଯାଉଛି ?



ତା'ର ପ୍ରଭାବ ବୋଧହୁଏ ଏମିତି ପଡୁଛି। ମାଆକୁ କହିଲେ, ତାକୁ ଏକ ଆଶ୍ରମରେ ଛାଡ଼ି ଦେଉନ? ମାଆ ସେହି ଭଦ୍ରବ୍ୟକ୍ତିଙ୍କୁ କଟମଟ କରି ଚାହିଁଲା। ଭଦ୍ରବ୍ୟକ୍ତି ଜଣକ ସେଠାରୁ ଚାଲିଗଲେ। ପାଠକୁ ଛାଡ଼ି ମୁଁ ଏଠି ବାଲିରେ ଗଡୁଛି। ମୁଁ ତ ଅପରିପକ୍ୱ ମୁଁ କିଛି ବୁଝିପାରୁନାହିଁ। ମୋର ଦୋଷ କ'ଣ?

ଅନ୍ୟ ଏକ ଘଟଣା। ଏଠି ମୁଁ ୧୭ ବର୍ଷର ପିଲା। ମୋ ବାପା ପରିବା ବିକନ୍ତି। ମାଆ ନାହିଁ ବୋଲି ମୋତେ ଘରେ ନ ଛାଡ଼ି ସାଙ୍ଗରେ ନିଅନ୍ତି ପରିବା ଦୋକାନକୁ। ସେଠି ମୁଁ ତାଙ୍କୁ ପନିପରିବା ବିକ୍ରିବଟାରେ ସାହାଯ୍ୟକରେ। ପଞ୍ଚମ ପଢ଼ିଛି, ଅଧିକ ପଢ଼ି କ'ଣ କରିବି କୁହନ୍ତି ବାପା। କାମ କରିବା ଶିଖିଲେ ମୋତେ କୋଉଠି ଚଳିବା ସହଜ ହେବ ! ସବୁଦିନ ପରିବା ହାଟରେ ମୁଁ ବସେ ବୋଲି ହାଟରେ ସମସ୍ତେ ମୋତେ ଚିହ୍ନନ୍ତି। ଖାଲି ହାଟ କାହିଁକି, ବାପା ଯେଉଁଠି କାମ କରନ୍ତି, ମୁଁ ସେଠାକୁ ତାଙ୍କ ସାଙ୍ଗରେ ଯାଇ କାମ କରେ। ଆପଣମାନେ ବି ମୋତେ ହାଟରେ, ବାଟରେ ଦେଖୁଥିବେ, ଠେଲା ଗାଡ଼ି ସହିତ, ଅସ୍ଥାୟୀ ଖାଦ୍ୟ କ୍ୟାବିନ୍ ସହିତ ବି। ଦୁଃଖ ଏହା ଯେ ମୋର ଟିକେ ଆଉ ପଢ଼ିବାକୁ ଇଚ୍ଛା ଥିଲା, କିନ୍ତୁ ମୁଁ ସେ ସୁଯୋଗରୁ ବଞ୍ଚିତ। ମୋର ଇଚ୍ଛାଟା ପୂରଣ ହୁଏନି ବୋଲି ମୁଁ ବେଳେ ବେଳେ ମୁହଁ ଶୁଖାଏ। ଆଉ ବାପା ଚକୋଲେଟଟିଏ ଦେଇଦେଲେ ମୁଁ ଧାଇଁଯାଏ ତାଙ୍କ ସହ ପାଠ କଥା ଭୁଲି। ଏଥିରେ ମୋର ଦୋଷ କ'ଣ ?

ଉପରୋକ୍ତ ସତ୍ୟ ଘଟଣା ଥିଲା କେତୋଟି ଉଦାହରଣ, ଯେଉଁଥିରେ ଏସବୁ ପିଲାଙ୍କ ସହ ସେମାନଙ୍କ କେବଳ ପିତା କିମ୍ବା ମାତା ଅଛନ୍ତି। ଏହି ପିଲାମାନଙ୍କ ପରିସ୍ଥିତି ବା ଚିତ୍ର ରାସ୍ତାଘାଟରେ ଯିବା ଆସିବାବେଳେ ଆମର ନଜରକୁ ଆସେ। ଆମ ଭିତରୁ ଅନେକେ ଏହାକୁ ସୁଧାରିବାକୁ ଚେଷ୍ଟାକରନ୍ତି ଓ ଅନେକେ ଅଣଦେଖା କରିଥାନ୍ତି। ଶେଷରେ ପ୍ରାୟ ସମସ୍ତେ କୁହନ୍ତି, ତା'ର ମାଆ କିମ୍ବା ବାପା ତ ଅଛନ୍ତି। ଆମର ଭୂମିକା କିଛି ନାହିଁ। ସରକାରୀ କର୍ମକର୍ତ୍ତା, ଏନ୍‌ଜିଓଗୁଡ଼ିକ ବୁଝାନ୍ତି, ଉଦ୍ଧାର ଥଇଥାନ କରନ୍ତି। କିନ୍ତୁ କିଛିଦିନ ପରେ ଯଥା ପୂର୍ବଂ ତଥା ପରମ୍। କେତେକ ଘଟଣାରେ ସୁଧାର ଆସେ ଆଉ କେତେକରେ କିଛି ସୁଫଳ ପିଲାମାନେ ପାଆନ୍ତି ନାହିଁ ଏମାନଙ୍କ ପିତା କିମ୍ବା ମାତାଙ୍କ ଅସଚେତନତା ପାଇଁ। ଏପରି ବାପା କିମ୍ବା ମାଆଙ୍କୁ ଯଦି ଦଣ୍ଡ ଦିଆଯାଏ ତେବେ ପିଲାଟି ୟା'ଠାରୁ ଅଧିକ ଖରାପ ସ୍ଥିତିକୁ ସାମ୍ନାକରେ। ଏପଟେ ଦଣ୍ଡକୁ ସମ୍ଭାଳିବାକୁ ବି କ୍ଷମତା ନ ଥାଏ ଏହି ବାପା କିମ୍ବା ମାଆଙ୍କର। ଏହି ପିଲାମାନଙ୍କୁ ଏ ବିପରୀତ ସ୍ଥିତି ଏମିତି ବାଟକୁ ନେଇଯାଏ , ଯାହାର ପରିଣାମ ଆମ ପରିବାର, ସମାଜ, ଦେଶକୁ ଭୋଗିବାକୁ ପଡ଼େ ବର୍ତ୍ତମାନରେ ଓ ଭବିଷ୍ୟତରେ। ଠିକ୍ ସମୟରେ ଶିଶୁଟି ଶିକ୍ଷା ନ ପାଇବା, ସମୟର ସଦୁପଯାଗ ନ ହେବା, ଉପଯୁକ୍ତ ପୋଷଣ ନ ପାଇବା, ମାନସିକ ଅଭିବୃଦ୍ଧି ନ ହେବା ଦ୍ୱାରା ତା'ର ଭବିଷ୍ୟତ ବିପଦରେ ପଡ଼େ। ସେତେବେଳେ ସମାଜ ପିଲାଟି ଉପରେ, ତା'ର ପିତା କିମ୍ବା ମାତାଙ୍କ କିମ୍ବା ବ୍ୟବସ୍ଥା ଉପରକୁ ଆଙ୍ଗୁଠି ଉଠାନ୍ତି। ବାସ୍ତବରେ ପିଲାଟି ଆଉ ତା'ର ପିଲାଦିନ, ପାଠପଢ଼ା, ଚପଳାମି ଫେରିପାଏନା କି ଭବିଷ୍ୟତକୁ ସୁନ୍ଦର କରି ଗଢ଼ିବାର ସୁଯୋଗ ପାଏନା। ଯେଉଁଠି ଏକକ ପିତା କିମ୍ବା ମାତା ଅଛନ୍ତି, କିନ୍ତୁ ପିଲାଟିକୁ ଠିକ୍ ଲାଳନପାଳନ, ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଅଧିକାର ମିଳୁନାହିଁ ସେଠାରେ ଉକ୍ତ ଶିଶୁଟି ଯତ୍ନ ଓ ସୁରକ୍ଷା ଲୋଡ଼େ। ଫଳରେ ଘଟଣା କିଶୋର ନ୍ୟାୟ ଆଇନ, ଶିକ୍ଷା ଅଧିକାର ଆଇନ, ଶିଶୁଶ୍ରମ ନିରୋଧ ଆଇନର ପରିସରଭୁକ୍ତ ହୁଏ। ଏଥିପାଇଁ ବ୍ୟାପକ ସଚେତନତା ତଥା ପ୍ରତିଟି କର୍ମକ୍ଷେତ୍ରରେ ଶିଶୁଯତ୍ନ ଓ ସୁରକ୍ଷା ନୀତିର କାର୍ଯ୍ୟକାରିତା ଲୋଡ଼ା। ଏଥିପାଇଁ ପ୍ରମୁଖ ଭାବେ ସରପଞ୍ଚ, ସ୍ଥାନୀୟ ନେତୃତ୍ୱ, ପରିଚାଳନା ସଂସ୍ଥା, ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଅଧିକ ଯତ୍ନବାନ୍ ହେବା ଦରକାର। ସମାଜର ପ୍ରତିଟି ବ୍ୟକ୍ତି ଏଥିପାଇଁ କର୍ତ୍ତବ୍ୟ ନିର୍ବାହ କରିବା ଜରୁରୀ। ସରକାରୀ, ବେସରକାରୀ ସହଭାଗିତାରେ ଶିଶୁଟି ସେବା, ଯତ୍ନ, ଶିକ୍ଷା ପାଇପାରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

# ପୁଣି ସୀମା ପାର ଆତଙ୍କବାଦ



ଲଳିତେନ୍ଦୁ ପଲାଉରୀ

ଗତ ୬ ମାସରେ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ଘଟିଛି। ବିଶେଷକରି ଧାରା ୩୭୦ ଉଚ୍ଛେଦ ପରେ ସ୍ୱାଭାବିକ ସ୍ଥିତିକୁ ଫେରିଥିବା ଜମ୍ମୁ-କଶ୍ମୀର ସ୍ଥିତି ପୁଣି ବିଗିଡ଼ିବା ଚିନ୍ତାଜନକ। ବିଶେଷକରି ଗତ ୪ମାସରେ ଆତଙ୍କୀ-ସେନା ସଂଘର୍ଷରେ ୭୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଛନ୍ତି। ୪୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି ଭାରତୀୟ ଯବାନ। ତେବେ ଦୀର୍ଘ ୧୦ବର୍ଷ ପରେ ଚଳିତ ମାସରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ସମସ୍ୟା ଭାବେ ଉଭା ହୋଇଛି। ଗଣତନ୍ତ୍ରର ମତଦାନ ଏକ ମହାନ୍ ପର୍ବ। କିନ୍ତୁ ବାହ୍ୟଶକ୍ତି ନିର୍ବାଚନ ଭଣ୍ଡୁର ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ସାଧାରଣ ଲୋକେ କିଭଳି ଭୟଭିତ ନ ହେବେ ସେଥିପାଇଁ ଯୋଜନା ହେବା ଦରକାର। ୟା ଭିତରେ ଏକ ବଡ଼ କଥା ଚର୍ଚ୍ଚାକୁ ଆସୁଛି। କଶ୍ମୀରରେ ନିର୍ବାଚନ ଭଣ୍ଡୁର ପାଇଁ ପାକିସ୍ତାନରେ ହୋଇଛି ରଣନୀତି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଏକାଠି କରି ସେମାନଙ୍କ ସହ ପ୍ରସ୍ତୁତ କରିଛି ଆତଙ୍କୀ ସିଣ୍ଡିକେଟ। ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀମାନେ ବଛାବଛା ଆତଙ୍କବାଦୀ ସଂଗଠନ ସହ ସହଯୋଗ ଓ ସମନ୍ୱୟ ନେଇ ଗୁପ୍ତ ବୈଠକ କରିଥିବା ଜଣାପଡ଼ିଛି। ଏକ ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି ପାକିସ୍ତାନର ବାହାବଲପୁରରେ ଅନେକ ଆତଙ୍କୀ ସଂଗଠନର ମୁଖିଆମାନଙ୍କ ସହ ଏକ ଗୁପ୍ତ ବୈଠକ କରିଛନ୍ତି ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀମାନେ। ବୈଠକରେ ଜୈସ-ଇ-ମହମ୍ମଦର ମୁଖ୍ୟ ମାସୁଦ ଆଜହାର, ହିଜ୍‌ବୁଲ୍ଲା ମୁଜାହିଦ୍ଦିନ ପ୍ରମୁଖ ସୟଦ ସଲ୍ଲାଉଦ୍ଦିନ, ଅଲ ବଦ୍ର କମାଣ୍ଡର ବକ୍ତ ଜମିନ ଖାନ୍ ଭଳି ବହୁ ଆତଙ୍କୀ ସର୍ଦ୍ଦାର ଏକାଠି ହୋଇଥିଲେ। ବିଶେଷକରି ଜମ୍ମୁ-କଶ୍ମୀର ନିର୍ବାଚନ ଭଣ୍ଡୁର, ଭାରତରେ ହିଂସାକାଣ୍ଡକୁ ପ୍ରୋତ୍ସାହନ, ଅନୁପ୍ରବେଶ କରାଇ ସମଗ୍ର ଉପତ୍ୟକାକୁ ପୁଣି ଅବିଶ୍ୱାସର ବାତାବରଣକୁ ଠେଲିଦେବାକୁ ଯୋଜନା କରିଛି ପାକିସ୍ତାନ।

କଶ୍ମୀର ଭୌଗୋଳିକ ସ୍ଥିତି ସହ ବିଶେଷ ପରିଚିତ ଥିବା ଅନେକ ଆତଙ୍କବାଦୀଙ୍କ ମଧ୍ୟରେ ବକ୍ତ ଜମିନଙ୍କୁ ପ୍ରମୁଖ ଭାବେ ଗଣା ଯାଉଛି; ଯାହାଙ୍କ ପାଖରେ କାର୍‌ଗିଲ ଯୁଦ୍ଧ ପୂର୍ବରୁ ସୀମାପାର ଅନୁପ୍ରବେଶର ଅଭିଜ୍ଞତା ରହିଛି। ବକ୍ତ ଜମିନର ଆଫଗାନିସ୍ତାନରେ ଅନେକ ସହଯୋଗୀ ରହୁଛନ୍ତି। ସେମାନଙ୍କୁ କଶ୍ମୀରରେ ଅନୁପ୍ରବେଶ କରାଇ ଆତଙ୍କୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ ପାଇଁ ଯୋଜନା କରିଛି ଜମିନ। ପାକିସ୍ତାନର ଆଉ ଜଣେ ଜଣାଶୁଣା ଆତଙ୍କୀ ସର୍ଦ୍ଦାର ମାସୁଦ ଆଜହାର। ମାସୁଦର ଜୈସ-ଇ ମହମ୍ମଦ ସଂଗଠନ ପାକିସ୍ତାନରେ ଅନେକ ମସ୍‌ଜିଦ ଓ ଟ୍ରେନିଂ କ୍ୟାମ୍ପକୁ ନିୟନ୍ତ୍ରଣ କରୁଛି। ଆତଙ୍କୀ ସଂଗଠନରେ ଭର୍ତ୍ତି ହେଉଥିବା ନୂଆ ସଦସ୍ୟଙ୍କୁ ହତିଆର ପ୍ରଶିକ୍ଷଣ, ଅନୁପ୍ରବେଶ ପ୍ରଶିକ୍ଷଣ ଦେବାରେ ମାସୁଦର ବିଶେଷ ଭୂମିକା ରହିଛି। ଜାତିସଂଘ ସମେତ ଅନେକ ରାଷ୍ଟ୍ର ମାସୁଦ ଆଜହାରକୁ ଅନ୍ତଃରାଷ୍ଟ୍ରୀୟ ଆତଙ୍କବାଦୀ ଘୋଷଣା ପରେ ବି ପାକିସ୍ତାନରେ ସେ ନିର୍ଭୟରେ ଚଳପ୍ରଚଳ କରିପାରୁଛି। ଆଉ ଜଣେ ଆତଙ୍କବାଦୀ ସୟଦ ସଲ୍ଲାଉଦ୍ଦିନ; ଯିଏ କି ହିଜବୁଲ୍ଲା ମୁଜାହିଦ୍ଦିନର ପ୍ରତିଷ୍ଠାତା। କଶ୍ମୀର ସ୍ୱାଧୀନତା ଓ ସ୍ୱତନ୍ତ୍ର କଶ୍ମୀର ଆହ୍ୱାନ ଦେଇ ସେ ଚର୍ଚ୍ଚାରେ ଅଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀରରେ ଅନେକ ଟ୍ରେନିଂ କ୍ୟାମ୍ପ ଚଳାଇଛି ସଲ୍ଲାଉଦ୍ଦିନ। ସେହିପରି ଲସ୍କର ଇ-ତୋଇବାର ସକ୍ରିୟ ସଦସ୍ୟ ସୈଫୁଲ୍ଲା ସାଜିଦ ବା ହବିବୁଲ୍ଲାହ ମଲିକ ପାକିସ୍ତାନରେ ଡ୍ରଗ୍ସ କାରବାର ନେଟୱର୍କର ମୁଖ୍ୟ। ଏହାସହ ସାଜିଦ ଡ୍ରୋନ ମାଧ୍ୟମରେ ଆତଙ୍କବାଦୀଙ୍କ ନିକଟରେ ହତିଆର ପଠାଇବାରେ ପାରଙ୍ଗମ। ନିକଟରେ ଜମ୍ମୁ-କଶ୍ମୀରର ପୁଞ୍ଚ ଓ ହୈଦରପୁରାରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ ପଛରେ ସାଜିଦ ହିଁ ମାଷ୍ଟର ମାଇଣ୍ଡ। ଜମ୍ମୁ-କଶ୍ମୀର ପୁଲୱାମା ବାସିନ୍ଦା ଶେଖ ଜମିଲ ଉର- ରହେମାନ ମଧ୍ୟ ପାକିସ୍ତାନର ଆତଙ୍କବାଦୀ ସିଣ୍ଡିକେଟର ଆଉ ଜଣେ ସକ୍ରିୟ ସଦସ୍ୟ। ଏବେ ପାକିସ୍ତାନରେ ରହି ତେହେରିକ- ଉଲ-ମୁଜାହିଦ୍ଦିନର ପ୍ରମୁଖ ଭାବେ କାମ କରୁଛି। ଅଧିକାଂଶ ସମୟରେ ଶେଖ ଜମିଲ, ଲସ୍କର ଇ-ତୋଇବା, ଜୈସ-ଇ- ମହମ୍ମଦ ପାଇଁ ମଧ୍ୟସ୍ଥ ଭୂମିକା ନିର୍ବାହ କରୁଛି। ଶେଖ ଜମିଲର ମୃତ୍ୟୁ ନେଇ କିଛିଦିନ ପୂର୍ବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। କିନ୍ତୁ ତା'ର ମୃତ୍ୟୁ ହୋଇନି। ଏହାସହ କଶ୍ମୀରର ପ୍ରସିଦ୍ଧ ପତ୍ରକାର ସୁଜାଦ ବୁଖାରୀଙ୍କ ହତ୍ୟା ପଛରେ ଶ୍ରୀନଗର ବାସିନ୍ଦା ସଜାଦ ଗୁଲ୍‌ଙ୍କ ଷଡ଼ଯନ୍ତ୍ର ରହିଥିବା କୁହାଯାଏ। ତେବେ ପ୍ରଶ୍ନ ଉଠୁଛି ଏମାନଙ୍କ ମଧ୍ୟରୁ କେତେକ କଶ୍ମୀର ପାଣି ପବନରେ ବଢ଼ିଛନ୍ତି। କିଛି ଜମ୍ମୁ-କଶ୍ମୀର ସହ ବିଶ୍ୱାସଘାତ କରୁଛନ୍ତି। ସ୍ଥାନୀୟ ବିଶ୍ୱାସଘାତକମାନଙ୍କୁ ହାତ କରି ଅନୁପ୍ରବେଶ କରିବାରେ ସହଯୋଗ କରୁଛନ୍ତି।



କଶ୍ମୀରରେ କେବଳ ଅନୁପ୍ରବେଶ ନୁହେଁ କିଛିଦିନ ଧରି ନୀରବ ଥିବା ବିଚ୍ଛିନ୍ନତାବାଦୀମାନେ ମଧ୍ୟ ପୁଣି ସକ୍ରିୟ ହୋଇପଡିଛନ୍ତି। ପୂର୍ବରୁ ଦକ୍ଷିଣ କଶ୍ମୀରର ପୁଞ୍ଚ, ପୁଲୱାମା, ଅନନ୍ତନାଗ ପରି ଅଞ୍ଚଳରେ ଆତଙ୍କବାଦୀଙ୍କ ଗତିବିଧି ଅଧିକ ରହୁଥିଲା। କିନ୍ତୁ ଚଳିତବର୍ଷ ଜମ୍ମୁର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀମାନେ ସକ୍ରିୟ ହୋଇଛନ୍ତି। ଚଳିତ ବର୍ଷରେ କେବଳ ୩୦ରୁ ଅଧିକ ଆତଙ୍କବାଦୀ ଘଟଣା ଏହି ଅଞ୍ଚଳରେ ଘଟିଛି। ତେଣୁ ଜମ୍ମୁରେ ଆତଙ୍କବାଦୀଙ୍କ ସହ ମୁକାବିଲା ବର୍ତ୍ତମାନ ସେନା ପାଇଁ ବଡ଼ ଆହ୍ୱାନ ହୋଇଛି। କଶ୍ମୀର ଅପେକ୍ଷା ଜମ୍ମୁର ବିଭିନ୍ନ ଅଞ୍ଚଳକୁ ଆତଙ୍କବାଦୀମାନେ ଟାର୍ଗେଟ କରୁଛନ୍ତି। କିଛିଦିନ ପୂର୍ବେ ଡୋଡା ଜିଲାର ଡେସା ଜଙ୍ଗଲରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ସେନାର ଜଣେ କ୍ୟାପ୍‌ଟେନଙ୍କ ସମେତ ୪ ଯବାନ ଶହୀଦ ହୋଇଛନ୍ତି। ଗତ ୪ ମାସ ଭିତରେ ଡୋଡା ଅଞ୍ଚଳରେ କେବଳ ୧୩ରୁ ଅଧିକ ଆତଙ୍କୀ ଆକ୍ରମଣ ହୋଇଛି। ତେବେ ଆତଙ୍କବାଦୀମାନଙ୍କୁ ଧରିବାକୁ ପ୍ରତିଦିନ ଭାରତୀୟ ସେନା ଓ ଜମ୍ମୁକଶ୍ମୀର ପୋଲିସର ମିଳିତ ସର୍ଚ୍ଚ ଅପରେଶନ ସହ ସ୍ୱତନ୍ତ୍ର ହେଲିକପ୍ଟର ନିୟୋଜିତ। କିନ୍ତୁ ଅଧିକାଂଶ ସମୟରେ ସେମାନେ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ସବୁ ରଣନୀତି ପରେ ବି କଶ୍ମୀରରେ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ କେଉଁଠି ନା କେଉଁଠି ବିଫଳ ହେଉଛି ଭାରତ। ଜମ୍ମୁ-କଶ୍ମୀରର ବିଧାନସଭା ନିର୍ବାଚନରେ ଆତଙ୍କବାଦୀମାନେ ଅଶାନ୍ତି ସୃଷ୍ଟି ପାଇଁ ଚେଷ୍ଟା କରିବେ। ତେଣୁ ବେଳ ହୁଁ ସାବଧାନ ନ୍ୟାୟରେ ନିର୍ବାଚନ ସୁରୁଖୁରୁରେ ସମାପ୍ତ ପାଇଁ ସ୍ୱତନ୍ତ୍ର ରଣନୀତି ସହ ଭାରତ ଆତଙ୍କୀ ନିପାଦ ଅଭିଯାନକୁ ଆହୁରି କଡ଼ା କରିବା ସମୟ ଆସିଛି; ଯାହାଦ୍ୱାରା ପାକିସ୍ତାନର ଆତଙ୍କୀ ସିଣ୍ଡିକେଟର ମାଷ୍ଟର ମାଇଣ୍ଡ ମାନଙ୍କୁ ଏକ ଶକ୍ତ ଚାପୁଡ଼ା ସଦୃଶ ହେବ।

ମୋ:୯୭୭୮୬୯୭୦୩୬

## ଏଇ ଭାରତରେ

ବୟସ ୮୨ ଛୁଇଁଲାଣି। ତଥାପି ଚଳଚଞ୍ଚଳ ବଙ୍କିମ ଚକ୍ରବର୍ତ୍ତୀ। ସେ ଗଛ ଲଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଏବେ ସୁଦ୍ଧା ୫୦୦୦ ଗଛ ଲଗାଇ ସାରିଲେଣି। ପରିବେଶ ସୁରକ୍ଷା ପାଇଁ ଏଭଳି କାର୍ଯ୍ୟ କରୁଥିବାରୁ ତାଙ୍କୁ ଶ୍ରଦ୍ଧାରେ 'ଗଛଦାଦୁ' ବୋଲି ଲୋକେ ଡାକନ୍ତି। ସବୁଠୁ ବଡ଼ କଥା ହେଉଛି ସେ ବହୁ ପ୍ରଜାତିର ଦୁର୍ଲଭ ଗଛ ଲଗାଉଛନ୍ତି। ସେ ରହୁଥିବା ଘର ଚାରିପାଖ ମଧ୍ୟ ବିଭିନ୍ନ ଗଛରେ ପରିପୂର୍ଣ୍ଣ। ଏହା ଏବେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆବାସ ପାଲଟିଛି। ବଙ୍କିମ, ତାଙ୍କ ସ୍ତ୍ରୀ ମାଳତି ଓ ସାନ ପୁଅ ଗଛର ଯତ୍ନ ନେବା ସହ ପକ୍ଷୀମାନଙ୍କ ଦେଖାରଖା କରୁଛନ୍ତି। ଏହି ଦମ୍ପତି ଗଛକୁ ସେମାନଙ୍କ ଝିଅ ଭାବେ ଯତ୍ନ ନେଉଛନ୍ତି। ନିଜେ ମଧ୍ୟ ଚାରାଗଛ ପ୍ରସ୍ତୁତ କରୁଛନ୍ତି। ଘରକୁ କୌଣସି କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ନିମନ୍ତ୍ରଣ କଲେ ସେମାନଙ୍କୁ ଉପହାର ଭାବେ ଚାରାଗଛ ଦେଇଥାନ୍ତି। ସମସ୍ତେ ଗଛ ଲଗାଇଲେ ବିଶ୍ୱତାପନ ହ୍ରାସ ହେବ ବୋଲି କୁହନ୍ତି ବଙ୍କିମ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୭୫

- ରାଜ୍ୟର ସାମୁହିକ ବିକାଶ ପାଇଁ ୩ ଶହ କୋଟି ଟଙ୍କାର ଯୋଜନା ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳଙ୍କୁ ଦିଆଯାଇଥିବା ଜଣାଯାଇଛି।
- ପୂର୍ବତନ ଲୋକଦଳର ବିଧାନସଭା ସଦସ୍ୟ ସତ୍ୟାନନ୍ଦ ଚମ୍ପତିରାୟଙ୍କ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ।
- ସମ୍ବିଧାନ ସଂଶୋଧନ ଓ ପରିବର୍ତ୍ତିତ ନିର୍ବାଚନ ଆଇନ ବଳରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନକୁ ଆଇନ ପ୍ରଣୟନକାରୀ ସଂସ୍ଥା ନିଜେ ସିଦ୍ଧ କରିସାରିଛନ୍ତି ବୋଲି ଇନ୍ଦିରା ଗାନ୍ଧୀଙ୍କ ଓକିଲ ପୂର୍ବତନ ଆଇନ ମନ୍ତ୍ରୀ ଏ.କେ. ସେନ ସୁପ୍ରିମ୍‌କୋର୍ଟରେ ୫ ଜଣିଆ ବିଚାରକମଣ୍ଡଳୀ ସମକ୍ଷରେ ଦର୍ଶାଇଛନ୍ତି।

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | | 7 | | 3 |
| 8 | | 9 | | | | | | |
| 6 | | | | | | | | |
| | | | | 1 | | | 2 | |
| | | | 8 | | | | 5 | 6 |
| 2 | | 6 | | | 4 | | | |
| | 3 | | 7 | | 8 | | | |
| | | 2 | 5 | 9 | | | | |
| 4 | | | 1 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 9 | 5 | 2 | 1 | 7 | 4 |
| 1 | 5 | 7 | 4 | 6 | 3 | 8 | 2 | 9 |
| 4 | 9 | 2 | 1 | 7 | 8 | 3 | 6 | 5 |
| 8 | 1 | 9 | 6 | 3 | 4 | 7 | 5 | 2 |
| 7 | 4 | 6 | 5 | 2 | 1 | 9 | 3 | 8 |
| 2 | 3 | 5 | 7 | 8 | 9 | 4 | 1 | 6 |
| 6 | 8 | 1 | 2 | 9 | 7 | 5 | 4 | 3 |
| 9 | 2 | 4 | 3 | 1 | 5 | 6 | 8 | 7 |
| 5 | 7 | 3 | 8 | 4 | 6 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏବେ ଆସିଲା ଅସଲି ନିୟମ

ମହାଶୟ,
ଗତ ନିର୍ବାଚନରେ ଓଡ଼ିଆ ଅସ୍ମିତା ଶବ୍ଦଟି ଯେମିତି ପୁଣି ଥରେ ନୂଆ ରୂପ ପାଇଉଠିଲା। ଏମିତି ଲାଗିଲା ଯେମିତି ଆଉଥରେ କବି କାଳିଦାସ ଜନ୍ମ ନେବେ କି? ଏହି ଶବ୍ଦକୁ ପାଥେୟ କରି ଏକ ଦଳ ନିର୍ବାଚନ ଲଢ଼ିଲା ଆଉ ଜିତିଲା ବି। କିନ୍ତୁ ବିଡ଼ମ୍ବନାର ବିଷୟ ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖିବାକୁ ଆଜି ସମ୍ବିଧାନ ଆଉ ମଣିଷ ଆପଣେଇଥିବା ପାଶ୍ଚାତ୍ୟ ନିୟମ ତିଆରି କରିବାକୁ ପଡୁଛି। ସତରେ କଣ ଓଡ଼ିଆ ଅସ୍ମିତା ଶବ୍ଦଟି କେବଳ ଭାଷାକୋଷରୁ ନିର୍ଗତ ଏକ ଶବ୍ଦ? ଏମାନେ କେତେ ବୁଝନ୍ତି ଶବ୍ଦର ଅର୍ଥକୁ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭରେ ପ୍ରସାରଣ ହେଉଛି ସୁଭଦ୍ରା ମା' ମାନଙ୍କର କରୁଣ ଚିତ୍ର। କେଉଁଠାରେ ଆଧାର କାର୍ଡ ଧରି ରାଜରାସ୍ତାରେ ତ ଅନ୍ୟ କେଉଁଠି ଜନସେବା କେନ୍ଦ୍ର ଆଗରେ। ମହିଳାମାନଙ୍କର କ'ଣ ଏସବୁ କରିବାକୁ ବାକି ଥିଲା। ପ୍ରଥମେ ସମସ୍ତ ମହିଳାଙ୍କୁ ଦିଆଯିବ କହି ନିର୍ବାଚନ ଲଢ଼ିଲେ ଓ ଏବେ ଆସିଲା ଅସଲି ନିୟମ। ବାଲେଶ୍ୱରରେ ଯେଉଁଭଳି ମହିଳାମାନେ ଯୋଜନା ପାଇଁ ଦୌଡୁ ଥିଲେ ତାହା କ'ଣ ଆମ ଓଡ଼ିଆ ଅସ୍ମିତାକୁ ବୁଝାଉଛି? ଯୋଜନାର ନିୟମ, ଲକ୍ଷ୍ୟ ସମ୍ପର୍କରେ ଠିକ୍ ତଥ୍ୟ ଲୋକେ ଜାଣିପାରୁନାହାନ୍ତି। ଏହି କଥାକୁ ବିରୋଧ କରିବା ଆମ ଲକ୍ଷ୍ୟ ନୁହେଁ,କିନ୍ତୁ ଏମିତି ନୀତି ନିୟମ ଦେଖିଲେ ଲାଗୁଚି ଯେମତି ଗୋଟେ ପିଲା ପରୀକ୍ଷାରେ ଆଉଗୋଟେ ପିଲା ଖାତାରୁ ଦେଖି ଟିପୁଚି। କାରଣ ସମସ୍ତଙ୍କ ଅଭ୍ୟାସ ହୋଇଗଲାଣି କପି କରିବା, ଏମାନେ ବା କାହିଁକି ପଛରେ ରହିବେ।

-ହିମାଂଶୁ ମହାପାତ୍ର
ବୀରପ୍ରତାପପୁର, ଚନ୍ଦନପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଭଦ୍ରା ଯୋଜନା: ରାଜ୍ୟରେ ୧୫ ଲକ୍ଷ ଆବେଦନ ହେଲାଣି



ସୁଭଦ୍ରା ଯୋଜନା ଆବେଦନ ପାଇଁ ରାୟଗଡ଼ା ସହରରେ ଥିବା ଏକ ଜନସେବା କେନ୍ଦ୍ର ସମ୍ମୁଖରେ ମହିଳାଙ୍କ ଭିଡ଼।

**ରାୟଗଡ଼ା,୧୦।୯**
**(ଆଶିଷ ରଞ୍ଜନ ପଣ୍ଡା)**

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୨୧ରୁ ୬୦ବର୍ଷ ମଧ୍ୟରେ ମହିଳାମାନେ ୫ ବର୍ଷରେ ୫୦ହଜାର ଟଙ୍କା ପାଇବେ।ଏହି ଟଙ୍କାର ସୁବିନିଯୋଗକରି ମହିଳାମାନେ ସ୍ୱାବଲମ୍ବୀ ହେବା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହିଛି।ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସୁଦ୍ଧା ରାଜ୍ୟରେ ମୋଟ ୧୫ ଲକ୍ଷ ୩୧ହଜାର ୬୫୦ଜଣ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି।ସେଥିମଧ୍ୟରୁ ବାଲେଶ୍ୱର ଜିଲାରେ ସବୁଠୁ ଅଧିକ ୧ ଲକ୍ଷ ୫୯ ହଜାର ୩୬୩ ମହିଳା ଆବେଦନ କରିଥିବାବେଳେ ସବୁଠୁ କମ୍ ମାଲକାନଗିରି ଜିଲାରେ ୧୦,୪୬୭ ମହିଳା ଆବେଦନ କରିଛନ୍ତି। ରାୟଗଡ଼ା ଜିଲାରେ ମୋଟ ୧୬,୧୪୭ ଜଣ ହିତାଧିକାରୀ ଆବେଦନ କରିଥିବା ସୂଚନା ମିଳିଛି। ପ୍ରକୃତ ହିତାଧିକାରୀ କିଭଳି ସୁଭଦ୍ରା ଯୋଜନାରେ ଲାଭାନ୍ୱିତ ହୋଇ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁର କହିଛନ୍ତି।ତେବେ ସୁଭଦ୍ରା ପୋର୍ଟାଲରେ କେୱାଇସି କରିବା ସମୟରେ ସମସ୍ୟା ଉପୁଜୁଥିବାରୁ ବିଳମ୍ବ ହେଉଛି।ପୋର୍ଟାଲ କିଭଳି ସୁରୁଖୁରୁରେ କାର୍ଯ୍ୟକ୍ଷମ ହୋଇପାରିବ ସେ ନେଇ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି ନୀହାର କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, କଟକ ଜିଲାରେ ୯୮ ହଜାର ୪୨୬, ଖୋର୍ଦ୍ଧାରେ ୫୩ ହଜାର ୫୮୩, ପୁରୀରେ ୧୫,୪୧୯ ଏବଂ ମୟୁରଭଞ୍ଜ ଜିଲାରେ ୬୬,୨୮୫ ହିତାଧିକାରୀ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ସୂଚନା ମିଳିଛି।

## ସୁଭଦ୍ରା ଫର୍ମ, ପଞ୍ଜୀକରଣ ପାଇଁ ଅର୍ଥ ଦାବି କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୦।୯**
**(ଅନୁରାଧା ମହାରଣା)**

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଫର୍ମ ସଂଗ୍ରହ ତଥା ପଞ୍ଜୀକରଣ ପାଇଁ ଗତ କିଛିଦିନ ହେଲା ଜନସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ଜମୁଛି। ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗର ଡାଟାବେସ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ମଙ୍ଗଳବାର ସୁଦ୍ଧା ୧୫ ଲକ୍ଷରୁ ଅଧିକ ଫର୍ମ ପଞ୍ଜୀକରଣ ହୋଇଛି। ତେବେ ଏହି ଫର୍ମ ବିତରଣ ଏବଂ ଅନ୍‌ଲାଇନ ପଞ୍ଜୀକରଣ କରିବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ମାତ୍ର କେତେକ ସ୍ଥାନରେ ଅଙ୍ଗନୱାଡି କର୍ମୀ, ଜନସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରରେ ଉଭୟ ଫର୍ମ ଓ ଅନ୍‌ଲାଇନରେ ଫର୍ମ ଅପଲୋଡ୍ କରିବା ନିମନ୍ତେ ୫୦ରୁ ୨୦୦ ଟଙ୍କା ଅର୍ଥ ଦାବି କରୁଥିବା ସୂଚନା ମିଳୁଛି। ଯେକୌଣସି ସ୍ଥାନରେ ସୁଭଦ୍ରା ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ, ସେ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ଥାନାରେ ଜଣାଇବାକୁ ପରାମର୍ଶ ଦେଲା ମହିଳା ଓ ଶିଶୁ ବିକାଶ ବିଭାଗ**

ସୂଚନାଥାଉକି, ନିକଟରେ 'ସୁଭଦ୍ରା' ଆବେଦନ ଫର୍ମ ବଣ୍ଟନରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲା ପ୍ରଶାସନ ଦ୍ୱାରା ଜଣେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏକ ମାସର ଦରମା ବନ୍ଦ କରାଯାଇଛି। ସେହିପରି ଫର୍ମ ପଞ୍ଜୀକରଣ ପାଇଁ ଅର୍ଥ ଦାବି କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ଡେରାବିଶର ଏକ ଜନସେବା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ କେନ୍ଦ୍ରକୁ ସାମୟିକ ବନ୍ଦ କରିଦିଆଯାଇଛି। ଏଥିସହ ହେଲ୍ପଲାଇନ ନମ୍ବରକୁ ଆସିଥିବା ଏକ କଲ୍‌କୁ ଆଧାର କରି କଟକ ଜିଲା ଆଠଗଡ଼ର ଏକ 'ମୋ ସେବା କେନ୍ଦ୍ର'ରେ ଫର୍ମ ବିକ୍ରି ଓ ପୂରଣ ବାବଦରେ ୧୦୦ ଟଙ୍କା ଅର୍ଥ ଦାବି ଅଭିଯୋଗ ବିରୋଧରେ କଟକ ମହାନଗର ନିଗମ ପକ୍ଷରୁ ଏତଲା ଦାଖଲ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ମଙ୍ଗଳବାର ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି, ସୁଭଦ୍ରା ଫର୍ମର ସମସ୍ତ ପ୍ରକ୍ରିୟା, ସ୍କାନିଂ ଓ ଅପଲୋଡ୍ କରିବା ନିମନ୍ତେ ଜିଏସ୍‌ଟି ସହ ପ୍ରତି ଫର୍ମ ପାଇଁ ୧୫ ଟଙ୍କା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଉଦ୍ଦିଷ୍ଟ କେନ୍ଦ୍ରକୁ ପ୍ରଦାନ କରାଯାଉଛି। କୌଣସି କେନ୍ଦ୍ରରେ କେହି କର୍ମଚାରୀ କୌଣସି କାରଣ ଦର୍ଶାଇ ଅର୍ଥ ଦାବି କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯିବା ସହ ଉକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହଯାଇଛି।

# ସମ୍ବଲପୁର ରେଳଷ୍ଟେଶନରେ ପ୍ରମୁଖ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ଜାରି

**ଭୁବନେଶ୍ୱର,୧୦।୯**
**(ଅନୁରାଧା ମହାରଣା)**

ଦେଶର ପ୍ରମୁଖ ଷ୍ଟେଶନଗୁଡ଼ିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳପଥ ଯୋଜନାର ଏକ ଅଂଶ ଭାବେ ସମ୍ବଲପୁର ରେଳଷ୍ଟେଶନରେ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବତଟ ରେଳପଥ ଅଧୀନସ୍ଥ ଏହି ଷ୍ଟେଶନ ଆଞ୍ଚଳିକ ଲଜିଷ୍ଟିକ ଏବଂ ଯାତ୍ରୀ ପରିବହନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ଏହି ଆଧୁନିକୀକରଣ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ସାଢ଼େ ୪ମାସ (୧୩୯ ଦିନ) ଲାଗିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିସ୍ତୃତ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟରେ ବେ-ଲାଇନ, ଲୋକୋ ରିଭର୍ସାଲ ଲାଇନ ଏବଂ ଇନ୍ସପେକ୍ସନ କ୍ୟାରେଜ ସାଇଡିଂ ସ୍ଥାନାନ୍ତରିତ ହେବ। ଏହି ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ଭାବରେ ବେ-ଲାଇନକୁ ଏକ ପୂର୍ଣ୍ଣ ଦୈର୍ଘ୍ୟ ବିଶିଷ୍ଟ ପ୍ଲାଟଫର୍ମ ଭାବେ ସମ୍ପ୍ରସାରଣ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ଅଧିକ ଟ୍ରେନ ଏବଂ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଷ୍ଟେଶନର କ୍ଷମତାକୁ ବୃଦ୍ଧି କରାଯାଇ ଦୁଇଟି ନୂତନ ପ୍ଲାଟଫର୍ମ ନିର୍ମାଣ କରାଯିବ। ଏଥିସହ ଟ୍ରେନର ସହଜ ଚଳାଚଳ ଏବଂ ନିୟନ୍ତ୍ରଣକୁ ସୁଗମ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସମୟାନୁବର୍ତ୍ତିତାକୁ ବୃଦ୍ଧି କରାଇବା ପାଇଁ ଅତିରିକ୍ତ ଲାଇନଗୁଡ଼ିକ ଯୋଡାଯାଉଛି। ଏହି କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନଗୁଡିକ ନିକଟସ୍ଥ ଷ୍ଟେଶନଗୁଡିକରେ ଅଟକି ନ ରହି ସମ୍ବଲପୁର ଷ୍ଟେଶନରେ ସୁଗମ ଭାବରେ ପ୍ରବେଶ କରିପାରିବେ। ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ପାଇଁ କିଛି ଟ୍ରେନ ସେବା ସାମୟିକ ଭାବରେ ପ୍ରଭାବିତ ହେବ। ସମ୍ବଲପୁର ଷ୍ଟେଶନକୁ ନ ଆସି ପାଞ୍ଚ ଯୋଡା ଟ୍ରେନ ଅସ୍ଥାୟୀ ମାର୍ଗ ସମ୍ବଲପୁର ସିଟି ଷ୍ଟେଶନ-ସର୍‌ଲା ଷ୍ଟେଶନ ମାର୍ଗ ଦେଇ ଚଳାଚଳ କରିବ। ମାର୍ଗ ପରିବର୍ତ୍ତନ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ପୁରୀ-ରାଉରକେଲା-ପୁରୀ ଏକ୍ସପ୍ରେସ ରହିଛି। ଉଭୟ ପାର୍ଶ୍ୱରୁ ସେପ୍ଟେମ୍ବର ୨୦ରୁ ୨୦୨୫ ଫେବୃଆରୀ ୫ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ସେହିପରି ଏଲ୍‌ଟିଟି-ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ ଏଲଟିଟିରୁ ସେପ୍ଟେମ୍ବର ୨୧ରୁ ୨୦୨୫ ଫେବୃଆରୀ ୧ ଏବଂ ଭୁବନେଶ୍ୱରରୁ ସେପ୍ଟେମ୍ବର ୨୩ରୁ ୨୦୨୫ ଫେବୃଆରୀ ୩ ତାରିଖ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ଏଲ୍‌ଟିଟି-ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ, ଏଲ୍‌ଟିଟିରୁ ସେପ୍ଟେମ୍ବର ୧୯ରୁ ୨୦୨୫ ଜାନୁଆରୀ ୩୦ ମଧ୍ୟରେ ଏବଂ ପୁରୀରୁ ସେପ୍ଟେମ୍ବର ୨୪ରୁ ୨୦୨୫ ଫେବୃଆରୀ ୪ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ୪. ୨୦୪୭୧/୨୦୪୭୨ ଲାଲଗଡ-ପୁରୀ-ଲାଲଗଡ ଏକ୍ସପ୍ରେସ, ଲାଲଗଡରୁ ସେପ୍ଟେମ୍ବର ୨୨ରୁ ୨ ଫେବୃଆରୀ ୨୦୨୫ ମଧ୍ୟରେ ଏବଂ ପୁରୀରୁ ସେପ୍ଟେମ୍ବର ୨୫ରୁ ୫ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ, ପୁରୀରୁ ସେପ୍ଟେମ୍ବର ୨୫ରୁ ୨୦୨୫ ଫେବୃଆରୀ ୫ ମଧ୍ୟରେ ଏବଂ ଯୋଧପୁରରୁ ସେପ୍ଟେମ୍ବର ୨୧ରୁ ୨୦୨୫ ଫେବୃଆରୀ ୧ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ସେହିପରି ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡ଼ା ମେମୁ ଟ୍ରେନ ସେପ୍ଟେମ୍ବର ୨୦ରୁ ୨୦୨୫ ଫେବୃଆରୀ ୫ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।

**ସାଢ଼େ ୪ମାସରେ ସରିବ**

**▪ ଅସ୍ଥାୟୀ ମାର୍ଗରେ ଗଡ଼ିବ ୫ ଯୋଡ଼ା ଟ୍ରେନ୍**

**▪ ଗୋଟିଏ ମେମୁ ଟ୍ରେନ୍ ବାତିଲ**

# ବେଲପଡ଼ାରେ ହିଟ୍ ଆଣ୍ଡ୍ ରନ୍: ଜଣେ ମୃତ, ୨ ଗୁରୁତର

**ବେଲପଡ଼ା,୧୦।୯**
**(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ସନ୍ନିକଟ ନୁନହାଡ଼ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ଘର ସାମ୍ନାରେ ଛିଡ଼ାହୋଇଥିବା ୩ ଜଣ ଯୁବତୀଙ୍କ ଉପରେ ଏକ କାର୍ ଚଢ଼ିଯିବା ଫଳରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ଯୁବତୀ ଜଣକ ହେଲେ ଗୁନଧର ମାଝୀଙ୍କ ଝିଅ ଭୁଲେଶ୍ୱରୀ ମାଝୀ(୨୨)। ଆହତ ୨ ଯୁବତୀ ହେଲେ ପ୍ରତିମା ଧରୁଆ (୧୭) ଓ ଯେମନ୍ତି ମାଝୀ (୧୭)। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ଘଟାଇଥିବା କାର୍‌କୁ ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ଗିରଫ ଦାବିରେ ଘଟଣାସ୍ଥଳରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଫଳରେ ରାସ୍ତାର ୨ ପାର୍ଶ୍ୱରେ ଯାନବାହନ ଅଟକି ରହିଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପ୍ରଧାନ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ କେହି ଶୁଣିବା ଅବସ୍ଥାରେ ନାହାନ୍ତି। ସ୍ଥାନୀୟ ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାରକରି ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନଭିଜ୍ଞ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟାଇଥିବା କାର୍‌ର ମାଲିକ ନିଜେ ଗାଡ଼ି ଚଳାଉଥିଲେ। ସେ ଗତ ଗଣେଶପୂଜା ଦିନ ଏହି କାର୍ କିଣିଥିଲେ ବୋଲି ଜାଣିବାକୁ ମିଳିଛି। ରାତି ୯ଟାରେ କାର୍ ଡ୍ରାଇଭର ଜଣକ କଣ୍ଟାବାଞ୍ଜି ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ତେବେ ଡ୍ରାଇଭରଙ୍କୁ ଘଟଣାସ୍ଥଳକୁ ଅଣାଯିବା ଜିଦ୍‌ରେ ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତାରୋକୋ।


**Jharkhand Education Project Council**
JSCA Stadium Road, Sector-3ए
Dhurwa, Ranchi-834004
Phone- 0651-2444501, 2444502, Fax-2444506
E-Mail: jepcranchi1@gmail.com

An ISO 9001:2015 certified

**Letter No. MIS/06/2022/172/3355** **Dated: 09/09/2024**

**Expression of Interest**

Jharkhand Education Project Council under Department of School Education & Literacy, Government of Jharkhand is willing to procure **AI based facial Recognition Technology** and embed the same in our existing MIS System e-VidyaVahini (eVV). Companies owning this technology or System Integrators (SI) can demonstrate the same with their proposal with financial estimates for transferring/selling this technology to Department of School Education & Literacy Government of Jharkhand for Govt. and Govt. aided Schools of Jharkhand. For this purpose a meeting is scheduled on **19/09/2024 from 10:00 AM to 01:00 PM** at our state project office at Old HEC High School, JSCA Stadium Road, Sector 3, Dhurwa, Ranchi. Interested OEMs/Sis can participate the same. In case of any query the interested party can send their query at our email id-jepcranchi1@gmail.com.

Thanking you,
(Aditya Ranjan).
State Project Director

PR 335225 (School Education and Literacy)24-25*D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लोहरदगा**
(rdsd.lohardaga@rediffmail.com)

**ई–अति अल्पकालीन निविदा आमंत्रण सूचना**

**ई–अति अल्पकालीन निविदा सूचना संख्या– RDD/SD/LOHARDAGA/E-05/2024-25(2nd call)**

1.कार्य की विस्तृत विवरणी :–

| क्रम संख्या | कार्य का नाम | परिमाण विपत्र की राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | लोहरदगा जिला के किस्को प्रखण्ड में ग्राम देवदरिया पटियापानी से बोण्डोबार जाने वाले पथ में उच्च स्तरीय सेतु निर्माण। | 2,69,89,100.00 | 5,39,800.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि :– 11.09.2024
3. ई–निविदा प्राप्ति की तिथि एवं समय :– दिनांक 11.09.2024 से दिनांक 19.09.2024 को अपराह्न 5:00 बजे तक।
4. ई–निविदा खोलने का स्थान :– कार्यपालक अभियंता, कार्यालय ग्रामीण विकास विशेश प्रमण्डल, लोहरदगा।
5. ई–निविदा खोलने की तिथि एवं समय :– दिनांक 21.09.2024 पूर्वाह्न 11:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,लोहरदगा।
7. ई–निविदा प्रकोष्ठ का दुरभाष संख्या :– 06526–295021
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान संवेदक द्वारा जिस बैंक खाता से किया जायेगा, उसी खाते में अग्रधन की राशि वापस होगी। अगर बैंक खाता को बंद कर दिया जाता है तो उसकी सारी जवाबदेही संवेदक की होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है

कार्यपालक अभियंता,
ग्रामीण विकास विशेष प्रमंडल, लोहरदगा।

PR 335223 (Lohardaga) 24-25 (D)



**कार्यपालक अभियंता का कार्यालय ग्रामीण विकास विशेष प्रमंडल, साहेबगंज।**
अति अल्पकालिन ई–निविदा आमंत्रण सूचना
ई– निविदा सूचना संख्या – **RDD/SD/SAHIBGANJ /07/2024-25**

**1.कार्य की विस्तृत विवरणी:**

| क्र० सं०/ ग्रुप सं0 | कार्य का नाम | प्राक्कलित राषि | अग्रधन की राषि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहेट प्रखण्ड अंतर्गत पंचायत सिमड़ा ग्राम दुधियापोखर एवं झिमौली के बीच नाला पर उच्चस्तरीय पुल निर्माण। | 456.89600 लाख रूपये | 9,14,000/- रूपये | 10,000.00 रूपये | 18 माह |

2. वेबसाइट में निविदा प्रकाशन की तिथि – 11.09.2024
3. ई–निविदा प्राप्ति की तिथि एवं समय– दिनांक 11.09.2024 से दिनांक 21.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 23.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
साहेबगंज।

PR 335212 Urban Development(24-25)D


# ରାଜ୍ୟରେ ୫ହଜାର ମୁହାଁ ଡେଙ୍ଗୁ ସଂକ୍ରମଣ

**ଭୁବନେଶ୍ୱର, ୧୦।୯(ବନ୍ଦନା ସେଠୀ)**

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସେପ୍ଟେମ୍ବର ୪ ବେଳକୁ ରାଜ୍ୟରୁ ୩ହଜାର ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ, ଗତ ୬ଦିନ ମଧ୍ୟରେ ୧ହଜାରରୁ ଅଧିକ ସଂକ୍ରମିତ ବାହାରିଛନ୍ତି। ଯଦିଓ ଗତବର୍ଷ ତୁଳନାରେ ଚଳିତ ବର୍ଷ ସଂକ୍ରମଣ ହାର କିଛି ମାତ୍ରାରେ କମ୍ ରହିଛି, ତଥାପି ରାଜ୍ୟରେ ଲଗାତାର ଭାବେ ଡେଙ୍ଗୁରୋଗୀ ଚିହ୍ନଟ ହେଉଥିବାରୁ ଚିନ୍ତା ପ୍ରକାଶ ପାଇଛି। ଅପରପକ୍ଷେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପରୀକ୍ଷଣ ବୃଦ୍ଧି କରାଯାଇଛି। ଚଳିତବର୍ଷ ରାଜ୍ୟରେ ପ୍ରାୟ ୯୩ ହଜାରରୁ ଅଧିକ ସଂଖ୍ୟାରେ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୪ହଜାର ୭ଶହ ୭୩ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୧୪୪୮ଜଣ ଚିହ୍ନଟ ହୋଇଛନ୍ତି। ଏହା ପଛକୁ ରହିଛି ଖୋର୍ଦ୍ଧା। ଏହି ଜିଲାରୁ ମୋଟ୍ ୧୦୨୨ ଡେଙ୍ଗୁରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି କଟକ, ବାଲେଶ୍ୱର ଆଦି ଜିଲାରେ ଅନ୍ୟ ଜିଲା ଅପେକ୍ଷା ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି। ଗତବର୍ଷ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ଖୋର୍ଦ୍ଧାକୁ ପଛରେ ପକାଇଛି ସୁନ୍ଦରଗଡ଼। ଗତବର୍ଷ ଏହିସମୟରେ ଚିହ୍ନଟ ରୋଗୀଙ୍କ ସଂଖ୍ୟା ୪ହଜାର ୮୬୧ ରହିଥିଲା। ଅନ୍ୟପକ୍ଷରେ ଡେଙ୍ଗୁଜନିତ ମୃତ୍ୟୁ ଅଭିଯୋଗ ୪ରୁ ଅଧିକ ହୋଇଥିବାବେଳେ ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧଭାବେ ସ୍ପଷ୍ଟ କରାଯାଇନାହିଁ।

# କେବୁଲ୍ ତାରରେ ଛନ୍ଦି ହୋଇ ରୋଗୀଙ୍କ ମୃତ୍ୟୁ

**ନୀଳଗିରି, ୧୦।୯**
**(ପ୍ରଶାନ୍ତ ବିଶ୍ୱାଳ)**

**ନୀଳଗିରି ମେଡିକାଲ**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅଘଟଣ ଘଟିଛି। ଚିକିତ୍ସା ଲାଗି ଆସିଥିବା ଜଣେ ଯୁବକ କେବୁଲ୍ ତାରରେ ଛନ୍ଦିହୋଇ ପଡ଼ିଯିବା ପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନୀଳଗିରି ବ୍ଲକ ଆମ୍ବଝର ଗ୍ରାମର କରଣ ସିଂ (୪୨) ଗତ ଶୁକ୍ରବାର ଅସୁସ୍ଥତା କାରଣରୁ ନୀଳଗିରି ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଶଯ୍ୟା ମିଳି ନ ଥିବାରୁ ସେ ଚଟାଣରେ ରହି ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ୱାର୍ଡର ଶୌଚାଳୟ ଅପରିଷ୍କାର ଥିବାରୁ ନିକଟସ୍ଥ ଶୌଚାଳୟକୁ ଶୌଚ ହେବା ପାଇଁ ଯାଉଥିଲେ। ଏଣେତେଣେ ବିଛାଡ଼ି ହୋଇପଡ଼ିଥିବା କେବୁଲ ତାରରେ ଛନ୍ଦି ହୋଇ ତଳେ ପଡିଯିବା ଫଳରେ ତାଙ୍କ ମୁଣ୍ଡ ଫିଟି ହୋଇଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହସ୍ପିଟାଲର ଏସ୍‌ଡିଏମ୍‌ଓ ସରୋଜିନୀ ପ୍ରଧାନ କ'ଣ ପାଇଁ ଯୁବକ ଜଣକ ବାହାରକୁ ଶୌଚ ପାଇଁ ଯାଇଥିଲେ। ତାରରେ ଛନ୍ଦି ହୋଇ ମୃତ୍ୟୁ ହୋଇଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ମୃତ୍ୟୁ ହୋଇଛି ସେନେଇ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ତଥା ଉକ୍ତ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଜଣେ ଚିକିତ୍ସାଧୀନ ରୋଗୀଙ୍କ ଅକାଳ ମୃତ୍ୟୁ ପାଇଁ ଅସନ୍ତୋଷ ପ୍ରକାଶ ପାଇଛି।

## ଆପଣଙ୍କ ପ୍ରଶ୍ନର ଉତ୍ତର ଟିକେ ଶୁଣିଯାଆନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଆଣିଥିବା ବ୍ୟୟ ମଞ୍ଜୁରି ବିଲ୍ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ବିଲ୍ ପାରିତ ଲାଗି ପ୍ରସ୍ତାବ ରଖୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟ ରଖିବା ସମୟରେ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିବାକୁ ବାହାରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ବିଧାୟକ ଅରୁଣ ସାହୁ ଏବଂ ଗଣେଶ୍ୱର ବେହେରାଙ୍କୁ କହିଥିଲେ, ରହିଯାଆନ୍ତୁ ଆପଣଙ୍କ ପ୍ରଶ୍ନର ଉତ୍ତର ଟିକେ ଶୁଣି ଚାଲିଯାଆନ୍ତୁ। ଅରୁଣ ଭାଇ ଆପଣ ପଚାରିଥିବା ପ୍ରଶ୍ନର ଉତ୍ତର ଟିକେ ଶୁଣିକି ଯାଆନ୍ତୁ ହେରି। ଅରୁଣ ସାହୁ ଦୁଆର ପାଖରେ ଠିଆ ହୋଇ ହସିବା ସହ ମୁଣ୍ଡରେ ହାତ ବାଡେଇ ଚାଲିଯାଇଥିଲେ। ସେହିପରି ଗଣେଶ୍ୱର ବେହେରା ମଧ ଗୃହ ଛାଡିବା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗଣେଶ୍ୱର ଭାଇଙ୍କୁ ଉତ୍ତର ଶୁଣିବାକୁ ଇଚ୍ଛା ଅଛି। ଏହି ସମୟରେ ଗଣେଶ୍ୱର ବେହେରା ପଛକୁ ଚାହିଁ ହସି ଚାଲିଯାଇଥିଲେ।

## ବିଧାୟକ ପାଣ୍ଠି ୫ କୋଟି କରିବାକୁ ଦାବି କଲେ ତାରା

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

ବ୍ୟୟ ମଞ୍ଜୁରି ବିଲ୍ ଆଲୋଚନା ବେଳେ ପଏଣ୍ଟ ଅଫ ଅର୍ଡର ଆଣି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ବିଧାୟକମାନଙ୍କ ହାତ ପାଣ୍ଠି ୩ କୋଟି ଟଙ୍କା ରହିଛି। ଆଗରୁ ଦେଢ ଲକ୍ଷ, ୨ ଲକ୍ଷ ଟଙ୍କାରେ ଯୁବକ ସଂଘ ହୋଇଯାଉଥିଲା। ହେଲେ ଏବେ ଯୋଉ ଗାଁକୁ ଗଲେ ଯୁବପିଢୀ କ୍ଲବ ଘର, କୋଉଠି କଲ୍ୟାଣ ମଣ୍ଡପ ଆଦି କରିବାକୁ ଟଙ୍କା ମାଗୁଛନ୍ତି। ମୋ ନିର୍ବାଚନମଣ୍ଡଳୀରେ ୬୪ଟି ପଞ୍ଚାୟତ ଏବଂ ବହୁତ ୱାର୍ଡ ରହିଛି। ଆଗରୁ ସିମେଣ୍ଟ ରେଟ୍ ୧୧୪ ଟଙ୍କା ଥିଲା। ଏବେ କେତେ ହେଲା ଜାଣନ୍ତି। ୭ ଲକ୍ଷ ଟଙ୍କା ନ ଦେଲେ କୋଠା ଘର ଟିଏ ହେଇପାରୁ ନାହିଁ। ତେଣୁ ବିଧାୟକ ପାଣ୍ଠି ଯୋଉ ୩ କୋଟି ରହିଛି ତାକୁ ୫ କୋଟି କରିଦିଆଯାଉ। ଦଳମତ ନିର୍ବିଶେଷରେ ସମସ୍ତେ ଚାହୁଁଛନ୍ତି ଏହା ୫ କୋଟି ଟଙ୍କା ହେଇଯାଉ। ଲୋକଙ୍କୁ ଇଆଡୁ ସିଆଡୁ ଯେତେ ଦେଲେ ବିଧାୟକ ପାଣ୍ଠି ଦରକାର। ସବୁଠାରୁ ବଡ କଥା ଏହି ଅର୍ଥ ବାଟମାରଣା ହୋଇପାରେନି କି ଏହାକୁ ଦୁର୍ନୀତି କରାଯାଇପାରେ ନାହିଁ ବୋଲି ତାରା କହିଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every **Wednesday & Saturday**

**କର୍ମଚାରୀ ଆବଶ୍ୟକ**
ଭୁବନେଶ୍ୱରର ପଟିଆରେ ଥିବା Construction ଅଫିସରେ ଅଭିଜ୍ଞ Accountant, Data Entry Operator/Designer, Mechinery Manager, ପିଅନ, ଡ୍ରାଇଭର ଏବଂ ରୋଷେୟା ଆବଶ୍ୟକ। ରହିବା, ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ
**9937499625**

**ନିଯୁକ୍ତି ସୂଚନା** | **SAMAYA SECURITY SERVICE PVT. LTD.**
Rasulgarh (Near Bank of India) Bhubaneswar
ସିକ୍ୟୁରିଟି ଗାର୍ଡ
ସିକ୍ୟୁରିଟି ସୁପରଭାଇଜର
ନିମ୍ନ ଲିଖିତ ପଦବୀ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି। ଇପିଏଫ୍, ଇଏସ୍‌ଆଇ, ରହିବା, ଖାଇବା ସୁବିଧା ଉପଲବ୍ଧ।
**DATE OF INTERVIEW: 11 & 12 Sept, 2024**
7077591136, 9658701116, 7847996119

**JAGANNATH HOSPITAL**
SAHEED NAGAR, BHUBANESWAR
REQUIRED
Require **RECEPTION EXECUTIVE** (Male/Female) with at least one yr. experience is appreciated.
Send resume through email : jagannathhospital@yahoo.com



**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-III-21/3/2011/1837 Dated, the **04th** September, 2024

**Advertisement**

Applications are invited from Indian Nationals for engagement of 02 nos. of **Assistant (Legal)** on contractual basis in Paradip Port Authority.
For further details, visit our website: **https://paradipport.gov.in/Carrer.aspx.**

Sd/- Sr. Asst. Secretary,
Paradip Port Authority

PPA/PR/33/2024-25 Dt. 05.09.2024



**OFFICE OF THE**
**DISTRICT LEGAL SERVICES AUTHORITY, RAYAGADA**

**TENDER CALL NOTICE**

Sealed Quotations/tenders are invited from interested reputed Travel Agencies/Tour Operators/Private Individuals for providing one (01) no. of AC Petrol driven vehicle of Tiago/Bolt/Celerio (Petrol) etc. having sitting capacity not more than five (05) including driver, which shall conform to the Terms and conditions (Appendix-A) for official use in District Legal Services Authority, Rayagada Office on monthly rent basis.

For detail information, applicants are advised to visit rayagada.dcourts.gov.in and https://rayagada.odisha.gov.in and it is also made available in the notice board of District Court, Rayagada/Office of the DLSA, Rayagada/Collectorate, Rayagada and RTO, Rayagada. Applications along with relevant documents in sealed cover must reach the office of the undersigned on or before 21.09.2024 by 2.00 P.M. by Registered/Speed Post/by hand.

**Sd./- Secretary**
**District Legal Services Authority, Rayagada**

## ସଂକ୍ଷେପରେ

### ଯୋର ପାଣିରେ ପଡ଼ି ବୃଦ୍ଧ ମୃତ

କର୍ଲାମୁଣ୍ଡା/ରିଷିଡ଼ା,୧୦।୯ (ପ୍ରଦୀପ କୁମାର ସାହୁ/ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି ଯୋର ପାଣିରେ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜପୁର ପଞ୍ଚାୟତ ରାଜପୁର ଗାଁର ଦାଶରଥି ଭୋଇ (୭୦)। ସବୁଦିନ ପରି ଦାଶରଥୀ ସକାଳୁ ଗାଈ ଚରାଇବାକୁ ଯାଇଥିଲେ। ଗାଈମାନେ ରେଙ୍ଗାଲି ଯୋର ପାଣି ଭିତରେ ପଶି ଆରପଟକୁ ଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଦାଶରଥୀ ସେମାନଙ୍କୁ ଆକଟ କରିବାକୁ ଚେଷ୍ଟାକରି ପାଣି ସ୍ରୋତରେ ଭାସିଯାଇଥିଲେ। ଖବର ପାଇ କର୍ଲାମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରେଙ୍ଗାଲି ଯୋରରୁ ଦାଶରଥୀଙ୍କ ମୃତଦେହ ଉଦ୍ଧାର କରିଥିଲେ। କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ମ ରାମପୁର ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ଭବାନୀପାଟଣା,୧୦।୯(ଉତ୍ତମ କୁମାର ଦାଶ): ମା'ମାଣିକେଶ୍ୱରୀଙ୍କ ପୀଠ ଭବାନୀପାଟଣାରେ ଆସନ୍ତା ୧୩ ତାରିଖ ଶୁକ୍ରବାର ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ତିଥିରେ ନୂଆଁଖାଇ ପର୍ବ ପାଳନ କରାଯିବ। ସକାଳ ୮ଟା ୨୫ରୁ ୯ଟା ୧୫ ମିନିଟ୍ ମଧ୍ୟରେ ମା'ଙ୍କ ନିକଟରେ ନବାନ୍ନ ଲାଗି ହେବ। ପରେ ଦିନ ୧୦ଟା ୩ରୁ ୧୨ଟା ୩୬ ମିନିଟ୍ ମଧ୍ୟରେ ସର୍ବସାଧାରଣ ନବାନ୍ନ ଭକ୍ଷଣ ପାଇଁ ରାଜ ପୁରୋହିତ ଲଗ୍ନ ସ୍ଥିର କରିଥିବା ରାଜବାଟି ପକ୍ଷରୁ ସୂଚନା ଦିଆଯାଇଛି।

### ଶହେ ପରିବାରର ୪୭୦ ସଦସ୍ୟ ନୂଆଁ ଖାଇଲେ

ରିଷିଡ଼ା,୧୦।୯ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଗାନ୍ଧିନଗର ପଡ଼ା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ୧୦୦ ପରିବାରର ୪୭୦ ସଦସ୍ୟ ନୂଆଁଖାଇ ପର୍ବ ପାଳନକରି ଭାଇଚାରାର ବାର୍ତ୍ତା ଦେଇଛନ୍ତି। ପ୍ରଥମେ ମା' ମାଣିକେଶ୍ୱରୀ, ମା' ଅନ୍ନପୂର୍ଣ୍ଣା, ରାଧାକୃଷ୍ଣଙ୍କୁ ନୂଆଁ ଧାନ ଭୋଗ ଅର୍ପଣ କରିବା ପରେ ସମସ୍ତେ ଏକାଠି ନୂଆଁ ଖାଇଥିଲେ। ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବୟୋଜ୍ୟେଷ୍ଠଙ୍କୁ ମୁଣ୍ଡିଆ ମାରି ସାନମାନେ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଘାସିରାମ ସୁନା, ଚୁମ୍ବନ ସୁନା, ତ୍ରିନାଥ ନାଏକ, କମଲ କୁମାର, ସତ୍ୟନାରାୟଣ କୁମାର, ମୀନକେତନ ସୁନା, ନରେନ୍ଦ୍ର ନାଗ ସହଯୋଗ କରିଥିଲେ।

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୧୦।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଲକ୍ଷ୍ମୀଚୌକସ୍ଥିତ ଶ୍ରୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ମଣ୍ଡପଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଗଜଲକ୍ଷ୍ମୀ ପୂଜା କିପରି ସୁଚାରୁରୂପେ ପାଳନ ହେବ ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ଆଶିଷ ପଣ୍ଡା, ସମ୍ପାଦକ ଦେବଦତ୍ତ ଯୋଶୀ, କୋଷାଧ୍ୟକ୍ଷ ଆହାନ ଯୋଶୀ, ସାମାଜିକ ଗଣମାଧ୍ୟମ ପ୍ରଭାରୀ ସୁନୀଲ କୁମାର ନାଗ, ପ୍ରଦୀପ୍ତ ମାହାନା, ବିଦ୍ୟୁତ୍ ମୁଣ୍ଡ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

### ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ଖଡ଼ିଆଳ,୧୦।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସୋମନାଥ ଜଗତଙ୍କ ଅତିଥି ପରିଚୟ ପ୍ରଦାନ ପରେ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ନବାନ୍ନ ଅର୍ପଣ କରିବା ପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ଗୌରାଙ୍ଗ କୁମାର ସାହୁ, ଗଙ୍ଗାଧର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ, ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଶାନ୍ତନୁ ପଣ୍ଡା, ସୁକେଶ ପଟ୍ଟନାୟକ, ଅଶୋକ ବାରିକ, ଭୋଦେବ ସାହୁପ୍ରମୁଖ ସହଯୋଗ କରିଥିଲେ।

# ସମନ୍ୱିତ ଚାଷ କରି ଚର୍ଚ୍ଚାରେ ଯୁବଚାଷୀ

**୧୦ ପରିବାରକୁ ଦେଉଛନ୍ତି ରୋଜଗାର**

ଭବାନୀପାଟଣା,୧୦।୯ (ଉତ୍ତମ କୁମାର ଦାଶ)

ଉଚ୍ଚଶିକ୍ଷିତ ହୋଇ ମଧ ଚାକିରୀ ପଛରେ ନ ଧାଇଁ ଆଧୁନିକ ଜ୍ଞାନକୌଶଳରେ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହା ସହିତ ୧୦ ପରିବାରକୁ ରୋଜଗାର ଦେଇ ଯୁବଗୋଷ୍ଠୀ ପାଇଁ ପ୍ରେରଣା ସାଜିଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଦାବିରିଗୁଡା ଗ୍ରାମର ଯୁବଚାଷୀ ସୁଧାଂଶୁ ଦାସ। ପାଠ ପଢ଼ିବା ସମୟରୁ ତାଙ୍କ ମନରେ ଚାଷ ପ୍ରତି ଦୁର୍ବଳତା ରହିଥିଲା। ପ୍ରଥମେ ଅଧା ଏକର ଜମିରେ ପନିପରିବା ଚାଷ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ବିଭାଗ ଶହ



ଯୁବ ଚାଷୀ ସୁଧାଂଶୁ ଦାସ।

ଯୋଗାଯୋଗ କରି ପନିପରିବା ସହିତ କୁକୁଡ଼ା, ମାଛ, ଛତୁ ଚାଷ କରି ଜଣେ ସଫଳ ଚାଷୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ପାରମ୍ପରିକ ଚାଷ ପ୍ରଣାଳୀ ଛାଡି ଉନ୍ନତ ଜ୍ଞାନକୌଶଳ ମଧ୍ୟରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଅନେକ ସହାୟତା ପାଇଛନ୍ତି। କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ ସହାୟତାରେ ବର୍ତ୍ତମାନ ସେ ୫ ଏକରରେ କଦଳୀ, କାକୁଡ଼ି, ଭେଣ୍ଡି, ଫୁଲକୋବି, ଲଙ୍କା, ସଜନା ଭଳି ପନିପରିବା ଚାଷ କରିବା ସହିତ ବାଇଓ ଟ୍ୟାଙ୍କରେ ମାଛ, କୁକୁଡ଼ା ଓ ଛତୁ ଚାଷକରି ବର୍ଷକୁ ୧୫ରୁ ୨୦ଲକ୍ଷ ରୋଜଗାର କରିବା ସହିତ ଆଉ ୧୦ ଜଣଙ୍କୁ ରୋଜଗାର ଦେଉଛନ୍ତି। ଶ୍ରମିକମାନେ ପୂର୍ବରୁ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଥିଲେ। ହେଲେ ଏବେ ନିଜ ଅଞ୍ଚଳରେ ବର୍ଷ ସାରା କାମ ପାଇ ଉତ୍ସାହିତ ଅଛନ୍ତି। କେବଳ ଯେ ଚାକିରୀ କରି ଟଙ୍କା ରୋଜଗାର କରିହେବ ତା' ନୁହେଁ, ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ କିଭଳି ଅନେକ ଲୋକଙ୍କୁ ରୋଜଗାର ଦେଇହେବ ତାହାକୁ ସୁଧାଂଶୁ ପ୍ରମାଣିତ କରି ଯୁବଗୋଷ୍ଠୀଙ୍କୁ ଚାଷ ପ୍ରତି ମନ ବଳାଇବା ପାଇଁ ଆହ୍ୱାନ କରିଛନ୍ତି।

## ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଦୁଃଖରେ ମ୍ରିୟମାଣ ରାକେଶଙ୍କ ପରିବାର।

ଭବାନୀପାଟଣା,୧୦।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଦାଦନ ଦୁଃଖର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଦାଦନ ଖଟିବାକୁ ଚେନ୍ନାଇ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୁନାଗଡ ବ୍ଲକ ଚିର୍ନୈଗୁଡା ଗ୍ରାମର ରାକେଶ ସୁନା (୨୮)। ସୂଚନାକ୍ରମେ ରାକେଶ ଅଢେଇମାସ ତଳେ ଦାଦନ ଖଟିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଗାର୍ଡ ଭାବରେ ନିୟୋଜିତ ଥିଲେ। ସୋମବାର ହଠାତ୍ ତାଙ୍କୁ ଝାଡାବାନ୍ତି ହେବାରୁ ସହକର୍ମୀମାନେ ନିକଟସ୍ଥ ରୋୟାପିଥ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। ରାକେଶ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାର କହିଲେ ବୃଦ୍ଧା ମା' ସୁଲୋଚନା, ସ୍ତ୍ରୀ ଗୀତାଞ୍ଜଳି ଓ ୨ ଛୋଟ ଝିଅ ଅଛନ୍ତି। ରାକେଶଙ୍କ ମୃତ୍ୟୁ ଖବର ଶୁଣି ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଅର୍ଥାଭାବରୁ ଗାଁକୁ ମୃତଦେହ ଆସିପାରୁ ନ ଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ଏହି ଅସହାୟ ପରିବାରକୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍କଟ୍‌ଲାଣ୍ଡରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ପାଳିଲେ ନୂଆଁଖାଇ



ସ୍କଟ୍‌ଲାଣ୍ଡଠାରେ ରହୁଥିବା ପ୍ରବାସୀ ନୂଆଁଖାଇ ପାଳନ କରୁଛନ୍ତି।

ଭବାନୀପାଟଣା,୧୦।୯ (ଉତ୍ତମ କୁମାର ଦାଶ)

ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନାହିଁ। ଦେଶ ବିଦେଶରେ ଏହାକୁ ଧୁମଧାମରେ ପାଳନ କରୁଛନ୍ତି ପଶ୍ଚିମ ଓଡ଼ିଶାବାସୀ। ଏହି ପରିପେକ୍ଷୀରେ ସ୍କଟ୍‌ଲାଣ୍ଡଠାରେ ରହୁଥିବା ପ୍ରବାସୀ ଓଡ଼ିଆ ପାରମ୍ପରିକ ଢଙ୍ଗରେ ଏହାକୁ ପାଳନ କରିଛନ୍ତି। ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରର ସେଣ୍ଟ୍ରାଲ କମ୍ୟୁନିଟି ହଲ୍‌ଠାରେ ନୂଆଁଖାଇ ପାଳନ କରାଯାଇଛି। ଓଡ଼ିଶା ସୋସାଇଟି ଅଫ ସ୍କଟ୍‌ଲାଣ୍ଡ ଓ ଜୁହାର ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଓଡ଼ିଆ ନିର୍ଦ୍ଧାରିତ ଲଗ୍ନରେ ଇଷ୍ଟଦେବୀ ସମଲେଇଙ୍କ ପାଖରେ ନୂଆଅନ୍ନ ଖିରିପିଠା ଅର୍ପଣକରି ସାମୂହିକ ନବାନ୍ନ ଭକ୍ଷଣ କରିଥିଲେ। ପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ନୂଆଁଖାଇ ପାଇଁ ସ୍କଟ୍‌ଲାଣ୍ଡଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ଅଭିନେତା ସବ୍ୟସାଚୀ ମିଶ୍ର, କଂଗ୍ରେସ ନେତା ଭକ୍ତ ଚରଣ ଦାସ, ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଷୀ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ହଲି ତାରକା ଦିଲୀପ ର୍ତିକୀ, ଅଭିନେତା କୁନା ତ୍ରିପାଠୀ ପ୍ରମୁଖ ଭିଡିଓ ବାର୍ତ୍ତା ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି।

## ଭାଇ ଟାଙ୍ଗିଆ ଚୋଟରେ ଭଉଣୀ, ବାପା ଗୁରୁତର

ନୂଆପଡ଼ା,୧୦।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ସିଲଟପାଣି ଗାଁରେ ନୂଆଁଖାଇ ବାସିରେ ଅଘଟଣ ଘଟିଛି। ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭଉଣୀ ଓ ବାପା ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ ସିଲେଟପାଣି ଗାଁର ବଡ଼ଭାଇ ଭୁବନ ରଣା ଘରକୁ ଆସିବା ସମୟରେ ତାଙ୍କ ଝିଅ କାନ୍ଦୁଥିବା ଦେଖି ପଚାରିଥିଲେ। ପିଉସୀ (ଭୁବନଙ୍କ ଭଉଣୀ) ବାଡ଼େଇଥିବା ଝିଅ କହିବାରୁ ଭୁବନ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ଭଉଣୀଙ୍କୁ ଆକ୍ରମଣ କରିଥିଲେ। ବାପା ଛଡ଼ାଇବାକୁ ଯିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏଥିରେ ବାପ ଓ ଝିଅଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏ ନେଇ ତରବୋଡ ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସଙ୍କୁ ପଚାରିବାରୁ ଆମକୁ ଫୋନ ଯୋଗେ ପରିବାର ଲୋକେ ଜଣାଇଛନ୍ତି। ଲିଖିତ ଭାବରେ ଦେଇନାହାନ୍ତି। ସେମାନେ ହସ୍ପିଟାଲରୁ ଭଲ ହୋଇ ଫେରିଲେ ଲିଖିତ ଭାବରେ ଦେବେ। ତଥାପି ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଛନ୍ତି।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧନା



ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୧୦।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସଚିନ ପାୱାର ଯୋଗଦେଇ ଶିକ୍ଷକ କରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଶିକ୍ଷକ କରଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଶିକ୍ଷକ କର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଉଥିବା ସମୟର ଭିଡିଓ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ୍‌ର ବିଇଓ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡଙ୍କ ସମେତ ଡିପିସି ଅଫିସର କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଶିକ୍ଷକ କର ଗୁରୁଦିବସରେ ଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ ହୋଇଥିଲେ।

## ପ୍ରବଳ ବର୍ଷା: ଭାଙ୍ଗିଲା ଘର, ଯୋଗାଯୋଗ ବିଚ୍ଛିନ୍ନ

ଲାଞ୍ଜିଗଡ, ୧୦।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଭିନ୍ନ ଗାଁରେ ଘର ଭାଙ୍ଗିବା ସହିତ ରାସ୍ତାଘାଟ ଘାଇ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବର୍ଷା ଓ ପବନ ଯୋଗୁ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ଥୁଆଙ୍ଗପଦର ଗାଁର ଗୌର ନାଏକଙ୍କ ଘର ଭାଙ୍ଗିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଲାଞ୍ଜିଗଡ ଆଶ୍ରମପଡ଼ା ନିକଟ ରାସ୍ତାରେ ଥିବା ବ୍ରିଜର ଗୋଟିଏ ପାଖ ଧୋଇ ହୋଇଯାଇଛି। ଫଳରେ ଲାଞ୍ଜିଗଡରୁ ବିଶ୍ୱନାଥପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବିଭାଗ ପକ୍ଷରୁ ବାଲିବସ୍ତା ପକାଯାଇ ମରାମତି କରିବାକୁ କୁହାଯାଇଥିଲେ ମଧ



ରାସ୍ତାର ଗୋଟିଏ ପାର୍ଶ୍ୱ ଧୋଇଯାଇଛି।

ମଙ୍ଗଳବାର ସୁଦ୍ଧା ହୋଇପାରି ନାହିଁ। ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ପରିସରରେ ଥିବା ଏକ ନୀଳଗିରି ଗଛ ଭାଙ୍ଗି ପାର୍ଶ୍ୱରେ ଥିବା ହୋଟେଲ, ଗ୍ୟାରେଜ ଓ କୃଷ୍ଣ ବେହେରାଙ୍କ ଘର ଉପରେ ପଡିଥିଲା। ଫଳରେ ଗ୍ୟାରେଜରେ ଥିବା ମୋଟରସାଇକେଲ ଭାଙ୍ଗି ଚୂରମାର ହୋଇଯାଇଛି। ଗଛ ଭାଙ୍ଗିବାରୁ ବିଶ୍ୱନାଥପୁର ଓ ଲାଞ୍ଜିଗଡ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ସେହିପରି ଲାଞ୍ଜିଗଡରୁ ମୁନିଗୁଡାକୁ ସଂଯୋଗ କରୁଥିବା ବେଦାନ୍ତ କାରଖାନା ନିକଟ ରାସ୍ତା ଉପରେ ପାଣି ଚାଲିଥିବା ବେଳେ ଦୀର୍ଘ ଚାରିଘଣ୍ଟା ଚଳପ୍ରଚଳ ଠପ ହୋଇଯାଇଥିଲା। ଲାଞ୍ଜିଗଡ ଥାନା ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପାଣିରେ ବୁଡିରହିଥିବା ବେଳେ ଜେସିବି ଦ୍ୱାରା ରାସ୍ତା ଖୋଳି ପାଣି ନିଷ୍କାସନ କରାଯାଇଥିଲା।

## ଦୁର୍ଘଟଣାରେ ୪ ଗୁରୁତର

ବେହେରା,୧୦।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ୱେ ଗୋରୁବଜାର ଛକ ନିକଟରେ ମଙ୍ଗଳବାର ଦୁର୍ଘଟଣା ଘଟି ୪ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଆମପଣିରୁ ଧର୍ମଗଡ ଯାଉଥିବା କାର୍ ବେହେରା ଗୋରୁବଜାର ଛକ ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଗଗନ ନାଏକ, କୁନା ପୂଜାରୀ ଓ ଅଶୋକ ରାଉତ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ବାଇକ୍‌ଟି ବେହେରା ଗ୍ରାମର ଜଣେ ମହିଳାଙ୍କ ଉପରେ ମାଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପର୍ଲା ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଧର୍ମଗଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ।

## ତେରେସିଂହାରେ ନୂଆଁଖାଇ ଭେଟ୍‌ଘାଟ୍



ରିଷିଡ଼ା,୧୦।୯(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହାସ୍ଥିତ ମା' ମାଣିକେଶ୍ୱରୀ ଯୁବ କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶ୍ୱମ୍ଭର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ରଣା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହୃଷୀକେଶ ସାହୁ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ମଙ୍ଗଳ ମାଝି, ଗଦାଧର ରଣା, ଦେବାର୍ଚ୍ଚନ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଧାବଲ୍ଲଭ ନାଟ୍ୟ ସଂସଦର ପୂର୍ବତନ ସମ୍ପାଦକ କୃଷ୍ଣଚନ୍ଦ୍ର ରଣା ବିଚାରକ ଭାବେ ଯୋଗଦେଇଥିଲେ। ବୃଦ୍ଧାବୃଦ୍ଧଙ୍କୁ ଉତ୍ତରୀୟ ପ୍ରଦାନ ସହ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଭେଟଘାଟ କାର୍ଯ୍ୟକ୍ରମରେ ମାଠିଆ ପିଟା, ନୃତ୍ୟ, ଗୀତ, ଚୌକିବସା ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟେମରା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ

କୋକସରା,୧୦।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମଠାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ପରଦିନ ଗାଁର ମହୁଲ ପିଣ୍ଡାଠାରେ ଗ୍ରାମର ଗୌନ୍ତିଆ ଚୁମନ ପାତ୍ରଙ୍କ ନେତୃତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ସରପଞ୍ଚ କ୍ଷିତିରାମ ପାତ୍ର ଅଧ୍ୟକ୍ଷତାରେ ଗ୍ରାମର ବରିଷ୍ଠ ନାଗରିକ ସୁଧୀର ପାତ୍ର, ଅଶୋକ କୁମାର ଦାସ, ତୋଫାନ ମାଝି, ପଦ୍ମ ଲୋଚନ ଦଳପତି, ଚକାଡୋଳା ପାତ୍ର, ହେମନ୍ତ ବାଣୁଆ, ଦୁଷ୍ମନ୍ତ ପାତ୍ର, କମଣ୍ଡଳ ପଟେଲ, ଲୋକନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ଚଳିତ ବର୍ଷ ପାଳନ ହେବାକୁ ଥିବା ଦଶଅବତାର ଦୁର୍ଗା ପୂଜା, ଗ୍ରାମରେ ଶାନ୍ତି ଶୃଙ୍ଖଳା ଓ ଚାଷବାସ ଉପରେ ଆଲୋଚନା କରିଥିଲେ।

## ଜଳବନ୍ଦୀ ପରିବାରକୁ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର

କୋକସରା,୧୦।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମର ନେତ୍ରାନନ୍ଦ ମାଝିଙ୍କ ଘରକୁ ଲାଗି ମୁଖ୍ୟ ରାସ୍ତାରେ ଡ୍ରେନ ରହିଛି। ପୂର୍ବରୁ ଡ୍ରେନ ଦେଇ ବର୍ଷା ପାଣି ନିଷ୍କାସନ ହେଉଥିଲା। କିଛିମାସ ପୂର୍ବରୁ ଗ୍ରାମର ଜଣେ ବ୍ୟକ୍ତି ଘର ନିର୍ମାଣ କରିବାରୁ ଡ୍ରେନ୍ ଅବରୋଧ ହୋଇରହିଛି। ବର୍ଷା ହେଲେ ନେତ୍ରାନନ୍ଦଙ୍କ ଘରକୁ ପାଣି ପଶୁଛି। ଗତ ଦୁଇଦିନ ଧରି ହୋଇଥିବା ଲଗାଣ ବର୍ଷାରେ ତାଙ୍କ ମାଟି ଘରେ ପାଣି ପଶି ଆସବାବପତ୍ର, ଧାନ, ଚାଉଳ ନଷ୍ଟ ହୋଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ପରେ



ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ପୀଡିତ ନେତ୍ରାନନ୍ଦଙ୍କ ପରିବାରକୁ ସରପଞ୍ଚ କ୍ଷେତିରାମ ପାତ୍ର ଗ୍ରାମ ପଞ୍ଚାୟତର ରାଜୀବ ଭବନ ସେବା କେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି। କିଛିଦିନ ମଧ୍ୟରେ ଉକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରି ଅବରୋଧ ଥିବା ଡ୍ରେନରେ କିଭଳି ପାଣି ନିଷ୍କାସନ ହେବ ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ଲକ୍ ପ୍ରଶାସନ ବିରୋଧରେ ସରପଞ୍ଚ ସଂଘର ଧାରଣା ନିଷ୍ପତ୍ତି

କେସିଙ୍ଗା,୧୦।୯ (ତୁମେଶ୍ୱର ସାହୁ)

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ପ୍ରଶାସନ ବିରୋଧରେ ଗଣଧାରଣା ଦେବା ପାଇଁ ସରପଞ୍ଚ ସଂଘ ପକ୍ଷରୁ ଉପ ସଭାନେତ୍ରୀ ତଥା ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାରଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୫ଦଫା ଦାବି ନେଇ ଆସନ୍ତା ୧୭ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଉପସଭାନେତ୍ରୀ ପ୍ରକାଶ କରିଛନ୍ତି। ବ୍ଲକ୍‌ର ୨୬ ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସଂଘ ଦାବି କରିଛି। ସେହିପରି ସରକାର ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୨ଲକ୍ଷ ୫୦ ହଜାର ଟଙ୍କାର ଖେଳ ସାମଗ୍ରୀ ଯୋଗାଇଦେବା ପାଇଁ ବ୍ଲକ୍ କର୍ତ୍ତୃପକ୍ଷ ନିଜ ଇଚ୍ଛା ମୁତାବକ ଟେଣ୍ଡର କରିଥିଲେ। ହେଲେ ଖେଳ ସାମଗ୍ରୀ ଗ୍ରାମପଞ୍ଚାୟତକୁ ଠିକ୍ ଭାବେ ଯୋଗାଇ ଦିଆଯାଇ ନାହିଁ। ବ୍ଲକ୍ ପ୍ରଶାସନ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ଅଣଦେଖାକରି ଠିକ୍ ସମୟରେ ସମିତି ବୈଠକ ନ କରିବା, ଠିକାଦାରମାନଙ୍କୁ ହଇରାଣକରି ବିଳମ୍ବରେ ବିଲ୍ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରାୟ ଅଢେଇବର୍ଷ ହେଲା କୌଣସି କାମକୁ ମଞ୍ଜୁର ନ କରିବା ଆଦି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ଜଣାଇଛନ୍ତି। ଜିଲାପାଳ ତଦନ୍ତ ପାଇଁ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବା ନେଇ ସଂଘର ଉପ ସଭାନେତ୍ରୀ ଅଞ୍ଜୁ କୁମାର ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ସରପଞ୍ଚ ସଂଘ ତଥା ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣାଙ୍କୁ ପଚାରିବାରୁ ସଂଘ ଯାହା ନିଷ୍ପତ୍ତି ନେଇଛି ତାକୁ ମାନି ନେଇ ଗଣଧାରଣାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ, ଯାହା ତଦନ୍ତ ସାପେକ୍ଷ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବିଷକ୍ରିୟାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ): ବରଗଡ ସଦର ଥାନା ଅନ୍ତର୍ଗତ ଗାଇସୀମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷକ୍ରିୟାରେ ଗ୍ରାମର ରଜନୀ ମହାପାତ୍ର(୫୫)ଙ୍କ ମୃତ୍ୟୁ ହୋଇଛି। ସେହିପରି ତାଙ୍କ ସ୍ୱାମୀ ଡାକ୍ତର(୬୦) ଗୁରୁତର ଅସୁସ୍ଥ ହୋଇ ପଡ଼ିଛନ୍ତି। ଭୀମସାର୍, ବୁର୍ଲାରେ ସେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଏହି ଦମ୍ପତି ବିଷକ୍ରିୟା ଯୋଗୁ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତରଖାନାର ଚିକିତ୍ସକମାନେ ରଜନୀଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତାଙ୍କ ସ୍ୱାମୀ ଡାକ୍ତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ମୃତ ରଜନୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ସଦର ଥାନା ପୋଲିସ ଅଧିକ ତଦନ୍ତ କରୁଛି। ଏହି ଦମ୍ପତି କୀଟନାଶକ ପିଇଥିବା ସାଧାରଣରେ ଆଲୋଚିତ ହେଉଛି। ତେବେ କେଉଁ କାରଣରୁ ସେମାନେ କୀଟନାଶକ ପିଇଥିଲେ, ତାହା ଜଣାପଡ଼ି ନାହିଁ। ସଦର ଥାନା ପୋଲିସ ଏହାର ତଦନ୍ତ କରୁଛି।

### ଶିବିରରେ୧୫୧ ଅଭିଯୋଗର ଶୁଣାଣି

ଝାରବନ୍ଧ,୧୦।୯(ଦେବେନ୍ଦ୍ର ସାହୁ): ଝାରବନ୍ଧ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଳା, ଏଡିଏମ୍ କୁନାଲ ମୋତିରାମ ଚୌହାନ, ସିଡିଏମ୍‌ଓ ନିରୁପମା ଷଡ଼ଙ୍ଗୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେସନ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ଆବାସଗୃହ, ରାସ୍ତା ନିର୍ମାଣ, କୃଷି ଆଧାରିତ ସମୁଦାୟ ୧୫୧ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୨୨ ବ୍ୟକ୍ତିଗତ, ୨୯ ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ

ସରଣ୍ଡା,୧୦।୯(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅପାମରା କଲ୍ୟାଣ ମଣ୍ଡପଠାରେ ମା' ମାହେଶ୍ୱରୀ ସେନା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡୁମାଲ ପରିଷଦ, ଜିଲା ସଭାପତି ଗଣେଶ ପ୍ରଧାନ, ଡୁମାଲ ପରିଷଦ, ବକଟି କେନ୍ଦ୍ର ସଭାପତି ନିତ୍ୟାନନ୍ଦ ପ୍ରଧାନ, ରାଜ୍ୟ ଡୁମାଲ ପରିଷଦର ସଭ୍ୟ ସଚ୍ଚିଦାନନ୍ଦ ଛନ୍ଦ ଉଦ୍‌ଘାଟନ କରିଥିଲେ। ଭୀମ୍‌ସାର, ବୁର୍ଲା ରକ୍ତଭଣ୍ଡାରର ଡାକ୍ତର, ଟେକ୍‌ନିସିଆନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ୬ ମହିଳା ଓ ୩୭ ପୁରୁଷଙ୍କ ସହିତ ମୋଟ ୪୩ ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ମା'ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ, ଅପାମରା ମାହେଶ୍ୱରୀ ମନ୍ଦିରର ସେବାୟତ ଓ ଗ୍ରାମବାସୀ ସାହାଯ୍ୟ କରିଥିଲେ।

# ଆଜି ଶୁଣାଣି, ରାୟ ଉପରେ ସଭିଙ୍କ ନଜର

**ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ୍ ରାସ୍ତା ଜବରଦଖଲ**

- ବର୍ଷାଧିକକାଳ ଧରି ଅଟକିଛି ଉଚ୍ଛେଦ ପ୍ରକ୍ରିୟା
- ପ୍ରଶାସନର ଭୂମିକାକୁ ଚାହିଁ ବସିଛନ୍ତି ଲୋକେ



ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ପଟକୁ ଯାଇଥିବା ରାସ୍ତା।

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)– ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଦିଗହରା ହୋଇପଡ଼ିଛି। ସହରବାସୀଙ୍କ ଦୀର୍ଘଦିନର ଏହି ଦାବି ଅସମାହିତ ରହିଛି। ଗୋଟିଏ ପଟେ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଏବଂ ଅନ୍ୟପଟେ ହାଇକୋର୍ଟରେ ବିଚାରାଧିନ ମାମଲାରେ ସମୟ ଗଡ଼ିଚାଲିଛି। କିନ୍ତୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ଆଗକୁ ପ୍ରଶାସନର କିଭଳି ଭୂମିକା ରହିବ ଏବଂ କେବେ ଏହା ଉଚ୍ଛେଦ ହେବ, ତାକୁ ସହରବାସୀ ଉତ୍ସୁକତାର ସହିତ ଚାହିଁ ବସିଛନ୍ତି। ତେବେ ଉଚ୍ଛେଦକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ଶୁଣାଣି ବୁଧବାର ରହିଛି। ଉଚ୍ଛେଦ ସପକ୍ଷରେ ପୂର୍ବରୁ ଥରେ ହାଇକୋର୍ଟ ରାୟ ପ୍ରକାଶ କରି ସାରିଥିବା ଦୃଷ୍ଟିରୁ ବୁଧବାର ଶୁଣାଣିରେ ମଧ୍ୟ ଅନୁରୂପ ରାୟ ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଉଚ୍ଛେଦ ସପକ୍ଷରେ ଯଦି ରାୟ ଆସେ, ତେବେ ପ୍ରଶାସନ ତତ୍ପରତା ସହିତ ଉଚ୍ଛେଦ ପ୍ରକ୍ରିୟାକୁ ଆଗେଇ ନେବ ନା ବିଭିନ୍ନ ଆଳରେ ଜବରଦଖଲକାରୀଙ୍କୁ ପୁଣି ସୁଯୋଗ ମିଳିବ, ସେଥିପ୍ରତି ସଭିଙ୍କ ନଜର ରହିଛି।

ପ୍ରକାଶ ଯେ, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ଦେଇ ପୂର୍ବରୁ ଜାତୀୟ ରାଜପଥ ଯାଇଥିଲା। ଉକ୍ତ ରାସ୍ତା ଦିନକୁ ଦିନ ସଂକୁଚିତ ହୋଇ ପଡ଼ିଥିଲା ଏବଂ ବ୍ୟସ୍ତବହୁଳ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ସହରବାସୀ ବାରମ୍ବାର ଦାବି ପରେ ଗତବର୍ଷ ଜୁନ ମାସ ୨୧ରୁ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ଦଳମତ ନିର୍ବିଶେଷରେ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଯୁବ ସଙ୍ଗଠନ ଏକତ୍ରିତ ହୋଇ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଓହ୍ଲାଇଥିଲେ। ସହରବାସୀଙ୍କ ଆବଶ୍ୟକତା ଏବଂ ସମୂହ ସ୍ୱାର୍ଥ ସାଧନ ପାଇଁ ବରଗଡ଼ ଜିଲା ଓକିଲ ସଂଘ ଉଚ୍ଛେଦ ଦାବିକୁ ସମର୍ଥନ କରିବା ସହିତ ଏହାର ନେତୃତ୍ୱ ନେଇଥିଲା। ଏହାପରେ ତତ୍କାଳୀନ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଘଟଣାଟି ହାଇକୋର୍ଟକୁ ଯାଇଥିଲା। ରହିତାଦେଶ ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହି ସମୟ ଗଡ଼ି ଚାଲିଥିଲା। କିନ୍ତୁ ମାମଲାର ବିଚାର କରି ହାଇକୋର୍ଟ ଗତ ଫେବୃଆରୀ ୧ରେ ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ୧୫ଦିନର ନୋଟିସ୍ ଦେଇ ଜବରଦଖଲ ହଟାଇବା ପାଇଁ ଉଚ୍ଚ ନ୍ୟାୟାଳୟ ପୌର ପରିଷଦକୁ ଆଦେଶ କରିଥିଲେ। ଏହାସତ୍ତ୍ୱେ ଉଚ୍ଛେଦ କରାଯାଇ ନ ଥିଲା। ସାଧାରଣ ନିର୍ବାଚନ ଆଚରଣ ବିଧି ନେଇ ପୁଣି ସମୟ ଗଡ଼ି ଚାଲିଥିଲା।

କିନ୍ତୁ ସାଧାରଣ ନିର୍ବାଚନ ସରିବା ପରେ ମଧ୍ୟ ପ୍ରଶାସନିକ ତତ୍ପରତା ପରିଲକ୍ଷିତ ହୋଇ ନ ଥିଲା। ନିର୍ବାଚନ ସରିଲା । ସରକାର ମଧ୍ୟ ବଦଳିଲା। ଏପରିକି ସ୍ଥାନୀୟ ବିଧାୟକ ମଧ୍ୟ ବଦଳିଲେ। ତଥାପି ଉଚ୍ଛେଦ ପ୍ରକ୍ରିୟା ଆଗେଇ ନ ଥିଲା। ଅନ୍ୟପଟେ କେତେଜଣ ଜବରଦଖଲକାରୀ ଉଚ୍ଛେଦ ନ କରିବାକୁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇ ଆବେଦନ କରିଥିଲେ। ମାତ୍ର ସେ ସେହି ଆବେଦନଗୁଡ଼ିକୁ ଖାରଜ କରି ଦେଇଥିଲେ। ଗତ ଜୁଲାଇ ୧୬ରେ ପୌର ପ୍ରଶାସନ ଚିରାଚରିତ ଢ଼ଙ୍ଗରେ ପୁଣି ମାପଚୁପ କରିବା ସହିତ ଉଚ୍ଛେଦ ନେଇ ସେହିଦିନ ସନ୍ଧ୍ୟାରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିଥିଲା। ୪୮ଘଣ୍ଟା ମଧ୍ୟରେ ଜବରଦଖଲ ସ୍ଥାନ ଖାଲି କରିବାକୁ ସେହି ପ୍ରଚାରରେ ସୂଚନା ଦିଆଯାଇଥିଲା। ହେଲେ ସେହି ମିଆଦ ପୂରି ଯାଇଥିଲା। କିନ୍ତୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ତ ଦୂରର କଥା, ପ୍ରଭାବିତ ଲୋକେ ହାଇକୋର୍ଟରୁ ପୁଣି ରହିତାଦେଶ ଆଣିବାରେ ସକ୍ଷମ ହୋଇଥିଲେ। ବୁଧବାର ଏହାର ଶୁଣାଣି ରହିଛି। ତେବେ ପୂର୍ବରୁ ଗତ ଫେବୃଆରୀରୁ ହାଇକୋର୍ଟ ଉଚ୍ଛେଦ ସପକ୍ଷରେ ରାୟ ଦେଇ ସାରିଥିବାବେଳେ ଦୀର୍ଘ ୫ମାସ ଧରି ସେତେବେଳେ ପ୍ରଶାସନ ଯେଭଳି ହାତ ବାନ୍ଧି ବସିଥିଲା, ବୁଧବାର ଯଦି ଉଚ୍ଛେଦ ସପକ୍ଷରେ ରାୟ ଆସେ, ସେଭଳି ଚୁପ୍ ରହିବ ନା କ୍ରୀୟାଶୀଳ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପଦ୍ମପୁର ଉପଖଣ୍ଡରେ ନୂତନ ଉପଜିଲାପାଳଙ୍କ ଯୋଗଦାନ

ପଦ୍ମପୁର,୧୦।୯(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ନୂତନ ଉପଜିଲାପାଳ ଭାବେ ଅରୁଗୁଳା ସ୍ନେହା ମଙ୍ଗଳବାର ଯୋଗଦାନ କରିଛନ୍ତି। ପୂର୍ବ ଉପ ଜିଲାପାଳ ଆଲୋକ କୁମାର ପଟେଲଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୨ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ ଅରୁଗୁଳା। ପଦ୍ମପୁର ଉପଖଣ୍ଡରେ ଅରୁଗୁଳା ପ୍ରଥମ ଭାରତୀୟ ପ୍ରଶାସନିକ ସେବାର ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଉପଜିଲାପାଳ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

### ଶିବିରରେ ୪୩ୟୁନିଟ୍ ରକ୍ତ ସଂଗ୍ରହ

ଅତାବିରା,୧୦।୯(ହୃଷିକେଶ ଖମାରୀ)– ଭେଡ଼େନ୍ ବ୍ଲକ ଅପାମରା କଲ୍ୟାଣ ମଣ୍ଡପ ପରିସରରେ ମା' ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବରଗଡ଼ ଡୁମାଳ ପରିଷଦର ଜିଲା ସଭାପତି ଗଣେଶ ପ୍ରଧାନ, ବକଟି ଡୁମାଲ ପରିଷଦର ସଭାପତି ନିତ୍ୟାନନ୍ଦ ପ୍ରଧାନ, ରାଜ୍ୟ ଡୁମାଲ ପରିଷଦର ସଭ୍ୟ ସଚ୍ଚିଦାନନ୍ଦ ଛନ୍ଦ ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ। ଭୀମସାର୍, ବୁର୍ଲା ଡାକ୍ତରଖାନା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୪୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।



ର୍‍ୟାମ୍ପ ଶୋରେ ଭାଗ ନେଇଥିବା ପ୍ରତିଯୋଗୀ।

## ରାଇଜ ଅଫ୍ ଲାଏନ୍ସ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସୋହେଲା,୧୦।୯(ଅଶ୍ୱିନୀ କୁମାର ପାତ୍ର) ବରଗଡ଼ ଜିଲା ସୋହେଲାରେ ରାଇଜ ଅଫ ଲାଏନ୍ସ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫ ମହିଳା ସମେତ ମୋଟ ୩୧ ଜଣ ରକ୍ତଦାନ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁରୀ ର୍‍ୟାମ୍ପ ଶୋ, ଡ୍ରଇଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଡ୍ରଇଂରେ ସିନିୟର ବିଭାଗରେ ରଶ୍ମି ନାୟକ, ଝରଣା ଭୋଇ, ଯତୀନ୍ଦ୍ର ବେହେରା, ଜୁନିୟର ବିଭାଗରେ ଦୀକ୍ଷା ପ୍ରଭା କାଣ୍ଡ, ସତ୍ୟମ୍ ପାଣ୍ଡେ, ତେଜସ୍ୱିନୀ ବେହେରା, ର୍‍ୟାମ୍ପ ଶୋ ସିନିୟରରେ ମାନ୍ୟତା ନାୟକ, ରୁକଇଆ ବାନୋ, ଇଶିକା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କିଶୋର ଗଡ଼ତିଆ, ସେବକ ମେହେର, ସୁବାସିନୀ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଭେଟଘାଟ ପାଇଁ ଅନୁଷ୍ଠିତ ସଭାରେ ସୋହେଲା ଗୌନ୍ତିଆ, ଶ୍ରୀମନ୍ତ ଗୋପାଳ ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ମହମ୍ମଦ ରଫିକ ସମ୍ମାନିତ ଅତିଥି, ରାମାଶିଷ ତ୍ରିପାଠୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ରାମାଶିଷ ତ୍ରିପାଠୀଙ୍କୁ ମଞ୍ଚ ଅଭିନୟ, ନିର୍ଦ୍ଦେଶନା ଏବଂ ନାଟକ ରଚନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଜନ ପଧାନ ମଞ୍ଚ ସଂଯୋଜନା କରିଥିଲେ। ସମ୍ବଲପୁରର ପଞ୍ଚବାଦ୍ୟ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆୟୋଜନ କମିଟିରେ ସଭାପତି ଉଦିତ ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଦାସ, ଉପସଭାପତି ରୁଦ୍ର ପ୍ରତାପ ସାହୁ, ସମ୍ପାଦକ ରାହୁଲ ଠକ୍କର, ଗୌରବ ଗୁପ୍ତା, କେଶବ ବାଗ, ରାହୁଲ ବେହେରା, ଜୟନ୍ତ ପଧାନ, ସୁଜିତ ମହାନନ୍ଦ ପ୍ରମୁଖ ସଂଯୋଜନା କରିଥିଲେ। ରାହୁଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାଗରିକ କମିଟି ପକ୍ଷରୁ ଏମ୍‌ପି ପୁରୋହିତ ସମ୍ବର୍ଦ୍ଧିତ

ପାଇକମାଲ,୯।୯(ବଢ ଶତପଥି): ବରଗଡ ଏମପି ପ୍ରଦୀପ ପୁରୋହିତଙ୍କୁ ପାଇକମାଳ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କମିଟି ସଭାପତି ମନୋଜ କୁମାର ତ୍ରିବେଦୀ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଏମ୍‌ପି ପ୍ରଦୀପ ଯାଗଦେଇ ଥିବାବେଳେ କମିଟିର ବରିଷ୍ଠ ସଭ୍ୟ ଅନିଲ କାଳିଆ, ଦିଲ୍ଲୀପ ଅଗ୍ରୱାଲ, ବଡ ଶତପଥୀ, ଲିଙ୍ଗରାଜ ମିଶ୍ର, ଗୋବର୍ଦ୍ଧନ ଅଗ୍ରୱାଲ,କୋକିଲ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏମିପଙ୍କ ପ୍ରଚେଷ୍ଟା ଯୋଗୁ ବରଗଡ଼ ଭାୟା ପଦ୍ମପୁର– ନୂଆପଡା ରେଲୱେ ଲାଇନ ମଞ୍ଜୁର ହୋଇଛି। ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଥିଲା ବୋଲି କମିଟି ସଭାପତି ତ୍ରିବେଦୀ କହିଛନ୍ତି। କମିଟି ସଦସ୍ୟମାନେ ଫୁଲତୋଡ଼ା ସହ ଏକ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ନୀଳମଣି ପଣ୍ଡା ମାନପତ୍ର ପଠନ କଲାପରେ ଏମ୍‌ପି ପୁରୋହିତଙ୍କୁ ଏହା ପ୍ରଦାନ କରାଯାଇଥିଲା। ସଭାର ଉଦ୍ଦେଶ୍ୟ ଜ୍ଞାପନ ତଥା ମଞ୍ଚ ପରିଚାଳନା କରିଥିଲେ ସରୋଜ ସାମଲ। ପାଇକମାଳରେ ଏକ ଶୌଚାଳୟ ନିହାତି ଆବଶ୍ୟକ। ୨୦ ଲକ୍ଷ ଟଙ୍କା ବ୍ୟୟରେ ନିଜସ୍ୱ ପାଣ୍ଠିରେ ଏହା ନିର୍ମାଣ କରାଯିବ ବୋଲି ଏମପି ଘୋଷଣା କରିଥିଲେ। ଏଥିସହ ଅଞ୍ଚଳ ପାଇଁ ଯାହା ସମ୍ଭବ ତାହା ନିଶ୍ଚିତ କରାଯିବ ବୋଲି ସେ କହିଥିଲେ। ପାଇକମାଳ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସମାଜର ପ୍ରତିନିଧି ମଣ୍ଡଳୀର ସଭ୍ୟମାନେ ଏମପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସଂଗ୍ରାମୀ ସାଥି ପରିଷଦ ପାଣିମୋରା ସହିଦ ଗ୍ରାମରୁ ଏକ ପ୍ରତିନିଧି ଦଳ ଆସି ସମ୍ବର୍ଦ୍ଧିତ କରିବା ସହ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେବାପାଇଁ ନିମନ୍ତ୍ରଣ କରିଥିଲେ। ଶେଷରେ ବଡ ଶତପଥୀ ସମସ୍ତଙ୍କୁ ନୁଆଁଖାଇ ଜୁହାର ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ଅତାବିରା,୧୦।୯(ହୃଷିକେଶ ଖମାରୀ) ବରଗଡ଼ ଜିଲା ଅତାବିରା ବ୍ଲକ ଗମ୍ଭାରୀପାଲି ବସ୍ତି ଗଣେଶ ପୂଜା କମିଟି ତରଫରୁ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ନୃତ୍ୟ ଏବଂ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିଲା। ଅବସରପ୍ରାପ୍ତ ଯବାନ ଲଳିତ ପ୍ରଧାନ, ଗଣପତି ପ୍ରଧାନ, ଚନ୍ଦେଲି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶ୍ରୀମନ୍ତ ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ସସ୍ମିତା କର୍ଣ୍ଣ ଅତିଥି ଭାବେ ଯୋଗଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ପ୍ରଫୁଲ୍ଲ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନନ୍ଦକାହ୍ନା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଗଣେଶ ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗୌରୀଦେବୀ ଟ୍ରଷ୍ଟ ତରଫରୁ ଏମ୍‌ପି ପୁରୋହିତ ସମ୍ବର୍ଦ୍ଧିତ


ଏମପି ପୂର୍ବତନ ବିଧାୟକ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ସୋହେଲା,୧୦।୯(ଅଶ୍ୱିନୀ କୁମାର ପାତ୍ର) ସୋହେଲା ଦୁର୍ଗାମନ୍ଦିର ପରିସରରେ ମା' ଗୋରୀଦେବୀ କାର୍ଯ୍ୟାଳୟଠାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ପ୍ରମୋଦ ଦେବତା, ବଲବୀର ସିଂ ଠାକୁର, ଗିରଜେଶ ଖାଡ଼େଙ୍ଗା, ସତ୍ୟଜିତ ପଧାନ, ଲଳିତ ଅଗ୍ରୱାଲ, ଚନ୍ଦ୍ରମଣି ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଶାରଦୀୟ ଦୁର୍ଗାପୂଜା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏମ୍‌ପି ନିଜ ମତ ରଖିଥିଲେ। ଚନ୍ଦ୍ରମଣି ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ରେ ବ୍ୟାପୁଛି ସ୍କ୍ରବ ଟାଇଫସ୍

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ) ବରଗଡରେ ସ୍କ୍ରବ ଟାଇଫସ୍ ରୋଗ ବ୍ୟାପୁଛି। ସୋମବାର ସୁଦ୍ଧା ଜିଲାରେ ୩ଜଣ ସେଥିରେ ଆକ୍ରାନ୍ତ ହୋଇଛନ୍ତି ଏବଂ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଡିପିଏସଓ) ଡା. ସୁଶାନ୍ତ କର କହିଛନ୍ତି। ଅନ୍ୟପଟେ ଅମ୍ବାଭୋନା ବ୍ଲକ ବୁଙ୍ଗାପାଲି ଗ୍ରାମର ଜଣେ ଆକ୍ରାନ୍ତଙ୍କ ସ୍କ୍ରବ ଟାଇଫସ୍‌ରେ ମୃତ୍ୟୁ ହୋଇଥିବା ନେଇ ବେସରକାରୀଭାବେ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କରଙ୍କୁ ପଚାରିବାରୁ ସେ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନ ଥିବା ସେ କହିଛନ୍ତି। ଜିଲାରେ ଯେଉଁ ୩ଜଣ ରୋଗୀ ଚିହ୍ନଟ ହୋଇଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା ବୋଲି ଡା. କର କହିଛନ୍ତି।

### ପୋଲ ଉପରେ ଆଣ୍ଠୁଏ ପାଣି: ଯାତାୟାତ ବିଚ୍ଛିନ୍ନ

ପାଇକମାଲ,୧୦।୯(ବଢ ଶତପଥି) ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଭୂତମୁଣ୍ଡା ଓ ମାଣ୍ଡୋସିଲ ଡୁମେରବାହାଲ ପୋଲ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହଡି ମାରୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ପ୍ରବଳ ବର୍ଷା ଯୋଗୁ ଭୂତମୁଣ୍ଡା ଡ୍ୟାମରୁ ରବିବାର ସନ୍ଧ୍ୟାରୁ ପାଣି ଆସିବା ଯୋଗୁ ୨ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ପାଣି ସ୍ତର ବଢ଼ୁଥିବାରୁ ବୁଧବାର ଯାତାୟାତରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ମାଣ୍ଡୋସିଲ ଭୂତମୁଣ୍ଡା ଓ ମାଣ୍ଡୋସିଲ ଡୁମେରବାହାଲ ପୋଲ ଉପରେ ୨୦ ଗାଁର ଲୋକେ ଯାତାୟାତ କରିଥାନ୍ତି। ବର୍ଷା ସମୟରେ ଅଞ୍ଚଳବାସୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ପୋଲ ଉପରେ ପାଣି ପ୍ରଭାବିତ ହେଉଛି।

## ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ମେଡିକାଲ କଲେଜ ପାଇଁ ଦାବିପତ୍ର

ପଦ୍ମପୁର,୧୦।୯(ପ୍ରଦୀପ୍ତ ଦାଶ) ପଦ୍ମପୁରରେ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଏବଂ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ମଙ୍ଗଳବାର ଓକିଲ ସଂଘ ସଭାପତି ଆନନ୍ଦ କୁମାର ପଣ୍ଡା ଓ ସମ୍ପାଦକ ଚିନ୍ମୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଦ୍ମପୁର ଉପରେ ଆଖପାଖର ଯଥା ଛତିଶଗଡ଼, ନୂଆପଡ଼ା ଜିଲା, ବଲାଙ୍ଗୀର ଜିଲାର ହଜାର ହଜାର ରୋଗୀ ନିର୍ଭରଶୀଳ ଏବଂ ପଦ୍ମପୁର ଉପଖଣ୍ଡ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ଏହାର ଆବଶ୍ୟକତା ରହିଛି। ଏହି ଅଞ୍ଚଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ମେଡିକାଲ ପାଠପଢ଼ିବା ପାଇଁ ସ୍ୱପ୍ନ ଦେଖୁଥିବା ଗରିବ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଦାବିପତ୍ର ପ୍ରଦାନ ସମୟରେ ଓକିଲ ସଂଘ ଉପସଭାପତି କେଶବ ସାହୁ, ସହ ସମ୍ପାଦକ ରୋହିତ କୁମାର ଭୋଇ, ଶାନ୍ତନୁ ତ୍ରିପାଠୀ, ଆଦିତ୍ୟ ରଥ, ଗିରିବଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଓକିଲ ସଂଘ ତରଫରୁ ଦାବି ପତ୍ର ପ୍ରଦାନ କରାଯାଉଛି।

### ରେଳ ଉପଭୋକ୍ତା ସଂଘର ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ) ବରଗଡ଼–ନୂଆପଡ଼ା ରେଳପଥକୁ କେନ୍ଦ୍ର କ୍ୟାବିନେଟ ସବୁଜ ସଂକେତ ଦେଇଥିବା ଯୋଗୁ ବରଗଡ଼ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ନୂଆଖାଇ ଭେଟ୍ କାର୍ଯ୍ୟକ୍ରମରେ ଏକ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବହୁ ପ୍ରତୀକ୍ଷିତ ବରଗଡ଼–ନୂଆପଡ଼ା ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ପାଇଁ ସେ କିଭଳି ରେଳମନ୍ତ୍ରୀଙ୍କୁ ବାରମ୍ବାର ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ, ସେ ନେଇ ଲୋକସଭା ଏମପି ପୁରୋହିତ କହିଥିଲେ। ସେହିପରି ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଏବଂ ଦିଲ୍ଲୀ ତଥା ପ୍ରୟାଗରାଜ ପାଇଁ ବରଗଡ଼ ରୁଟ୍‌ରେ ସିଧାସଳଖ ଟ୍ରେନର ସୁବିଧା ଯୋଗାଇବା ପାଇଁ ସେ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ତେବେ ଗତ ୭ତାରିଖ ବରଗଡ଼ ରୋଡ୍‌ ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଖୋଲାଯାଇଥିବା ଲିଫ୍ଟକୁ ନେଇ ଉପଭୋକ୍ତା ସଂଘ ରେଳ ବିଭାଗକୁ ଧନ୍ୟବାଦ ଦେଇଥିଲେ। ମାତ୍ର ଗତ ୯ତାରିଖ ଉକ୍ତ ଲିଫ୍ଟରେ ଯାତ୍ରୀମାନେ ଥିବାବେଳେ ତାହା ତଳକୁ ଖସିଯିବା ଘଟଣାକୁ ନେଇ ଉପଭୋକ୍ତା ସଂଘ ଉଦବେଗ ପ୍ରକାଶ କରିଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଭୋକ୍ତା ସଂଘ ଡିଆରଏମଙ୍କୁ ମେଲ୍ ମାଧ୍ୟମରେ ଅବଗତ କରିଥିବା ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରୀତମ ସିଂ, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ ଏବଂ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବନ୍ଧମୁଣ୍ଡା ଥାନାରେ ଆମ ପୋଲିସ ବୈଠକ

**ବନ୍ଧମୁଣ୍ଡା,୧୦।୯ (ସୁବ୍ରତ ଦେ):** ବନ୍ଧମୁଣ୍ଡା ଥାନାଠାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନାଲ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ ରାଜନୈତିକ କର୍ମୀ, ସାମାଜିକ କର୍ମୀ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ବୈଠକରେ ଡିଏସପି ମୁଖ୍ୟତଃ ଚୋରି ଏବଂ ସାଇବର ଅପରାଧ ଉପରେ ଧ୍ୟାନ ଆକର୍ଷଣ କରି କହିଥିଲେ, ଅପରାଧକୁ ଶେଷ କରିବା ପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ଏହି ପରିପେକ୍ଷୀରେ ଯଦି ଆମେ ନିଜ ନିଜ ଘରେ ସୁରକ୍ଷା ଦୃଷ୍ଟିରେ ସିସିଟିଭି ଲଗାଇବା ତେବେ ଚୋରି ହ୍ରାସ ପାଇବ। ଏଥିସହ ଆମ ସମସ୍ତଙ୍କୁ ସାଇବର ଅପରାଧୀଙ୍କ ଜାଲରୁ ଦୂରେଇ ରହିବାକୁ ପଡିବ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କୁ ଓଟିପି ଶେୟାର ନ କରିବାକୁ ଡିଏସ୍‌ପି ଅନୁରୋଧ କରିଛନ୍ତି। ଏହି ବୈଠକରେ ମାଣିକ ଚୌଧୁରୀ, ପଦ୍ମା ରାଓ, ଭାରତୀ ସିଂ, ଚନ୍ଦନ ତରାଇ, ପ୍ରମିଳା ସୁନା, ଆକାଶ ଏକ୍କା, ନୀତୀଶ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

### ବଣାଇଁରେ ନୂତନ ଉପଜିଲାପାଳଙ୍କ ଯୋଗଦାନ



**ବଣାଇଁ,୧୦।୯(ପ୍ରଦୀପ ତ୍ରିପାଠୀ):** ବଣାଇଁ ନୂତନ ଉପଜିଲାପାଳଭାବେ ୨୦୨୨ ବ୍ୟାଚର ଆଇଏଏସ ଅକ୍ଷୟ ପିଲେଇ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବଣାଇଁ ଅଞ୍ଚଳରେ ଦୀର୍ଘଦିନ ହେବ ଜଣେ ଆଇଏଏସଙ୍କୁ ନିଯୁକ୍ତି ନେଇ ହେଉଥିବା ଦାବି ପରିଶେଷରେ ବାସ୍ତବ ରୂପ ନେବା ପରେ ଅଞ୍ଚଳର ଉନ୍ନତି ନେଇ ସାଧାରଣ ଜନତାଙ୍କ ଆଶା ଓ ଭରସା ଦ୍ୱିଗୁଣିତ ହୋଇଛି। ନବ ନିଯୁକ୍ତ ଉପଜିଲାପାଳଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

### ପୂର୍ବତନ ମନ୍ତ୍ରୀଙ୍କ ଜନ୍ମଦିନରେ ପ୍ରଦୀପ ପ୍ରଜ୍ୱଳନ

**ବଣାଇଁ,୧୦।୯(ପ୍ରଦୀପ ତ୍ରିପାଠୀ):** ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ୬୫ତମ ଜନ୍ମ ଦିନ ଉପଲକ୍ଷେ ବଣାଇଁ ବିଜୁ ଯୁବ ଜନତା ଦଳ ପକ୍ଷରୁ ବାବା ବଣେଶ୍ୱର ମନ୍ଦିରରେ ତାଙ୍କର ଦୀର୍ଘାୟୁ ତଥା ନିରାମୟ ଜୀବନ କାମନା କରି ପ୍ରାର୍ଥନା କରିବା ସହ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକ ଯୁବ ସଭାପତି ସୁରଜ ସେଠଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଜୁ ଜନତା ଦଳ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ,ମହିଳା ସଭାନେତ୍ରୀ ଦମୟନ୍ତୀ ସାଣ୍ଡିଲ,ବ୍ଲକ ଉପାଧ୍ୟକ୍ଷା ବିନତି ବେହେରା, ପୂର୍ବତନ ଉପାଧ୍ୟକ୍ଷା ସୁନାଫୁଲ ନାଗ, ଛାତ୍ର ସଭାପତି ଅଭିଷେକ ବେହେରା, ଯୁବ ନେତା ସଞ୍ଜୟ ଦାଶ, ଜମିନ କିସାନ, ଲକ୍ଷ୍ମୀ ଧର ମହନ୍ତ, ତାପସ କାଲୋ , ନିର୍ମଳ ପାତ୍ର, ଅଂଶୁ ରାଜପୁତ, ଶୁଭମ ମୁଖି ପ୍ରମୁଖ ପ୍ରାୟ ୫୦ ଜଣ ଉପସ୍ଥିତ ଥିଲେ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ଯୁବତୀମାନେ।

# ଅବନକେଲାରେ ନୂଆଁଖାଇ ଭେଟଘାଟ

**ସୁନ୍ଦରଗଡ,୧୦।୯ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଅବନକେଲାରେ ନୂଆଁଖାଇ ଭେଟଘାଟ ପାଳନ କରାଯାଉଛି। ରବିବାର ସକାଳେ ଗାଁର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନବାନ୍ନ ଲାଗି ପରେ ଅବନକେଲା ଗାଁର ଘରେ ଘରେ ସମସ୍ତେ ନିଜ ନିଜ ଇଷ୍ଟ ଦେବାଙ୍କୁ ପୂଜା କରି ନବାନ୍ନ ଖାଇଥିଲେ। ଚାଷୀ ଭାଇମାନେ ଖେତକୁ ଯାଇ କ୍ଷୀର ଢାଳି ମାଟି ମା'କୁ କୃତଜ୍ଞତାର ଜୁହାର ଜଣାଇଥିଲେ ଅନ୍ନ ମୁଠେ ପାଇଁ। ପରେ ବୟୋଜ୍ୟେଷ୍ଠଙ୍କୁ ଜୁହାର କରି ଆଶୀର୍ବାଦ ନେଇଥିଲେ କନିଷ୍ଠ। ସନ୍ଧ୍ୟାରେ ଭାଇଚାରାର ପର୍ବରେ ଭାତୃତ୍ୱ ଭାବନେଇ ଅବନକେଲା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଗାଁର ସମସ୍ତେ ଏକତ୍ରିତ ହୋଇଥିଲେ। ଗାଁର କୁନି କୁନି ଛୁଆମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା ଓ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଗଣେଶ ପୂଜା କମିଟିର କର୍ମକର୍ତ୍ତା ସମଲେଇଙ୍କୁ ପୂଜା କରି ନୂଆଁଖାଇ ଭେଟଘାଟର ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଲେଫ୍ରିପଡା ଚେୟାରମେନ ନରେଶ ପ୍ରତାପ ସିଂହ, ଗେଲବତି ପଟେଲ, ଅମିତ ପଟେଲ, ଜଟିଆ ମୁଣ୍ଡା, ବିରେନ୍ଦ୍ର ପଟେଲ, କିଶୋର ପଟେଲ, ଶୁଭମ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବକବି ଫିରୋଜ କୁମାର ପଟେଲ ଓ ମିରାନନ୍ଦ ସେଟ ପରିଚାଳନା କରିଥିଲେ। ପରେ ଅବନକେଲା ଗାଁର ନୂଆଁଖାଇ ମଞ୍ଚରେ ପଶ୍ଚିମ ଓଡ଼ିଶାରେ ଅନେକ କବି କଳାକାର, ଜାଦୁଗର, ହାସ୍ୟ ଅଭିନେତା, ମିମିକ୍ରି ମେନଙ୍କ ମହାମିଳନ ହୋଇଥିଲା। କଣ୍ଠ ଶିଳ୍ପୀ ଅନନ୍ତ ନାଏକଙ୍କ ମଧୁଭରା କଣ୍ଠରେ ଝୁମିଥିଲେ ଦର୍ଶକ। ହାସ୍ୟଅଭିନେତା ଦୁଲାଚାନ୍ଦ ବଡେକ, ମନୋରଞ୍ଜନ ପଟେଲ ଓ ବଣ୍ଟି ନାଏକ ହସେଇ ହସେଇ ଦର୍ଶକଙ୍କୁ ବେଦମ କରିଥିଲେ । ରଙ୍ଗାରଙ୍ଗ ନୃତ୍ୟରେ ବିମୋହିତ କରିଥିଲେ ରାଉରକେଲାରୁ ଆସିଥିବା ନୃତ୍ୟ ଶିଳ୍ପୀମାନେ।

## ଜରାଶ୍ରମ ଅନ୍ତେବାସୀଙ୍କ ସହ ନୂଆଁଖାଇ ପାଳିଲେ ଟିମ୍ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ,୧୦।୯(ଜୟ ନାରାୟଣ ମେଣ୍ଡୁଲି)**

ଟିମ୍ ଶଶ୍ମାନ ବନ୍ଧୁ ପ୍ରତିବର୍ଷ ଭଳି ଚଳିତବର୍ଷ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଲୁହୁରାଡିପା ହାଉସିଂବୋର୍ଡସ୍ଥିତ ଜରାଶ୍ରମ ପରିସରରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରା, ଜୟ ଜଗନ୍ନାଥ ଟ୍ରକ ଆସୋସିଏଶନ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସଞ୍ଜୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସିଦ୍ଧାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ନବାନ୍ନ ଭକ୍ଷଣ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଘରେ ଘରେ ମହା ଆଡମ୍ବରରେ ପାଳନ କରାଯାଉଥିବା ବେଳେ କୌଣସି କାରଣରୁ ଜରାଶ୍ରମରେ ବାସ କରୁଥିବା ଅନ୍ତେବାସୀମାନେ ସମର୍ପିତ ସେବା ସଂସ୍ଥାନର ପ୍ରୟାସରେ ଏହି ଗଣପର୍ବରୁ ବାଦ ନ ପଡି ପ୍ରତିବର୍ଷ ନୂଆଁଖାଇ ପାଳନ କରୁଥିବାରୁ ଟିମ୍‌କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରା ଏଭଳି କାର୍ଯ୍ୟ ପାଇଁ ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ଅତିଥି ସଞ୍ଜୟ ନନ୍ଦ ଟିମ୍ ଶ୍ମଶାନ ବନ୍ଧୁର ସାମାଜିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଜରାଶ୍ରମର ସୁଖ ଦୁଃଖରେ ସର୍ବଦା ତାଙ୍କର ସହଯୋଗ ରହିବାର ପ୍ରତିଶ୍ରୁତି ଦେଇଥିଲେ। ଭେଡାବାହାଲ କଲେଜ ଅଧ୍ୟାପକ ପ୍ରିୟଦର୍ଶୀ ଅଶୋକ କୁମାର ବରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଅତିଥିଙ୍କ ଦ୍ୱାରା ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯିବା ସହିତ ନୂତନ ଧାନରେ ପ୍ରସ୍ତୁତ ଭୋଗ ସହିତ ଖିରି, ପିଠା ଓ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟିମ୍‌ର ସଦସ୍ୟ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ, ପ୍ରଭାତ କୁମାର ଭୋଳ, ଦେବାଶିଷ ଦାସ, ପଙ୍କଜ ଠାକୁର, ସମୀର ପଟ୍ଟନାୟକ, ମନୋଜ ସାହୁ, ଜୟନ୍ତ ଧଳ, ଅମରଜିତ ସିଂ, ଜ୍ୟୋତିଷ ବିଶ୍ୱାଳ, ପ୍ରଶାନ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କ ସହିତ ନବାନ୍ନ ଭକ୍ଷଣ କରିଥିଲେ।

## ବିଷକ୍ରିୟାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ସଦର ଥାନା ଅନ୍ତର୍ଗତ ଗାଇସୀମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷକ୍ରିୟାରେ ଗ୍ରାମର ରଜନୀ ମହାପାତ୍ର(୫୫)ଙ୍କ ମୃତ୍ୟୁ ହୋଇଛି। ସେହିପରି ତାଙ୍କ ସ୍ୱାମୀ ଡାକ୍ତର(୬୦) ଗୁରୁତର ଅସୁସ୍ଥ ହୋଇ ପଡ଼ିଛନ୍ତି। ଭୀମସାର୍, ବୁର୍ଲାରେ ସେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଏହି ଦମ୍ପତି ବିଷକ୍ରିୟା ଯୋଗୁ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତରଖାନାର ଚିକିତ୍ସକମାନେ ରଜନୀଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତାଙ୍କ ସ୍ୱାମୀ ଡାକ୍ତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ମୃତ ରଜନୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ସଦର ଥାନା ପୋଲିସ ଅଧିକ ତଦନ୍ତ କରୁଛି।

## ବରଗଡ଼ରେ ବ୍ୟାପୁଛି ସ୍କ୍ରବ ଟାଇଫସ୍

**ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡରେ ସ୍କ୍ରବ ଟାଇଫସ୍ ରୋଗ ବ୍ୟାପୁଛି। ସୋମବାର ସୁଦ୍ଧା ଜିଲାରେ ୩ଜଣ ସେଥିରେ ଆକ୍ରାନ୍ତ ହୋଇଛନ୍ତି ଏବଂ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଡିପିଏସଓ) ଡା. ସୁଶାନ୍ତ କର କହିଛନ୍ତି। ଅନ୍ୟପଟେ ଅମ୍ବାଭୋନା ବ୍ଲକ ବୁଙ୍ଗାପାଲି ଗ୍ରାମର ଜଣେ ଆକ୍ରାନ୍ତଙ୍କ ସ୍କ୍ରବ ଟାଇଫସ୍‌ରେ ମୃତ୍ୟୁ ହୋଇଥିବା ନେଇ ବେସରକାରୀଭାବେ ସୂଚନା ମିଳିଛି।

## ରାଇଜ ଅଫ୍ ଲାଏନ୍ସ ପକ୍ଷରୁ ନୂଆଁଖାଇ ଭେଟଘାଟ

**ସୋହେଲା,୧୦।୯(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ରାଇଜ ଅଫ ଲାଏନ୍ସ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫ ମହିଳା ସମେତ ମୋଟ ୩୧ ଜଣ ରକ୍ତଦାନ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁରୀ ରାମ୍ପ ଶୋ, ଡ୍ରଇଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଡ୍ରଇଂରେ ସିନିୟର ବିଭାଗରେ ରଶ୍ମି ନାୟକ, ଝରଣା ଭୋଇ, ଯତୀନ୍ଦ୍ର ବେହେରା, ଜୁନିୟର ବିଭାଗରେ ଦୀକ୍ଷା ପ୍ରଭା କାଣ୍ଡ, ସତ୍ୟମ୍ ପାଣ୍ଡେ, ତେଜସ୍ୱିନୀ ବେହେରା, ରାମ୍ପ ଶୋ ସିନିୟରରେ ମାନ୍ୟତା ନାୟକ, ରୁକଇଆ ବାନୋ, ଇଶିକା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କିଶୋର ଗଡ଼ତିଆ, ସେବକ ମେହେର, ସୁବାସିନୀ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଭେଟଘାଟ ପାଇଁ ଅନୁଷ୍ଠିତ ସଭାରେ ସୋହେଲା ଗୌନ୍ତିଆ, ଶ୍ରୀମନ୍ତ ଗୋପାଳ ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ମହମ୍ମଦ ରଫିକ ସମ୍ମାନିତ ଅତିଥି, ରାମାଶିଷ ତ୍ରିପାଠୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ରାମାଶିଷ ତ୍ରିପାଠୀଙ୍କୁ ମଞ୍ଚ ଅଭିନୟ, ନିର୍ଦ୍ଦେଶନା ଏବଂ ନାଟକ ରଚନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଜନ ପଧାନ ମଞ୍ଚ ସଂଯୋଜନା କରିଥିଲେ। ସମ୍ବଲପୁରର ପଞ୍ଚବାଦ୍ୟ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆୟୋଜନ କମିଟିର ସଭାପତି ଉଦିତ ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଦାସ, ଉପସଭାପତି ରୁଦ୍ର ପ୍ରତାପ ସାହୁ, ସମ୍ପାଦକ ରାହୁଲ ଠକ୍କର, ଗୌରବ ଗୁପ୍ତା, କେଶବ ବାଗ, ରାହୁଲ ବେହେରା, ଜୟନ୍ତ ପଧାନ, ସୁଜିତ ମହାନନ୍ଦ ପ୍ରମୁଖ ସଂଯୋଜନା କରିଥିଲେ। ରାହୁଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଣ୍ଡିଆରେ ଜିଲାପାଳଙ୍କ ମୁକ୍ତ ଅଭିଯୋଗ ଶୁଣାଣି



**ବଣାଇଁ,୧୦।୯(ପ୍ରଦୀପ ତ୍ରିପାଠୀ)**

ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲା ପ୍ରଶାସନ ଅଧିକାରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଛନ୍ତି। ମୋଟ ୧୨୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୩୨ ଏବଂ ଦଳଗତ ୯୩ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା, ଜମିବାଡି ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ରହିଥିବା ବେଳେ ଦଳଗତ ଅଭିଯୋଗ ମଧ୍ୟରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗୀକରଣ, ଆଲୋକୀକରଣ, ଜଳସେଚନ, ଟେଲି ଯୋଗାଯୋଗ ବ୍ୟବସ୍ଥା ନେଇ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ ଜଣଙ୍କୁ ବିଧବା ଭତ୍ତା, ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୩ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏଁ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁର ନୂତନ ଉପଜିଲାପାଳ ଅକ୍ଷୟ ପିଲେଇ, ପଶ୍ଚିମାଞ୍ଚଳ ଡିଆଇଜି ତଥା ରାଉରକେଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଗୁରୁଣ୍ଡିଆ ତହସିଲଦାର ଶିବ ପ୍ରସାଦ ମୁର୍ମୁ, ବିଡିଓ ମିହିର ରଞ୍ଜନ ବେହେରା, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିଶଦର୍ଶୀ ସାହୁ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ ।

## ଓଡ଼ିଶା ସବ୍ ଜୁନିୟର ଫୁଟବଲ ଦଳରେ ବନ୍ଧମୁଣ୍ଡାର ୭ ଖେଳାଳି



ମନୋନୀତ ହୋଇଥିବା ଖେଳାଳି।

**ବନ୍ଧମୁଣ୍ଡା,୧୦।୯(ସୁବ୍ରତ ଦେ)**

ଓଡ଼ିଶା ସବ୍ ଜୁନିୟର ଫୁଟବଲ ଦଳରେ ବନ୍ଧମୁଣ୍ଡାସ୍ଥିତ ପ୍ରଗତି କ୍ଲବ୍‌ର ମୋଟ ୭ ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। କ୍ଲବର ଆର୍ଯ୍ୟାନ ଓରାମ, ସୁମିତ ଏକ୍କା, ମୋହିତ ଯାଦବ, ଆଦିତ୍ୟ ଖାଲଖୋ, ସତ୍ୟଜିତ ସିଂ, ଇଜିଲି ଆଶିଷ ତିଗ୍ଗା, ମୃତ୍ୟୁଞ୍ଜୟ ସିଂ ଗୁରୁଙ୍ଗ ଓଡ଼ିଶା ସବ୍ ଜୁନିୟର ଫୁଟବଲ ଦଳରେ ମନୋନୀତ ହୋଇଛନ୍ତି। ସମସ୍ତ ମନୋନୀତ ଖେଳାଳିଙ୍କ ବୟସ ୧୩ ବର୍ଷରୁ କମ୍। କର୍ନାଟକ ରାଜ୍ୟର ବେଙ୍ଗାଲୁରୁରେ ଖେଳ ଅନୁଷ୍ଠିତ ହେବ। ସମସ୍ତ ଖେଳାଳି ବେଙ୍ଗାଲୁରୁ ଯାଇସାରିଛନ୍ତି। ତାଙ୍କ ସହ ଦଳର ପ୍ରଶିକ୍ଷକ ସିଦ୍ଧେଶ୍ୱର ବୋଦରା ଏବଂ କ୍ଲବ ସଭାପତି ଶାଙ୍କୋ ମାରାଣ୍ଡି ଉପସ୍ଥିତ ଅଛନ୍ତି। ଓଡ଼ିଶା ସବ୍ ଜୁନିୟର ଦଳରେ ଏହି ଖେଳାଳି ଚୟନ ହେବା ପରେ କ୍ଲବର ବରିଷ୍ଠ ସଦସ୍ୟ ଶିବା ସିଂ, ଥୋମାସ ଭେଙ୍ଗ୍ରା, କାର୍ତ୍ତିକ ମାହାତୋ, ରାମୁଦାସ ତନ୍ତୀ, ଆନନ୍ଦ ଲାକ୍ରା, ରମେଶ ଓରାମ, ଛୋଟୁ ମାହାତୋ ଏବଂ ଏହି ଅଞ୍ଚଳର ସମସ୍ତ କ୍ରୀଡ଼ାପ୍ରେମୀ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖେଳାଳିଙ୍କ ଏହି ସଫଳତା ପାଇଁ କୋଚ ବୋଦରା ଖୁସି ବ୍ୟକ୍ତ କରିଛନ୍ତି।

## ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ମେଡିକାଲ କଲେଜ ପାଇଁ ଦାବିପତ୍ର

**ପଦ୍ମପୁର,୧୦।୯(ପ୍ରଦୀପ୍ତ ଦାଶ)**

ପଦ୍ମପୁରରେ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଏବଂ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ମଙ୍ଗଳବାର ଓକିଲ ସଂଘ ସଭାପତି ଆନନ୍ଦ କୁମାର ପଣ୍ଡା ଓ ସମ୍ପାଦକ ଚିନ୍ମୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଦ୍ମପୁର ଉପରେ ଆଖପାଖର ଯଥା ଛତିଶଗଡ଼, ନୂଆପଡ଼ା ଜିଲା, ବଲାଙ୍ଗିର ଜିଲାର ହଜାର ହଜାର ରୋଗୀ ନିର୍ଭରଶୀଳ ଏବଂ ପଦ୍ମପୁର ଉପଖଣ୍ଡ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ଏହାର ଆବଶ୍ୟକତା ରହିଛି। ଏହି ଅଞ୍ଚଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ମେଡିକାଲ ପାଠପଢ଼ିବା ପାଇଁ ସ୍ୱପ୍ନ ଦେଖୁଥିବା ଗରିବ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଦାବିପତ୍ର ପ୍ରଦାନ ସମୟରେ ଓକିଲ ସଂଘ ଉପସଭାପତି କେଶବ ସାହୁ, ସହ ସମ୍ପାଦକ ରୋହିତ କୁମାର ଭୋଇ, ଶାନ୍ତନୁ ତ୍ରିପାଠୀ, ଆଦିତ୍ୟ ରଥ, ଗିରିବଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଓକିଲ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସରକାରୀ ମହିଳା କଲେଜରେ ନୂଆଁଖାଇ ଭେଟଘାଟ

**ସୁନ୍ଦରଗଡ,୧୦।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଙ୍ଗଳବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଇନ୍ଦିରା ଗଡନାୟକ ଅଧ୍ୟକ୍ଷତା କରି ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ନୂଆଁଖାଇର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡିଶାର ଏହି ମହାନ ଗଣପର୍ବ ସମସ୍ତଙ୍କୁ ସ୍ନେହ ଡୋରିରେ ବାନ୍ଧି ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ପ୍ରଫେସର ଡ.ଚିତ୍ତରଞ୍ଜନ ବାରିକ ନୂଆଁଖାଇ ଆମ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିଛି ବୋଲି କହିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଏକତ୍ର ବସି ନବାନ୍ନ ଭୋଜନ କରିଥିଲେ।




ନୂଆଁଖାଇ ପାଳନ ଅବସରରେ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

# ଏକତାର ନିଆରା ପରମ୍ପରା ନୂଆଁଖାଇ ଭେଟ୍‌ଘାଟ

## ସଂକ୍ଷେପରେ

### ପଟ୍ଟନାୟକପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ସମ୍ବଲପୁର,୧୦।୯(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପଟ୍ଟନାୟକପଡା ଦୁର୍ଗାପୂଜା ସକାଶେ ମଙ୍ଗଳବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁର୍ଗାପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । କମିଟି ସଭାପତି ରାଜେଶ ବହିଦାର, ସମ୍ପାଦକ ଭାବେ ରାଗେଁଦ୍ରନାଥ ଷଡଙ୍ଗୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଉପ ସଭାପତି ରାଜେନ ମିଶ୍ର, ସହ ସମ୍ପାଦକ ମନରଞ୍ଜନ ପ୍ରଧାନ ଓ ପ୍ରାଣକିଶୋର ମିଶ୍ର, କୋଷାଧକ୍ଷ ସନ୍ତୋଷ ବଡ଼େଇ, ସହ କୋଷାଧକ୍ଷ ବିକାଶ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି । ପୂଜା ପରିଚାଳନା କରିବା ପାଇଁ ନିର୍ଦ୍ଦେଶକ ଭାବେ ଆଶିଷ କୁଅଁରଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ ବସନ୍ତ ମିଶ୍ର ଓ ସମିତ ସ୍ୱାଇଁ, କାର୍ଯ୍ୟକାରୀ କମିଟିରେ ଦୀପକ ମିସ୍ତ୍ରୀ, ବୁଲୁ ମହାରଣା, ରବି ଦଳେଇ ଶଶାଙ୍କ ଜେନା, ଆଭାସ ପଣ୍ଡା, ପ୍ରିୟରଞ୍ଜନ ବେହେରା, ସମୀର ମିଶ୍ର ମନୋନୀତ ହୋଇଛନ୍ତି ।

### ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୮ ଜଣଙ୍କୁ ସହାୟତା ପ୍ରଦାନ

ସମ୍ବଲପୁର,୧୦।୯(ବି.ଶଙ୍କର)

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୬ଜଣଙ୍କୁ ପାଠପଢା ଏବଂ ୨ ଜଣଙ୍କୁ ଚିକିତ୍ସା ସକାଶେ ମୋଟ ୯୧ ହଜାର ୫ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତା ରାଶି ମଞ୍ଜୁର କରାଯାଇଥିଲା। ୨୦୨୫ ମସିହା ମେ ମାସ ଯାଏ ମାସିକ ସାଢ଼େ ୩ ହଜାର ଟଙ୍କା ଜଣେ ଛାତ୍ରୀ, ମାସିକ ୩ ହଜାର ଟଙ୍କା ଜଣେ ଛାତ୍ରୀ ଏବଂ ୨୦୨୫ ମସିହା ମାର୍ଚ୍ଚ ମାସ ଯାଏ ୨ ଜଣଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ସହାୟତା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକର ଆଲୋଚନାରେ କୋଷାଧକ୍ଷ ସ୍ୱରୂପ ପୁରୋହିତ, ସଭ୍ୟବୃନ୍ଦ ଡ.ନିରୂପମା ବଡପଣ୍ଡା, ଦେବାଶିଷ ନନ୍ଦ, ବିପିନ ବିହାରୀ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ନନ୍ଦ ଭାଗ ନେଇଥିଲେ ।

### ଛାତିରେ ଯନ୍ତ୍ରଣା ପରେ ଡାକ୍ତରଖାନା ବୁଲି ଜୀବନ ଗଲା

■ଗୃହରକ୍ଷୀ ସୁଶାନ୍ତ ପଣ୍ଡାଙ୍କ ହୃଦ୍‌ଘାତରେ ପରଲୋକ
■ସମ୍ବଲପୁରରେ ହୃଦ୍‌ଘାତ ଚିକିତ୍ସାର ବିକଳ ଚିତ୍ର

ସମ୍ବଲପୁର,୧୦।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କ୍ଷେତରାଜପୁର ଥାନା ଅଧୀନରେ କାର୍ଯ୍ୟରତ ଗୃହରକ୍ଷୀ ସୁଶାନ୍ତ ପଣ୍ଡାଙ୍କର ସୋମବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାତି ୧୧ଟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସଦର ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭିମସାର ରେଫର କରାଗଲା। ଭିମସାରରେ ତାଙ୍କୁ ଇଞ୍ଜେକସନ ଦେଇ ଘରକୁ ପଠେଇ ଦିଆଯାଇଥିଲା । ଘରକୁ ଫେରିବା ପରେ ପୁନର୍ବାର ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ପୁଣି ତାଙ୍କୁ ମୁଦିପଡାର ଏକ ଘରୋଇ ନର୍ସିଂହୋମ୍ ନିଆଯାଇଥିଲଶ। ହେଲେ ସେଠାକାର ଡାକ୍ତର ଆଉ ଏକ ନର୍ସିଂହୋମକୁ ପଠାଇ ଦେଲେ। ଶେଷରେ ସମ୍ପୃକ୍ତ ନର୍ସିଂହୋମ ଯିବା ରାସ୍ତାରେ ସୁଶାନ୍ତଙ୍କର ପରଲୋକ ହୋଇଗଲା । ଖବର ପାଇ ଡିଏସ୍‌ପି ପ୍ରଦୀପ କୁମାର ଦାସ, ହୋମଗାର୍ଡ ଡିଏସ୍‌ପି ବିଲକିସ ବିବି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଆଗାମୀ ଦିନରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରି ମୃତକ ଗୃହରକ୍ଷୀଙ୍କ ପରିବାରକୁ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିଖିଳ ଉତ୍କଳ ଗୃହରକ୍ଷୀ ସଂଘ ସଭାପତି ସୁଶାନ୍ତ ପ୍ରଧାନ, କୋଷାଧକ୍ଷ ପ୍ରତାପ ପାଢ଼ୀ, ସମ୍ପାଦକ ରଶ୍ମି ରଞ୍ଜନ ପଣ୍ଡାଙ୍କ ସହିତ ସଂଘର କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ପଟେଲ, ମାନସ ସାହୁ, ସୁରେନ୍ଦ୍ର ଜାନି, ପ୍ରମୋଦ ମେହେର, ଦୁର୍ଗା ମାଝି ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ତେବେ ସମ୍ବଲପୁରରେ ହୃଦ୍‌ରୋଗ ଚିକିତ୍ସାକୁ ନେଇ କିଭଳି ସ୍ଥିତି ରହିଛି ତାହା ଏହି ଘଟଣାରୁ ସ୍ପଷ୍ଟ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ସିନ୍ଧୁରପଙ୍କ ନୂଆଁଖାଇ ଭେଟ୍‌ଘାଟ



ସିନ୍ଧୁରପଙ୍କରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ଅତିଥି ଓ କାର୍ଯ୍ୟକର୍ତ୍ତା ।

ସମ୍ବଲପୁର,୧୦।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୯ ନମ୍ବର ୱାର୍ଡର ସିନ୍ଧୁରପଙ୍କ କଲ୍ୟାଣ ମଣ୍ଡପଠାରେ ସିନ୍ଧୁରପଙ୍କ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବିକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମ୍ବଲପୁରୀ ଲୋକ ଗାୟିକା ନୁର ବେଗମ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସିନ୍ଧୁରପଙ୍କ ଶେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଭଗତ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ ନୂଆଁଖାଇ ଏକ ଭାବର ବନ୍ଧନ। ସାଧାରଣ ମଣିଷକୁ ନିଜର ଇଷ୍ଟ ସହ ଜୋଡିବା, ସମର୍ପଣ କରିବାର ପର୍ବ। ଭେଟ୍‌ଘାଟ ଏକତାର ଏକ ନିଆରା ପରମ୍ପରା ବୋଲି କହିଥିଲେ। ଉତ୍ସବରେ ନୁର ବେଗମଙ୍କ ଦ୍ୱାରା ଫଟାଇ ଖାଇଲି ବେଳ କୋକିଳରେ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଗୁରୁ ତେଜରାଜ ନାୟକଙ୍କ ନେତୃତ୍ୱରେ ଭରନୀ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସିନ୍ଧୁରପଙ୍କର ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗାସନ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସୁଶାନ୍ତ ସାହୁ, ଅନମୋଲ ଦାଶ, ପ୍ରଜ୍ୱଳ ପଣ୍ଡା, ସୌରଭ ଦାଶ, ନିଗମ ଦାଶ, ସୁକମାର ସ୍ୱରାଜ, ରାହୁଲ ଗୁପ୍ତା, ରାଜେଶ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ସିନ୍ଧୁରପଙ୍କଠାରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ କଳାକାରମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## କବରାପାଲିରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲି ଶ୍ରୀରାମ ମନ୍ଦିର କଲ୍ୟାଣ ମଣ୍ଡପରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କବରାପାଲି ଗାଁର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭେଟ୍‌ଘାଟରେ କୃଷି କ୍ଷେତ୍ରରେ ଯୋଗଦାନ ପାଇଁ ଗ୍ରାମର ମହିମା ପ୍ରସାଦ ବଢାଇ, ଦେଶର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଯବାନ ପ୍ରଦୀପ ବାଗ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ପାଇଁ ଡାକ୍ତର ସମିତ ବଢାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ହାସ୍ୟ ରସାତ୍ମକ ଅଭିନୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ କବିତା ପାଠ ଆଦି କରାଯିବା ସହ ଗ୍ରାମରେ ରହିଥିବା ପ୍ରତିଭାଗୁଡିକୁ ପ୍ରଦର୍ଶନ କରାଯିବାର ସୁଯୋଗ ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସନ୍ଦିପ ସାହୁ, ହେମନ୍ତ ସାହୁ, ନିଲେସ ସାହୁ, ଦିବ୍ୟା ସାହୁ, ନରେଶ ବାଗ,ରଞ୍ଜିତ ପଧାନ, ମନୋଜ ପଧାନ,ଦିଲିପ ବଢାଇ, ଗୋବିନ୍ଦ ସାହୁ, ଶରତ ସାହୁ ସହଯୋଗ କରିଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ



ଠେମରାରେ ଭେଟ୍‌ଘାଟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ।

**ଠେମରାରେ ନୂଆଁଖାଇ ଭେଟ୍‌ଘାଟ**

ସମ୍ବଲପୁର ମହାନଗର ଅନ୍ତର୍ଗତ ୪୧ ନମ୍ବର ୱାର୍ଡର ଠେମରା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ନୂଆଁଖାଇ ଭେଟ୍‌ଘାଟ ଆୟୋଜିତ ଯାଇଛି। ସମଲେଇ ମନ୍ଦିରରୁ ମା'ଙ୍କ ଆଜ୍ଞାମାଳ ଅଣାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ଗାଁର ଗଉଁତିଆ ରାମଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ପ୍ରାରମ୍ଭରେ ଗ୍ରାମର ବରିଷ୍ଠ ନାଗରିକ ତଥା ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ବଇେଇ, ଲଳିତ ମୋହନ ନାଥ, ସଦାନନ୍ଦ ମିଶ୍ର, ଅଶ୍ୱିନୀ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବରିଷ୍ଠ କଳାକାର ପ୍ରମୋଦ କୁମାର ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ବାଳକୃଷ୍ଣ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହାପରେ ଗ୍ରାମର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତକାର ଏବଂ ଗାୟକ ଜଗଦୀଶ ତ୍ରିପାଠୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଗାଁର ପଞ୍ଚମ ଶ୍ରେଣୀ ଟପ୍ପର ମନୀଷା ଭୋଇ, ସପ୍ତମ ଶ୍ରେଣୀ ଟପ୍ପର ତନ୍ମୟ ପ୍ରଧାନ, ଦଶମ ଶ୍ରେଣୀ ଟପ୍ପର ଆକାଶ ମିର୍ଦ୍ଧାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଶ୍ୱଜିତ ନାଥ, ସପନ ନାଥ, ଶୀତିକଣ୍ଠ ମିଶ୍ର, ସୁବ୍ରତ ବିଶ୍ୱାଳ, ଓମପ୍ରକାଶ ନାଥ, ବର୍ଷ୍ଣି ମାହାନା, ଶୁଭମ ନାଥ, ସ୍ୱପ୍ନିଳ ପଣ୍ଡା ଭେଟ୍‌ଘାଟ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ନୂଆଦିଲ୍ଲୀରେ ନୂଆଁଖାଇ ପାଳିତ



ଗଣପର୍ବ ନୂଆଁଖାଇ କାର୍ଯ୍ୟକ୍ରମରେ ଅତିଥି, କର୍ମକର୍ତ୍ତା ଓ କଳାକାରମାନେ ।

ସମ୍ବଲପୁର,୧୦।୯(ବି.ଶଙ୍କର)

ନୂଆଁଖାଇ ନ୍ୟାଶନାଲ ସେଲିବ୍ରେଶନ କମିଟି ଆନୁକୂଲ୍ୟରେ ଗଣପର୍ବ ନୂଆଁଖାଇ ନୂଆଦିଲ୍ଲୀ ହଉଜଖାସସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ୨୫ତମ ନୂଆଁଖାଇ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ଅନୁପ କୁମାର ପୂଜାରୀ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ନିତିଶା ନନ୍ଦ କରିଥିଲେ। ବିଦୁଷୀ କବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ବିମଳ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଅନଲାଇନ ଘପଲା ଏକାଙ୍କିକା ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ଭୂମିକାରେ ରାଜଶ୍ରୀ ମିଶ୍ର, ପୂର୍ଣ୍ଣେନ୍ଦୁ ହୋତା, ରଞ୍ଜିତା ବଡ଼ପଣ୍ଡା, ମଧୁଛନ୍ଦା ତ୍ରିପାଠୀ, ଶ୍ରୀମନ୍ତ କୁମାର ମିଶ୍ର, ସୁଜାତା ମିଶ୍ର, ଦେବାଶିଷ ମିଶ୍ର ଓ ସଂସ୍କୃତି ପଣ୍ଡା ଅଭିନୟ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ମୁଖ୍ୟ ସଚିବ ଡ. ପ୍ରମୋଦ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ନ୍ୟାଶନାଲ ସେଲିବ୍ରେଶନ କମିଟି ଦୀର୍ଘ ୨୫ବର୍ଷ ଧରି ଆମର ସାଂସ୍କୃତିକ ଚେତନାର ପ୍ରଚାର ପ୍ରସାର କରି ଆସୁଥିବାରୁ ନିଶ୍ଚିତ ଅଭିନନ୍ଦନର ପାତ୍ର ବୋଲି ସେ କହିଥିଲେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅନେକ ଗଣମାନ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା।

## ଯୁଯୋମୁରା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ପଡିଆବାହାଲ,୧୦।୯(ରାଧାମୋହନ ଷଡ଼ଙ୍ଗୀ)

୫୦ବର୍ଷରେ ପଦାର୍ପଣ କରିଛି ସମ୍ବଲପୁର ଜିଲା ଯୁଯୋମୁରା ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଚଳିତବର୍ଷ ଆକର୍ଷଣୀୟଭାବେ ପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ଲକ୍ଷ୍ମୀଧର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କାମ ଦାୟିତ୍ୱ ବଣ୍ଟନ କରାଯାଇଛି। ନୃତ୍ୟ ପ୍ରତିଯୋଗିତା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା । ବୈଠକରେ ଆୟୋଜନ କମିଟି ସମ୍ପାଦକ ଧନେଶ୍ୱର ରାଉତ, କୋଷାଧକ୍ଷ ପ୍ରହ୍ଲାଦ ସାହୁ, ରବୀନ୍ଦ୍ର ସାହୁ, ସୁବାଷ ବେହେରା, ଅଶ୍ୱିନୀ ଦେହୁରୀ, ବିଜୟ ସେଠୀ, ଝସକେତନ ସାହୁ, ବିରଞ୍ଚି ସ୍ୱାଇଁ ଉପସ୍ଥିତ ଥିଲେ।

## ପିଆଜର ଦରବୃଦ୍ଧି, ଖାଉଟି ହଟହଟା

ସମ୍ବଲପୁର,୧୦।୯(ପ୍ରମୋଦ ବହିଦାର)

ଆଳୁ ପରେ ପିଆଜର ଦରବୃଦ୍ଧି ଖାଉଟିଙ୍କୁ ଅତିଷ୍ଠ କରିଛି। ପିଆଜ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ସମ୍ବଲପୁରରେ କୌଣସି ପ୍ରକାର ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ସମ୍ବଲପୁରରେ ପିଆଜର ପାଇକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ୪୪୦୦ରୁ ୪୮୦୦ ଟଙ୍କା ରହିଛି। ଖୁଚୁରା ଦର କିଲୋ ପ୍ରତି ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ପିଆଜର ଅଭାବ ନ ଥିଲେ ମଧ୍ୟ ଦରବୃଦ୍ଧି ହେଉଥିବା ଅଭିଯୋଗ ହେଉଛି। ଆଳୁପାଇଁ କିଛିଦିନ ତଳେ ହଟହଟାର ଶିକାର ହେଉଥିବା ଲୋକେ ଏବେ ପିଆଜ ପାଇଁ ସମସ୍ୟାରେ ପଡିଛନ୍ତି। ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ(ଏସିଏସ୍‌ଓ) ବୀରେନ୍ଦ୍ର ସୋରେଙ୍ଗ କହିଛନ୍ତି ଏଠାରେ ଥିବା ୭ ପାଇକାରୀ ବ୍ୟବସାୟୀଙ୍କ ନିକଟରେ ମୋଟ ୧୯୦.୧ ଟନ୍(୧୯୦୧ କୁଇଣ୍ଟାଲ) ପିଆଜ ଗଚ୍ଛିତ ଅଛି। ସେମାନେ ସମ୍ବଲପୁର ସହିତ ଦେବଗଡ଼ ଓ ସୁବର୍ଣ୍ଣପୁର ଜିଲାକୁ ଆଳୁ ଓ ପିଆଜ ଯୋଗାଣ କରି ଥାଆନ୍ତି। ସୋମବାର ସେହି ଦୁଇ ଜିଲାକୁ ଯୋଗାଣ ପରେ ଅବଶିଷ୍ଟ ୧୨୨. ୭ ଟନ୍(୧୨୨୭ କୁଇଣ୍ଟାଲ) ପିଆଜ ଗଚ୍ଛିତ ଥିଲା। ମଙ୍ଗଳବାର ପୁଣି ୬୭.୪ ଟନ୍(୬୭୪ କୁଇଣ୍ଟାଲ) ପିଆଜ ଆସିଛି। ପିଆଜର ଅଭାବ ନ ଥିଲେ ମଧ୍ୟ ଅଧିକ ଦରରେ କ୍ରୟ ହେଉଥିବାରୁ ପିଆଜର ଦର ବୃଦ୍ଧି ଘଟିଛି ବୋଲି କହିଛନ୍ତି ସୋରେଙ୍ଗ। ତେବେ ଦରବୃଦ୍ଧି ସତ୍ତ୍ୱେ ନିୟନ୍ତ୍ରଣ ପାଇଁ ପ୍ରଶାସନିକ ସ୍ତରରେ କୌଣସି ନିର୍ଦ୍ଦେଶ ମିଳିନାହିଁ। ତେବେ ବର୍ତ୍ତମାନ ବଜାର ଦର ସ୍ଥିର ରହିଛି। ପିଆଜର ଖୁଚୁରା ଦର କିଲୋ ପ୍ରତି ୫୫ରୁ ୬୦ ଟଙ୍କାରେ ବିକ୍ରୟ ହେଉଛି ଓ ଏହାର ପାଇକାରୀ ମୂଲ୍ୟ ୪୪ରୁ ୪୮ ଟଙ୍କା ରହିଛି ବୋଲି ସେ କହିଥିଲେ। ଅପରପକ୍ଷରେ ପିଆଜ ଦରବୃଦ୍ଧି ପାଇଁ ଅଦିନିଆ ବର୍ଷା, ବିଶେଷକରି ଦକ୍ଷିଣାଞ୍ଚଳରେ ଦେଖା ଦେଇଥିବା ବନ୍ୟାକୁ ଦାୟି କରିଛନ୍ତି ପିଆଜ ବେପାରୀ। ବବୁଆ ସାହା। ମହାରାଷ୍ଟ୍ରରୁ ଅଧିକ ଦରରେ ପିଆଜ ଯୋଗାଣ ହେଉଥିବାରୁ ଏଠାରେ ଦରବୃଦ୍ଧି ଘଟିଛି ବୋଲି ସେ କହିଛନ୍ତି।

**ବୃଦ୍ଧି ହୋଇଥିଲେ ହେଁ ସ୍ଥିର ରହିଛି ଦର: ଏସିଏସ୍‌ଓ**

## ଶରୀର ଦାନ ଅଭିଯାନ ଲୋକପ୍ରିୟ କରିବାକୁ ଗୁରୁତ୍ୱ

ସମ୍ବଲପୁର,୧୦।୯(ଭବାନୀ ଶଙ୍କର ଭୋଇ)

ରକ୍ତଦାନ ସହ ସମ୍ପୂର୍ଣ୍ଣ ଶରୀର ଦାନ ଅଭିଯାନକୁ ଲୋକପ୍ରିୟ କରିବାକୁ ହେବ। ଓଡ଼ିଶା ସାଂସ୍କୃତିକ ଭବନରେ ସୋମବାର ରାତିରେ ଉତ୍ସର୍ଗ ଅନୁଷ୍ଠାନର ୪୦ତମ ପ୍ରତିଷ୍ଠା ଉତ୍ସବ ସଭାରେ ଅତିଥିମାନେ ଏହି ମତ ରଖିଛନ୍ତି। ପ୍ରଶାନ୍ତ ପାଢଯୋଶୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମାନବ ଅଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାଜକୁ କିଛି ଦେଇଯିବା ମନୋବୃତ୍ତିକୁ ପ୍ରସାରିତ କରିବାରେ ଉତ୍ସର୍ଗ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଯେଉଁ ସମୟରେ ରକ୍ତଦାନ ପାଇଁ ଲୋକେ ଭୟ କରୁଥିଲେ ସେହି ସମୟରୁ ଉତ୍ସର୍ଗ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନକରି ଆସୁଥିବା ଜଷ୍ଟିସ ପୂଜାରୀ କହିଥିଲେ। ଭିମ୍‌ସାରର ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ଡାକ୍ତର ହିମାଂଶୁ ଆଚାର୍ଯ୍ୟ ମୁଖ୍ୟବକ୍ତା, ଭିମ୍‌ସାର ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ମମତା ସର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭିମ୍‌ସାରକୁ ଅନେକେ ମୃତଦେହ ଦାନ କରିଥିବାରୁ ଡାକ୍ତରୀ ଛାତ୍ରୀଛାତ୍ରମାନେ ଶିକ୍ଷା ସୁବିଧା ପାଇ ପାରୁଛନ୍ତି ବୋଲି ପ୍ରଫେସର ସର କହିଥିଲେ। ଶରୀର ଦାନ ପାଇଁ ଇଚ୍ଛା ପ୍ରକାଶ କରିଥିବା ବ୍ୟକ୍ତିଙ୍କଠାରୁ ତାଙ୍କ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ ବୋଲି ପ୍ରଫେସର ସର କହିଥିଲେ। ଠିକ୍ ସମୟରେ ସମ୍ପୃକ୍ତ ଅନୁଷ୍ଠାନ ଏବଂ ଆନୋଟୋମି ବିଭାଗକୁ ଖବର ଦେବା ଆବଶ୍ୟକ ବୋଲି ସେ କହିଥିଲେ। ତେବେ ଶରୀର ଦାନ କରିବା ପରେ ଭିମ୍‌ସାରରେ କେବଳ ଆଖି ଏବଂ ଶରୀରର ଉପଯୋଗ ହୋଇପାରୁଛି। ଉନ୍ନତ ବ୍ୟବସ୍ଥା ହୋଇପାରିଲେ ଆଗାମୀ ଦିନରେ ହୃତ୍‌ପିଣ୍ଡଠାରୁ ଆରମ୍ଭକରି ଶରୀରର ବିଭିନ୍ନ ଅଂଶ ରୋଗୀଙ୍କ ଶରୀରରେ ଉପଯୋଗ ହୋଇପାରନ୍ତା ବୋଲି ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ପାଣିଗ୍ରାହୀ ମତ ଦେଇଥିଲେ।

ଡା. ସତ୍ୟନାରାୟଣ ଠାକୁରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶରୀର ଦାନ କରିଥିବା ଶକୁନ୍ତଳା ଶତପଥୀ, ବିନୋଦ ବିହାରୀ ପତି, ନୀଳିମା ସାହାଣୀ, କିରଣ ଶଙ୍କର ପଟ୍ଟନାୟକ, ଅନ୍ତର୍ଯାମୀ ତ୍ରିପାଠୀ, ଅନିତା ଚକ୍ରବର୍ତ୍ତୀ, ଲବଙ୍ଗଲତା ପତିଙ୍କ ପରିବାରବର୍ଗଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜରୁରୀ ସ୍ଥିତିରେ ରୋଗୀଙ୍କୁ ମାଗଣାରେ ମେଡିକାଲ ଉପକରଣ ଅକ୍ସିଜେନ୍ ସିଲିଣ୍ଡର, ମେଡିକାଲ ବେଡ୍, ହ୍ୱିଲ୍ ଚେୟାର, ୱାକର, କମୋଡ୍ ଚେୟାର, ଏୟାର ବେଡ୍ ଇତ୍ୟାଦି ଯୋଗାଇ ଲୋକଙ୍କୁ ଉତ୍ସର୍ଗ ଅନୁଷ୍ଠାନ ସହଯୋଗ କରିଛି । ଅନୁଷ୍ଠାନ ପ୍ରଚେଷ୍ଟାରେ ଗତ ୨ ବର୍ଷ ଭିତରେ ୯୦ ଜଣ ସ୍ୱେଚ୍ଛାକୃତ ଚକ୍ଷୁଦାନ ପାଇଁ ସ୍ୱୀକୃତି ଜଣାଇଛନ୍ତି। ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ ୧୯୬ଜଣ ଇଚ୍ଛା ପ୍ରକାଶକରି ଚୁକ୍ତିପତ୍ର ସ୍ୱାକ୍ଷର କରିଥିବା, ୨୬ ଜଣଙ୍କ ମରଶରୀରକୁ ବୁର୍ଲା ଭିମ୍‌ସାରର ଆନାଟୋମି ବିଭାଗକୁ ହସ୍ତାନ୍ତର କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସର୍ଗ ଯୁଗ୍ମ ସଂଯୋଜକ ରଜନୀକାନ୍ତ ନାଗ ଅତିଥି ପରିଚୟ ପ୍ରଦାନ, ଯୁଗ୍ମ ସଂଯୋଜକ ହରିଶଙ୍କର ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ମମତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସର୍ଗର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

**ଉତ୍ସର୍ଗ ଅନୁଷ୍ଠାନର ୪୦ତମ ପ୍ରତିଷ୍ଠା ଉତ୍ସବ**

■ଭିମ୍‌ସାରରେ ଉନ୍ନତ ବ୍ୟବସ୍ଥା ହେଲେ ବିଭିନ୍ନ ଅଙ୍ଗ ପ୍ରତିରୋପଣ ହୋଇପାରିବ

## ଜନ ଅଭିଯୋଗ ଶୁଣାଣି ଶିବିର



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ରେଢ଼ାଖୋଲ,୧୦।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ ଏଥିରେ ଯୋଗଦେଇ ଜନ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ୪୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୩୫ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ଥିଲା। ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଅନଲାଇନ ପଞ୍ଜିକୃତ ହେଉଥିବା ଅଭିଯୋଗ ଗୁଡିକର ସମାଧାନ ଅଗ୍ରାଧିକାର ଭିତ୍ତିରେ କରିବାକୁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନ ଶୁଣାଣିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ୍, ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ଡ଼ିଏଫଓ ଅରବିନ୍ଦ ମହାନ୍ତି, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧକ୍ଷ ଶିବରାମ ସାହୁ, ବିଡିଓ ମନୋଜ ମେହେର, ସମସ୍ତ ଜିଲା ଏବଂ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ହେଉଥିବା ବିଭିନ୍ନ ଜନ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ ଜିଲାପାଳ।

# ରକ୍ତଦାନ କରି ସାରଦାଙ୍କ ଜନ୍ମଦିନ ପାଳିଲେ ସମର୍ଥକ

ରାଉରକେଲା,୧୦।୯(ଦିନେଶ ମିଶ୍ର)

ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ମଙ୍ଗଳବାର ଏକ ରକ୍ତଦାନ ଶିବିର ରାଉରକେଲା ଓ ବୀରମିତ୍ରପୁର ବିଜୁ ଜନତାଦଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ସାରଦାଙ୍କ ୨୫ ଜଣ ସମର୍ଥକ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ପରେ ବୀରମିତ୍ରପୁର ସରକାରୀ ଡାକ୍ତରଖାନାରେ ସମସ୍ତ ରୋଗୀଙ୍କୁ ଫଳ ବିତରଣ କରାଯାଇଥିଲା। ସୋରଡା ହସ୍ପିଟାଲ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଉରକେଲା ସହରରେ ସାରଦାଙ୍କ ସମର୍ଥକମାନେ ତାଙ୍କର ଦୀର୍ଘାୟୁ ଓ ସୁସ୍ଥ ଶରୀର ପାଇଁ ରେଲୱେ ଷ୍ଟେସନ ନିକଟସ୍ଥ ଶଙ୍କଟ ମୋଚନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିସହ କୃଷ୍ଣକଲୋନୀ ଅଞ୍ଚଳରେ ଗରିବ ଅସହାୟ ଲୋକଙ୍କୁ ନାରାୟଣ ଭୋଜନ ପ୍ରଦାନ କରାଯାଇଥିଲା। ଏଥିରେ ସୁନ୍ଦରଗଡ ବିଜୁ ଜନତା ଦଳର ଜିଲା ସଭାପତି ହାଲୁ ମୁଣ୍ଡାରୀ, ରାଉରକେଲା ନଗରସଭାପତି ଗଗନ ପଣ୍ଡା, ନାରୀ ନେତ୍ରୀ ସନ୍ଧ୍ୟା ଲାକ୍ରା, ଛବି ମହାନ୍ତି, ଜିଲା ପରିଷଦ ସଦସ୍ୟା ଏମ୍ମା ଏକ୍କା, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ମହେନ୍ଦ୍ର ବଡାଇକ, ନିବେଦିତା ବାଗ, ରାଜ୍ୟ ଯୁବ ସମ୍ପାଦକ ହିମାଂଶୁ ପଣ୍ଡା, ଜ୍ୟୋତି କେରକେଟ୍ଟା, ବିଶାଲ ଶର୍ମା, ବିଶ୍ୱାସୀ ଟୋପୋ, ରାଜେନ୍ଦ୍ର କୁଜୁର, ରବି ପଣ୍ଡା, ସଲମାନ ଅନସାରୀ, ମନା କେଶରୀ, ଯୁବ ନେତା ଗୁଡ୍ଡୁ ବଡାଇକ, ଏମ୍‌ଡି ଇଜାଜ୍‌ଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ରକ୍ତଦାନ କରାଯାଉଛି।

# ନୂଆଁଖାଇ ଭେଟ୍‌ଘାଟରେ ନୃତ୍ୟ, ଗୀତ ଆସର

ଲୋଇସିଂହା,୧୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାନଟିକା ଗ୍ରାମରେ ଆଜାଦ ଯୁଥ କ୍ଲବ ଏବଂ ହରଭଙ୍ଗା ଗ୍ରାମରେ ଗ୍ରାମର ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଜଳେଶ୍ୱର ପୀଠ ସାନଟିକାରେ ଅନୁଷ୍ଠିତ ଭେଟଘାଟ ଉତ୍ସବରେ ବରିଷ୍ଠ ଶିକ୍ଷକ ସନ୍ତୋଷ ସାହୁ, ବାୟୁସେନା ଅଧିକାରୀ ରାମଚନ୍ଦ୍ର ସାହୁ, ଦିଲୀପ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୂଆଁଖାଇର ମାହାତ୍ମ୍ୟ ଏବଂ ସାନଟିକା ଗାଁର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାଛଡା ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। ଏହି ଅବସରରେ ଆୟୋଜିତ ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ସହ ଉକ୍ତ ଗ୍ରାମର ସପ୍ତମ ଶ୍ରେଣୀ ଟପ୍ପରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସୌକିଲାଲ ସାହୁ, ପ୍ରଦୀପ ପଧାନ ଓ ସାମରୁ ବିଶ୍ୱାଳ ପ୍ରମୁଖ ବିଚାରକ ଥିଲେ। ଯୁବ ଲେଖକ କ୍ଷେତ୍ରବାସୀ ନାଏକ, କିରଣ ନାଏକ ଓ ସୁଶାନ୍ତ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ହରଭଙ୍ଗାରେ କଲ୍ୟାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି, ଗ୍ରାମ୍ୟ ସଭାପତି ଗଦାଧର ପଧାନ, ପବିତ୍ର ମୋହନ ପଧାନ ସମ୍ମାନିତ ଅତିଥି ଓ ଶିକ୍ଷକ ସୁଶାନ୍ତ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୂଆଁଖାଇର ମହାନତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସିନିୟର ଓ ଜୁନିୟରଙ୍କ ମଧ୍ୟରେ ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିତେନ୍ଦ୍ର ସାହୁଙ୍କ ଦ୍ୱାରା ରଚିତ ଓ ଯୁବ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ କ୍ଷୁଦ୍ର ନାଟିକା 'ବାଟ ଦେଖୁଛେ ଯମ' ବେଶ ପ୍ରଶଂସିତ ହୋଇଥିଲା। ଶିବରାଜ ସାହୁ ଓ ଏ. ସାହୁ ମଞ୍ଚ ପରିଚାଳନା କରିଥିଲେ।



ସାନଟିକା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଣେ ଅତିଥି ବକ୍ତବ୍ୟ ରଖୁଛନ୍ତି।

# ମଧ୍ୟପ୍ରଦେଶରେ ନୂଆଁଖାଇ ଭେଟଘାଟ

ସଇଁତଲା,୧୦।୯(ରାଖାଲ ପ୍ରସାଦ ଶତପଥୀ)

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳଠାରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକେ ନୂଆଁଖାଇ ପର୍ବ ପାଳନ କରିଛନ୍ତି। ଭୋପାଳଠାରେ ଥିବା ସମର୍ପଣ କମ୍ୟୁନିଟି ହଲଠାରେ ନିରୋଜ ନନ୍ଦଙ୍କ ଅଧ୍ୟକ୍ଷତାରେ ଆନନ୍ଦଉଲ୍ଲାସର ସହ ୧୫୦ଟି ପରିବାରର ସଦସ୍ୟ ନୂଆଁ ଖାଇଥିଲେ। ପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବା ସହ ସାନମାନେ ଗୁରୁଜନମାନଙ୍କଠାରୁ ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନୂଆଁଖାଇ ଭେଟଘାଟ ପାଇଁ ଏକ ସଭାର ଆୟୋଜନ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ନନ୍ଦ, ସମ୍ପାଦକ ଉମାକାନ୍ତ ନାଗ, କୋଷାଧ୍ୟକ୍ଷ ସଞ୍ଜୀବ ଜେନା, ସହ-କୋଷାଧ୍ୟକ୍ଷ ଏସ.ବାରିକ, ସଦସ୍ୟ କୈଳାସ ସାହୁ, ରବି ଲିମା, ଦେବାଶିଷ ଦାଶ, ପ୍ରେମ କୁକମାର, ଆନ୍ଦିୟାଶ ବାଗ, ଉତର ଦୀପ, ସୁରଜ ସୁନା, ମନୋଜ ପରିଡ଼ା, ଜେକବସନ ସୁନା, କୁବେର ନାୟକ, ଜନସନ ବାଗଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ସମର୍ପଣ କମ୍ୟୁନିଟି ହଲରେ ଲଗାଯାଇଥିବା ନୂଆଁଖାଇ ସେଲଫି ପଏଣ୍ଟରେ ଲୋକଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା।

# ରେଳ ଚାଳକ ଫେରିଲେ, ସୂଚନା ଦେଲା ଜିଆର୍‌ପି

ଟିଟିଲାଗଡ଼,୧୦।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲାର ଟିଟିଲାଗଡ଼ରୁ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ଯାଉଥିବା ଟ୍ରେନର ଲୋକୋ ପାଇଲଟ ରଙ୍ଗ ବାହାଦୁର ସିଂ ମଙ୍ଗଳବାର ଘରକୁ ଫେରିଛନ୍ତି। ଏନେଇ ରାୟଗଡା ଜିଆରପି ଏସଡ଼ିପିଓ ନିରଞ୍ଜନ ପାଢ଼ୀ ଟିଟିଲାଗଡ଼ ଜିଆରପି ଥାନାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରଙ୍ଗ ବାହାଦୁର ନିଖୋଜ ଥିବା ନେଇ ଟିଟିଲାଗଡ ଜିଆରପି ଥାନାରେ ଅଭିଯୋଗ ହୋଇଥିଲା। ପ୍ରକାଶ ଯେ, ରଙ୍ଗ ବାହାଦୁର ଗତ ୪ ତାରିଖରେ କଣ୍ଟାବାଞ୍ଜିରୁ ଏକ ମାଲବାହୀ ଟ୍ରେନର ଚାଳକ ଭାବରେ କମାଣ୍ଡ ପାଇଥିଲେ। ହେଲେ ସେ ଉକ୍ତ ଦିନ ଟିଟିଲାଗଡ଼ରୁ ବାହାରିଥିବା ବେଳେ କଣ୍ଟାବାଞ୍ଜି ଷ୍ଟେଶନରେ ରିପୋର୍ଟ କରି ନ ଥିଲେ। ଏହାକୁ ନେଇ ରେଳ ବିଭାଗ ପକ୍ଷରୁ ଉକ୍ତ ଚାଳକଙ୍କ ମୋବାଇଲ ଫୋନକୁ ଟ୍ରାକ୍ କରାଯାଇଥିଲା। ଚାଳକ ହରିଦ୍ୱାର ଠାରେ ଥିବା ଏବଂ ସେଠାକାର ଏକ ଏଟିଏମ୍‌ରୁ ଟଙ୍କା ଉଠାଣ କରିଥିବା ସୂଚନା ମିଳିଥିଲା। ଏନେଇ ଟିଟିଲାଗଡ଼ ଜିଆରପି ଅଧିକାରୀ ବିନୟ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ହରିଦ୍ୱାରରେ ପହଞ୍ଚିବା ବେଳକୁ ଚାଳକ ଦିଲ୍ଲୀ ଯାଇ ସେଠାରୁ ଟ୍ରେନ ଯୋଗେ ଟିଟିଲାଗଡ଼ଠାରେ ମଙ୍ଗଳବାର ପହଞ୍ଚି ଥିଲେ।

# ବିଦ୍ୟାଳୟସ୍ତରୀୟ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ

ରାଉରକେଲା,୧୦।୯(ଦିନେଶ ମିଶ୍ର)

ରାଉରକେଲା ଅଗ୍ରଣୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ରାଉରକେଲା ସାହିତ୍ୟ ସଂସଦର ବିଦ୍ୟାଳୟସ୍ତରୀୟ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ବିଦ୍ୟୁତ କଲୋନୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିମ୍ବାଧର ପାଢି ଯୋଗଦାନ କରି ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ଜନ୍ମ ବୃତ୍ତାନ୍ତ ଆରମ୍ଭ କରି ସୃଷ୍ଟିକୁ ସେ କିପରି ପ୍ରଳୟ ମୁଖରୁ ରକ୍ଷା କରିଥିଲେ ପିଲାମାନଙ୍କୁ ବୁଝାଇଥିଲେ। ରାଉରକେଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଦସ୍ୟ କବି ସୁଶାନ୍ତ କୁମାର ନାୟକ ପିଲାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ବଚନୀ ରାଉତ, ଗଦାଧର ମିଶ୍ର, ସନ୍ତୋଷ ସ୍ୱାଇଁ, ପ୍ରହଲ୍ଲାଦ ରଣା, ପ୍ରଶାନ୍ତ ମହାନ୍ତି, ବିଶ୍ୱରଞ୍ଜନ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସୁରେନ୍ଦ୍ର କୁମାର ଦେବତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅତିଥି।

# ଆଜିଠାରୁ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବଲାଙ୍ଗୀର,୧୦।୯(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲା କ୍ରୀଡା ସଂସଦ ପକ୍ଷରୁ ବୁଧବାର ଠାରୁ ଜିଲା କ୍ରୀଡା ସଂସଦ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ହେବ। ଜିଲାର ୧୪ଟି ପଡିଆରେ ମ୍ୟାଚ୍ ଆରମ୍ଭ ହେବ। ଲୋଇସିଂହା ମିନି ଷ୍ଟାଡିୟମ, ମୁରିବାହାଲର ହଳଦୀ ପଡିଆ, ବଲାଙ୍ଗୀର ମିଶନ ପଡିଆ, ମୁରିବାହାଲ ପଡିଆ, ସିଟି ସ୍କୁଲ ଟିଟିଲାଗଡ ପଡିଆ, ଖୋଲାନ ପଡିଆ, ଜରାସିଂହା ମିନି ଷ୍ଟାଡିୟମ, ଟିକ୍ରାପଡା ହାଇସ୍କୁଲ ପଡିଆ, ଖୁଜେନପାଲି ପଡିଆ, କଣ୍ଟାବାଞ୍ଜି ରେଲୱେ ପଡିଆ, ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମ, ବଲାଙ୍ଗୀର ଟାଉନ ହାଇସ୍କୁଲ ପଡିଆ, ରୁଡାପାଲି ହାଇସ୍କୁଲ ପଡିଆ, ପାଟଣାଗଡ ହାଇସ୍କୁଲ ପଡିଆ ଓ ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଖେଳ ଆୟୋଜନ ହେବ। ସମସ୍ତ ପଡିଆରେ କ୍ରୀଡା ସଂସଦ ପକ୍ଷରୁ ଖେଳ ସଂଯୋଜନା ଦାୟିତ୍ୱ ଦିଆଯାଇଛି। ଏହି ଟୁର୍ନାମେଣ୍ଟରେ ବଲାଙ୍ଗୀର ଜିଲା ଦଳ ପାଇଁ ଖେଳାଳି ଚୟନ କ୍ରୀଡା ସଂସଦ ପକ୍ଷରୁ କରାଯିବ। ଚୟନ ହୋଇଥିବା ଜିଲା ଦଳ ଫୁଟବଲ ଆସୋସିଏଶନ ଅଫ୍ ଓଡିଶା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ ଆନ୍ତଃ ଜିଲା ଫୁଟବଲ ଚମ୍ପିୟାନଶିପ୍‌ରେ ବଲାଙ୍ଗୀର ଜିଲା ତରଫରୁ ଖେଳିବେ ବୋଲି ସୂଚନା ଦିଆଯାଇଛି।

# ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

କର୍ଲାମୁଣ୍ଡା,୧୦।୯ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ରେଗଡା ପଞ୍ଚାୟତ ଭୁଏରମୁଣ୍ଡାଠାରେ ଗଜାନନ ଯୁବକସଂଘ ପକ୍ଷରୁ ସୋମବାର ନୂଆଁଖାଇ ଭେଟଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣେଶ ପୂଜା କମିଟି ସଭାପତି ଋଷି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଦୀପ୍ତି ରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁଶାନ୍ତ ପରିଡା, ଗଜାନନ ଯୁବକ ସଂଘ ସମ୍ପାଦକ ଅଶୋକ ସାହୁ, ୱାର୍ଡ ସଭ୍ୟ ଉସ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଫଳ ଜୈବିକ ଚାଷୀ ବଳଦେବ ଭୋଇଙ୍କୁ ଗଜାନନ କୃଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତେବେ ଅଞ୍ଚଳର ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ଥିଲେ ହେଁ ପ୍ରବଳ ବର୍ଷା ଯୋଗୁ ବାତିଲ ହୋଇଥିବା ସମ୍ପାଦକ ଅଶୋକ ସାହୁ କହିଛନ୍ତି।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER
RENGALI RIGHT IRRIGATION PROJECT, DHENKANAL
DIST-DHENKANAL.ODISHA, PIN: 759001
Email Id -cerripdkl@gmail.com

'e' Procurement Notice

Bid Identification No. CERRIP-02/2024-25

No.A-270: The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites on line percentage rate bids in double cover system for construction of the work as detailed below:

| | | |
|---|---|---|
| 1. | Name of the work | Excavation of Darpani Branch Canal from RD 62.907 km to RD 65.890 km including construction of its structures of Rengali Right Irrigation Project |
| 2 | Estimated cost | Rs.27, 47, 72,455.00 |
| 3. | Bid Document Cost | Rs. 10,000.00 (online) |
| 4. | Bid Security | Rs.27, 47,800.00 (online) |
| 5. | Class of Contractor | 'Special' & 'Super' Class |
| 6. | Period of Completion | 24 calendar months including rainy seasons |
| 7. | Date and time of availability of Bid document in the portal | From 12.09.2024, 10.00 AM to 14.10.2024 upto 5.30 PM |
| 8. | Date and time and place for Pre-Bid Conference | 23.09.2024 at 11.00 AM O/o the CE, RRIP, Dhenkanal |
| 9. | Last date and time for receipt of bids in the portal | 14.10.2024 upto 5.30 PM |
| 10. | Date of Opening of Technical Bid (Cover-I) | 15.10.2024 at 11.00 AM |
| 11. | Name and address of the Officer inviting Bid | Chief Engineer, Rengali Right Irrigation Project, Mahisapat, Dhenkanal,PIN- 759001 |

Further details can be seen in the e-procurement portal "https://www.tendersodisha.gov.in." Any addendum/Corrigendum/Cancellation to the above notice will be published in the Govt. Website www.tendersodisha.gov.in.

Sd./- Chief Engineer
Rengali Right Irrigation Project, Dhenkanal
OIPR-32351/11/0003/2425



ORISSA STATE AIDS CONTROL SOCIETY OSACS
Department of Health & Family Welfare, Govt. of Odisha
Tender No.2709/OSACS Date:05.09.2024
File No.XV-Proc.-12/2024

NOTICE INVITING TENDER FOR PRINTING AND SUPPLY OF VARIOUS TYPES OF REGISTERS, FORMS, BOOKLETS, POSTERS, LEAFLETS, BROCHURE ETC.

No.E-288: Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under two bid systems from the interested and eligible tenderers for printing and supply of various types of items/ materials i.e., registers, forms, booklets, posters, leaflets, brochure etc. for the current Financial year, which is extendable further for another one year on the same rates, terms and conditions, with mutual consent of both parties & performance of the bidder. The tender documents in prescribed formats should be submitted to the address as mentioned above through Registered Post, Speed Post, Courier only. For more details, please visit website of OSACS (www.osacs.nic.in). The tender documents may be downloaded from the above said website and the Date of availability of Tender document is 11/09/2024, 11.00 AM & Closing Date & Time of Receiving of sealed tender 01/10/2024 upto 5.00 PM.

Sd./- Project Director
OIPR-10009/11/0007/2425



ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ
ଦୁର୍ଗାପାଳି, ସମ୍ବଲପୁର-୭୬୮୦୦୬, Ph. No.: 2401098, Email: Secretarysdasbp@gmail.com
No. 1703/SDA
III-256/24
Sambalpur dated the 10th September, 2024

ସୂଚନା।

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଳି ହାଉସିଂ ସ୍କିମ୍, ବୁଢ଼ାରଜା, ସମ୍ବଲପୁର ଘର ନମ୍ବର LIG-II-54ଟିକୁ ଶ୍ରୀ ଓମ୍ ପ୍ରକାଶ ହୋତା, ପିତା: ସ୍ୱର୍ଗତ ପ୍ରେମାନନ୍ଦ ହୋତା, ନିବାସୀ: ରାଜପୁର, ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଘରଟିକୁ ତୃତୀୟ ପକ୍ଷ ଆଧାରରେ ଶୁଭଲକ୍ଷ୍ମୀ ମହାପାତ୍ର, ପିତା: କାର୍ତ୍ତିକ ମହାପାତ୍ରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀ ଓମ୍ ପ୍ରକାଶ ହୋତା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି।
ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର



OFFICE OF THE EXECUTIVE ENGINEER
PLANNING AND INVESTIGATION DIVISIONROAD CONSTRUCTION DEPARTMENT (RCD),RANCHI
NirupanBhawan, 3rdFloor, Room No. 401, 56-Set, Doranda, Ranchi-834002

e-Procurement ( Short Tender Notice )
Letter of Invitation (LOI) No.-11/2024-25
4th Call
e-Tender Ref No:–RCD/PID/RANCHI/11/2024-25
Date:-09.09.2024

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of (i) Sini Bajrangbali mandir to Kandra via Hudu road (Tentative Length-20 Km) (ii) Bhurkuli (NH-220) to Saraikela Chaibasa main road via Bandua, Sidadih (Tentative Length-15 Km) (Tentative Total Length-35 Km) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Saraikela Kharsawan District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 35 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/-(Non-Refundable) EMD:- The quotationers have to deposit a fixed amount of Rs 40000.00 (Forty thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 11.09.2024,10:30 AM |
| 7 | Online Last Date/Time of Bid Submission | 25.09.2024 17:00 PM |
| 8 | Date and Time of Bid opening | 26.09.2024 17:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement number | PR 327659 Road(24-25)#D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.
PR.NO.335249 Road(24-25):D



DSPL-104

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏ ୟୁ" (AU) ସିରିଜ୍
ବିଶେଷ ସୂଚନା

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏୟୁ" (AU) ସିରିଜ୍ ର ଉଠାଣ ତା ୧୩/୦୯/୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡିଶା ସରକାର
OIPR-05001/13/0002/2425



ଫର୍ମ ନଂ.: ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜ୍‌ଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ ନଂ.: ୨୪୨/୨୦୨୪

ବ୍ୟାଙ୍କ ଅଫ୍ ବରୋଦା ..... ଆବେଦନକାରୀ
ବନାମ
ଓଡିଶା ଇଞ୍ଜିନିୟରିଂ ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ
ପ୍ରାପ୍ତେଷୁ,
୧. ଓଡିଶା ଇଞ୍ଜିନିୟରିଂ, ସ୍ୱତ୍ତ୍ୱାଧିକାରୀ: ଉଜ୍ଜ୍ୱଳ ରଞ୍ଜନ ପଇତାଳ, ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣୋଦୟ ମାର୍କେଟ, କଟକ - ୭୫୩୦୧୨
୨. ଶ୍ରୀ ଉଜ୍ଜ୍ୱଳ ରଞ୍ଜନ ପଇତାଳ, ପିତା: ରବିନ୍ଦ୍ରନାଥ ପଇତାଳ, ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣୋଦୟ ମାର୍କେଟ, କଟକ - ୭୫୩୦୧୨

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.: ୨୪୨/୨୦୨୪ ଦ୍ୱାରା ତା.୦୬.୧୦.୨୦୧୮ ସୁଦ୍ଧା ଟଙ୍କା ୧,୦୫,୫୦,୦୬୪/- ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି ସେମାନେ ଏହି ନୋଟିସ ପ୍ରକାଶନର ୩୦ଦିନ ମଧ୍ୟରେ କିମ୍ବା ତା.୦୪.୧୧.୨୦୨୪ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ଋଣ ଅସୁଲି ଅଦାଲତଙ୍କ ଦସ୍ତଖତ ଏବଂ ସହୀମୋହର ସହ ଦିନାଙ୍କ ୪ ସେପ୍ଟେମ୍ବର ୨୦୨୪ ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



No. MM-145:-

STATE MEDICINAL PLANTS BOARD, ODISHA
(Forest, Environment & Climate Change. Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in
Tel: +91674-2954911

NOTICE

State Medicinal Plants Board, Odisha is going to organise the 17th State Level Kalinga Herbal Fair, Bhubaneswar from 06-11-2024 to 12-11-2024. Interested Event Management Agencies having adequate eligibility are requested to apply latest by 16.00 Hrs of 24.09.2024.

For details & Tender documents, please visit the following website: www.odisha.gov.in (tenders.gov.in) OR odishaforest.in & smpbodisha.in

CHIEF EXECUTIVE
SMPB, ODISHA
OIPR-08117/11/0002/2425



बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪

ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ (୨୦୦୨ ର ୫୪) ନିୟମ ୩ ସହିତ ଧାରା ୧୩(୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା (୧୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଭୌତିକ ଦଖଲ (PHYSICAL POSSESSION) ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଜେ କେ ଏଣ୍ଟରପ୍ରାଇଜେସ, ସା: କଳିଙ୍ଗ ନଗର, ନୂଆ ସାହି, ଚୌଦ୍ୱାର, କଟକ-୭୫୪୦୭୧, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିରଞ୍ଜନ ଗୋଚ୍ଛାୟତ, ସା:ନୂଆ ସାହି, କପାଳେଶ୍ୱର, ଚୌଦ୍ୱାର, କଟକ-୭୫୪୦୭୧ / ଗ୍ୟାରେଣ୍ଟିଦାତା ତଥା ବନ୍ଧକଦାତା : ଶ୍ରୀମତୀ କବିତା ଗୋଚ୍ଛାୟତ, ସା: ନୂଆ ସାହି, କପାଳେଶ୍ୱର, ଚୌଦ୍ୱାର, କଟକ-୭୫୪୦୭୧ | ଶ୍ରୀମତୀ କବିତା ଗୋଚ୍ଛାୟତଙ୍କ ନାମରେ ଥିବା ବାସପୋଯୋଗୀ ଜମି ଏବଂ ଗୃହ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୫୯/୨୧୭୮, ପ୍ଲଟ୍ ନଂ.: ୨୮୬/୪୯୫୯, ମୌଜା: କପାଳେଶ୍ୱର, ଥାନା: ଚୌଦ୍ୱାର, ଥାନା ନଂ.: ୫୪, ତହସିଲ: ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା : କଟକ, ଓଡ଼ିଶା, କ୍ଷେତ୍ର: ଏକର ୦.୦୮୦ ଡିସିମିଲି | ୩୦.୦୪.୨୦୨୨ / ୦୪.୦୯.୨୦୨୪ | ଟ.୬୯,୦୬,୭୮୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ |

ସ୍ଥାନ: କଟକ, ତାରିଖ: ୦୬.୦୯.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# କଂସ ମହାରାଜଙ୍କ ଡାଇଲଗ୍‌ରେ କମ୍ପିଲା ସହର






ଦେବଗଡ ଗଣେଶ ମେଳା ମଙ୍ଗଳବାର ଚତୁର୍ଥ ଦିନରେ କଂସ ଦରବାର ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ଦେବଗଡ଼ର ପ୍ରସିଦ୍ଧ ଗଣେଶ ମେଳାର ଚତୁର୍ଥ ସନ୍ଧ୍ୟା

- ମଖ୍ୟ ଆକର୍ଷଣ ସାଜିଲା କଂସ ଦରବାର
- ବର୍ଷା ଯୋଗୁ ଫିକା ପଡ଼ିଲା ବ୍ୟବସାୟ

**ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର)**

ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଚାଲିଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ କଂସ ଦରବାର, ପାରମ୍ପରିକ କଳାନୃତ୍ୟ, ପୁରୀ ପକ୍ଷରୁ ଓଡିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ 'ଭଜନ ସନ୍ଧ୍ୟା', ରାତ୍ରିରେ କଟକର ଟସୁର ସାରେଗାମା' ଅନୁଷ୍ଠାନ ଦ୍ୱାରା ପରିବେଷିତ ଅର୍କେଷ୍ଟ୍ରା ସମେତ ଫ୍ରି ଶୋ' ଅପେରା ଏବଂ ଟିକେଟେଡ ଶୋ' ଅପେରା ପରିବେଷିତ ହୋଇଥିଲା। ସେହିପରି ଆନନ୍ଦ ବଜାର କାର୍ଯ୍ୟକ୍ରମ ଜରିଆରେ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ଆନନ୍ଦ ବଜାର କାର୍ଯ୍ୟକ୍ରମ ଅତିଥି ଭାବେ ତାରାଚାନ୍ଦ ସୋମାନୀ, ପବନ ଗୋଏଲ ଓ ବସନ୍ତ କୁମାର ସାହୁ ଶୁଭାରମ୍ଭ କରିଥିବା ବେଳେ ମେଳା କମିଟି ସଭାପତି ସାହୁଙ୍କ ସମେତ ଉପ ସଭାପତି ଜନ୍ମାଜୟ ନାୟକ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ ଓ ସହ କୋଷାଧ୍ୟକ୍ଷ କୃଷ୍ଣ ମେହେରଙ୍କ ସମେତ କମିଟିର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ତେବେ ପ୍ରଥମ ଥର ପାଇଁ ଏଠାରେ ଆୟୋଜିତ କଂସ ଦରବାର ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସନ୍ଧ୍ୟାରେ ସମ୍ବଲପୁର





ଜିଲା ପଡିଆବାହାଲର ବରୁଣ ମହାରାଜ କଂସ ବେଶରେ ସୁସଜ୍ଜିତ ହୋଇ ହାତୀ ପିଠିରେ ବସି ଦେବଗଡ ପୌରାଞ୍ଚଳ ୧ନମ୍ବର ୱାର୍ଡ ଅନ୍ତର୍ଗତ ବିଭିନ୍ନ ସାହି ଗଳି ପରିକ୍ରମା କରିଥିଲେ। ୧ ନମ୍ବର ୱାର୍ଡ ଖପରସାହିସ୍ଥିତ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁଙ୍କ ଘର ସମ୍ମୁଖରୁ ପୂଜାର୍ଚ୍ଚନା ପରେ କଂସ ମହାରାଜ ହାତୀ ପିଠିରେ ବସି ବିଭିନ୍ନ ସାହି ଗଳି ପରିକ୍ରମା କରିବା ପରେ ଗୋପବନ୍ଧୁ ଛକସ୍ଥିତ ଗଣେଶ ମେଳା ସାଂସ୍କୃତିକ ମଣ୍ଡପରେ ପହଞ୍ଚି ସଂଳାପ କହିଥିଲେ। ଏହାଦେଖିବା ସହ ତାଙ୍କ ମୁହଁରୁ ସଂଳାପ ଶୁଣିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ବରିଷ୍ଠ ଭାଜପା ନେତା ରୋହିତ ଗଙ୍ଗଦେବ ପୂଜା ମଣ୍ଡପରେ ପହଞ୍ଚି ଅଗ୍ରପୂଜ୍ୟଙ୍କ ଆଳତି କରିଥିଲେ। ସାଂସ୍କୃତିକ ମଣ୍ଡପରେ ପହଞ୍ଚିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି କର୍ମକର୍ତ୍ତାଙ୍କ ସମେତ ପବନୀ ସାହୁ ଓ ପ୍ରକାଶ ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କମିଟି ପକ୍ଷରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତେବେ ଝିପ ଝିପି ବର୍ଷାରେ ମୀନା ବଜାର ସମେତ ବିଭିନ୍ନ ଦୋଳି ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ବ୍ୟବସାୟ ମାନ୍ଦା ପଡିବା ସହ ସେମାନେ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ।

# ସୁରକ୍ଷା ଅଧିକାରୀ ସଂଘର ସାଧାରଣ ବୈଠକ

**ଝାରସୁଗୁଡ଼ା,୧୦।୯(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ ବେହେରାମାଲର ଏକ ଘରୋଇ ହୋଟେଲଠାରେ ସୋମବାର ସୁରକ୍ଷା ଅଧିକାରୀ ସଂଘ ଓଡ଼ିଶା ଶାଖାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟଅତିଥି ଭାବେ ଅରବିନ୍ଦ ପାଠକ ଯୋଗଦେଇ ସଭା ଉଦଘାଟନ କରିଥିଲେ। ଉକ୍ତ ସାଧାରଣ ସଭାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଂଘର ଲୋଗୋ ଉନ୍ମଚନ କରାଯାଇଥିଲା। ସମଗ୍ର ଓଡ଼ିଶାର ବିଭିନ୍ନ କଳକାରଖାନାରେ ସୁରକ୍ଷା ଦାୟିତ୍ୱ ତୁଲାଇ କାମ କରୁଥିବା ସୁରକ୍ଷା ଅଧିକାରୀମାନେ ଏହି ସାଧାରଣ ସଭାରେ ଯୋଗଦେଇଥିଲେ। ଉକ୍ତ ସଭାରେ ଯୋଗଦେଇଥିବା ସୁରକ୍ଷା ଅଧିକାରୀମାନଙ୍କ ଭିତରେ ଏକ ଭାଇଚାରା ସୃଷ୍ଟି ହୋଇଥିଲା ଏବଂ ଆଗାମୀ ସମୟରେ ଓଡ଼ିଆ ସୁରକ୍ଷା ଅଧିକାରୀ ଭାଇ ଓ ଭଉଣୀମାନେ କିପରି ଭାବେ ଓଡ଼ିଶାର ବିଭିନ୍ନ କଳକାରଖାନାଗୁଡ଼ିକରେ ନିଯୁକ୍ତି ପାଇବେ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସଭାପତି ଅଭିନ୍ନ ଚନ୍ଦ୍ର ମଲ୍ଲିକ, ଉପସଭାପତି ନରେନ୍ଦ୍ର କୁମାର ଗଡନାୟକ, ଯଦୁମଣି ମହନ୍ତ, ସଚ୍ଚିଦାନନ୍ଦ ହେହେରାଙ୍କ ସହିତ ଝାରସୁଗୁଡା ଜିଲା ସଭାପତି, ସଂଯୋଜକ ଉପସ୍ଥିତଥିଲେ। ଏହି ସଭାରେ ଓଡ଼ିଶାର ପ୍ରତ୍ୟେକ ଜିଲଣରୁ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ।




ମଞ୍ଚରେ ଉପସ୍ଥିତ ଅତିଥି ଓ ସୁରକ୍ଷା ଅଧିକାରୀ ସଂଘ କର୍ମକର୍ତ୍ତା।


## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ

ଦୁର୍ଗାପାଲି, ସମ୍ବଲପୁର-୭୬୮୦୦୬, Ph. No.: 2401098, Email: Secretarysdasbp@gmail.com

No. 1703/SDA III-256/24 — Sambalpur dated the 10th September, 2024

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଳି ହାଉସିଂ ସ୍କିମ୍, ବୁଢ଼ାରଜା, ସମ୍ବଲପୁର ଘର ନମ୍ବର LIG-II-54ଟିକୁ ଶ୍ରୀ ଓମ୍ ପ୍ରକାଶ ହୋତା, ପିତା: ସ୍ୱର୍ଗତ ପ୍ରେମାନନ୍ଦ ହୋତା, ନିବାସୀ: ରାଜପୁର, ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଘରଟିକୁ ତୃତୀୟ ପକ୍ଷ ଆଧାରରେ ଶୁଭଲକ୍ଷ୍ମୀ ମହାପାତ୍ର, ପିତା: କାର୍ତ୍ତିକ ମହାପାତ୍ରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀ ଓମ୍ ପ୍ରକାଶ ହୋତା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି।

ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର


# ବିକାଶ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

**ସମ୍ବଲପୁର,୧୦।୯(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ବିକାଶ ହସ୍ପିଟାଲର ସ୍ତ୍ରୀରୋଗ ବିଭାଗରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ରେଢାଖୋଲ ଅଞ୍ଚଳର ୧୮ ବର୍ଷର ଏକ କନ୍ୟାର ଗର୍ଭାଶୟ ଠିକ୍ ଭାବେ ବିକଶିତ ହୋଇପାରି ନ ଥିଲା। ସେଥିପାଇଁ ଋତୁସ୍ରାବର ରକ୍ତ ଗର୍ଭାଶୟ ଏବଂ ପେଟରେ ଜମା ହେବାକୁ ଲାଗିଥିଲା। ପ୍ରତି ମାସରେ ଋତୁସ୍ରାବ ସମୟରେ ରକ୍ତ ଜମିବାର ପରିମାଣ ବଢିବାରେ ଲାଗିଥିଲା। ଏଥିପାଇଁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଯାଇଥିଲେ ହେଁ ତାହା ସଫଳ ହୋଇପାରି ନ ଥିଲା। ପେଟରେ ଯନ୍ତ୍ରଣା ବଢିବା ପରେ ସେ ବିକାଶ ହସପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ବି.କେ. ଷଡଙ୍ଗୀ ଅସ୍ତ୍ରୋପଚାର କରିଥିଲେ। ଏହି ଜଟିଳ ଅସ୍ତ୍ରାପଚାରରେ ଗର୍ଭାଶୟର ମୁହଁ ତିଆରି କରି ବାହାରକୁ ରାସ୍ତା ତିଆରି କରାଯାଇଥିଲା। ସମ୍ଭବତଃ ପଶ୍ଚିମ ଓଡ଼ିଶାରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ଘଟଣା ରହିଥିଲା। ଏହାପରେ ରୋଗୀ ଋତୁସ୍ରାବ ସ୍ୱାଭାବିକ ହେବା ସହ ଯନ୍ତ୍ରଣାର ଉପଶମ ହୋଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଉଛନ୍ତି।




GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER
RENGALI RIGHT IRRIGATION PROJECT, DHENKANAL
DIST-DHENKANAL.ODISHA, PIN: 759001
Email Id -cerripdkl@gmail.com

## 'e' Procurement Notice

### Bid Identification No. CERRIP-02/2024-25

No.A-270: The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites on line percentage rate bids in double cover system for construction of the work as detailed below:

| | | |
|---|---|---|
| 1. | Name of the work | Excavation of Darpani Branch Canal from RD 62.907 km to RD 65.890 km including construction of its structures of Rengali Right Irrigation Project |
| 2 | Estimated cost | Rs.27, 47, 72,455.00 |
| 3. | Bid Document Cost | Rs. 10,000.00 (online) |
| 4. | Bid Security | Rs.27, 47,800.00 (online) |
| 5. | Class of Contractor | 'Special' & 'Super' Class |
| 6. | Period of Completion | 24 calendar months including rainy seasons |
| 7. | Date and time of availability of Bid document in the portal | From 12.09.2024, 10.00 AM to 14.10.2024 upto 5.30 PM |
| 8. | Date and time and place for Pre-Bid Conference | 23.09.2024 at 11.00 AM O/o the CE, RRIP, Dhenkanal |
| 9. | Last date and time for receipt of bids in the portal | 14.10.2024 upto 5.30 PM |
| 10. | Date of Opening of Technical Bid (Cover-I) | 15.10.2024 at 11.00 AM |
| 11. | Name and address of the Officer inviting Bid | Chief Engineer, Rengali Right Irrigation Project, Mahisapat, Dhenkanal,PIN- 759001 |

Further details can be seen in the e-procurement portal "https://www.tendersodisha.gov.in." Any addendum/Corrigendum/Cancellation to the above notice will be published in the Govt. Website www.tendersodisha.gov.in.

Sd./- Chief Engineer
Rengali Right Irrigation Project, Dhenkanal
OIPR-32351/11/0003/2425



## ORISSA STATE AIDS CONTROL SOCIETY

Department of Health & Family Welfare, Govt. of Odisha
Tender No.2709/OSACS — Date:05.09.2024
File No.XV-Proc.-12/2024

**NOTICE INVITING TENDER FOR PRINTING AND SUPPLY OF VARIOUS TYPES OF REGISTERS, FORMS, BOOKLETS, POSTERS, LEAFLETS, BROCHURE ETC.**

**No.E-288:** Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under two bid systems from the interested and eligible tenderers for printing and supply of various types of items/ materials i.e., registers, forms, booklets, posters, leaflets, brochure etc. for the current Financial year, which is extendable further for another one year on the same rates, terms and conditions, with mutual consent of both parties & performance of the bidder. The tender documents in prescribed formats should be submitted to the address as mentioned above through Registered Post, Speed Post, Courier only. For more details, please visit website of OSACS (www.osacs.nic.in). The tender documents may be downloaded from the above said website and the Date of availability of Tender document is 11/09/2024, 11.00 AM & Closing Date & Time of Receiving of sealed tender 01/10/2024 upto 5.00 PM.

Sd./- Project Director
OIPR-10009/11/0007/2425



## OFFICE OF THE EXECUTIVE ENGINEER PLANNING AND INVESTIGATION DIVISIONROAD CONSTRUCTION DEPARTMENT (RCD),RANCHI

NirupanBhawan, 3rdFloor, Room No. 401, 56-Set, Doranda, Ranchi-834002

e-Procurement ( Short Tender Notice )
Letter of Invitation (LOI) No.-11/2024-25
4th Call
e-Tender Ref No:–RCD/PID/RANCHI/11/2024-25
Date:-09.09.2024

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of (i) Sini Bajrangbali mandir to Kandra via Hudu road (Tentative Length-20 Km) (ii) Bhurkuli (NH-220) to Saraikela Chaibasa main road via Bandua, Sidadih (Tentative Length-15 Km) (Tentative Total Length-35 Km) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Saraikela Kharsawan District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 35 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/-(Non-Refundable) EMD:- The quotationers have to deposit a fixed amount of Rs 40000.00 (Forty thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 11.09.2024,10:30 AM |
| 7 | Online Last Date/Time of Bid Submission | 25.09.2024 17:00 PM |
| 8 | Date and Time of Bid opening | 26.09.2024 17:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement number | PR 327659 Road(24-25)#D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR.NO.335249 Road(24-25):D


# ପାଟଣେଶ୍ୱରୀ ମନ୍ଦିରରେ ସାମୂହିକ ଚଣ୍ଡୀପାଠ

**ସମ୍ବଲପୁର,୧୦।୯(ବି.ଶଙ୍କର)**

ଶ୍ରୀଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ଆୟୋଜନରେ ସାମୂହିକ ଚଣ୍ଡୀପାଠ ମଙ୍ଗଳବାର ସମ୍ବଲପୁର କମଳିବଜାର ସ୍ଥିତ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶାନ୍ତି ସକାଶେ ଚଣ୍ଡିପାଠ ହୋଇଥିଲା। ପଣ୍ଡିତମାନଙ୍କ ସାମୂହିକ ମନ୍ତ୍ର ଉଚ୍ଚାରଣରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶ୍ରୀଶ୍ରୀ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡାଙ୍କ ପରିଚାଳନାରେ ସାମୂହିକ ଚଣ୍ଡିପାଠ ହୋଇଥିଲା। ପଣ୍ଡିତ ବଂଶୀଧର ଶତପଥୀ, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ଉପେନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ମନବୋଧ ପାଢ଼ୀ, ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ସରିତ କୁମାର ପାଢ଼ୀ, ପଣ୍ଡିତ ଅମରନାଥ ମିଶ୍ର, ସୁରେନ୍ଦ୍ର କୁମାର ପତି, ପଣ୍ଡିତ ଗୋପିନାଥ ପଣ୍ଡା, ପଣ୍ଡିତ ରାକେଶ ମିଶ୍ର, ପଣ୍ଡିତ କାଳିଦାସ ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ୫୧ଜଣ ପଣ୍ଡିତ ଯୋଗଦେଇଥିଲେ। ପାଟଣେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁଶାନ୍ତ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।


DSPL-104

### ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏ ୟୁ" (AU) ସିରିଜ୍

**ବିଶେଷ ସୂଚନା**

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏୟୁ" (AU) ସିରିଜ୍ ର ଉଠାଣ ତା ୧୩/୦୯/୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

OIPR-05001/13/0002/2425



ଫର୍ମ ନଂ.: ୧୩

### ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜ୍‌ଲାସ୍

ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ ନଂ.: ୨୪୨/୨୦୨୪

ବ୍ୟାଙ୍କ ଅଫ୍ ବରୋଦା ..... ଆବେଦନକାରୀ
ବନାମ
ଓଡିଶା ଇଞ୍ଜିନିୟରିଂ ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧. **ଓଡିଶା ଇଞ୍ଜିନିୟରିଂ, ସ୍ୱତ୍ୱାଧିକାରୀ: ଉତ୍କଳ ରଞ୍ଜନ ପଇତାଳ,** ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣୋଦୟ ମାର୍କେଟ, କଟକ - ୭୫୩୦୧୨
୨. **ଶ୍ରୀ ଉତ୍କଳ ରଞ୍ଜନ ପଇତାଳ,** ପିତା: ରବିନ୍ଦ୍ରନାଥ ପଇତାଳ, ସା: ବିକାଶ ନଗର, ବାଦାମବାଡି, ପୋ: ଅରୁଣୋଦୟ ମାର୍କେଟ, କଟକ - ୭୫୩୦୧୨

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.: ୨୪୨/୨୦୨୪ ଦ୍ୱାରା ତା.୦୬.୧୦.୨୦୧୮ ସୁଦ୍ଧା ଟଙ୍କା ୧,୦୫,୫୦,୦୬୪/- ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି ସେମାନେ ଏହି ନୋଟିସ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୦୪.୧୧.୨୦୨୪ ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ ।

ଋଣ ଅସୁଲି ଅଦାଲତଙ୍କ ଦସ୍ତଖତ ଏବଂ ସହୀମୋହର ସହ ଦିନାଙ୍କ ୪ ସେପ୍ଟେମ୍ବର ୨୦୨୪ ରେ ଆଦିଷ୍ଟ ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



No. MM-145:-

## STATE MEDICINAL PLANTS BOARD, ODISHA

(Forest, Environment & Climate Change. Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in
Tel: +91674-2954911

**NOTICE**

State Medicinal Plants Board, Odisha is going to organise the **17th State Level Kalinga Herbal Fair, Bhubaneswar** from **06-11-2024 to 12-11-2024.** Interested Event Management Agencies having adequate eligibility are requested to apply latest by **16.00 Hrs of 24.09.2024.**

For details & Tender documents, please visit the following website: www.odisha.gov.in (tenders.gov.in) OR odishaforest.in & smpbodisha.in

CHIEF EXECUTIVE
SMPB, ODISHA

OIPR-08117/11/0002/2425



बैंक ऑफ़ बड़ौदा Bank of Baroda

## କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪

## ଦଖଲ ବିଜ୍ଞପ୍ତି

(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ (୨୦୦୨ ର ୫୪) ନିୟମ ୩ ସହିତ ଧାରା ୧୩(୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପୂରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା (୧୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଭୌତିକ ଦଖଲ (PHYSICAL POSSESSION)** ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଜେ କେ ଏଣ୍ଟରପ୍ରାଇଜେସ,** ସା: କଳିଙ୍ଗ ନଗର, ନୂଆ ସାହି, ଚୌଦ୍ୱାର, କଟକ-୭୫୪୦୭୧, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିରଞ୍ଜନ ଗୋଛାୟତ,** ସା:ନୂଆ ସାହି, କପାଳେଶ୍ୱର, ଚୌଦ୍ୱାର, କଟକ-୭୫୪୦୭୧ / **ଗ୍ୟାରେଣ୍ଟିଦାତା ତଥା ବନ୍ଧକଦାତା : ଶ୍ରୀମତୀ କବିତା ଗୋଛାୟତ,** ସା: ନୂଆ ସାହି, କପାଳେଶ୍ୱର, ଚୌଦ୍ୱାର, କଟକ-୭୫୪୦୭୧ | **ଶ୍ରୀମତୀ କବିତା ଗୋଛାୟତଙ୍କ** ନାମରେ ଥିବା ବାସପୋଯୋଗୀ ଜମି ଏବଂ ଗୃହ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୫୯/୨୧୭୮, ପ୍ଲଟ୍ ନଂ.: ୨୮୬/୪୯୫୯, ମୌଜା: କପାଳେଶ୍ୱର, ଥାନା: ଚୌଦ୍ୱାର, ଥାନା ନଂ.: ୫୪, ତହସିଲ: ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା : କଟକ, ଓଡ଼ିଶା, କ୍ଷେତ୍ର: ଏକର ୦.୦୮୦ ଡିସିମିଲି | ୩୦.୦୪.୨୦୨୨ / ୦୪.୦୯.୨୦୨୪ | ଟ.୬୯,୦୬,୭୮୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ |

**ସ୍ଥାନ: କଟକ, ତାରିଖ: ୦୬.୦୯.୨୦୨୪** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ଭାଇଚାରାର ବାର୍ତ୍ତା ଦେଲେ ଜାମକାନି ଗ୍ରାମବାସୀ


ଜାମକାନି ଗ୍ରାମବାସୀ ସାମୂହିକଭାବେ ଗାଁ ଦାଣ୍ଡରେ ନୂଆ ଖାଉଛନ୍ତି।

**ତରଭା,୧୦।୯(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସଭା ପଞ୍ଚାୟତ ଅନ୍ତର୍ଗତ ଜାମକାନି ଗ୍ରାମରେ ସାମୂହିକଭାବେ ନୂଆଁଖାଇ ଆଜକୁ ୮ ବର୍ଷ ହେଲା ପାଳିତ ହୋଇଆସୁଛି। ଏହି ଅବସରରେ ଜାମକାନି ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ଇଷ୍ଟଦେବୀ ମା' କନ୍ଧେନ ବୁଢ଼ୀଙ୍କଠାରେ ଗ୍ରାମର ମୁଖ୍ୟ ଝାଙ୍କର କାଳିଆ ଜୁଆଁର ମା'ଙ୍କ ଠାରେ ନୂଆଁ ଲଗେଇ ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ପରେ ସମସ୍ତେ ଗାଁ ଦାଣ୍ଡରେ ସାମୂହିକ ନବାନ୍ନ ଖାଇ ସମାଜକୁ ଭାଇଚାରାର ବାର୍ତ୍ତା ଦେଇଥିଲେ। ନବାନ୍ନ ଭକ୍ଷଣ ପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସନରାଇଜ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିଶିର ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଦୀନେଶ ଘିବେଲା ଯୋଗଦେଇ ଜାମକାନି ଗାଁର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। କ୍ଲବ ସଭାପତି ଶଙ୍କର୍ଷଣ ଗୁରୁ, ଟିକେଶ୍ୱର୍ ରଣା, ସନ୍ତୋଷ ମଲ୍ଲିକ, ଗିରୀଶ ରଣା ସହଯୋଗ କରିଥିଲେ।

# ରତନ ସିଂ ବାରିକ ଦାୟାଦଙ୍କ ନୂଆଁଖାଇ ପାଇଁ ପ୍ରସ୍ତୁତି

**ଖଡ଼ିଆଲ,୧୦।୯(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଚଲାନପଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ବାସଭବନରେ ସ୍ୱର୍ଗତ ରତନ ସିଂ ବାରିକ (କ୍ଷତ୍ରିୟ ରାଜପୁତ) ଦାୟାଦଙ୍କ ନୂଆଁଖାଇ ପାଇଁ ପ୍ରସ୍ତୁତି ବୈଠକ ବୟୋଜ୍ୟେଷ୍ଠ ସଦସ୍ୟ ଧନସିଂ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩୧ରେ ଚଲାନପଡ଼ା ଗ୍ରାମର ପ୍ରଶାନ୍ତ ବାରିକ ମା'ଙ୍କ ମୃତ୍ୟୁ ହୋଇଥିଲା। ଫଳରେ ପଞ୍ଚମୀ ତିଥିରେ ହେବାକୁ ଥିବା ନୂଆଁଖାଇକୁ ସ୍ଥଗିତ ରଖାଯାଇଥିଲା। ଆସନ୍ତା ୧୩ ତାରିଖ ଦଶମୀ ତିଥିରେ ପରିବାରର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମୂହିକ ନୂଆଁ ଖାଇବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସ୍ୱର୍ଗତ ସର୍ଦ୍ଦାର ରତନ ସିଂ ବାରିକଙ୍କ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ପରେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅରବିନ୍ଦ ବାରିକ, ସମ୍ପାଦକ ଭଗବାନ ବାରିକ, କୋଷାଧ୍ୟକ୍ଷ ଭାବଗ୍ରାହୀ ବାରିକ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

# ପଣ୍ଡିତ ଟିକେଶ୍ୱର ଗୁରୁଙ୍କ ପ୍ରତିମୂର୍ତ୍ତି ଅନାବରଣ


ଶିକ୍ଷାବିତ୍ ଟିକେଶ୍ୱର ଗୁରୁଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ବଲାଙ୍ଗୀର,୧୦।୯(ବୀରେନ୍ଦ୍ର କୁମାର ଝାଙ୍କର)**

ଶିକ୍ଷାବିତ୍ ଓ ଜ୍ୟୋତିଷ ବିଶାରଦ ପଣ୍ଡିତ ଟିକେଶ୍ୱର ଗୁରୁଙ୍କ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନ ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ସିଂହାଣୀମୁଣ୍ଡା ଗାଁରେ ବୁଧବାର ଅନାବରଣ କରାଯାଇଛି। ସ୍ୱର୍ଗତ ଗୁରୁ ସ୍କୁଲ ପ୍ରତିଷ୍ଠା ସହ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ କାମ କରିଥିଲେ। ଜଣେ ସରଳ, ଶାନ୍ତ ଓ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବରେ ସେ ପରିଚିତ ଥିଲେ। ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରୁ ଅଧ୍ୟାପକ ଭାବରେ ଅବସର ନେବା ପରେ ନିଜ ଉଦ୍ୟମରେ ବଲାଙ୍ଗୀରରେ ଗୋଟିଏ ସଂସ୍କୃତ ପିଜି ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଆଜିର ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବରେ ବଲାଙ୍ଗୀର ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ତାଙ୍କ ବଡ ପୁଅ ଚଳଚ୍ଚିତ୍ର ନିର୍ମାତା ଘଣ୍ଟେଶ୍ୱର ଗୁରୁ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ରାହ୍ମଣ ମହାସଭା ,ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଶିଷ୍ଟ ବ୍ୟକ୍ତି ,ପରିବାରର ସଦସ୍ୟ ଏବଂ ସିଂହାଣୀମୁଣ୍ଡାର ଅନେକ ଲୋକ ଯୋଗ ଦେଇଥିଲେ। ଶେଷରେ ତାଙ୍କ ସାନପୁଅ ହିମାଂଶୁ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଗତବର୍ଷ ୧୧ ନଭେମ୍ବରରେ ଜ୍ୟୋତିଷ ବିଶାରଦ ଗୁରୁଙ୍କ ପରଲୋକ ହୋଇଥିଲା।

# ପ୍ରସ୍ତାବରେ ସୀମିତ ୫ ଏନ୍‌ଏସି ଘୋଷଣା

## ସରକାରଙ୍କୁ ତଥ୍ୟ ଦେଇନି ପ୍ରଶାସନ

**ସୋନପୁର,୧୦।୯(ମୃତ୍ୟୁଞ୍ଜୟ ଶତପଥୀ)**

ତତ୍କାଳୀନ ବିଜେଡି ସରକାର ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟର ୫୭ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ସୁବଳୟା, ଉଲୁଣ୍ଡା, ରାମପୁର ଓ ଡୁଙ୍ଗୁରିପାଲିର ନାମ ତାଲିକାରେ ରହିଥିଲା। ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ରାଜ୍ୟ ସରକାର ଏହି ଘୋଷଣା କରିଥିଲେ। ତେବେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଜରିଆରେ ସେଭଳି କିଛି କାର୍ଯ୍ୟ ହୋଇ ନ ଥିବା ସୂଚନା ମିଳିଛି। ପ୍ରାକ୍ତନ ସରକାରଙ୍କ ନୂତନ ଏନ୍‌ଏସି ପ୍ରସ୍ତାବକୁ ମୋହନ ମାଝିଙ୍କ ସରକାର କାର୍ଯ୍ୟକାରୀ କରିବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନି। ପ୍ରଶାସନ ଏ ଦିଗରେ ତତ୍ପର ନଥିବା ବେଳେ ଏ ନେଇ ଉତ୍ତର କାହାରି ପାଖରେ ନାହିଁ। ଜିଲାର ୫ଟି ନୂତନ ଏନ୍‌ଏସି ପ୍ରସ୍ତାବ ଉପରେ ଜିଲାପାଳଙ୍କ ପକ୍ଷରୁ ୨୨ଗୋଟି ପାରାମିଟର ଉପରେ ତଥ୍ୟ ଆହ୍ୱାନ କରାଯାଇଥିଲା। କିନ୍ତୁ କୌଣସି ଗୋଟିଏ ବି ଏନ୍‌ଏସି ସମ୍ପର୍କିତ ତଥ୍ୟ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାକୁ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇନି।

ଜିଲାରେ ସୁବର୍ଣ୍ଣପୁର ପୌର ପରିଷଦ ଥିବା ବେଳେ ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଯଦି ପୁଣି ୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକାରୀ ହୁଏ ତେବେ ଜିଲାର ୬ଟି ବ୍ଲକରେ ସହରାଞ୍ଚଳ ସଂଖ୍ୟା ୮କୁ ବୃଦ୍ଧି ପାଇବ। ସେହିପରି ୧୨ରୁ ଉର୍ଦ୍ଧ ପଞ୍ଚାୟତ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନକୁ ଯିବ। ପୂର୍ବ ସରକାରଙ୍କ ନୂତନ ଏନ୍‌ଏସି ପ୍ରସ୍ତାବରେ ଅଞ୍ଚଳବାସୀ ଖୁସି ହୋଇଥିଲେ। ସୁବଳୟା ଓ ରାମପୁର ଭଳି ଅଞ୍ଚଳରେ ଲୋକେ ଖୁସିରେ ବାଜା ବଜାଇ ଶୋଭାଯାତ୍ରା କରିବା ସହ ବାଣ ଫୁଟାଇ ଥିଲେ। ଏପରିକି ପ୍ରାକ୍ତନ ବିଧାୟକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ ପ୍ରତିନିଧି ଭୁବନେଶ୍ୱର ଯାଇ ୫-ଟି ଓ ନବୀନ ଓଡ଼ିଶାର ତତ୍କାଳୀନ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ। ବୀରମହାରାଜପୁର, ଉଲୁଣ୍ଡା ଓ ସୁବଳୟାକୁ ଏନ୍‌ଏସି ଦାବି ପୂରଣ ହୋଇଥିବାରୁ ପ୍ରତିନିଧିମାନେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନିକ ସ୍ତରରେ କୌଣସି ଉଦ୍ୟମ ଆରମ୍ଭ ହୋଇନି। ନୂଆ ସରକାର ଏହି ପ୍ରସ୍ତାବକୁ ନାଁ କହି ପାରୁନାହାନ୍ତି କି କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରୁନାହାନ୍ତି। ମଙ୍ଗଳବାର ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ ନୂଆ ଏନ୍‌ଏସି କରିବା ପାଇଁ ପୂର୍ବ ସରକାରଙ୍କ ପ୍ରସ୍ତାବ କେବେ କାର୍ଯ୍ୟକାରୀ ହେବ ବୋଲି ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଏହାର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖା ଯାଇଥିଲା। କିନ୍ତୁ କୌଣସି ଜିଲାପାଳ ଏ ପର୍ଯ୍ୟନ୍ତ ଉତ୍ତର ଦେଇନାହାନ୍ତି। ଜିଲାପାଳମାନଙ୍କୁ ଆଉ ଥରେ ଚିଠି ଲେଖିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବ ବିଜେଡି ସରକାର ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ନୂଆ ଏନ୍‌ଏସି ପାଇଁ କେବଳ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବ ଉପରେ କୌଣସି କାମ ହୋଇ ନ ଥିଲା। ବର୍ତ୍ତମାନର ଭାଜପା ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଗୁଡିକୁ କାର୍ଯ୍ୟକାରୀ କରାଯିବ ନା ଫାଇଲ ତଳେ ଅଟକିଯିବ ତାହାକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହେଲାଣି।

# ଭାଲୁଡୁଙ୍ଗୁରିରେ ନୂଆଁଖାଇ ଭେଟ୍‌ଘାଟ



ଭାଲୁଡୁଙ୍ଗୁରୀରେ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି,୧୦।୯(ପୀତାମ୍ବର ସାହୁ)**

ଲୋକେ ଜଙ୍ଗଲରେ ରହୁଥିବାବେଳେ ଚାଷ କରିବା ଆରମ୍ଭ କରିଥିଲେ। ସେମାନଙ୍କ ବିଶ୍ୱାସ ଥିଲା ଯେ, ଆମକୁ ଯାହା ମିଳୁଛି ତାହା ଧରିତ୍ରୀ ମା' ଦେଉଛନ୍ତି। ସେଥିପାଇଁ ସେମାନଙ୍କ ପ୍ରଥମ ଅମଳ ଧରିତ୍ରୀ ମା'ଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ। ସେଥିପାଇଁ ନୂଆଁଖାଇରେ ପ୍ରଥମ ଫସଲ ଧରିତ୍ରୀ ମା' ଓ ନିଜ ଇଷ୍ଟଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଉଛି। ନୂଆଁଖାଇ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପାଳନ ହେଉଛି। ଏହା ଏବେ ଖାଲି ପଶ୍ଚିମ ଓଡ଼ିଶା ନୁହେଁ, ଦେଶବିଦେଶରେ ପାଳନ ହେଲାଣି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଭାଲୁଡୁଙ୍ଗୁରୀ ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ସ୍ଥାନୀୟ ଗଣେଶ ପୂଜା କମିଟି ସମ୍ପାଦକ ଭଗବାନ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ବାଗବର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ମୁଖ୍ୟ ଅତିଥି, ଶିକ୍ଷକ ସୁଶୀଲ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ବୀରମହାରାଜପୁର ଉପଖଣ୍ଡରେ ଟପ୍ପର ହୋଇଥିବା ଗ୍ରାମର କୁନ୍ତୀ ସାହୁ ଓ ସେବା ପାଇଁ ଗ୍ରାମର ଭଗବାନ ଧଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସାଧାରଣ ଜ୍ଞାନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପୀନାଥ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ ସାହୁ ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାଲୁଡୁଙ୍ଗୁରି ଗଣେଶ ପୂଜା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ, କୃତୀ ପ୍ରତିଯୋଗୀ ପୁରସ୍କୃତ


ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥି ଓ ପୁରସ୍କୃତ ବିଜେତାମାନେ।

**ବିନିକା,୧୦।୯(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପୂର୍ଣ୍ଣମାସୀ ମନ୍ଦିର ପରିସରରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଡଭିତର ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ବ୍ଲକ ଆମ୍ବା ଅଧ୍ୟକ୍ଷ ବିବସ୍ୱତ ପଣ୍ଡା, ସ୍ୱେଚ୍ଛାସେବୀ ବଶିଷ୍ଠ ପଣ୍ଡା, ପ୍ରତାପ ଚନ୍ଦ୍ର, ସଞ୍ଜୀବ ତ୍ରିପାଠୀ ଯୋଗଦେଇ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଅଶୋକ ନନ୍ଦ, ସୋନପୁର ନୃତ୍ୟକଳା ଏକାଡେମୀ ନିର୍ଦ୍ଦେଶକ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ଅବସରରେ ଗ୍ରୁପଡାନ୍ସ ଓ ସିଙ୍ଗଲ ଡାନ୍ସ ଅନୁଷ୍ଠିତ ହୋଇଥିଲା। ଗ୍ରୁପ ଡାନ୍ସରେ ପ୍ରଥମ ଅନ ୱାନଟେଡ ୱିଙ୍ଗସ ବିନିକା, କେକେ ଡାନ୍ସ ଗ୍ରୁପ କୁଲପଡା ଦ୍ୱିତୀୟ, ଫୁଲମୁଠି ଡ୍ୟାନ୍ସ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଙ୍ଗଲ ଡାନ୍ସରେ ସୁରଜ ମାହାର ପ୍ରଥମ, ଜଗଦୀଶ ମୁଣ୍ଡା ଦ୍ୱିତୀୟ, ଯମୁନା ବାଗ ତୃତୀୟ ହୋଇ ଅତିଥିମାନଙ୍କଦ୍ୱାରା ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ସୋନପୁର ନୃତ୍ୟକଳା ଏକାଡେମୀର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ମିଶ୍ର, ଯୋଗ ଦେଇଥିଲେ। ଆଶିଷ ବାରିକ ମଞ୍ଚ ପରିଚାଳନା କରିଥିଲେ। ବବୁଲୁ ସଲିମା ସ୍ୱାଗତ ଭାଷଣ ଦେଇଥିଲେ। ସୋମନାଥ କଟୁଆଲ, ମଜ୍ଜୁନୁ ଥନାପତି, ଦୀପକ ବାରିକ, ଅବିନାଶ ଥନାପତି, ଶଶାଙ୍କ ଥନାପତି, ସୌମିତ୍ରୀ ଥନାପତିଙ୍କ ସହ ଆୟୋଜକ ପୂଜା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଡଭଲାରେ ନୂଆଁଖାଇ ଭେଟ୍‌ଘାଟ

**ବିନିକା, ୧୦।୯(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନମ୍ବର ୧ ଡଭଲା ଗ୍ରାମ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରଦୀପ ପଣ୍ଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଡଭଲା ଯୁବକ ସଂଘ ସଭାପତି ଗୋପାଳ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୁବକ ସଂଘ ସମ୍ପାଦକ ଅଜିତ କୁମାର ନାୟକ, କୋଷାଧ୍ୟକ୍ଷ ଅନୁରାଗ ନାୟକ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ଦଧିବାମନ ନାୟକ, ସଙ୍ଗୀତ ଓ ନୃତ୍ୟ ବିଚାରକ ପ୍ରାଣବନ୍ଧୁ ପାଢ଼ୀ, ପ୍ରଶାନ୍ତ କୁମାର ନାୟକ, ଭୁବନେଶ୍ୱର ମହାକୁର ରହିଥିଲେ । ସାଧାରଣଜ୍ଞାନ ବିଚାରକ ଶିକ୍ଷକ କାମପାଳ ପଣ୍ଡା, ଶିକ୍ଷକ ମୁକୁନ୍ଦ ପ୍ରାସାଦ ନାୟକ, ଶିକ୍ଷକ କାହ୍ନୁ ଚରଣ ନାୟକ, ରଙ୍ଗୋଲି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଶାନ୍ତ ମହାକୁର, ବିଚାରକ ଭାବେ ଉପସ୍ଥିତ ଥିଲେ। ଗ୍ରାମବାସୀ ନୂଆଁଖାଇ ସରିବା ପରେ ଗୋପାଳଜୀ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରଷ୍କୃତ କରାଯାଇଥିଲା। ଯୁବକ ସଂଘ ପକ୍ଷରୁ ସମାଜସେବା କ୍ଷେତ୍ରରେ ସୁଶାନ୍ତ କୁମାର ଭୂଏ, କଳା କ୍ଷେତ୍ରରେ ପାରାୟଣ ଗାୟିକା ସୁଶ୍ରୀ ବନ୍ଦିତା ନାୟକ, ଶିକ୍ଷାକ୍ଷେତ୍ରରେ ଡାକ୍ତରୀ ଛାତ୍ରୀ ପ୍ରିୟଙ୍କା ନାୟକଙ୍କୁ ପ୍ରେରଣା ପତ୍ର ପତ୍ର ପ୍ରଦାନ କରାଯାଇଥିଲା ।

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା।
ଦେବେନ୍ଦ୍ର ଜେନା
ଶିକ୍ଷାବିତ୍, ସାମାଜିକ କର୍ମୀ, ସବୁଜ ବିପ୍ଳବୀ
ଶିଆଳିଆ, ଶେଣ୍ଢତୀରା, ବନ୍ତ,ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣ ଓ ପାଠକ ପାଠିକାଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଖଗେଶ୍ୱର ଜେନା
ପ୍ରଧାନଶିକ୍ଷକ, ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ, ଚୂଡ଼ାକୁଟି, ଧାମନଗର

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା ଅଧୀନ ପଧାନପଡା ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ ସଭ୍ୟସଭ୍ୟା, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମ୍ଭର କାମନା ।
ସେକ୍ କଦମ୍
ସଭାପତି, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ
ନାରାୟଣ ଚନ୍ଦ୍ର ସାହୁ
ସମ୍ପାଦକ, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଧରିତ୍ରୀ ନୂଆ ଓଡ଼ିଶାର ସ୍ୱପ୍ନକୁ ସାକାର ପାଇଁ ସାରଥି ହେଉ । ଏହାହିଁ ମୋର ପ୍ରଭୁ ଜଗନ୍ନାଥଙ୍କଠାରେ କାମନା ।
ଲକି ସ୍ୱାଇଁ
ଟିଲୋ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରାଜେଶ କୁମାର ପଢ଼ିଆରୀ
ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମୋରଡ଼ା

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ପଞ୍ଚାୟତ ସମିତିର ସମସ୍ତ ବିଭାଗର କର୍ମଚାରୀ, ଜନପ୍ରତିନିଧି ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ପ୍ରଦୀପ କୁମାର ସେଠୀ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମା' କିଚକେଶ୍ୱରୀ ମଙ୍ଗଳ କରନ୍ତୁ।
ପରିତୋଷ ବାରିକ
ସଭାପତି, ଭଞ୍ଜସେନା, ମୋରଡ଼ା ବ୍ଲକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସାବରଙ୍ଗ ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ଶାନ୍ତି, ସଦ୍‌ଭାବନା ବଜାୟ ରଖିବାକୁ ଅନୁରୋଧ। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରୀନା ବକ୍ସଲା
ଥାନାଧିକାରୀ, ସାବରଙ୍ଗ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀ ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ତରୁଣ କୁମାର ଦେ (ଦେବୁ ଭାଇ)
ଯୁବ ସାମାଜିକ କର୍ମୀ, ମୋରଡ଼ା ନିର୍ବାଚନମଣ୍ଡଳୀ

ଅଭିନନ୍ଦନ
ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ମୁଁ ସିମୁଳିଆ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘଜୀବନ କାମନା କରୁଛି ।
କଂଗ୍ରେସ ହିଁ ଦେଶର ଏକମାତ୍ର ବିକଳ୍ପ
ହିମାଂଶୁ ଶେଖର ବେହେରା
କଂଗ୍ରେସ ବିଧାୟକ ପ୍ରାର୍ଥୀ, ସିମୁଳିଆ ନିର୍ବାଚନମଣ୍ଡଳୀ

# ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

## ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଦାବିପତ୍ର ପ୍ରଦାନ

ରାଉରକେଲା, ୧୦।୯(ବିପ୍ଳବ ରଞ୍ଜନ ଦାଶ)


ଆର୍‌ଏମ୍‌ସି ସମ୍ମୁଖରେ ଜିଲା କଂଗ୍ରେସ ସ୍ମାରକପତ୍ରରେ ଦାବି ଉପସ୍ଥାପନ କରୁଛନ୍ତି।

ରାଉରକେଲା ଜିଲା କଂଗ୍ରେସ ତରଫରୁ ମଙ୍ଗଳବାର ବିଭିନ୍ନ ଦାବି ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଦାନ ହୋଇଥିବା ସ୍ମାରକପତ୍ରରେ ଜିଲା କଂଗ୍ରେସ ପକ୍ଷରୁ ରେଳପଥ କଡରେ ଦୀର୍ଘ ୫୦ବର୍ଷ ଧରି ବସବାସ କରି ରହି ଆସୁଥିବା ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କରାଯାଇଛି। ୨୦୨୩ ପୁରୁଷ ହକି ବିଶ୍ୱକପ ସମୟରେ ରାଉରକେଲା ବିମାନ ବନ୍ଦର ନିକଟରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲା ଯାହା ବର୍ଷେ ନ ପୂରୁଣୁ ସାମାନ୍ୟ ବର୍ଷାରେ ଟଳି ପଡିଲା। ପରେ ଟଳି ପଡିଥିବା ପ୍ରତିମୂର୍ତ୍ତିଠାରୁ ଆହୁରୀ ଆକର୍ଷଣୀୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଆରଏମ୍‌ସି ପକ୍ଷରୁ କୁହାଗଲା। ମାତ୍ର ପାଖାପାଖି ଦେଢବର୍ଷ ପୁରିଗଲାଣି ପ୍ରତିମୂର୍ତ୍ତି ସ୍ଥାପନ ହେଉନି। ଯାହାକି ହକିର ଗଡ ସୁନ୍ଦରଗଡ ଓ ରାଉରକେଲା ଗୌରବରେ କୁଠାରଘାତ କରୁଛି। ଏଣୁ ତୁରନ୍ତ ଚିତାକର୍ଷକ ହକିସ୍ମାରକୀ ସ୍ଥାପନ କରାଯାଉ। ଏଥିସହ ସ୍ମାର୍ଟସିଟି ପକ୍ଷରୁ ସହରରେ ସ୍ମାର୍ଟସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ଅପରାଧିକ ଗତିବିଧି ନିୟନ୍ତ୍ରଣ ପାଇଁ ସହରସାରା ସିସିଟିଭି କ୍ୟାମେରା ସ୍ଥାପନ କାର୍ଯ୍ୟ ମଧ୍ୟ ଏଯାବତ ସମ୍ପୂର୍ଣ୍ଣ ହୋଇନି। ଏଣୁକରି ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିୟୋଜନ କରାଯାଇ ସିସିଟିଭି କ୍ୟାମେରା ସ୍ଥାପନ କାମ ଶୀଘ୍ର ସମ୍ପାଦନ କରିଯିବାକୁ ଦାବି ହୋଇଛି। ସହରରେ ଗୋଶାଳା ଥିଲେ ମଧ୍ୟ ଗୋଶାଳାରେ ଗୋରୁ ନ ରହି ମୁଖ୍ୟରାସ୍ତା ଉପରେ ବିଚରଣ କରୁଛନ୍ତି। ଫଳରେ ପ୍ରତ୍ୟେହ ଦିନ ରାଜରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଲୋକ ଆହତ ହେଉଛନ୍ତି। ଏଣୁ ଆହତ ବ୍ୟକ୍ତିମାନଙ୍କୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ। ରାଉରକେଲାରେ ବହୁ ଟଙ୍କା ବ୍ୟୟରେ ସ୍ୱରେଜ ସିଷ୍ଟମ ହେଲା। ଏହା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉ। ଏଥିସହ ସ୍ମାର୍ଟ ବିଦ୍ୟୁତ ମିଟର ସ୍ଥାପିତ ହୋଇଥିବା ଗୃହରେ ମିଟର ରିଡିଙ୍ଗ ଭୁଲ ନିଆଯାଇ ଅଧିକ ବିଲ୍ କରାଯାଉଥିବା ବିଦ୍ୟୁତ୍ ଉପଭୋକ୍ତା ଅଭିଯୋଗ କରିଛନ୍ତି। ଏଣୁ ଏହାର ତଦନ୍ତ କରାଯାଉ। ରାଉରକେଲା ସରକାରୀ ଡାକ୍ତରଖାନାକୁ ଆଧୁନିକୀକରଣ କରାଯିବା ସହିତ ଡାକ୍ତରଖାନାର ଶଯ୍ୟା ବୃଦ୍ଧି ଏବଂ ସ୍କୁଲ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସରକାରୀ ବସରେ ରିହାତି ମୂଲ୍ୟରେ ଟିକଟ ଯୋଗାଇବା ବ୍ୟବସ୍ଥା କରାଯାଉ ବୋଲି ସ୍ମାରକପତ୍ରରେ ଦାବି କରିଥିଲେ। ଏହି ସ୍ମାରକପତ୍ର ପ୍ରଦାନରେ ରାଉରକେଲା ଜିଲା କଂଗ୍ରେସ ସଭାପତି ରବି ରାୟ, ଓଡିଶା ପ୍ରଦେଶ କଂଗ୍ରେସର ସଚିବ ହୁସେନ, ଜିଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ରବି ରାୟଙ୍କ ସମେତ ରଘୁନାଥ ଦାସ, ବ୍ରଜବନ୍ଧୁ ତ୍ରିପାଠୀ,ଶିବ ସାଓ, ହରପ୍ରସାଦ ସାମଲ, ଡେଭିଡ ରାଓ ପ୍ରମୁଖ ସମ୍ମିଳିତ ରହିଥିଲେ।

# କାର୍ଯ୍ୟରତ ୨୫ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୧୦।୯(ବିପ୍ଳବ ରଞ୍ଜନ ଦାଶ)

## ଆର୍‌ଏସ୍‌ପି ଆୟୋଜିତ ସ୍ୱାସ୍ଥ୍ୟ ଶିବିର

ଆର୍‌ଏସ୍‌ପିସ୍ଥିତ ଟାଉନ ଇଞ୍ଜିନିୟରିଂ ବିଭାଗର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଟାଉନ ଇଞ୍ଜିନିୟରିଂ, ଟାଉନ ସର୍ଭିସେସ,ଉଦ୍ୟାନ କୃଷି ବିଭାଗ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିୟୋଜିତ ଥିବା ୨୫ଜଣ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଫଳରେ ଠିକା ଶ୍ରମିକମାନେ ସ୍ୱାସ୍ଥ୍ୟଜନିତ ସେବା ଲାଭ କରି ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ କାର୍ମିକ ଠିକା ଶ୍ରମିକ ସେଲ ଦ୍ୱାରା ପରିଚାଳିତ ଏବଂ କର୍ମଚାରୀ ଓ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲର ଡକ୍ଟର ଓ ଟେକ୍ନିସିଆନଙ୍କ ସହଭାଗୀତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୪୦ବର୍ଷ ବୟସ୍କ ଠିକା ଶ୍ରମିକମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା ହୋଇଥିଲା। ଶିବିରରେ ଆରଏସ୍‌ପି ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ ଇନଚାର୍ଜ ପି.କେ ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳିତ ରହିଥିଲେ। ଏହି ଅବସରରେ ସ୍ୱାଇଁ ଶ୍ରମିକମାନଙ୍କ ନିମନ୍ତେ ଆୟୋଜିତ ପ୍ରୟାସର ପ୍ରଶଂସା କରିଥିଲେ। ଅଧିକ ଉତ୍ପାଦକତା ଓ ପ୍ରଦର୍ଶନ ନିମନ୍ତେ ମାନବ ସମ୍ବଳକୁ ସୁସ୍ଥ ରଖିବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଶିବିରରେ ଠିକା ଶ୍ରମିକମାନଙ୍କର ଉଚ୍ଚତା,ଓଜନ,ବଡି ମାସ୍ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ରକ୍ତବର୍ଗ ଚିହ୍ନଟିକରଣ, ହେପାଟିଟିସ ବି, ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଠିକା ଶ୍ରମିକମାନଙ୍କୁ ସର୍ବେକ୍ଷଣ ଫର୍ମ ପ୍ରଦାନ କରାଯିବା ସହ ସର୍ବେକ୍ଷଣରେ ଚିହ୍ନଟ ରୋଗୀମାନଙ୍କୁ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପାଇଁ ଇଏସ୍‌ଆଇ ହସ୍ପିଟାଲକୁ ରେଫର କରାଯାଇଥିଲା। ଆର୍‌ଏସପି ମାନବ ସମ୍ବଳ ଠିକା ଶ୍ରମିକ ସେଲର ସିନିୟର ମ୍ୟାନେଜର ରାଜୀବ ମୁଖାର୍ଜୀ ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ଫୁଡ କୋର୍ଟରୁ ବାଇକ୍ ଚୋରି

ରାଉରକେଲା,୧୦।୯(ଦିନେଶ ମିଶ୍ର): ଟାଙ୍ଗରପାଲି ଥାନା ଅନ୍ତର୍ଗତ ଇସ୍ପାତ ଇଂରାଜୀ ସ୍କୁଲ ନିକଟରେ ଥିବା ଫୁଡକୋର୍ଟ୍ ପାର୍କିଂରୁ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ପୋଲିସ(ନଂ.୧୬୨।୨୪)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଟାଙ୍ଗରପାଲି ଅଞ୍ଚଳରେ ସନ୍ତୋଷ ପାତ୍ର ପରିବାର ସହ ବାସ କରନ୍ତି। ସନ୍ତୋଷ ସୋମବାର ରାତି ୧୦ଟାରେ ଘର ପାଖରେ ଥିବା ଫୁଡକୋର୍ଟକୁ ବାଇକ୍ ଗାଡିନଂ.ଓଡି-୧୪ଏ-୧୭୬୬ ଯୋଗେ ଖାଇବାକୁ ଆସିଥିଲା। ଏହି ସମୟରେ ଫୁଡ୍‌କୋର୍ଟ ସମ୍ମୁଖରେ ଥିବା ପାର୍କିଂରେ ଯୁବକ ଜଣଙ୍କ ନିଜ ବାଇକ୍‌କୁ ପାର୍କିଂ କରିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବାଇକକୁ ଚୋରି କରି ଫେରାର ହୋଇଯାଇଥିଲେ। ପରେ ଯୁବକ ଜଣଙ୍କ ବାଇକ୍‌କୁ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଶେଷରେ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

# ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ୟୁନିଟ୍ ଗୁଣବତ୍ତା ମଣ୍ଡଳୀ ପ୍ରୟାସରେ ସୁରକ୍ଷା ବୃଦ୍ଧି

ରାଉରକେଲା,୧୦।୯(ବିପ୍ଳବରଞ୍ଜନ ଦାଶ)

ଆର୍‌ଏସ୍‌ପିର ଏସ୍‌ଏମ୍‌ଏସ୍-୨ ବିଭାଗର କ୍ରିଏଟିଭ ଗୁଣବତ୍ତା ମଣ୍ଡଳୀ (କ୍ୟୁ.ସି)ର ଅଭିନବ ପ୍ରୟାସ ଦ୍ୱାରା ବିଭାଗର ଯଥେଷ୍ଟ ସୁରକ୍ଷା ବୃଦ୍ଧି ସହିତ କମ୍ପାନୀର ବିପୁଳ ସଞ୍ଚୟ ସାଧନ ଧାରା ସିଦ୍ଧ ହୋଇଛି। ଏହି ଟିମ୍‌ରେ ନେତୃତ୍ୱ ନେଇଥିଲେ ଲିଡର ଅମୂଲ୍ୟ ବିଶୋୟୀ, ଡେପୁଟି ଲିଡର ଅଭିଷେକ ଠାକୁର, ସଦସ୍ୟ ଦୁର୍ଗା ପ୍ରସାଦ ପାଲେୟା, ଅଭିନାଶ ରାଉତ ଏବଂ କୁମାର ବିକ୍ରାନ୍ତଙ୍କ ସମେତ ଏସ୍‌ଏମ୍‌ଏସ୍-୨ ମେକାନିକାଲ ବିଭାଗର ସିନିୟର ଲକ୍ଷ୍ମଣ ସ୍ୱାଇଁ ଏଥିରେ ଫାସଲିଟେଟର ଭାବେ ସାମିଲ ରହିଥିଲେ। ପ୍ରକଳ୍ପ ସନ୍ଦର୍ଭରେ ଏସ୍‌ଏମଏସ-୨ରେ ନିରବଚ୍ଛିନ୍ନ ଇସ୍ପାତ ଉତ୍ପାଦନ ପାଇଁ ସ୍କର୍ଟ ଅପରେଟିଂ ସିଲିଣ୍ଡରର ହାଇଡ୍ରୋଲିକ ସର୍କିଟର ରୁପାନ୍ତରଣ ରହିଥିଲା। ସୂଚନାଯୋଗ୍ୟ ଯେ, ଏଲ.ଡି କନଭର୍ଟର ହେଉଛି ଇସ୍ପାତ ତିଆରି ପ୍ରକ୍ରିୟାର ଏକ ପ୍ରମୁଖ ଅଂଶ। ଏହି କନଭର୍ଟର ହୁଡରେ ଏକ ୱାଟର କୁଲଡ ହୁଡ ରହିଛି ଏବଂ ହୁଡ୍‌ର ନିମ୍ନ ଭାଗରେ ଏକ ଚଳନଶୀଳ ୱାଟର କୁଲଡ ସ୍କର୍ଟ ସଂଲଗ୍ନ ଅଛି, ଯାହାକୁ ହାଇଡ୍ରୋଲିକ ସିଷ୍ଟମ ମାଧ୍ୟମରେ ଆବଶ୍ୟକ ନୁଯାୟୀ ଉପର/ତଳ କରାଯାଏ। ସିଷ୍ଟମର ହାଇଡ୍ରୋଲିକ ସିଲିଣ୍ଡରଗୁଡିକର ହୁଡ ଟ୍ରଲି ଭିତରେ ଅବସ୍ଥାପିତ ଯାହା ପ୍ରେସର ଲାଇନ ଭଲଭ,ରିଟର୍ନ ଲାଇନ ଭଲଭ ଏବଂ ବାଇପାସ ଭଲଭ୍ ମାଧ୍ୟମରେ ପରିଚାଳିତ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସ୍କର୍ଟ ଚଳନ ସହିତ ଜଡିତ ସମସ୍ୟା ଯଦି ଅଳ୍ପ ସମୟରେ ସମାଧାନ ନ ହୁଏ, ତେବେ ହୁଡ ମଧ୍ୟରୁ ଜଳ ନିସୃତ ହେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଦୀର୍ଘ ସମୟ ପାଇଁ ଉତ୍ପାଦନ ବ୍ୟାଘାତ ହେବା ସହିତ ଇସ୍ପାତ ରସାୟନରେ ଅବନତି ଓ କନଭର୍ଟର ଲାଇନ ଲାଇଫର ଗୁରୁତ୍ୱ ହ୍ରାସର କାରଣ ସାଜିଥାଏ। ସୂଚନାଯୋଗ୍ୟ ଯେ,ଆଖପାଖର ଉଚ୍ଚ ତାପମାତ୍ରା, ବିପଜ୍ଜନକ ଗ୍ୟାସ ଅବସ୍ଥିତି ଓ କନଭର୍ଟର ଲାମ୍ବରୁ ମେଟାଲ ସ୍କଲ ଖସିଯିବା ଆଶଙ୍କାରୁ ହାଇଡ୍ରୋଲିକ ସିଷ୍ଟମର ରକ୍ଷଣା ବେକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣତା ବହନ କରେ। ଏହାକୁ ନେଇ ଅନେକ ବିଚାରବିମର୍ଶ ହେବା ପରେ ଗୁଣବତା ମଣ୍ଡଳୀ ଦ୍ୱାରା ହାଇଡ୍ରୋଲିକ ସିଷ୍ଟମର ସମସ୍ତ ବଲଭଗୁଡିକୁ ହୁଡ ବାହାରେ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ନିଷ୍ପତି ହେଲା। ତଦନୁଯାୟୀ ଡିଜାଇନ ବିଭାଗର ସହଯୋଗରେ ଏହାକୁ କାର୍ଯ୍ୟକାରୀ କରାଗଲା। ପ୍ରଥମେ ହାଇଡ୍ରୋଲିକ ପାଇପ ଲାଇନର ୱେଲଡିଂ କାର୍ଯ୍ୟ ସମ୍ପନ୍ନ କରାଗଲା ଓ ପରେ ମରାମତି କାର୍ଯ୍ୟରେ ଟ୍ରଲିର ଚଳପ୍ରଚଳ ସୁଗମ କରିବା ପାଇଁ ହୁଡ ଟ୍ରଲି ସହିତ ଫ୍ଲେକ୍ସିବଲ ହୋସ ସଂଯୋଗ କରାଗଲା। ଫଳରେ ଉପରୋକ୍ତ ଦଳଦ୍ୱାରା ପ୍ରକଳ୍ପ ସୁରକ୍ଷା ବୃଦ୍ଧି ନିଶ୍ଚିତ ହେଲା। ଯଦ୍ଦ୍ୱାରା କାରଖାନା ସ୍ତରୀୟ କ୍ୟୁସି ପ୍ରତିଯୋଗିତାରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରି ଅଧ୍ୟାୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।


କାରଖାନାସ୍ତରୀୟ ପ୍ରତିଯୋଗିତାରେ ଦଳ ପୁରସ୍କାର ସହିତ ମାନପତ୍ର ଗ୍ରହଣ କରୁଛି।

# ଡେଙ୍ଗୁରୋଗ ସଚେତନତା କର୍ମଶାଳା

ରାଉରକେଲା,୧୦।୯(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ମାଲଗୋଦାମ ବସ୍ତିରେ ଡେଙ୍ଗୁ ରୋଗ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ମା' ଏସ୍‌ଏଜି ଗ୍ରୁପ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବସ୍ତିର ପ୍ରାୟ ଶତାଧିକ ମହିଳା ଉପସ୍ଥିତ ରହି ଡେଙ୍ଗୁ ରୋଗର ନିରାକରଣ ଓ ଉପଚାର ବିଷୟରେ ଅବଗତ ହୋଇଥିଲେ। ଏହି କର୍ମଶାଳାରେ ରାଜସ୍ଥାନ ସେବା ସଦନର ଡାକ୍ତର ଏସ୍.ବିଶି ଯୋଗଦେଇ ଡେଙ୍ଗୁରୋଗରୁ କିଭଳି ଆମେ ମୁକ୍ତି ପାଇପାରିବା ସେନେଇ ବିସ୍ତୃତ ମତ ପ୍ରକାଶ କରିଥିଲେ। ବସ୍ତି ଭିତରେ ଥିବା ଖାଲ ସ୍ଥାନରେ ପାଣି ଜମା ନ ରଖିବା, ବସ୍ତିର ପରିବେଶକୁ ସଫା ସୁତରା ରଖିବାକୁ ଡାକ୍ତର ବିଶି ପରାମର୍ଶ ଦେଇଥିଲେ। କୌଣସି ବ୍ୟକ୍ତିଙ୍କ ହାତ ଘୋଡ ଘୋଳା ବିନ୍ଧା କରିବା ଓ ବାରମ୍ବାର ଜ୍ୱର ନ ଛାଡିବା ଲକ୍ଷଣ ଶରୀରରେ ଦେଖାଦିଏ ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ବସ୍ତିବାସୀଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ବସ୍ତିର ଶତାଧିକ ଲୋକଙ୍କ ଉପସ୍ଥିତିରେ ଡେଙ୍ଗୁ ସଚେତନତାକୁ ନେଇ ଏକ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲିରେ ସ୍ଥାନୀୟ ଏସ୍‌ଏଜି ଗ୍ରୁପର ମହିଳାମାନେ ହାତରେ ପ୍ଲାଗ୍‌କାର୍ଡ ଧରି ବିଭିନ୍ନ ଲୋକଙ୍କୁ ସଚେତନ କରାଇଥିଲେ। ଏହି ରାଲିକୁ ପରିଚାଳନାରେ ସଦସ୍ୟା କୁମୁଦୁନୀ ସେଠୀ, ଲିଷ୍ପା ରାଉତ, ମାୟା ବାନାର୍ଜୀ, ରେଶମା ବାନୋ, ମରିୟମ ଏକ୍କା, ଶାନ୍ତିଲତା ଦୁବେଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଗ୍ରୁପର ସଭାପତି ନନ୍ଦିତା ଭୂମିଜ ଧନ୍ୟବାଦ ଅର୍ପଣ କରିଥିଲେ।

# ବିମାନବନ୍ଦରରେ ଜାତୀୟ ପତାକାକୁ ଶୋଭିତ କରିବାକୁ ଦାବିପତ୍ର

ରାଉରକେଲା,୧୦।୯(ଦିନେଶ ମିଶ୍ର): ଛେଣ୍ଡ ୱେଲ ଫେୟାର କମିଟି ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ରାଉରକେଲା କମିଶନର ତଥା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ରାଉରକେଲା ଏକ ଭାଇଚାରାର ସହର ହୋଇଥିବାବେଳେ ଏହାକୁ ମିନିଇଣ୍ଡିଆ ବୋଲି କୁହାଯାଏ । ଏହି ସହରରେ ସବୁ ଧର୍ମ, ଜାତି ଓ ସଂସ୍କୃତିର ଲୋକ ବସବାସ କରନ୍ତି। ରାଉରକେଲା ବିମାନ ବନ୍ଦର ନିକଟରେ ବିପିୟୁଟି ଓ ବିଶ୍ୱର ସର୍ବବୃହତ୍ତ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ରହିଛି। ଏଠାକୁ ବିଭିନ୍ନ ଦେଶ ଓ ବିଦେଶର ଖେଳାଳି ସାଙ୍ଗକୁ ସମସ୍ତ ବର୍ଗର ଲୋକେ ଆସୁଥିବାରୁ ଏହି ବିମାନବନ୍ଦର ସମ୍ମୁଖରେ ଏକ ଜାତୀୟ ପତାକା ଲଗାଇବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ରାଉରକେଲା ଏଡିଏମ୍ ତୁରନ୍ତ କାର୍ଯ୍ୟ କରିବାକୁ ରାଉରକେଲା ବିମାନ ବନ୍ଦର ଦାୟିତ୍ୱରେ ଥିବା ରାକେଶ ବର୍ମାଙ୍କୁ ଏକ ଚିଠିଯୋଗେ ଅବଗତ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଛେଣ୍ଡ ୱେଲ ଫେୟାର ଅଧ୍ୟକ୍ଷ ହରିହର ରାଉତରାୟ, ବିଜୟ ବରାଳ, ଜେଷ୍ଟେଲ ପରିଡାଙ୍କ ସହ ବହୁ କର୍ମୀ ଓ ବୃଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା।
ଦେବେନ୍ଦ୍ର ଜେନା
ଶିକ୍ଷାବିତ୍, ସାମାଜିକ କର୍ମୀ, ସବୁଜ ବିପ୍ଳବୀ
ଶିଆଳିଆ, ଶେଣ୍ଡତୀରା, ବନ୍ତ,ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣ ଓ ପାଠକ ପାଠିକାଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଖଗେଶ୍ୱର ଜେନା
ପ୍ରଧାନଶିକ୍ଷକ, ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ, ଚୂଡ଼ାକୁଟି, ଧାମନଗର

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା ଅଧୀନ ପଧାନପଡା ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ ସଭ୍ୟସଭ୍ୟା, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମ୍ଭର କାମନା ।
ସେକ୍ କଦମ୍
ସଭାପତି, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ
ନାରାୟଣ ଚନ୍ଦ୍ର ସାହୁ
ସମ୍ପାଦକ, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଧରିତ୍ରୀ ନୂଆ ଓଡ଼ିଶାର ସ୍ୱପ୍ନକୁ ସାକାର ପାଇଁ ସାରଥି ହେଉ । ଏହାହିଁ ମୋର ପ୍ରଭୁ ଜଗନ୍ନାଥଙ୍କଠାରେ କାମନା ।
ଲକି ସ୍ୱାଇଁ
ଟିଲୋ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରାଜେଶ କୁମାର ପଢ଼ିଆରୀ
ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମୋରଡ଼ା

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ପଞ୍ଚାୟତ ସମିତିର ସମସ୍ତ ବିଭାଗର କର୍ମଚାରୀ, ଜନପ୍ରତିନିଧି ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ପ୍ରଦୀପ କୁମାର ସେଠୀ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମା' କିଚକେଶ୍ୱରୀ ମଙ୍ଗଳ କରନ୍ତୁ।
ପରିତୋଷ ବାରିକ
ସଭାପତି, ଭଞ୍ଜସେନା, ମୋରଡ଼ା ବ୍ଲକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସାବରଙ୍ଗ ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ଶାନ୍ତି, ସଦ୍‌ଭାବନା ବଜାୟ ରଖିବାକୁ ଅନୁରୋଧ। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରୀନା ବକ୍ସଲା
ଥାନାଧିକାରୀ, ସାବରଙ୍ଗ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀ ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ତରୁଣ କୁମାର ଦେ (ଦେବୁ ଭାଇ)
ଯୁବ ସାମାଜିକ କର୍ମୀ, ମୋରଡ଼ା ନିର୍ବାଚନମଣ୍ଡଳୀ

ଅଭିନନ୍ଦନ
ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ମୁଁ ସିମୁଳିଆ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘଜୀବନ କାମନା କରୁଛି ।
କଂଗ୍ରେସ ହିଁ ଦେଶର ଏକମାତ୍ର ବିକଳ୍ପ
ହିମାଂଶୁ ଶେଖର ବେହେରା
କଂଗ୍ରେସ ବିଧାୟକ ପ୍ରାର୍ଥୀ, ସିମୁଳିଆ ନିର୍ବାଚନମଣ୍ଡଳୀ

# ଉତ୍ସାହ, ଉଦ୍ଦୀପନାରେ ଗଣେଶ ମେଢ଼ ବିସର୍ଜନ

କୋଲାବିରା,୧୦।୯(ଚିନ୍ମୟ କୁମାର ବହିଦାର)


ଗଣେଶ ମେଢ଼ ବିସର୍ଜନ ଶୋଭାଯାତ୍ରା।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଞ୍ଚଳରେ ୩ ଦିନ ବ୍ୟାପି ଚାଲିଥିବା ପ୍ରସିଦ୍ଧ ଗଣେଶ ପୂଜା ଭଷାଣି ଉତ୍ସବ ମଙ୍ଗଳବାର ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଛି। ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳରେ ବିଭିନ୍ନ ସାହି ମେଢକୁ ସ୍ୱତନ୍ତ୍ର ଭାବେ ଭଷାଣି ହୋଇ ଆସୁଥିବା ବେଳେ ଚଳିତବର୍ଷ କୋଲାବିରା ଗ୍ରାମ ହରିଜନପଡା, ତେଲେଙ୍ଗାପଡା, ଘସିଆ ପଡା ପୂଜାମେଢ ଏକାଠି ହେବା ସହ ପ୍ରଥମ କରି ଗୋଟିଏ ଦିନରେ ଗଜାନନଙ୍କୁ ଭଷାଣି କରିଥିଲେ। ଫଳରେ ଦିନ ତମାମ ଚାଲିଥିବା ଭଷାଣି ଉତ୍ସବ ଦେଖିବାକୁ ଗ୍ରାମର ବିଭିନ୍ନ ଛକରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଭଷାଣି ମେଢ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ବେଳେ ସ୍ଥାନୀୟ ତେଲେନ ନଦୀରେ ଶ୍ରୀଗଣେଷଙ୍କ ମୃର୍ଣ୍ମୟ ପ୍ରତିମା ବିସର୍ଜନ କରାଯାଇଥିଲା। ୨୫ ବର୍ଷରେ ପଦାର୍ପଣ କରିଥିବା ହରିଜନ ପଡାର ପୂଜା କମିଟି ଦ୍ୱାରା ମେଢ ବିସର୍ଜନ ସବୁଠୁ ଆକର୍ଷଣୀୟ ରହିଥିଲା। ନୃତ୍ୟ, ଝୁମେର, ଶିବ ତାଣ୍ଡବ, ଘଣ୍ଟବାଦ୍ୟ, ଗଉରବାଡି ନୃତ୍ୟ, ଦୁଲଦୁଲି ବାଜା, ଝାଞ୍ଜବାଜା, ମେଲୋଡି ଆଦିବାସୀ ନୃତ୍ୟ, ଦଣ୍ଡ ନୃତ୍ୟ ଏବଂ ଟେଡି ସହିତ ସଂପ୍ରଦା ମଣ୍ଡଳୀର ଦଳଗତ ନୃତ୍ୟ ଅଞ୍ଚଳବାସୀ ବେଶ୍ ଉପଭୋଗ କରିଥିଲେ। ସନ୍ଧ୍ୟାରେ ମେଢ ବିସର୍ଜନ ଦେଖିବାକୁ ଲୋକଙ୍କ ଭିଡ କମି ନ ଥିଲା। କମିଟି ସଭ୍ୟବୃନ୍ଦ ଶାନ୍ତିଶୃଙ୍ଖଳାର ସହିତ ଶୋଭାଯାତ୍ରା ପରିଚାଳନା କରିଥିଲେ। ସେହିପରି ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳରେ ବିଭିନ୍ନ ସାହି ମେଢକୁ ସ୍ୱତନ୍ତ୍ର ଭାବେ ଭଷାଣି ହୋଇଆସୁଥିବା ବେଳେ ଚଳିତ ବର୍ଷ କୋଲାବିରା ଗ୍ରାମର ହରିଜନ ପଡାର ପୂଜାମେଢର ଗଜାନନଙ୍କୁ ଭଷାଣି ଜାଗଜମକରେ କରିଥିଲେ। ହରିଜନପଡା ପୂଜା କମିଟି ସଭାପତି ସୁନିଲ ଭଞ୍ଜ, ସମ୍ପାଦକ କେଶବ ବାଗ, କୋଷାଧ୍ୟକ୍ଷ ଦେବାଶିଷ ଭଞ୍ଜ, ସଦସ୍ୟ ପ୍ରେମାନନ୍ଦ ଭଞ୍ଜ, ଭେଷଜ କରାଳୀ, ତାରାଚାନ୍ଦ ରଣବିଡା, ବିକାଶ ଭଞ୍ଜ, ମିଥୁନ ନାଏକ, ଦୀପକ ଗୋଖରା, ଭିମ ଭଞ୍ଜ, ହେମନ୍ତ ଭଞ୍ଜ, କମଳ ଭଞ୍ଜ, ଲୋଚନ ଭଞ୍ଜ, ଭିଷ୍ମ ରଣବିଡା, କିଶୋର କଂଶରାଳୀ, ମୁକ୍ତେଶ୍ୱର ଗୋଖରା, କ୍ଷୀରସାଗର ଭଞ୍ଜ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ଘସିଆ ପଡାର ମେଢ ସର୍ବ କନିଷ୍ଠ ୯ ବର୍ଷ ଧରି ହେଉଥିବା ବେଳେ ତେଲେଙ୍ଗାପଡାର ଗଣେଷ ପୂଜା ମେଢକୁ ୧୦ ବର୍ଷ ପୂର୍ତ୍ତି ହୋଇଛି। ଜମିଦାର ପଡାର ମେଢ ବସିବା ୧୫ ବର୍ଷ ହେଲାଣି। ହରିଜନ ପଡାର ମେଢକୁ ୨୫ ବର୍ଷ ହୋଇଥିବା ବେଳେ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିଛି। ସେହିପରି ୨ ବର୍ଷ ପୂର୍ବେ ରୌପ୍ୟ ଜୟନ୍ତୀ ପାଳନ କରିଥିବା ନୂଆଁପଡାର ମେଢ ଚଳିତ ବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୋଲାବିରା ପୋଲିସ ପକ୍ଷରୁ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଉପନିରୀକ୍ଷକ ସନ୍ତୋଷ ପ୍ରଧାନ, ଏଏସଆଇ କୃଷ୍ଣଚନ୍ଦ୍ର ଦେହିରୀଙ୍କ ନେତୃତ୍ୱରେ ଅନେକ ପୋଲିସ ମୁତୟନ କରାଯାଇଥିଲା।

# ସମାସିଂହାଠାରେ ନୂଆଁଖାଇ ଭେଟ୍‌ଘାଟ୍

କୋଲାବିରା,୧୦।୯(ଚିନ୍ମୟ କୁମାର ବହିଦାର)


ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ଗ୍ରାମ ମହାଜନ ପଡାଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଉପସ୍ଥିତ ଗ୍ରାମବାସୀ ନୂଆଁଖାଇ ଭେଟ୍‌ଘଟ୍ ଉଦେଶ୍ୟ ଓ ଅବଶ୍ୟତାର ବାର୍ତ୍ତା ଦେବା ସହିତ ନୂଆଁଖାଇ ତିହାର ଭାଇଚାରାକୁ ଏକତାର ସୁତ୍ରରେ ବାନ୍ଧି ରଖିପାରେ ଏହିଦିନଟି ହିଁ ଏପରି ଏକ ସୁଯୋଗ ସୃଷ୍ଟି କରିଥାଏ ବୋଲି ମତପୋଷଣ ପାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ଦୀପାଲି ଦାସ୍ ଯୋଗଦେଇ ସମସ୍ତଙ୍କୁ ଏକତାର ସୁତ୍ରରେ ବାନ୍ଧି ପାରିଥିବା ଏହି ପର୍ବ ସମଗ୍ର ଓଡିଶା ପାଇଁ ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିଲେ ହେଁ ପଶ୍ଚିମ ଓଡ଼ିଶାରେ ଏହାର ମାନ୍ୟତା ଅଧିକ ଦେଖିବାକୁ ମିଳିଥାଏ ବୋଲି କହିଥିଲେ। ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଶୋଭା ସାହୁ, ସୁନିତା ସାହୁ, ସୁଜାତା ସାହୁ, ରୀତାଜଞ୍ଜି ସାହୁ, ରୀତୁ ଗୁପ୍ତା, ଉର୍ମିଳା ସାହୁଙ୍କ ସମେତ ସବୁବର୍ଗର ମହିଳା ପରୁଷ, ଛୋଟ ଛୋଟ ପିଲା ନାଚ ଗୀତରେ ଭାଗ ନେଇଥିଲେ। ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଗୁରୁଚରଣ ସାହୁ, ପ୍ରକାଶ ସାହୁ, ରିଙ୍କୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶ୍ରେୟା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଗୁଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତ ମଧ୍ୟରେ ନୃତ୍ୟ ପ୍ରତିଯୋଗିତରେ ଗୁଞ୍ଜନ ସାହୁ ଏବଂ ସଙ୍ଗୀତ ପରିବେଷଣରେ ଆହାନା ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ଭାଜପାର ସଦସ୍ୟତା ଅଭିଯାନ-୨୦୨୪

ଝାରସୁଗୁଡ଼ା,୧୦।୯(ସଞ୍ଜୟ ମାଲି)

ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଝାରସୁଗୁଡା ଜିଲାର ସଦସ୍ୟତା ଅଭିଯାନ ୨୦୨୪ର ଶୁଭାରମ୍ଭ କରିଛନ୍ତି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ। ଭାଜପାର ଜାତୀୟସ୍ତର ସଦସ୍ୟତା ଅଭିଯାନ ଚାଲିଛି। ଭାଜପା ପ୍ରତି ଲୋକମାନେ ଭଲ ପାଉଥିବା ଓ ସମର୍ଥନ କରୁଥିବା ସମସ୍ତ ଜନସାଧାରଣଙ୍କୁ ଭାଜପାର ସଦସ୍ୟତା ହେବା ପାଇଁ ଆହ୍ୱାନ କରିଛନ୍ତି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ। ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପୁରୋହିତ, ଜିଲା ସଭାପତି ସୁନୀଲ ପଣ୍ଡା, ଜିଲା ସଦସ୍ୟତା ପ୍ରମୁଖ ପ୍ରେମସେନ ରାୟ, ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି, ଜିଲା ସହ ସଦସ୍ୟତା ପ୍ରମୁଖ ରାଜେଶ ଦାସ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ବୋହିଦାର, ଜିଲା ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲ, ରାଜ୍ୟ ଯୁବ ମୋର୍ଚ୍ଚା ଉପ ସଭାପତି ବିଶଜିତ ଷଡ଼ଙ୍ଗୀ, ଝାରସୁଗୁଡା ମଣ୍ଡଳ ସଭାପତି ଡିଲେଶର ରାଓ, ଜିଲା ସମ୍ପାଦକ ରଘୁ ପାଲ ଏବଂ ଜିଲାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


୬ଜଣ ଭିନ୍ନକ୍ଷମଙ୍କୁ ଟ୍ରାସାଇକଲ ପ୍ରଦାନ।

ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୯ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି୦.୦୪ ଜମିର ପଟ୍ଟା, ଗ୍ରାମକୁ କଂକ୍ରିଟ ରାସ୍ତା, ନୂତନ ରାଶନ କାର୍ଡ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା

## ୬ଜଣ ଭିନ୍ନକ୍ଷମଙ୍କୁ ଟ୍ରାସାଇକେଲ ବଣ୍ଟନ

ଜେମସ, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସେ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଅତିରିକ୍ତ ତହସିଲଦାର ଗବୃବାହାନ ଦତ୍ତ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବାରକୋଟ ବ୍ଲକର ୬ଜଣ ଭିନ୍ନକ୍ଷମଙ୍କୁ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଟ୍ରାସାଇକେଲ ବଣ୍ଟନ କରାଯାଇଥିଲା।

# ନାଗରୁପତ୍ରାକୁ ହରାଇ ଏସ୍‌ଜି ବ୍ରଦର୍ସ ଚାମ୍ପିୟନ

## ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ

କୋଲାବିରା/ଝାରସୁଗୁଡ଼ା,୧୦।୯
(ଚିନ୍ମୟ କୁମାର ବହିଦାର/ସଞ୍ଜୟ ମାଲି)


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ କୁଲିହାମାଲ ମିନି ଷ୍ଟାଡିୟରେ ନୂଆଁଖାଇ ଉପଲକ୍ଷେ ଚାଲିଥିବା ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେଦ୍ୟାଇଛି। ଫାଇନାଲରେ ଏସ୍‌ଜି ବ୍ରଦର୍ସ ୧-୦ ଗୋଲରେ ନାଗରୁପତ୍ରା ହରାଇ ଚାମ୍ପିୟନ ହୋଇଛି। ଏସ୍‌ଜି ବ୍ରଦର୍ସ ଦଳର ସୁଶାନ୍ତ ଜଗତ ମ୍ୟାନ ଅଫ ଦି ମ୍ୟାଚ, ନାଗରୁପତ୍ରାର ସଞ୍ଜିବ ଓରାମ ମ୍ୟାନ ଅଫ ଦି ସିରିଜ, କୁଲିହାମାଲ ଜ୍ୟୋତି ଏକାଦଶ ଫୁଲ ନାଗରୁପତ୍ରା ବିଷ୍ଣୁ ଓରାମ ବେଷ୍ଟ ଗୋଲକିପର, ଏସ୍‌ଜି ବ୍ରଦର୍ସ ପିଣ୍ଟୁ ମୁଣ୍ଡା ବେଷ୍ଟ ଡିଫେଣ୍ଡର୍ ଓ ତୁଷାର କିଷାନ ବେଷ୍ଟ ଭୋଲେଣ୍ଟିଆର୍ ଭାବେ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ ପୂର୍ବରୁ ଝାଡ଼ଖଣ୍ଡ ଓ ଦେବଗଡ଼ ମହିଳା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ୧-୦ ଗୋଲରେ ବିଜୟୀ ହୋଇଥିଲା। ଖେଳ ଦୁଇଟିକୁ ରେଫରି କାର୍ତ୍ତିକ ଦାସ, କିଷନ ଦାସ, ରାଜକୁମାର ମଣ୍ଡଳ, ଲେଲିନ ପଟେଲ, ଅଶ୍ୱିନୀ ବରିହା, ଶତାବ୍ଦୀ ଜୟପୁରିଆ, ରତ୍ନାକର ସାଏ ଓ ଭୀଷ୍ମଦେବ ବୁଢୁଲା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ ଅପ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ କୁଲିହାମାଲ ଗ୍ରାମ୍ୟ କମିଟି ସଭାପତି ସୈରେନ୍ଦ୍ର ନାୟକ, ଅବସରପ୍ରାପ୍ତ ରାଜସ ଅଧିକାରୀ ଲକ୍ଷ୍ମଣ ନାଏକ, ସାମାଜିକ କର୍ମୀ ପବନ ସୁଲତାନିଆ, ପୂର୍ବତନ ସରପଞ୍ଚ କାଳାଚାନ୍ଦ ସାହୁ, କିର୍ମିରା କଲେଜ ଅଧ୍ୟକ୍ଷ ଅରୁଣ କୁମ୍ବାର, ପୂର୍ତ୍ତ ବିଭାଗ ଜେଇ ତାପସ ନାଏକ, ସମିତିସଭ୍ୟା ସନ୍ତୋଷିନୀ ପିଙ୍ଗ, ସାମାଜିକ କର୍ମୀ ରମେଶ ସାହୁ, ଭାଜପା ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକାନ୍ତ କଉଡ଼ି ଓ ଅମୀୟ ପଟେଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଆୟୋଜକ ଜ୍ୟୋତି ୧୧ କ୍ଲବ ସଭାପତି ନୀଳ ନାଏକଙ୍କ ସହ ସାଗର ନାଏକ, ଲିପୁନ ନାଏକ, ଅନିଲ କିସାନ, ମୁନା ରୋହିଦାସ, ବାବୁଲୁ ଭୋଇ, କୈଳାଶ ବାଗ, ନିରଞ୍ଜନ କିଷାନ, ଶଳିଲ ପଟେଲ, ମାନସ ନାଏକ, ସୁମନ୍ତ କିଷାନ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା।
ଦେବେନ୍ଦ୍ର ଜେନା
ଶିକ୍ଷାବିତ୍, ସାମାଜିକ କର୍ମୀ, ସବୁଜ ବିପ୍ଳବୀ
ଶିଆଳିଆ, ଶେଣ୍ଢତୀରା, ବନ୍ତ,ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣ ଓ ପାଠକ ପାଠିକାଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଖଗେଶ୍ୱର ଜେନା
ପ୍ରଧାନଶିକ୍ଷକ, ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ, ଚୂଡ଼ାକୁଟି, ଧାମନଗର

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା ଅଧୀନ ପଧାନପଡା ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ ସଭ୍ୟସଭ୍ୟା, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମ୍ଭର କାମନା।
ସେକ୍ କଦମ୍ — ସଭାପତି, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ
ନାରାୟଣ ଚନ୍ଦ୍ର ସାହୁ — ସମ୍ପାଦକ, ପଧାନପଡା ସେବା ସମବାୟ ସମିତି, ନିଳୋକ, ବନ୍ତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଧରିତ୍ରୀ ନୂଆ ଓଡ଼ିଶାର ସ୍ୱପ୍ନକୁ ସାକାର ପାଇଁ ସାରଥି ହେଉ। ଏହାହିଁ ମୋର ପ୍ରଭୁ ଜଗନ୍ନାଥଙ୍କଠାରେ କାମନା।
ଲକି ସ୍ୱାଇଁ
ଟିଲୋ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରାଜେଶ କୁମାର ପଢ଼ିଆରୀ
ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମୋରଡ଼ା

ଶୁଭେଚ୍ଛା ବାର୍ତ୍ତା।
ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ପଞ୍ଚାୟତ ସମିତିର ସମସ୍ତ ବିଭାଗର କର୍ମଚାରୀ, ଜନପ୍ରତିନିଧି ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ପ୍ରଦୀପ କୁମାର ସେଠୀ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମା' କିଚକେଶ୍ୱରୀ ମଙ୍ଗଳ କରନ୍ତୁ।
ପରିତୋଷ ବାରିକ
ସଭାପତି, ଭଞ୍ଜସେନା, ମୋରଡ଼ା ବ୍ଲକ

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସାବରଙ୍ଗ ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ଶାନ୍ତି, ସଦ୍‌ଭାବନା ବଜାୟ ରଖିବାକୁ ଅନୁରୋଧ। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ରୀନା ବକ୍ସଲା
ଥାନାଧିକାରୀ, ସାବରଙ୍ଗ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀ ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୋରଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ତରୁଣ କୁମାର ଦେ (ବେବୁ ଭାଇ)
ଯୁବ ସାମାଜିକ କର୍ମୀ, ମୋରଡ଼ା ନିର୍ବାଚନମଣ୍ଡଳୀ

ଅଭିନନ୍ଦନ
ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ମୁଁ ସିମୁଳିଆ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘଜୀବନ କାମନା କରୁଛି।
କଂଗ୍ରେସ ହିଁ ଦେଶର ଏକମାତ୍ର ବିକଳ୍ପ
ହିମାଂଶୁ ଶେଖର ବେହେରା
କଂଗ୍ରେସ ବିଧାୟକ ପ୍ରାର୍ଥୀ, ସିମୁଳିଆ ନିର୍ବାଚନମଣ୍ଡଳୀ

# ବଜ୍ରପାତରେ ଟଳିପଡ଼ିଲେ ୨ ଚାଷୀ

ବେତନଟୀ(ଧରଣୀଧର ମହାନ୍ତି)/ବୈଶିଙ୍ଗା(ରତନ ଦାଶ),୧୦।୯

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଖଡ଼ିଶୋଳ ପଞ୍ଚାୟତର ଡୁମାପଦା ଗାଁରେ ମଙ୍ଗଳବାର ବଜ୍ରପାତ ଘଟି ଦୁଇ ଭାଗଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭୁଡୁରୁବଣି ଗାଁର ସ୍ୱର୍ଗତ ଅନୁକୂଳ ମହାନ୍ତଙ୍କ ପୁଅ ଗୋବିନ୍ଦ(୫୨) ଏବଂ ଶଙ୍ଖଯୋଡ଼ ଗ୍ରାମର ରାମ ହାଁସଦାଙ୍କ ପୁଅ ଶିବ(୩୦)। ସୂଚନା ଅନୁଯାୟୀ, ଗୋବିନ୍ଦ ଏବଂ ଶିବ ଡୁମାପଦା ଗ୍ରାମର ଉମେଶଚନ୍ଦ୍ର ମହାନ୍ତଙ୍କ ବିଲକୁ ଭାଗ ସୂତ୍ରରେ ନେଇ ଚାଷ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଉଭୟ ସେହି ବିଲରେ କାମ କରୁଥିବା ବେଳେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ଉଭୟ ବଜ୍ରପାତର ଶିକାର ହୋଇ ସେହିଠାରେ ଟଳି ପଡ଼ିଥିଲେ। ଉପସ୍ଥିତ ଲୋକେ ଉଭୟଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେତନଟୀ ପୋଲିସ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

## ଅନ୍ୟ ୨ ଯୁବକ ଗୁରୁତର, ୪ ଅଭିଯୁକ୍ତ ଗିରଫ

ବଲାଙ୍ଗୀର, ୧୦।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମାଲଗୋଦାମପଡ଼ାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ନିରଜ ହରିପାଲ (୨୦)। ପୂର୍ବ ଶତ୍ରୁତାକୁ ନେଇ ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟି ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଏଥିରେ ଅନ୍ୟ ୨ଜଣ ଯୁବକ ମୁକେଶ ହରିପାଲ ଓ ଦେବା ହରିପାଲ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ହତ୍ୟାକାଣ୍ଡ ପରେ ମାଲଗୋଦାମପଡ଼ାରେ ଉତ୍ତେଜନା ଲାଗି ରହିଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଲଗୋଦାମପଡ଼ାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ନିରଜ ହରିପାଲ ଓ ତାଙ୍କ କାକାପୁଅ ଭାଇ ମୁକେଶ ଘରୁ ବାହାରି ପଡ଼ାରେ ଥିବା ଏକ ଦୋକାନକୁ କିଛି ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ପ୍ରତିପକ୍ଷ ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। କମେଣ୍ଟ ମରାକୁ କେନ୍ଦ୍ରକରି



ବଲାଙ୍ଗୀର ମାଲଗୋଦାମପଡ଼ାରେ ପୋଲିସ ଦ୍ରୋଣ କୁମ୍ଭାରଙ୍କ ଘରକୁ ଜଗି ରହିଛନ୍ତି।

ସେଠାରେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଥିଲା। ପୂର୍ବରୁ ଆକ୍ରମଣ ଯୋଜନା କରିଥିବା ପ୍ରତିପକ୍ଷ ଗୋଷ୍ଠୀ ଖଣ୍ଡାରେ ନିରଜ ଓ ମୁକେଶଙ୍କୁ ଆକ୍ରମଣ କରିଥିଲେ। ଏଭଳି ଅତର୍କିତ ଆକ୍ରମଣ ହେବା ଦେଖି ପାଖରେ ଥିବା ନିରଜଙ୍କ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣକାରୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ଯୋଗୁ ନିରଜ ରକ୍ତ ଜୁଡୁବୁଡୁ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ଅନ୍ୟ ୨ଭାଇ ମୁକେଶ ଓ ଦେବା ମଧ୍ୟ ଆହତ ହୋଇଥିଲେ। ତେବେ ଆକ୍ରମଣକରି ଆକ୍ରମଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ପଡ଼ା ଭିତରେ ଏଭଳି ଗଣ୍ଡଗୋଳ ଦେଖି ପଡାବାସୀ ଭୟଭୀତ ହୋଇ ଯାଇଥିଲେ। ନିରଜ ଓ ଅନ୍ୟ ୨ ଭାଇଙ୍କୁ ତାଙ୍କ ସମ୍ପର୍କୀୟ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ନିରଜଙ୍କୁ ମୃତ ଘୋଷଣା କରିଥିଲେ। ଆହତ ମୁକେଶଙ୍କ ଅବସ୍ଥା ଗୁରୁତରଥିବାରୁ ତାଙ୍କୁ ବୁର୍ଲା ଭିମ୍ସାର ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ମାଲଗୋଦାମପଡ଼ାର ୨ ଗୋଷ୍ଠୀଙ୍କ ମଧ୍ୟରେ ଏହି ଗଣ୍ଡଗୋଳ ଘଟିଥିଲା। ଟାଉନ ଥାନା ପୋଲିସ ଏହି ଘଟଣାରେ ସେହି ପଡାର କୁମ୍ଭାର ପରିବାରର ୪ ଜଣ ସଦସ୍ୟଙ୍କୁ ପ୍ରଥମେ ଅଟକ ରଖିଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ନିରଜଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ପରେ ମୃତଦେହ ପଡାକୁ ଆସିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଦ୍ରୋଣ କୁମ୍ଭାରଙ୍କ ଘରକୁ ଜଗି ରହିଥିଲା। ଉତ୍ତ୍ୟକ୍ତ ଲୋକେ ଦୁଇଟି ମୋଟର ସାଇକେଲ ଭାଙ୍ଗିଦେବା ସହ ଘର ଉପରକୁ ପଥର ମାଡ କରିଥିବା ଜଣାପଡିଛି। ମୃତକଙ୍କ ପରିବାର ଲୋକେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। କିଛି ବର୍ଷ ପୂର୍ବରୁ ବଲାଙ୍ଗୀର ରେଲୱେ ଷ୍ଟେଶନ ନିକଟ ଅଟୋରିକ୍ସା ଷ୍ଟାଣ୍ଡଠାରେ ଦୁଇ ପକ୍ଷ ମଧ୍ୟରେ ଝଗଡା ହୋଇଥିଲା। ଏହି ଘଟଣାକୁ ନେଇ ହରିପାଲ ଓ କୁମ୍ଭାର ପରିବାର ମଧ୍ୟରେ ଝଗଡା ପରିସ୍ଥିତି ଲାଗି ରହିଥିଲା। ସୋମବାର ରାତିରେ ଏହା ହତ୍ୟାକାଣ୍ଡର ରୂପ ନେଇଥିବା ଆଲୋଚନାର ବିଷୟ ହୋଇଛି। ହତ୍ୟାକାଣ୍ଡ ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି ଖିଲାରି, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ମାଲଗୋଦାମପଡାକୁ ଯାଇ ସ୍ଥିତି ଯାଞ୍ଚ କରିଥିଲେ। ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ବଲାଙ୍ଗୀର ଏସ୍‌ପିଙ୍କୁ ପଚାରିବାରେ ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ହୋଇଛି। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ତଦନ୍ତ ଚାଲିଛି ବୋଲି ଏସ୍‌ପି ଖିଲାରୀ କହିଛନ୍ତି।

# ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ ଅଧ୍ୟକ୍ଷା

## ଅସହାୟ ଯୁବତୀଙ୍କୁ ଗଣବଳାତ୍କାର ମାମଲା

ଢେଙ୍କାନାଳ, ୧୦।୯ (ରତନ ନାୟାର)

ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଓ ସମ୍ପୃକ୍ତ ଯୁବତୀ ୭ମାସର ଗର୍ଭବତୀ ହେବା ଘଟଣାରେ ମଙ୍ଗଳବାର ପୀଡ଼ିତାଙ୍କୁ ଭେଟିଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା। ଢେଙ୍କାନାଳ ସ୍ଥିତ ସୁଧାର ଗୃହରେ ପୀଡ଼ିତାଙ୍କୁ ଭେଟିବା ସହିତ ତାଙ୍କ ଗ୍ରାମ ଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହାପରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ‘ସଖୀ’ କେନ୍ଦ୍ରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ପରେ ଜିଲା ପୋଲିସ କାର୍ଯ୍ୟାଳୟକୁ ଆସି ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କ ସହ ଆଲୋଚନା କରି କହିଛନ୍ତି ଯେ, ଏହା ନିଶ୍ଚିତ ନିନ୍ଦନୀୟ ଘଟଣା। ୧୫ ଦିନ ମଧ୍ୟରେ ଚାର୍ଜଶିଟ ଦାଖଲ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫାଷ୍ଟଟ୍ରାକ କୋର୍ଟରେ ଶୀଘ୍ର ବିଚାର କରାଯାଇ ଦୋଷୀଙ୍କ ବିରୋଧରେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବ ସେ ନେଇ ଏସ୍‌ପିଙ୍କ ସହ ଆଲୋଚନା କରାଯାଇଛି। ପୀଡ଼ିତାଙ୍କ ଥଇଥାନ ଓ ସହାୟତା ପାଇଁ ଏସ୍‌ପିଙ୍କ ସହ ଆଲୋଚନା କରି ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଚିଠି ଲେଖିବି ବୋଲି ଅଧ୍ୟକ୍ଷା କହିଛନ୍ତି। ଏହି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଅଭିଯୁକ୍ତଙ୍କ ପୂର୍ବରୁ ମୃତ୍ୟୁ ଘଟିସାରିଛି। ମଙ୍ଗଳବାର ପୋଲିସ ଧରିଥିବା ଜଣେ ଅଭିଯୁକ୍ତ ନିଜକୁ ୧୬ବର୍ଷ ବୋଲି କହି ନାବାଳକ ପରିଚୟ ଦେଇଛି। ତେଣୁ ତାଙ୍କର ସ୍କୁଲ ସାର୍ଟିଫିକେଟ ଯାଞ୍ଚ ହେବ ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଅନ୍ୟଜଣେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ଅଦାଲତରେ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

# କର୍ମୀ ଓରାମ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୦।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଆଦିବାସୀପଡ଼ାରେ ସଂଘଟିତ କର୍ମୀ ଓରାମ(୭୦) ହତ୍ୟା ମାମଲାରେ ଅଭିଯୁକ୍ତ ଶିବା ଓରାମ(୨୦)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଯାଇଛି। ହତ୍ୟାରେ ବ୍ୟବହୃତ କଟୁରୀ ଓ ଶାବଳ ଜବତ ହୋଇଛି। ନୂଆଁଖାଇ ଦିନ ଆଦିବାସୀ ପଡ଼ାର ଶିବା ଓ ତାଙ୍କ ବାପାଙ୍କ ମଧ୍ୟରେ କଳହ ଲାଗିଥିଲା। ଏହାଦେଖି କର୍ମୀ ଓରାମ ଏଥିରୁ ନିବୃତ୍ତ ରହିବାକୁ ଶିବାଙ୍କୁ ତାଗିଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବା କଟୁରି ଓ ଶାବଳରେ ଆକ୍ରମଣ କରି କର୍ମୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍ସାର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ପୁଅ ଅଜିତ ଓରାମଙ୍କ ଏତଲାକ୍ରମେ ଧନୁପାଲି ଥାନାରେ ମାମଲା ରୁଜୁ କରି ପୋଲିସ ଶିବାଙ୍କୁ ଗିରଫ କରିଥିଲା।

# ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଚୋରି, ଅଭିଯୁକ୍ତ ଗିରଫ



ସମ୍ବଲପୁର,୧୦।୯(ପ୍ରମୋଦ ବହିଦାର)

ସମ୍ବଲପୁର ମ୍ୟୁନିସିପାଲିଟି ଛକ ନିକଟ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଚୋରି ଘଟଣାରେ ଟାଉନ ଥାନା ପୋଲିସ ମଙ୍ଗଳବାର ସାକ୍ଷୀପଡ଼ା ଡକବାର ପିଣ୍ଟୁ ଭୋଇ ଓରଫ ଟୈଟୁ(୧୯)ଙ୍କୁ ଗିରଫ କରିଛି। ତାଙ୍କଠାରୁ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଗତ ଅଗଷ୍ଟ ୨୦ ତାରିଖ ରାତିରେ ପିଣ୍ଟୁ ମନ୍ଦିରର ହୁଣ୍ଡି(ଦାନବାକ୍ସ) ଭାଙ୍ଗି ଦାନଟଙ୍କାକୁ ଚୋରି ନେଇଥିଲେ। ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଦାନବାକ୍ସ ଖୋଲାଯାଇ ନଥିଲା। ଏହାକୁ ନେଇ ମନ୍ଦିର ପୂଜକଙ୍କ ପକ୍ଷରୁ ଟାଉନ ଥାନାରେ ଦିଆଯାଇଥିବା ଏତଲାକୁ ଆଧାର କରି ଏକ ମାମଲା ରୁଜୁ ହୋଇଥିଲା।

# ଶ୍ରମିକଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

## ପୋଲିସର ଲାଠିଚାର୍ଜ, ଏକାଧିକ ଆହତ

ଯୋଡ଼ା,୧୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଟାଟା କମ୍ପାନୀର ପ୍ରୋଜେକ୍ଟ କ୍ୟାମ୍ପରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ୩ ଦିନ ହେଲା ଆନ୍ଦୋଳନ ଚଳାଇଥିବା ଶ୍ରମିକମାନଙ୍କ ଉପରେ ପୋଲିସ ଲାଠିଚାର୍ଜ କରିବାରୁ ଏକାଧିକ ଶ୍ରମିକ ଆହତ ହୋଇଛନ୍ତି। ଖବର ସଂଗ୍ରହ ପାଇଁ ଘଟଣାସ୍ଥଳକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରବିବାର ଠିକା ଶ୍ରମିକ ପିଣ୍ଟୁ ରାମଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗତ ୩ ଦିନ ଧରି ପ୍ରାୟ ଦୁଇ ହଜାର ଶ୍ରମିକ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ ଜାରି ରଖିଛନ୍ତି। ମଙ୍ଗଳବାର ଶ୍ରମିକମାନେ ଆନ୍ଦୋଳନ କରୁଥିବା ବେଳେ ପ୍ରୋଜେକ୍ଟ କ୍ୟାମ୍ପରେ ଆର୍‌ଏମ୍‌ପି ହେଡ୍ ଶଶିକାନ୍ତ ଚୌଧୁରୀ ପହଞ୍ଚି ଘଟଣାର ସମାଧାନ ପରିବର୍ତ୍ତେ ଆନ୍ଦୋଳନରତ ଶ୍ରମିକଙ୍କୁ ତାଗିଦା ସହ ଦୁର୍ବ୍ୟବହାର କରିବାରୁ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରମିକମାନେ ବିରାଟ ପଟୁଆରରେ ଆସି ପଶ୍ଚିମ ଯୋଡ଼ାସ୍ଥିତ ରୋମେଟେରିଆଲ ପ୍ରୋଜେକ୍ଟ (ଆର୍‌ଏମ୍‌ପି)ରେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଶ୍ରମିକ ଉତ୍ତେଜନା ବୃଦ୍ଧି ପାଇବାରୁ ପୋଲିସ ଲାଠିଚାର୍ଜ କରିଥିଲା। ଏଥିରେ ଏକାଧିକ ଶ୍ରମିକ ଆହତ ହୋଇଛନ୍ତି। ଆହତ ଶ୍ରମିକମାନେ ହେଲେ ମଙ୍ଗି ଲାଲ, ରିତେଶ ନାଏକ, ସୁଜିତ୍ କୁମାର, ରୋହିତ କୁମାର, ମନୋହର ଶର୍ମା, ଶୈଳେନ୍ଦ୍ର କୁମାର, ରୂପେଶ କୁମାର, ରାଜୀବ ରଞ୍ଜନ, ଦୀପକ କୁମାର, ପ୍ରୟାଗ ଯାଦବ।

ଆହତ ଶ୍ରମିକ ଅଭିଯୋଗ କରିଛନ୍ତି, ଶ୍ରମିକଙ୍କ ମୃତ୍ୟୁ ପରେ ସମ୍ପୃକ୍ତ ଠିକା ସଂସ୍ଥା ଏମ୍‌ଏସ୍ ଇଞ୍ଜିନିୟରିଂ ଓ ଟାଟା ଷ୍ଟିଲ୍ ପକ୍ଷରୁ କ୍ଷତିପୂରଣ ପ୍ରଦାନ ନେଇ ୩ ଦିନ ହେଲା କୌଣସି ଆପୋଷ ଆଲୋଚନା କରାଗଲା ନାହିଁ। କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଆର୍‌ଏମ୍‌ପି ହେଡ୍ ଚୌଧୁରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଖବରଦାତା ସମୀର ଦାସଙ୍କୁ ଧକ୍କା ମାରିଥିଲେ। ଯୋଡ଼ାର ସମସ୍ତ କାର୍ଯ୍ୟରତ ଖବରଦାତା ଏହାର ଦୃଢ଼ ନିନ୍ଦା କରିବା ସହ ଯୋଡ଼ା ଟାଟା କେନ୍ଦ୍ରୀୟ କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। ଟାଟା ଷ୍ଟିଲ୍ କମ୍ୟୁନିକେଶନ ଅଧିକାରୀ ଶୁଭଙ୍କର ବେହେରା, ମାନବ ସମ୍ବଳ ଅଧିକାରୀ ଟି. ରାମଚନ୍ଦ୍ରନଙ୍କ ସମେତ ଟାଟାର ବରିଷ୍ଠ ଅଧିକାରୀ ନବକିଶୋର ଆଚାର୍ଯ୍ୟ, ଟାଟା ସୁରକ୍ଷା କର୍ମୀ ମୁଖ୍ୟ ଆଦିତ୍ୟ ଠାକୁର ଏହି ଘଟଣା ପାଇଁ ଖବରଦାତାଙ୍କୁ କ୍ଷମା ମାଗିଥିଲେ। ଅପରାହ୍ନ ୩ଟା୩୦ ସମୟରେ ମୃତ ପିଣ୍ଟୁ ରାମଙ୍କ ସ୍ତ୍ରୀ ସୀତାଦେବୀ ଏବଂ ତାଙ୍କ ପରିବାରବର୍ଗଙ୍କ ସହ ଠିକା ସଂସ୍ଥା ଏମ୍‌ଏସ୍ ଇଞ୍ଜିନିୟରିଂ, ଟାଟା ଷ୍ଟିଲ୍ କମ୍ପାନୀର ଅଧିକାରୀ ଓ ପୋଲିସ ଆଲୋଚନ କରିଥିଲେ। ଆପୋଷ ବୁଝାମଣା ମାଧ୍ୟମରେ ଅନୁକମ୍ପାମୂଳକ ରାଶି ୨ ଲକ୍ଷ ଟଙ୍କା, ମୃତଦେହ ଗ୍ରାମକୁ ନେବା ପାଇଁ ଖର୍ଚ୍ଚ, ୩ ମାସ ପର୍ଯ୍ୟନ୍ତ ଦରମା ତାଙ୍କ ସ୍ତ୍ରୀଙ୍କୁ ଦିଆଯିବା, ଜାମସେଦପୁରସ୍ଥିତ ଏମ୍‌ଏସ୍ ଇଞ୍ଜିନିୟରିଂ ଠିକା ସଂସ୍ଥା କାର୍ଯ୍ୟାଳୟରେ ସୀତା ଦେବୀଙ୍କୁ ନିଯୁକ୍ତିର ପ୍ରସ୍ତାବ, ପିଲାମାନଙ୍କର ଜାମସେଦପୁରରେ ପାଠପଢ଼ା ପାଇଁ ବ୍ୟବସ୍ଥା ଓ ଖର୍ଚ୍ଚ ବହନ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲେ ହେଁ ଚାପା ଉତ୍ତେଜନା ଲାଗି ରହିଛି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାଙ୍କୁ ପ୍ରତାରଣାକରି ଗର୍ଭବତୀ କରିବା ମାମଲା

ସମ୍ବଲପୁର,୧୦।୯(ପ୍ରମୋଦ ବହିଦାର)

ବିବାହ ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଅଭିଯୋଗରେ ସମ୍ବଲପୁର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତ କିସିଣ୍ଡା ଥାନା ଅନ୍ତର୍ଗତ ଗୁଦେଲକାନୀ ଗ୍ରାମର ରୋଶନ ମୁଣ୍ଡା(୨୪)ଙ୍କୁ ଦୋଷୀ ସାବ୍ୟସ୍ତକରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗକ୍ରମେ କିସିଣ୍ଡା ପୋଲିସ ପକ୍ଷରୁ ରୁଜୁ ମାମଲାର ଦଫା ୩୭୬ ଓ ପୋକ୍‌ସୋ ଆଇନ ଦଫା ୬ରେ ଅଭିଯୁକ୍ତ ରୋଶନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା, ଦଫା ୪୨୦ ରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ବିଚାରପତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ସମ୍ବଲପୁର ଜିଲା କିସିଣ୍ଡା ଥାନା ଖଣ୍ଡିଆମୁଣ୍ଡା ଗ୍ରାମରେ ଥିବା ମାମୁଘରକୁ ଅଭିଯୁକ୍ତ ଗୁଦେଲକାନୀର ରୋଶନ ମୁଣ୍ଡା ନିୟମିତ ଭାବେ ଆସୁଥିଲେ। ଏହି ସମୟରେ ଖଣ୍ଡିଆମୁଣ୍ଡାର ପୀଡ଼ିତା ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠି ଶାରୀରିକ ସମ୍ପର୍କରେ ରୂପାନ୍ତରିତ ହୋଇଥିଲା। ପରବର୍ତ୍ତୀ କାଳରେ ପୀଡ଼ିତା ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୀଡ଼ିତା ବିବାହ କରିବାକୁ କହିବାରୁ ରୋଶନ ଏଥିରେ ରାଜି ହୋଇ ନ ଥିଲେ। ଅଧିକ ପାଟି ଖୋଲିଲେ ଜୀବନରେ ମାରିଦେବାକୁ ଚେତାବନୀ ଦେଇଥିବା ପୀଡ଼ିତା ଅଭିଯୋଗ କରିଥିଲେ। ଫଳରେ ପୀଡ଼ିତା ଅନନ୍ୟୋପାୟ ହୋଇ ୨୦୧୬ ଫେବୃଆରୀ ୨୨ରେ କିସିଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ରୋଶନ ବିବାହ କରିବାର ପ୍ରଲୋଭନ ଦେଖାଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗ ଆଧାରରେ କିସିଣ୍ଡା ଥାନାରେ ମାମଲା (୫୭/୧୬)ରୁଜୁ ହୋଇଥିଲା। ମାମଲାର ବିଚାରକରି ପୋକ୍‌ସୋ ଅଦାଲତ ବିଚାରପତି ୧୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ରାୟ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ସଖୀ
ଆପଣା ମହତ ଆପେ ରଖି।**

ବ୍ୟକ୍ତି ନିଜର ଆଚରଣ, ଉଚ୍ଚାରଣ ଓ ଚାଲିଚଳନରେ ଶାଳୀନତା ରକ୍ଷା କରିବା ଉଚିତ। ଅନ୍ୟଥା ସମ୍ମାନରେ ହାନି ଘଟିବାର ସମ୍ଭାବନା ରହିଥାଏ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ ବା ଫେରି ନ ଥାଏ। ତେଣୁ ନିଜ ମର୍ଯ୍ୟାଦା ବା ସମ୍ମାନ ନିଜେ ରକ୍ଷା କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

**ଆସିଚୁ ଏକା ଯିବୁ ଏକା
ସାଙ୍ଗରେ ନ ଯିବେ ପିଲା ପିଚିକା।**

ମଣିଷ ଆସିଥାଏ ଏକା, ଯାଇଥାଏ ଏକା। ସଂସାରରୁ ମରି ହଜି ଗଲେ ସାଙ୍ଗରେ କିଛି ଧନ ସମ୍ପତ୍ତି କି ସାଙ୍ଗସାଥୀ ନେଇ ଯାଇ ପାରି ନ ଥାଏ। କେବଳ ନିଜେ ଅର୍ଜିଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାଙ୍କୁ ରିକ୍ତ ବା ଶୂନ୍ୟହସ୍ତରେ ଯିବାକୁ ପଡିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟି ନେଲେ ୯ଲକ୍ଷ

ପାଟଣା, ୧୦।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକର ରାଜନଗରରେ ପଣ୍ଡା କମ୍ୟୁନିକେଶନରେ ଚାଲିଥିବା ଫିନୋପେମେଣ୍ଟ ବ୍ୟାଙ୍କ(ବିଜିନେସ କରେସପଣ୍ଡେନ୍ସ)ର ମାଲିକ ସୋମବାର ରାତି ପ୍ରାୟ ୯ଟା ବେଳେ ୯ ଲକ୍ଷ ଟଙ୍କା ଧରି ଫେରୁଥିବା ବେଳେ କୋଇଣ୍ଡା ନାକିନାଳ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ୨ ଦୁର୍ବୃତ୍ତ ଅତର୍କିତ ଭାବେ ବାଇକରେ ଆସି ତାଙ୍କ ସ୍କୁଟିକୁ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ଡିକିରେ ଥିବା ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ରାଜନଗର ଫିନୋ ପେମେଣ୍ଟ ବ୍ୟାଙ୍କ ମାଲିକ ପ୍ରଣବ ପଣ୍ଡା। ରାତିତମାମ ତୁରୁମୁଙ୍ଗା ପୋଲିସ ବିଭିନ୍ନ ରାସ୍ତା ନାକାବନ୍ଦୀ କରିଥିଲେ ହେଁ ଲୁଟେରାଙ୍କ ଟେର ପାଇ ନ ଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୨୫୯/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଜାରି ରଖିଥିବା ପୋଲିସ କହିଛି।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହିଳା ଡାକ୍ତରଙ୍କୁ ବ୍ଲାକ୍‌ମେଲ୍: ନକଲି ଆର୍‌ଟିଓ ଅଧିକାରୀ ଧରାପଡ଼ିଲେ

ଭୁବନେଶ୍ୱର,୧୦।୯ (ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସର ହର୍ ଟିମ୍ ହାତରେ ଜଣେ ନକଲି ଆର୍‌ଟିଓ ଅଧିକାରୀ ଧରାପଡ଼ିଛନ୍ତି। ସେ ହେଲେ ଗଙ୍ଗପଡ଼ାର ଅଜୟ ପ୍ରଧାନ। ଜଣେ ମହିଳା ଡାକ୍ତରଙ୍କୁ ବ୍ଲାକମେଲିଂ ଓ ହଇରାଣ କରିବା ଅଭିଯୋଗରେ ହର୍ ଟିମ୍ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲର ଜଣେ ମହିଳା ଡାକ୍ତରଙ୍କ ସହ ସୋସିଆଲ ମିଡିଆରେ ଅଜୟ ପରିଚିତ ହୋଇଥିଲେ। ସେ ନିଜକୁ ଆର୍‌ଟିଓ ଅଧିକାରୀ ପରିଚୟ ଦେବା ସହ ବିବାହ ପ୍ରସ୍ତାବ ଦେଇଥିଲେ। ତେବେ ଏହାର ସତ୍ୟାସତ୍ୟ ଯାଞ୍ଚ ପରେ ଅଜୟ ଆର୍‌ଟିଓ ଅଧିକାରୀ ନ ଥିବା ଏବଂ ସେ ବିବାହିତ ବୋଲି ସମ୍ପୃକ୍ତ ମହିଳା ଡାକ୍ତର ଜାଣିବାକୁ ପାଇଥିଲେ। ତେଣୁ ସେ ଅଜୟଙ୍କଠାରୁ ଦୂରେଇ ଯାଇଥିଲେ। ଫଳରେ ଅଜୟ ସମ୍ପୃକ୍ତ ମହିଳା ଡାକ୍ତରଙ୍କୁ ହଇରାଣ ଓ ବ୍ଲାକମେଲ କରିଥିଲେ। ଏନେଇ ମହିଳା ଡାକ୍ତର ଜଣଙ୍କ ହର୍ ଟିମ୍‌କୁ ଖବର ଦେଇଥିଲେ। ହର୍ ଟିମ୍ ଘଟଣାକୁ ଇନ୍‌ଫୋସିଟି ଅଞ୍ଚଳର ଏକ ଘରୋଇ କଲେଜରେ ସୋମବାର ରାତିରେ ଚଢାଉ କରି ଅଜୟଙ୍କୁ ଧରି ଥାନାକୁ ଆଣିଥିଲା।

# ସାହାଯ୍ୟ ଆଳରେ ନବଜାତ ଶିଶୁ ଚୋରି, ମହିଳା ଗିରଫ

## ଆଧାର ଲିଙ୍କ୍ କରିବାକୁ ଆସିଥିଲେ ଗର୍ଭବତୀ

ଭଦ୍ରକ, ୧୦।୯(ସନାତନ ରାଉତ)

ଆଧାର ଲିଙ୍କ୍ କରିବାକୁ ଆସିଥିବା ଜଣେ ଗର୍ଭବତୀ ଦୋକାନ ବାରଣ୍ଡାରେ ପ୍ରସବ କରିବା ପରେ ତାଙ୍କୁ ସାହାଯ୍ୟ କରିବା ଆଳରେ ଅନ୍ୟ ଜଣେ ମହିଳା ନବଜାତ ଶିଶୁଙ୍କୁ ଚୋରି କରିନେଇଥିଲେ। ପ୍ରସୂତିଙ୍କ ଅଭିଯୋଗକ୍ରମେ ଭଦ୍ରକ ଟାଉନ ଥାନା ପୋଲିସ ତଦନ୍ତ କରି ଉକ୍ତ ମହିଳାଙ୍କୁ ଗିରଫ କରିବା ସହ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି। ଗିରଫ ମହିଳା ହେଲେ ପୂଜା ବିନ୍ଧାଣୀ। ସେ ଟାଉନ ଥାନା ଅଧୀନ ନୂଆବଜାର ଅଞ୍ଚଳରେ ଭଡ଼ାଘର ନେଇ ରହୁଥିଲେ। ପୋଲିସ ତାଙ୍କୁ ପଚରାଉଚରା କରୁଛି।

ପ୍ରସୂତି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ମଉଦା ଗ୍ରାମର ମାମିନା ମୁଣ୍ଡା(୧୯) ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୪ ତାରିଖରେ ସେ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ନିଜ ଆଧାର ନମ୍ବରରେ ମୋବାଇଲ ନମ୍ବର ସଂଯୋଗ କରିବାକୁ ଭଦ୍ରକ ମୁଖ୍ୟ ଡାକଘରକୁ ଆସିଥିଲେ। ପ୍ରସବ ଯନ୍ତ୍ରଣା ହେବାରୁ ସେ ଘରକୁ ଫେରିପାରି ନ ଥିଲେ। ଡାକଘର ଛକ ନିକଟସ୍ଥ ଏକ ଦୋକାନ ବାରଣ୍ଡାରେ ପ୍ରସବ ଯନ୍ତ୍ରଣାରେ ସେ ଛଟପଟ ହେଉଥିବା ବେଳେ ପୂଜା ତାଙ୍କୁ ସାହାଯ୍ୟ କରିଥିଲେ। ରାତି ପ୍ରାୟ



ଗିରଫ ହୋଇଥିବା ମହିଳା ଓ ଉଦ୍ଧାର ଶିଶୁକନ୍ୟା।

୧୨ଟା ପରେ ମାମିନା ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଭୋର ୪ଟାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମା’, ଛୁଆଙ୍କୁ ଆମ୍ବୁଲାନ୍ସରେ ଭଦ୍ରକ ମାତୃ ଓ ଶିଶୁ ବିଭାଗ ମେଡିକାଲକୁ ନିଆଯାଇଥିଲା। ରକ୍ତ ଅଭାବ ଯୋଗୁ ମାମିନାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୂଜା ମା’ ଛୁଆଙ୍କୁ ସାଙ୍ଗରେ ନେଇ କଟକ ମେଡିକାଲ ଯାଇଥିଲେ। ସେଠାରୁ ଡିସ୍‌ଚାର୍ଜ ହେବା ପରେ ରବିବାର ଟ୍ରେନ୍ ଯୋଗେ ସେମାନେ ଭଦ୍ରକ ଫେରିଥିଲେ। ଚରମ୍ପା ଷ୍ଟେଶନରେ ପହଞ୍ଚିବା ପରେ ପୂଜା ଏକ ଟ୍ରଲି ଯୋଗେ ମା’ ଛୁଆଙ୍କୁ ନେଇ ବନ୍ତ ଛକ ଆସୁଥିଲେ। ମଝି ରାସ୍ତାରେ ତାଙ୍କୁ ବସାଇ ଦେଇ ଶିଶୁଙ୍କୁ ନେଇ ସେ ପଳାଇ ଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଝିଅକୁ ନ ପାଇ ମାମିନା ପୁଣି ପୋଷ୍ଟ ଅଫିସ ଛକକୁ ଆସି ବହୁ ଖୋଜାଖୋଜି କରିଥିଲେ। ଛୁଆକୁ ନ ପାଇ ସେ କାନ୍ଦୁଥିବା ବେଳେ ଘଟଣା ଲୋକଲୋଚନକୁ ଆସିଥିଲା। ଖବର ପାଇ ସଖୀ ୱାନ୍‌ଷ୍ଟପ ସେଣ୍ଟରର କର୍ମକର୍ତ୍ତା ତାଙ୍କୁ ନେଇ ରଖିଥିଲେ। ମଙ୍ଗଳବାର ୱାନ୍‌ଷ୍ଟପ୍ ସେଣ୍ଟରରେ କାଉନସେଲିଂ ପରେ ଶିଶୁ ସୁରକ୍ଷା ସମିତି ସହଯୋଗରେ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ୱାନ୍‌ଷ୍ଟପ ସେଣ୍ଟରର ପ୍ରଶାସନ ମୁଖ୍ୟ ପୁଷ୍ପାଞ୍ଜଳି ବେହେରା, ଶିଶୁ ସୁରକ୍ଷା ସମିତିର ଜିଲା ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ ମାମିନାଙ୍କୁ ସାଙ୍ଗରେ ନେଇ ଅଭିଯୋଗ କରିବା ସହ ଥାନାଧିକାରୀଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ। ମାମିନା ନିରକ୍ଷର ହୋଇଥିବା ବେଳେ ଅସୁସ୍ଥତା ଯୋଗୁ ଠିକ୍ ଭାବେ କୌଣସି କଥା କହିପାରୁନାହାନ୍ତି। ପିଲା ନେଇଯାଇଥିବା ମହିଳାଙ୍କ ଘର ଓ ପରିଚୟ ଜାଣି ନ ଥିବା ବେଳେ ଡାକଘର ଛକ ନିକଟସ୍ଥ ଜଣଙ୍କ ଘରେ କାମଧନ୍ଦା କରନ୍ତି ବୋଲି କହିଥିଲେ। ଟାଉନ ଥାନା ପୋଲିସ ମାମଲା (ନଂ.୫୪୭/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଓ ସବ୍‌ଇନ୍ସପେକ୍ଟର ଅରୁନ୍ଧତୀ ପରିଡ଼ା ସଦଳବଳ ଚଢ଼ାଉ କରି ଅଭିଯୁକ୍ତ ପୂଜାଙ୍କୁ ଧରିଥିଲେ। ଉଦ୍ଧାର ଶିଶୁକନ୍ୟାକୁ ଶିଶୁ ସୁରକ୍ଷା ସମିତି ଜରିଆରେ ମାମିନାଙ୍କୁ ହସ୍ତାନ୍ତର ପରେ ମାତୃ ଶିଶୁ ବିଭାଗ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସିଟି ଡିଏସ୍‌ପି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେନଲ୍ଟ ଇଣ୍ଡିଆର ନ୍ୟୁ ମାଇଲଷ୍ଟୋନ୍

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ରେନଲ୍ଟ ଇଣ୍ଡିଆ) ନିକଟରେ ଏକ ଐତିହାସିକ ସଫଳତା ସହ ଏକ ନୂଆ ମାଇଲଖୁଣ୍ଟ (ନ୍ୟୁ ମାଇଲଷ୍ଟୋନ୍) ହାସଲ କରିଛି। ଏପରିକି ପ୍ରଥମ କାର୍ ନିର୍ମାତା ଭାବେ କମ୍ପାନୀର ସମସ୍ତ ମଡେଲକୁ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ରାସ୍ତା (ହାଇଏଷ୍ଟ ମୋଟୋରାବୁଲ ରୋଡ୍) 'ଉମଲିଙ୍ଗ ଲା ଟପ୍'ରେ ପହଞ୍ଚିବା ସହ ପ୍ରଦର୍ଶିତ ମଧ୍ୟ କରିଛି। ବିଶେଷକରି ଲେହ ଲଦାଖର ଏହି ବିସ୍ମୟକର ଓ ପ୍ରାକୃତିକ ପରିବେଶପୂର୍ଣ୍ଣ ରାସ୍ତାର ଯାତ୍ରା ୨୦୨୪ ଅଗଷ୍ଟ ୨୯ରେ ହୋଇଥିଲାବେଳେ ପ୍ରାୟ ୧୦୦୦ କି.ମି. ବିଶିଷ୍ଟ ଦୁଃସାହସିକ ଅଞ୍ଚଳର ଅତିଶୟ ରାସ୍ତାରେ ରେନଲ୍ଟ ଇଣ୍ଡିଆର ପ୍ରମୁଖ ମଡେଲ କାଇଗର,କ୍ୱିଡ୍ ଏବଂ ଟ୍ରାଇବରର ଚାଳକ ଓ ଟିମ୍ ସଫଳତାର ସହ ଯାତ୍ରା ଶେଷକରି ସର୍ବୋଚ୍ଚ ସ୍ଥାନରେ ପତାକା ଉତ୍ତୋଳନ ସହ ନୂଆ ମାଇଲଖୁଣ୍ଟ ହାସଲ କରିଥିଲେ। ଏ ସମ୍ପର୍କରେ ରେନଲ୍ଟ ଇଣ୍ଡିଆ ଅପରେଶନର ଏମ୍‌ଡି ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ କହିଥିଲେ, ଆମେ ଆମର ସମସ୍ତ ମଡେଲ ଓ ବ୍ରାଣ୍ଡର ଓଇଏମ୍‌କୁ ଉମଲିଙ୍ଗ୍ ଲା ପାଶାର ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇବା ସହ ନୂଆ କୀର୍ତ୍ତିମାନ ସ୍ଥାପନ କରିପାରିଥିବାରୁ ସମସ୍ତେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଦୁଃସାହସିକ ଯାତ୍ରାକୁ ସଫଳତାର ଶେଷକରି ପ୍ରଥମ କାର୍ ନିର୍ମାତା ଭାବେ ଏହି ସଫଳତା ଲାଭ କରି ଗର୍ବ ଅନୁଭବ କରୁଛୁ। ସେହିଭଳି ଆମେ ଆମର ଟିମର ମନୋବଳ ଓ ମଡେଲର ଦକ୍ଷତାକୁ ମଧ୍ୟ ସାରା ଦୁନିଆ ଆଗରେ ପ୍ରଦର୍ଶିତ କରିପାରିଛୁ। ବ୍ରାଣ୍ଡ ସବୁବେଳେ ଚ୍ୟାଲେଞ୍ଜକୁ ଗ୍ରହଣକରି ସଫଳତାର ସହ ଶେଷ କରିଥାଏ ବୋଲି ଆମେ ଆମର ଗ୍ରାହକଙ୍କୁ ମଧ୍ୟ ବାର୍ତ୍ତା ଦେଇପାରିଛୁ।

# ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ସଂସ୍ଥା ଅଗ୍ରଣୀ ଖାଇବା ତେଲ ବ୍ରାଣ୍ଡ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବହୁ ପ୍ରତୀକ୍ଷିତ ଅଭିଯାନ 'କୋଲେଷ୍ଟେରୋଲ୍ କି ସଫାଇ କା ସ୍ପେଶାଲିଷ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଭିଯାନର ବାର୍ତ୍ତାକୁ ଦୃଢ ଭାବେ 'ରାଇସ୍ ବ୍ରାନ୍ ଅଏଲ କରେ ଅନ୍ଦର ସେ ସଫାଇ' ଶୀର୍ଷକ ଏକ ସଚେତନତା ଭିଡିଓର ଉନ୍ମୋଚନ କରାଯାଇଛି। ବ୍ରାଣ୍ଡର ଗ୍ରାହକଙ୍କୁ ସଚେତନ କରାଇବା ସହ ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକୁ ସୁରକ୍ଷିତ ଓ ସୁନ୍ଦର ରଖିବାରେ ଏହି ତେଲର ଭୂମିକା ଯେତିକି ରହିଥାଏ ବ୍ରାଣ୍ଡ ମଧ୍ୟ ସେତିକି ଧ୍ୟାନ ଦେଇଥାଏ। ସେହିଭଳି ରାଇସ୍ ବ୍ରାନ୍ ଅଏଲ ମଣିଷ ଶରୀରରେ କିପରି ବିଲ୍ଟ-ଅପ୍ କୋଲେଷ୍ଟେରୋଲକୁ ସଫା କରିବାରେ ବିଶେଷ ଭାବେ ସାହାଯ୍ୟ କରିଥାଏ। ଏପରିକି ଏହି ଅଭିଯାନ ଏହାକୁ ଦୈନନ୍ଦିନ ରୋଷେଇରେ ଅନ୍ତର୍ଭୁକ୍ତ କରିବାର ଗୁରୁତ୍ୱକୁ ସୁନ୍ଦର ଭାବେ ସୂଚିତ କରିଛୁ। ତେଲର ଉଚ୍ଚ ଅରିଜାନୋଲ ବିଷୟବସ୍ତୁକୁ ଗୁରୁତ୍ୱ ଦେଇ କୋଲେଷ୍ଟେରୋଲସ୍ତର ପରିଚାଳନା କରିବାର କ୍ଷମତା ସହ ଏହି ଅଭିଯାନ ଗ୍ରାହକଙ୍କୁ ଏହାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଶିକ୍ଷାଦେବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବରିଷ୍ଠ ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ଆମ ବ୍ରାଣ୍ଡ କେବଳ ରନ୍ଧନ ପାଇଁ ଜରୁରୀ ନୁହେଁ, ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ଆମର ସ୍ୱାସ୍ଥ୍ୟ ସଚେତନ ଗ୍ରାହକଙ୍କ ପାଇଁ ଏକ ବିଶ୍ୱସ୍ତ ସହଯୋଗୀ ମଧ୍ୟ ହୋଇପାରିଛି। ଏପରିକି ୧୦,୦୦୦ ପିପିଏମ୍‌ରୁ ଅଧିକ ଓରିଜାନୋଲରେ ଆମେ ଏକ ଉତ୍ପାଦ ଯୋଗାଇବା ପାଇଁ ସମର୍ପିତ ରହିଛୁ, ଯାହା ଉଭୟ ସ୍ୱାଦ ଏବଂ ସୁସ୍ଥତାକୁ ସମର୍ଥନ କରିଥାଏ। ଆମର ରାଇସ୍ ବ୍ରାନ୍ ଅଏଲକୁ ଆପଣଙ୍କ ରନ୍ଧନ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ସହ ଉନ୍ନତ ସ୍ୱାସ୍ଥ୍ୟ ଦିଗରେ ଏକ ସହଜ ତଥାପି ପ୍ରଭାବଶାଳୀ ପଦକ୍ଷେପ ଭାବେ ସନ୍ତୁଳିତ ଫ୍ୟାଟି ଏସିଡ୍ ପ୍ରୋଫାଇଲ, ଉଚ୍ଚ ଧୂଆଁ ବିନ୍ଦୁ ଏବଂ ନିରପେକ୍ଷ ସ୍ୱାଦକୁ ବିଭିନ୍ନ ପ୍ରକାର ଖାଦ୍ୟ ପାଇଁ ଏହା ଏକ ଉତ୍କୃଷ୍ଟ ପସନ୍ଦ କରିଥାଏ। ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ୍ ଚୟନକରି, ତୁମେ ତୁମର ଭୋଜନର ସ୍ୱାଦ ବଢ଼ାଇବା ସହିତ ରାନ୍ଧିବା ପାଇଁ ଏକ ସୁସ୍ଥ ଉପାୟ ଅବଲମ୍ବନକର, ଯାହା ଆପଣଙ୍କ ପରିବାର ପାଇଁ ଲାଭଦାୟକ ହେବ।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୨ (୩୬୧.୭୫) ପଏଣ୍ଟ ବଢ଼ି ୮୧,୯୨୧ (୮୧,୯୨୧.୨୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୫ (୧୦୪.୭୦) ପଏଣ୍ଟ ବୃଦ୍ଧି ଘଟି ୨୫,୦୪୧ (୨୫,୦୪୧.୧୦)ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଡେଭିଡ୍ ବେଦାନ୍ତ କୋଲ୍ ମାଇନ୍ସର ନୂଆ ସିଇଓ

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)


ଡେଭିଡ୍ ଷ୍ଟୋନ୍

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ ବେଦାନ୍ତ କୋଲ୍ ମାଇନ୍ସର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଡେଭିଡ୍ ଷ୍ଟୋନ୍‌ଙ୍କୁ ନିଯୁକ୍ତ କରାଯାଇଛି। ଏପରିକି ସେ କମ୍ପାନୀର ସମଗ୍ର କୋଇଲା ଖନନ କାର୍ଯ୍ୟର ତଦାରଖ କରିବା ସହ ରଣନୀତି ପ୍ରସ୍ତୁତ ତଥା ଦକ୍ଷତା ଅପ୍ଟିମାଇଜ୍ କରିବା ପାଇଁ ଟେକ୍ନୋଲୋଜି ଏବଂ ନବସୃଜନର ବ୍ୟବହାର କରିବେ। ସେହିଭଳି କମ୍ପାନୀର ଓଡ଼ିଶାସ୍ଥିତ ଝାରସୁଗୁଡ଼ାଠାରେ ଅବସ୍ଥିତ ବେଦାନ୍ତ ଆଲୁମିନିୟମର ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଏବଂ ଛତିଶଗଡ଼ସ୍ଥିତ କୋର୍ବାଠାରେ ଥିବା ଉଚ୍ଚ ଦକ୍ଷତାକୁ ଅପ୍ଟିମାଇଜ୍ କରିବା ପାଇଁ ଡେଭିଡ୍‌ଙ୍କର ପାରଦର୍ଶିତା ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବା ସହ ସ୍ଥାୟୀ ଖଣି ଅଭ୍ୟାସ ଉପରେ ମଧ୍ୟ ସେ ତୀକ୍ଷଣ ଧ୍ୟାନ ରଖିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି କମ୍ପାନୀ ଅଧୀନରେ ୫ଟି ଅପରେଟିଂ କୋଇଲା ଖଣି ଜାମକାନି, କୁରାଲୋଇ, ରାଧିକାପୁର, ଘୋଗରାପାଲୀ ଏବଂ ବାରା ଥିଲାବେଳେ ଯାହାର ମିଳିତ କ୍ଷମତା ବାର୍ଷିକ ୪୦ ନିୟୁତ ଟନ୍ (ଏମ୍‌ଟିପିଏ) ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି,ଡେଭିଡ୍‌ଙ୍କୁ ଆମେ ବେଦାନ୍ତ ଆଲୁମିନିୟମ ପରିବାରକୁ ସ୍ୱାଗତକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ପ୍ରମାଣିତ ଟ୍ରାକ୍ ରେକର୍ଡ ତାଙ୍କୁ କମ୍ପାନୀର ଖଣି କାର୍ଯ୍ୟ ଚଳାଇବା ସହ କଞ୍ଚାମାଲକୁ ସୁରକ୍ଷିତ ରଖିବା ଏବଂ ଆମର ବ୍ୟବସାୟ ପାଇଁ ଉତ୍ପାଦନ ମୂଲ୍ୟ ହ୍ରାସ କରିବା ପାଇଁ ଏକ ପଛୁଆ ଏକୀକରଣକୁ ସୁନିଶ୍ଚିତ କରିଥାଏ।

# ଲିକ୍ୱିଡ ଗ୍ରୁପ ସହ ଫୋନପେ'ର ସହଭାଗିତା

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)

ଅନ୍ତଃରାଷ୍ଟ୍ରୀୟ କମ୍ପାନୀ ଲିକ୍ୱିଡ୍ ଗ୍ରୁପ୍ ସହ ଫୋନ୍‌ପେ ସହଭାଗିତା କରିଛି। ଏହାଦ୍ୱାରା ଭାରତୀୟ ଯାତ୍ରୀମାନେ ସିଙ୍ଗାପୁରରେ ଲିକ୍ୱିଡ୍ ଗ୍ରୁପ୍‌ର ବ୍ୟାପକ ବ୍ୟବସାୟୀ ବେସ୍‌ରେ ସେମାନଙ୍କ ଫୋନ୍‌ପେ ଆପ୍ ବ୍ୟବହାର କରି ସହଜରେ ସ୍କାନ୍ ଏବଂ ଦେୟ କରିପାରିବେ। ଏହା ଭାରତୀୟ ପର୍ଯ୍ୟଟକମାନଙ୍କ ପାଇଁ ଏକ ଲୋକପ୍ରିୟ ଗନ୍ତବ୍ୟସ୍ଥଳ ହୋଇଥିଲାବେଳେ ଏହି କ୍ୟୁଆର୍ କୋଡ୍ ପର୍ଯ୍ୟଟକ-କେନ୍ଦ୍ରିତ ସ୍ଥାନଗୁଡ଼ିକରେ ବ୍ୟାପକ ରୂପେ ଉପଲବ୍ଧ ରହିବ। ଏହି ସହଯୋଗ ଲିକ୍ୱିଡ୍ ଗ୍ରୁପ୍‌ର ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟ ଲିମିଟେଡ୍(ଏନ୍‌ଆଇପିଏଲ୍) ସହ ସହଭାଗିତା ମାଧ୍ୟମରେ ସମ୍ଭବ ହୋଇଛି। ଏହି ଭାଗୀଦାରି ମାଧ୍ୟମରେ ଲିକ୍ୱିଡ୍ ଗ୍ରୁପ୍ ଏହାର ବ୍ୟବସାୟୀମାନଙ୍କୁ ୟୁପିଆଇକୁ ଏକ ଦେୟ ପଦ୍ଧତି ଭାବରେ ଗ୍ରହଣ କରିବାକୁ ସକ୍ଷମ କରିଛି, ଯାହା ଭାରତୀୟ ଯାତ୍ରୀମାନଙ୍କୁ କାରବାର ପାଇଁ ସେମାନଙ୍କ ପସନ୍ଦର ୟୁପିଆଇ ଆପ୍ ବ୍ୟବହାର କରିବା ସୁବିଧାଜନକ କରିଛି।

# ଟିପିସିଓଡିଏଲ୍‌କୁ ନୂତନ ମାନ୍ୟତା




ଭୁବନେଶ୍ୱର,୧୦।୯ (ଅଭୟ ଦାଶ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)କୁ ନିକଟରେ ଆଉ ସଫଳତା ସହ ନୂତନ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର କାର୍ଯ୍ୟପରିସର ମଧ୍ୟରେ ଜିଆଇଏସ୍ ମୃତୟନର ସଫଳତା କାର୍ଯ୍ୟକାରିତାକୁ ନୂଆ ମାନ୍ୟତା ପ୍ରଦାନ ସହ ସମ୍ମାନିତ ମଧ୍ୟ କରାଯାଇଛି।

ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ୟୁସି ୨୦୨୪-ଇଏସ୍‌ଆରଆଇ ଇଣ୍ଡିଆ ୟୁଜର୍ ସମ୍ମିଳନୀରେ ଟିପିସିଓଡିଏଲ୍‌କୁ ମାନ୍ୟତା ପୂର୍ବକ ସମ୍ମାନିତ କରାଯାଇଛି। ବିଶେଷ କରି 'ଶକ୍ତି ଶିଖର ସମ୍ମିଳନୀ: ଜିଆଇଏସ୍ ସହ ୟୁଟିଲିଟିଙ୍କ ସଶକ୍ତୀକରଣ'ରେ ଯୋଗ ଦେଇ ଟିପିସିଓଡିଏଲର ଜିଆଇଏସ୍ ମୁଖ୍ୟ ଧ୍ରୁବ ବାନାର୍ଜୀ ଟିପିସିଓଡିଏଲ୍ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି।

ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଆମର ବ୍ୟାପକ ଜିଆଇଏସ୍ ମୃତୟନକୁ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଆମେ ଗର୍ବିତ, ଯାହା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାପକ ଭୌଗଳିକ ଆକାର ଦୃଷ୍ଟିରୁ ସ୍ୱତନ୍ତ୍ର। ଇଏସ୍‌ଆରଆଇ ଜିଆଇଏସ୍ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିକୁ ବ୍ୟବହାର କରିବା ଦ୍ୱାରା ପରିଚାଳନା ଦକ୍ଷତାରେ ଉନ୍ନତି ହୋଇଥିବା ବେଳେ ୩୦,୦୦୦ବର୍ଗ କିଲୋମିଟର ଅଞ୍ଚଳରେ ଆମ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରାଯାଇପାରିଛି। ଏହି ସଫଳତା ବିଦ୍ୟୁତ ବର୍ଣ୍ଟନ କ୍ଷେତ୍ରରେ ଉତ୍କର୍ଷ ହାସଲ ଓ ଅଭିନବ ପ୍ରଯୁକ୍ତି ଗ୍ରହଣ ଓ ମୃତୟନ ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବୈଦ୍ୟୁତିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ

ନୂଆଦିଲ୍ଲୀ,୧୦।୯ (ଅଭୟ ଦାଶ)

ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ଓ ଓପୋ ଇଣ୍ଡିଆର ବହୁ ପ୍ରତିକ୍ଷୀତ ୨ ଦିନିଆ ସଚେତନାତା କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ରାମ୍‌ଜସ କଲେଜ, ୟୁନିଭର୍ସିଟି ଅଫ୍ ଦିଲ୍ଲୀଠାରେ ଏକ ଜାତୀୟସ୍ତରୀୟ ବୈଦ୍ୟୁତିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ (ଇ-ୱେଷ୍ଟ) ସହ 'ଜେନେରେଶନ ଗ୍ରୀନ୍' କ୍ୟାମ୍ପେନର ୨ୟ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏହା ସହିତ ଏହି ପ୍ରୋଗ୍ରାମ ଅଧିନରେ କଲେଜ ପ୍ରଥମ 'ଇକୋ-କନ୍‌ସିୟସ ଚାମ୍ପିଅନ ଇନ୍‌ଷ୍ଟିଚ୍ୟୁଟ୍'ରେ ପରିଣତ ହୋଇଛି। ସେହିଭଳି ପ୍ରଥମ ସଂସ୍କରଣର ଅଂଶ ଭାବେ ଓପୋ ଇଣ୍ଡିଆ ଓ ଏଆଇସିଟିଇ ଭାରତବ୍ୟାପୀ କଲେଜଗୁଡିକରେ ଇଂଟର୍ଣ୍ଣସିପ୍ ପ୍ରଦାନ କରି ଯୁବପିଢ଼ିଙ୍କ ମଧ୍ୟରେ ସବୁଜ ଦକ୍ଷତାକୁ ପ୍ରୋତ୍ସାହିତ କରିଥିଲାବେଳେ ୧୪୦୦ରୁ ଅଧିକ ଶିକ୍ଷାନୁଷ୍ଠାନରୁ ୯୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହି ଇଂଟର୍ଣ୍ଣସିପ୍ ପାଇଁ ଆବେଦନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୫୦୦୦ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ଏବେ ସଚେତନତା ଅଧିବେଶନ, ଇ-ସର୍ଭେ, ଗ୍ରୀନ ଡେ' ସେଲିବ୍ରେଶନ ଭଳି ସ୍ଥାୟିତ୍ୱ ଗତିବିଧିରେ ନିୟୋଜିତ ଅଛନ୍ତି।

ସେହିଭଳି ଏହାର ୨ୟ ସଂସ୍କରଣ ଯୁବପିଢ଼ିଙ୍କୁ ଅବ୍ୟବହୃତ ତାର, ମୋବାଇଲ ଫୋନ, ଚାର୍ଜର, ବ୍ୟାଟେରୀ ଭଳି ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ ପରିଚାଳନାର ବର୍ଦ୍ଧିତ ଆହ୍ୱାନ ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ପ୍ରଭାବୀ ବର୍ଜନର ଆବଶ୍ୟକତା ସମ୍ପର୍କରେ ସଚେତନ କରୁଛି। ନ୍ୟାଶନାଲ ଏଜୁକେଶନ ଟେକ୍ନୋଲୋଜି ଫୋରମ୍ (ଏନ୍‌ଇଟିଏଫ୍)ର ଅଧ୍ୟକ୍ଷ ଡଃ ଅନଲି ସହସ୍ରବୁଦ୍ଧେ ମୁଖ୍ୟ ଅତିଥି ଭାବେ ଏହି ଉନ୍ମୋଚନ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ଓପୋ ଇଣ୍ଡିଆର ପବ୍ଲିକ୍ ଆଫାୟାର୍ସ ବିଭାଗର ମୁଖ୍ୟ ରାକେଶ ଭରଦ୍ୱାଜ ଓ ରାମଜସ କଲେଜ, ୟୁନିଭର୍ସିଟି ଅଫ୍ ଦିଲ୍ଲୀର ପ୍ରିନ୍ସିପାଲ ପ୍ରଫେସର ଅଜୟ କୁମାର ଅରୋରାଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସମୟରେ ସାହିତ୍ୟ, ନୃତ୍ୟ, ସଙ୍ଗୀତ, ଫଟୋଗ୍ରାଫି, ପ୍ରଶ୍ନୋତ୍ତର, ଫାଇନ୍ ଆର୍ଟସ୍ ଭଳି ବିଭିନ୍ନ ସମାଜ ବା କ୍ଷେତ୍ରର ଛାତ୍ରଛାତ୍ରୀମାନେ ଗତିବିଧିଗୁଡ଼ିକର ଏକ ବିବିଧ ଶୃଙ୍ଖଳାରେ ନିୟୋଜିତ ହେବେ।


# Classified Everyday
0674-2580101, 2549949


REAL ESTATE

SALE

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788. D-1032

Gharabari boundary plot Nakhara East Engineering College backside, close to SNH-8018471169. D-75985

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1296

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1295

LEASE

Require Holiday Home, Homestay, Guest house on Lease/Rent. Contact-9831505715. D-1291

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1031




କଟକ ମହତାବ ରୋଡ୍ ଦୋଳମୁଣ୍ଡାଇ ଠାରେ ଦୋକାନ, ଅଫିସ୍, କୋଚିଂ ସେଣ୍ଟର ଉଦ୍ଦେଶ୍ୟରେ (3600sqft.) ଘରଭଡ଼ା ଦିଆଯାଉଛି। ଯୋଗାଯୋଗ- 9937778558. D-1288




Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75779

Newly open spa positively health benefits with expert therapist. 8658466886. D-76152

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open health benefits SPA special offer @ 999 Bapuji Nagar. 8018429809. D-76153

AFFIDAVIT

I, SINI VENUGOPAL, D/o P. Kuttan wife of Krishnan Venugopal, Resident of Ramachandrapur Bazar, Khasmahal Colony, P.O./P.S.- Jatani, Dist.-KHORDHA, PIN-752050, Odisha declare by this affidavit No.- 65AA 549179 that now onwards I shall be known as SINI S VENUGOPAL for all future purposes. D-75781

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LEGAL NOTICE

SUMMONS FOR SETTLEMENT OF ISSUES
(Order 5, R 1 and 5 C.P.C.)
IN THE COURT OF CIVIL JUDGE SENIOR DIVISION, KHARIAR, DIST.-NUAPADA
Civil suit No.- 342/2018
Sidhant Mahapatra ....Plaintiff
Vrs
Jashobanti Bai and others .....Defendants

To,
Kaladei Satnami, aged about 57 years, W/o- Sonu Satnami, R/o-Vil-Khariar (Ward No.- 2) P.S.- Khariar, Dist.- Nuapada

Whereas the above name plaintiff Sidhant Mahapatra has instituted a suit against you to declare his right, title and interest of the suit land and you valid and confirm title and possession of the plaintiff over the suit land, you are hereby summon to appear in this Court in person or through a pleader duly instructed, able to answer all martial questions relating to the suit or who shall be accompanied by some persons able to answer all such questions on 11th day of Sep. 2024 at about 10.30 AM to answer the claim and further you are by directed to file on that day a written statement of your defense and to produce on the said day all document in your possession or power upon which you base your defense.

Take notice that in a default of your appearance on the day in the aforesaid mentioned, the suit will be hard and determined in your absence.

Give under my hand and seal of the Court on this 08th day of Aug. 2024.

Sd./- CIVIL JUDGE, SENIOR DIVISION, KHARIAR
D-1297

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉଦୟନାଥ ସିଂହ
ସମେଇ ଗାଡ଼ିଆ, ଚକେଇସିଆଣି, ଭୁବନେଶ୍ୱର
ଆବିର୍ଭାବ: ୦୮।୦୨।୧୯୪୭
ତିରୋଧାନ: ୦୧।୦୯।୨୦୨୪
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ମନୋଜ କୁମାର ସିଂ, ରଞ୍ଜନ କୁମାର ସିଂ ଏବଂ ପରିବାରବର୍ଗ।
ଧ-୧୨୯୮

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉମାକାନ୍ତ ଦାସ
ପିକରାଳି, କେନ୍ଦ୍ରାପଡା / ତିର୍ତ୍ତୋଲ, ଜଗତସିଂହପୁର
ଆବିର୍ଭାବ : ୨୪.୦୧.୧୯୫୪
ତିରୋଧାନ : ୦୧.୦୯.୨୦୨୪
ହେ ସାଧକ, ଶିକ୍ଷକତାକୁ ଜୀବନରେ ବ୍ରତ ରୂପେ ଗ୍ରହଣ କରି ଅନେକଙ୍କୁ ଜୀବନ ବଞ୍ଚିବାର ଦିଗଦର୍ଶନ ଦେଲ। ପରିବାର ପାଇଁ ଆପଣଙ୍କ ତ୍ୟାଗ, ପ୍ରେରଣା, ନିଷ୍ଠା, ଭାବାବେଗର ତୁଳନା ନାହିଁ। ଆପଣ ଆଜି ସ୍ୱର୍ଗବାସୀ କିନ୍ତୁ ଆପଣଙ୍କ ଚେତନା, ମାର୍ଗଦର୍ଶନ ଚିର ଦିନ ପାଇଁ ଆମ ସାଥିରେ ଥିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କରୁଣାମୟ ପ୍ରଭୁଙ୍କ ନିକଟରେ ଭକ୍ତିପୂତ ପ୍ରଣାମ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ।
ଆପଣଙ୍କ ଶୋକସନ୍ତପ୍ତ ପୁତ୍ର : ପାର୍ଥସାରଥି, ସବ୍ୟସାଚି ଓ ପରିବାର ବର୍ଗ
ଧ-୧୨୯୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଅମୃତଭଣ୍ଡା ଗଛ: ମୂଳଶଢ଼ା ରୋଗର ପ୍ରତିକାର



ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟିଦିଅନ୍ତୁ।

# ଫୁଲଚାଷରେ ଖତ ପ୍ରୟୋଗ

ଫୁଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱ ଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



# ଫସଲ ଉତ୍ପାଦନରେ ପୋଟାସିୟମ



ପ୍ର. ସୁବୋଧ କୁମାର ସାହୁ

ଫସଲ ଆବଶ୍ୟକ କରୁଥିବା ୧୭ ଗୋଟି ଖାଦ୍ୟ ଉପାଦାନ ମଧ୍ୟରୁ ପୋଟାସିୟମ୍ ଅନ୍ୟତମ। ଯବକ୍ଷାରଯାନ ଏବଂ ଫସ୍‌ଫରସ୍ ପରେ ଫସଲ ପାଇଁ ପୋଟାସିୟମ୍‌ର ସ୍ଥାନ ତୃତୀୟ। ଫସଲ ମାଟି, ଖତ ଓ ରାସାୟନିକ ସାରରୁ ଗ୍ରହଣ କରୁଥିବା ପୋଟାସିୟମ ଅନ୍ୟ ଖାଦ୍ୟ ଉତ୍ପାଦାନଠାରୁ ଅଧିକ । ଫସଲ ଚେର ସାହାଯ୍ୟରେ ପୋଟାସିୟମ୍‌କୁ ମାଟିରୁ ସିଧାସଳଖ ଗ୍ରହଣ କରିଥାଏ। ସ୍ଥଳ ବିଶେଷରେ ପତ୍ରଛିଞ୍ଚା ଦ୍ୱାରା ପ୍ରୟୋଗ ହେଉଥିବା ପୋଟାସିୟମକୁ ଫସଲ ପତ୍ର ଦ୍ୱାରା ଶୋଷଣ କରିଥାଏ । କିନ୍ତୁ ଚେର ଦ୍ୱାରା ଗ୍ରହଣ ହେଉଥିବା ପୋଟାସିୟମ୍‌ର ଉପାଦେୟତା ଅଧିକ।

ପୋଟାସିୟମ୍ ଫସଲରେ ଥିବା ଏନ୍‌ଜାଇମ୍‌କୁ କାର୍ଯ୍ୟକ୍ଷମକରି ଶସ୍ୟର ପୁଷ୍ଟିସାର ଏବଂ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରେ । ପୋଟାସିୟମ ଗଛର ପତ୍ରରେ ଥିବା ପତ୍ରଛିଦ୍ (ଷ୍ଟୋମାଟା)କୁ ଖୋଲିବା ଏବଂ ବନ୍ଦ ହେବା ପ୍ରକ୍ରିୟାକୁ ନିୟନ୍ତ୍ରଣକରି ଫସଲରୁ ଅଧିକ ଜଳ ପ୍ରସ୍ୱେଦନ (ଟ୍ରାନ୍ସପିରେଶନ) ହେବାକୁ ନ ଦେଇ ଗଛକୁ ଝାଉଁଳିବାକୁ ଦିଏନାହିଁ। ଉକ୍ତ ପ୍ରକ୍ରିୟା ଯୋଗୁ ଫସଲକୁ ମରୁଡ଼ି ବାଧେନାହିଁ । ପୋଟାସିୟମ ଗଛର କୋଷକୁ କଠିନକରେ, ଯଦ୍ୱାରା ଫସଲରେ ରୋଗ ଓ ପୋକ ଆକ୍ରମଣର ପ୍ରାଦୁର୍ଭାବ କମେ ଏବଂ ଫସଲ ପ୍ରତିକୂଳ ଜଳବାୟୁକୁ ସହିଯାଏ । ସର୍ବୋପରି ପୋଟାସିୟମ, ମଞ୍ଜି ତଥା ଦାନାର ଓଜନ ବଢ଼ାଇ ଅମଳ ବଢ଼ାଏ । ପୋଟାସିୟମ ଅଭାବରେ ଗଛର ତଳପତ୍ରର ଧାରର ୨ ଶିରା ମଧ୍ୟରେ ପାଣ୍ଡୁର ରଙ୍ଗର ଗୋଲାକାର ଦାଗମାନ ଦେଖାଯାଏ । ପତ୍ରର ଅଗ୍ରଭାଗରେ ବାଦାମୀ ରଙ୍ଗର ଛୋଟ ଛୋଟ ଲମ୍ବା ଗାରମାନ ଦେଖାଯାଏ । ଗଛ ବଢ଼ି ନ ପାରି ଉଚ୍ଚତା କମେ । କାଣ୍ଡ ଦୁର୍ବଳହୋଇ ସଳଖ ଠିଆହୋଇ ନ ପାରି ନଇଁପଡ଼େ । ମଞ୍ଜି ଓ ଦାନାର ଓଜନ କମେ ।

ପୋଟାସିୟମ୍‌ର ଅଭାବ ବାଲି, ଦୋରସା ବାଲିଆ, ବାଲିଆ ଦୋରସା ଏବଂ ଦୋରସା ମାଟିରେ ଅଧିକ ଦେଖାଯାଏ । ବର୍ଷା ଏବଂ ମାତ୍ରାଧିକ ଜଳସେଚନ ଦ୍ୱାରା ଉପର ଲିଖିତ ମାଟିରୁ ପୋଟାସିୟମ୍ ପରିଶ୍ରବଣ ଏବଂ ଅନ୍ତଃସ୍ରବଣ ଦ୍ୱାରା ଧୋଇହୋଇ ନଷ୍ଟହୁଏ । ଅନ୍ୟପକ୍ଷରେ କର୍ଦ୍ଦମ ଏବଂ ଦୋରସା କର୍ଦ୍ଦମ ମାଟିରେ ପୋଟାସିୟମ୍ ବାନ୍ଧିହୋଇ ରହୁଥିବାରୁ ଉକ୍ତ ମାଟିରେ ପୋଟାସିୟମ୍‌ର ଅଭାବ ଦେଖାଯାଏ ନାହିଁ । ଧାନ, ଗହମ, ମକା, ଆଖୁ, ଆଳୁ ଆଦି ଫସଲ ମାଟିରୁ ଅଧିକ ପରିମାଣର ପୋଟାସିୟମ୍ ଗ୍ରହଣ କରୁଥିବାରୁ ଏହିସବୁ ଫସଲରେ ପୋଟାସିୟମ୍ ପ୍ରୟୋଗ ହୋଇ ନ ଥିଲେ ଏହାର ଅଭାବ ଅଧିକ ଦେଖାଯାଏ । ସମସ୍ତ ପ୍ରକାର ପରିବା ଏବଂ କେତେକ ଫଳଗଛ ମାଟିରୁ ଅଧିକ ପୋଟାସିୟମ୍ ଗ୍ରହଣ କରିଥାନ୍ତି । ତେଣୁ ପରିବା ଚାଷ ହେଉଥିବା ମାଟିରେ ପୋଟାସିୟମ୍‌ର ଅଭାବ ଥାଏ । ଫସଲରେ ପୋଟାସିୟମ୍‌କୁ ପଟାସ୍ ଭାବେ ପ୍ରୟୋଗ କରାଯାଏ । ସବୁ ଫସଲର ପଟାସ୍ ଆବଶ୍ୟକତା ସମାନ ନୁହେଁ । କେଉଁ ଫସଲ କେତେ ପରିମାଣର ପଟାସ୍ ଆବଶ୍ୟକ କରେ,ଏହା କ୍ଷେତ୍ର ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ବିଭିନ୍ନ ଅବଧିର ଧାନ ଫସଲ ପାଇଁ ପଟାସ୍‌ର ଆବଶ୍ୟକତା ପୃଥକ୍ । ହେକ୍ଟର ପ୍ରତି ଛୋଟ ଧାନ ୨୦ କିଲୋ, ମଧ୍ୟମ ଧାନ ୩୦ କିଲୋ ଏବଂ ବଡ଼ ଧାନ ୪୦ କିଲୋ ପଟାସ୍ ଆବଶ୍ୟକ କରେ । ଗହମ ହେକ୍ଟରକୁ ଉପକୂଳ ଜିଲା ପାଇଁ ୩୦ କିଲୋ ଏବଂ ଆଭ୍ୟନ୍ତରୀଣ ଜିଲା ପାଇଁ ୪୦କିଲୋ ପଟାସ୍ ଆବଶ୍ୟକ କରେ । ମାଣ୍ଡିଆ ହେକ୍ଟରକୁ ୧୨ କିଲୋ ପଟାସ୍ ଆବଶ୍ୟକ କରୁଥିବା ବେଳେ ବିଭିନ୍ନ କ୍ଷୁଦ୍ର ମିଲେଟ୍ ଫସଲ ପାଇଁ ୧୦କିଲୋ ପଟାସ୍ ଅନୁମୋଦନ କରାଯାଏ । ମକା, ବାଜରା ଓ ଜୁଆର ହେକ୍ଟରକୁ ୩୦ରୁ ୪୦କିଲୋ ପଟାସ୍ ଆବଶ୍ୟକ କରନ୍ତି। ତନ୍ତୁଜାତୀୟ ଫସଲ, ଝୋଟ ହେକ୍ଟରକୁ ୪୦କିଲୋ, ମେସ୍ତା ୨୫କିଲୋ ଏବଂ କପା ୩୦କିଲୋ ପଟାସ୍ ଆବଶ୍ୟକ କରନ୍ତି । ତୈଳବୀଜ ଫସଲ ମଧ୍ୟରେ ଚିନାବାଦାମ ଫସଲ ୪୦କିଲୋ ପଟାସ୍ ଆବଶ୍ୟକ କରୁଥିବାବେଳେ ସୋରିଷ ୩୦କିଲୋ, ସୂର୍ଯ୍ୟମୁଖୀ ୨୦କିଲୋ ଏବଂ ରାଶି ୧୫କିଲୋ ପଟାସ୍ ଦରକାର କରନ୍ତି । ଆଖୁ ପାଇଁ ହେକ୍ଟରକୁ ୬୦କିଲୋ ପଟାସ୍ ଏବଂ ଆଳୁ ପାଇଁ ଏହାର ୨ଗୁଣ ଅର୍ଥାତ୍ ୧୨୦କିଲୋ ପଟାସ୍ ଅନୁମୋଦନ କରାଯାଏ । ପିଆଜ ହେକ୍ଟରକୁ ୧୦୦କିଲୋ ପଟାସ୍ ଆବଶ୍ୟକ କରେ । ଆଳୁ ଏବଂ ପିଆଜ ଫୁଲିବା ପାଇଁ ପଟାସ୍‌ର ଆବଶ୍ୟକତା ସବୁ ଫସଲ ଠାରୁ ଅଧିକ । ବିଭିନ୍ନ ପରିବା ଫସଲ ହେକ୍ଟରକୁ ୫୦ରୁ ୭୦ କିଲୋ ପଟାସ୍ ଆବଶ୍ୟକ କରନ୍ତି।

"ଫସଲରେ ପୋଟାସିୟମକୁ ପଟାସ୍ ଭାବେ ପ୍ରୟୋଗ କରାଯାଏ । ସବୁ ଫସଲର ପଟାସ୍ ଆବଶ୍ୟକତା ସମାନ ନୁହେଁ । କେଉଁ ଫସଲ କେତେ ପରିମାଣର ପଟାସ୍ ଆବଶ୍ୟକ କରେ,ଏହା କ୍ଷେତ୍ର ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ବିଭିନ୍ନ ଅବଧିର ଧାନ ଫସଲ ପାଇଁ ପଟାସ୍‌ର ଆବଶ୍ୟକତା ପୃଥକ୍ । ହେକ୍ଟର ପ୍ରତି ଛୋଟ ଧାନ ୨୦କିଗ୍ରା, ମଧ୍ୟମ ଧାନ ୩୦ କିଗ୍ରା ଏବଂ ବଡ଼ ଧାନ ୪୦କିଗ୍ରା ପଟାସ୍ ଆବଶ୍ୟକ କରେ । ଗହମ ହେକ୍ଟରକୁ ଉପକୂଳ ଜିଲା ପାଇଁ ୩୦ କିଗ୍ରା ଏବଂ ଆଭ୍ୟନ୍ତରୀଣ ଜିଲା ପାଇଁ ୪୦କିଗ୍ରା ପଟାସ୍ ଆବଶ୍ୟକ କରେ ।"



ମାଟି ପରୀକ୍ଷାକରି ପଟାସ୍ ପ୍ରୟୋଗକଲେ ସାର ପ୍ରୟୋଗ ସୁକ୍ଷମ ଏବଂ ମିତବ୍ୟୟିତା ହୁଏ । ମାଟି ପରୀକ୍ଷାରୁ ଯେଉଁ କ୍ଷେତର ମାଟି ହେକ୍ଟର ପ୍ରତି ସୁଲଭ ପଟାସ୍ ୧୨୫ କି.ଗ୍ରା.ରୁ କମ୍ ଦେଖାଏ ସେହି କ୍ଷେତର ମାଟିରେ ପଟାସ୍‌ର ଅଭାବ ଥାଏ । ତେଣୁ ସେହି ମାଟିରେ ଚାଷ ହେଉଥିବା ଫସଲ ପାଇଁ ଉପରୋକ୍ତ ଅନୁମୋଦିତ ପଟାସ୍‌ର ୨୫ ଶତକଡ଼ା ଅଧିକ ପ୍ରୟୋଗ କରିବାକୁ ପଡ଼େ । ଯେଉଁ କ୍ଷେତର ମାଟିରେ ପଟାସ୍ ପରିମାଣ ପରୀକ୍ଷାରୁ ହେକ୍ଟର ପ୍ରତି ସୁଲଭ ପଟାସ୍ ୧୨୬ ରୁ ୩୦୦ କି.ଗ୍ରା. ମଧ୍ୟରେ ଥାଏ, ସେହି କ୍ଷେତରେ ଚାଷ ହେଉଥିବା ଫସଲରେ ପଟାସ୍ ପ୍ରୟୋଗର ଆବଶ୍ୟକ ହୁଏ ନାହିଁ । ଯେଉଁ କ୍ଷେତରୁ ମାଟିରେ ସୁଲଭ ପଟାସ୍ ପରିମାଣ ୩୦୦ କି.ଗ୍ରା.ରୁ ଅଧିକ ସେହି କ୍ଷେତରେ ଚାଷ ହେବାର ଥିବା ଫସଲରେ ଅନୁମୋଦିତ ପଟାସ୍‌ର ଶତକଡ଼ା ୨୫ ଭାଗ କମ୍ ଦେବାକୁ ପଡିବ। ବଜାରରେ ବିକ୍ରି ହେଉଥିବା ପଟାସ୍ ସାର ମଧ୍ୟରୁ ମୁରେଟ୍ ଅଫ୍ ପଟାସ୍ ଏବଂ ପୋଟାସିୟମ୍ ସଲ୍‌ଫେଟ୍ ଦୁଇଟି ମୁଖ୍ୟ। ମୁରେଟ୍‌ଅଫ୍ ପଟାସ୍‌ରେ ପଟାସ୍ ପରିମାଣ ଶତକଡ଼ା ୫୮ରୁ ୬୦ ଭାଗ ଥାଏ। ପୋଟାସିୟମ୍ ସଲ୍‌ଫେଟ୍‌ରେ ପଟାସ୍ ପରିମାଣ ଶତକଡ଼ା ୪୫ ରୁ ୪୮ ଭାଗ ଥାଏ । ମୁରେଟ୍ ଅଫ୍ ପଟାସ୍‌ରେ ପଟାସ୍ ବ୍ୟତୀତ କ୍ଲୋରିନ୍ ଅଣୁସାର ୪୦ ରୁ ୪୮ ଭାଗ ଥାଏ । ପୋଟାସିୟମ ସଲ୍‌ଫେଟ୍‌ରେ ଗନ୍ଧକ ନାମକ ଗୌଣ ସାର ଶତକଡ଼ା ୧୨ ରୁ ୧୪ ଭାଗ ଥାଏ । ଉକ୍ତ ୨ ସାର କାରଖାନାରେ ରାସାୟନିକ ପଦ୍ଧତିରେ ପ୍ରସ୍ତୁତ ନ ହୋଇ ଖଣିରୁ ଉତ୍ତୋଳନ କରାଯାଏ । ଉକ୍ତ ସାର ଦ୍ୱୟ ଖଣିଜ ପଥର । ଉକ୍ତ ପଥରକୁ କାରଖାନାରେ ବିଭିନ୍ନ ପ୍ରକ୍ରିୟାରେ ଗୁଣ୍ଡ ସାରରେ ପରିଣତ କରାଯାଏ । ପଟାସ୍ ଖଣି ଆମ ଦେଶରେ ନାହିଁ । ଉକ୍ତ ସାର ବିଦେଶରୁ ଆମଦାନୀ କରାଯାଏ । ତେଣୁ ଏହାର ଦାମ ଅଧିକ । ମୁରେଟ୍ ଅଫ୍ ପଟାସ୍‌ର ଦର ସଲ୍‌ଫେଟ୍ ଅଫ୍ ପଟାସ୍‌ଠାରୁ କମ୍ । ଅନ୍ୟପକ୍ଷରେ ପୋଟାସିୟ ସଲ୍‌ଫେଟ୍‌ର ଆମଦାନୀ କମ୍ । ତେଣୁ ଚାଷୀମାନେ ମୁରେଟ୍ ଅଫ୍ ପଟାସ୍‌କୁ ଅଧିକ ବ୍ୟବହାର କରନ୍ତି।

ମଞ୍ଜି ବୁଣା ଏବଂ ଚାରା ରୋପଣ ସମୟରେ ଅନୁମୋଦିତ ସମସ୍ତ ପଟାସ୍ ସାର ପ୍ରୟୋଗ କରାଯାଏ । ମାଟି ଯଦି ବାଲି ଏବଂ ଦୋରସା ବାଲିଆ ହୋଇ ଥାଏ ଅନୁମୋଦିତ ପଟାସ୍‌କୁ ସମାନ ୨ ଭାଗକରି ପ୍ରୟୋଗ କରାଯାଏ । ପ୍ରଥମ ଭାଗ ମଞ୍ଜି ବୁଣା ଅବା ରୁଆ ବେଳେ ଏବଂ ଅବଶିଷ୍ଟ ଦ୍ୱିତୀୟ ଭାଗ ଫସଲର ବର୍ଦ୍ଧନ ଅର୍ଥାତ୍ ୩୫ ରୁ ୪୫ ଦିନରେ ପ୍ରୟୋଗ କରାଯାଏ । ମାଟିରେ ପଟାସ୍ ପ୍ରୟୋଗ ପରେ ପରବର୍ତ୍ତୀ ଅବସ୍ଥାରେ ଯେତେବେଳେ ଫସଲରେ ପୋଟାସିୟମ୍ ଅଭାବର ଲକ୍ଷଣ ଦେଖାଯାଏ, ସେହି ସମୟରେ ମୁରେଟ୍ ଅଫ୍ ପଟାସ୍‌କୁ ପତ୍ରଛିଞ୍ଚା କରାଯାଏ । ଏଥିପାଇଁ ୧୦ ଲିଟର ପାଣିରେ ୨୦୦ ଗ୍ରାମ୍ ମୁରେଟ୍ ଅଫ୍ ପଟାସ୍‌ର ଦ୍ରବଣ ପ୍ରସ୍ତୁତିକରି ଉକ୍ତ ଦ୍ରବଣକୁ ସଫା କପଡ଼ାରେ ଛାଣି ୭ ଦିନ ବ୍ୟବଧାନରେ ୨ ଥରରେ ସ୍ପ୍ରେୟର ସାହାଯ୍ୟରେ ପତ୍ରଛିଞ୍ଚା କରାଯାଏ । ଧାନ ଓ ଗହମ ଆଦିଶସ୍ୟ ଜାତୀୟ ଫସଲରେ ମଞ୍ଜି କ୍ଷୀର ଭୋକିବା ସମୟରେ ଅନୁମୋଦିତ ପଟାସ୍‌ର ଏକ ଚତୁର୍ଥାଂଶ ମାଟିରେ ପ୍ରୟୋଗ କିମ୍ବା ପତ୍ରଛିଞ୍ଚା କରାଗଲେ ଦାନା ବଳିଷ୍ଠ ହୋଇ ଓଜନ ବଢ଼ାଏ ।

ମୁରେଟ୍ ଅଫ୍ ପଟାସ୍‌କୁ ଆଳୁ, କନ୍ଦମୂଳ, ଟାପିୟୋକା ଏବଂ ଧୂଆଁପତ୍ର ଫସଲରେ ପ୍ରୟୋଗ କରିବା ଅନୁଚିତ। ଉକ୍ତ ସାରରେ କ୍ଲୋରିନ୍ ଥିବାରୁ ଏହା ଗଛର ପତ୍ରରେ ଛିଟ ଦାଗମାନ କରି ଫସଲର ଭାଶ୍ଳେଷଣ(ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ବାଧା ଦିଏ । ଉପରୋକ୍ତ ଫସଲରେ ମୁରେଟ୍ ଅଫ୍ ପଟାସ୍ ବଦଳରେ ପୋଟାସିୟମ୍ ସଲ୍‌ଫେଟ୍ ପ୍ରୟୋଗ କରିବା ଉଚିତ୍ ।

-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୭୦୮୫

## ଚାଷୀଙ୍କ ପାଇଁ...

- ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।
- ଲଙ୍କା ଫସଲରେ ଉଇଁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।
- ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ।
- ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ପିଆଜର ଉନ୍ନତ ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ଅଧିକ ଅମଳକ୍ଷମ କାଜୁ ପାଇଁ...



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁର୍ଲା ୧.୪ବିପିପି,ଭୁବନେଶ୍ୱର -୧,ଭିଆର୍‌ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫x୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬x୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମିପାଇଁ ୪x୪ମିଟର ୪୫x୪୫x୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନିରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ। ଏଭଳି କିସମ ବ୍ୟବହାର କଲେ ସେଥିରୁ ଅଧିକ ପରିମାଣରେ କାଜୁ ମିଳିଥାଏ।

# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

# ଛେଳି-ମେଣ୍ଢା କୁକୁଡ଼ା ପାଳନ

ଛେଳି, ମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ। କୃମିରୋଗର ପ୍ରତିକାର ପାଇଁ କୃମିନାଶକ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳି,ମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।





# ଢିପଜମିରେ ଧାନ ଅମଳ କରୁଥିଲେ...

ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ। ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ X ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍ବଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ବେଳେ ସିଞ୍ଚନ କରନ୍ତୁ ।

# ନବୀନଙ୍କୁ ଭେଟିଲା ବିଜେଡି ପୋଲାଭରମ୍ ଟିମ୍



ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳର ପୋଲାଭରମ ଟିମ୍‌ର ସଦସ୍ୟମାନେ ରିପୋର୍ଟ ପ୍ରଦାନ କରୁଛନ୍ତି।

## ପ୍ରକଳ୍ପକୁ ସବୁ ସ୍ତରରେ ଜୋର୍‌ଦାର ବିରୋଧ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୦।୯(ଅନିଲ ଦାସ)

ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦଳର ପୋଲାଭରମ୍ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ନବୀନ ନିବାସରେ ଭେଟି ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ ସେମାନେ ବିରୋଧୀ ଦଳ ନେତାଙ୍କୁ ପ୍ରକଳ୍ପ ଅଞ୍ଚଳର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ମୋଟୁ ପଞ୍ଚାୟତ ସମେତ କାଲିମେଲା ଓ ପଡ଼ିଆ ବ୍ଲକର ୨୩୬ଟି ଗାଁର ଲୋକମାନେ କ୍ଷତିଗ୍ରସ୍ତ ହେବେ। ସେମାନଙ୍କ ଭିଟାମାଟି ଓ ଜୀବିକା ଉଜୁଡ଼ିଯିବ। ମାଲକାନଗିରି ଜିଲାରେ ସାଧାରଣତଃ ଅଧିକ ବର୍ଷା ହୋଇଥାଏ। ତେଣୁ ଏ ପ୍ରକଳ୍ପ ପରିସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ପ୍ରତିନିଧି ଦଳ ମତବ୍ୟକ୍ତ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ପ୍ରକଳ୍ପକୁ ସବୁ ସ୍ତରରେ ପାର୍ଲାମେଣ୍ଟଠାରୁ ଆରମ୍ଭକରି ବିଧାନସଭା ତଥା ପଞ୍ଚାୟତ ସ୍ତରରେ ଦୃଢ଼ ବିରୋଧ କରିବା ପାଇଁ ବିରୋଧୀ ଦଳ ନେତା ପରାମର୍ଶ ଦେଇଛନ୍ତି। ନବୀନ କହିଛନ୍ତି, ଆଦିବାସୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ପ୍ରାଥମିକତା ଦେଇଆସିଛି। ଆଦିବାସୀଙ୍କ ହକ୍ ପାଇଁ ଦଳ ତା'ର ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ଏହି ପ୍ରତିନିଧି ଦଳର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଝିନ ହିକ୍‌କା, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଦଳୀୟ ନେତା ଭୃଗୁ ବକ୍ସିପାତ୍ର ଓ ବିଜେଡିର ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ ବିରୋଧୀ ଦଳ ନେତାଙ୍କୁ ଭେଟିଥିଲେ।

# ଦୋଷ ଲୁଚାଇବା ପାଇଁ ପୋଲାଭରମ୍‌କୁ ନେଇ ରାଜନୀତି କରୁଛି ବିଜେଡି: ଭାଜପା



ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ସରକାରରୁ ଚାଲିଗଲା ପରେ ଏବେ ବିଜେଡିର ନିଦ ଭାଙ୍ଗିଛି। ଗତ ୨୪ ବର୍ଷ ଧରି ପୋଲାଭରମ୍ ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନ ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ବିଜେଡି ସରକାର ଶୋଇଥିଲା। ଏବେ ଚର୍ଚ୍ଚାରେ ରହିବା ପାଇଁ ଅଯଥା ରାଜନୀତି କରୁଛି। ପ୍ରକଳ୍ପ ଅଞ୍ଚଳ ଗସ୍ତକରି ସେଠାକାର ଲୋକଙ୍କୁ ଭୟଭୀତକରି ସରକାରଙ୍କୁ ବିରୋଧ କରିବାକୁ ପ୍ରୟାସ ଚଳାଇଛି। ପୋଲାଭରମ ପ୍ରକଳ୍ପକୁ ନେଇ ନିଜର ଭୋଟବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ବିରୋଧୀଙ୍କ ଆଶା କେବେ ପୂରଣ ହେବ ନାହିଁ। ବିଜେଡି ଏବେ ନିଜର ଦୋଷ ଲୁଚାଇବା ପାଇଁ ହୀନ ରାଜନୀତି କରୁଛି ବୋଲି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବଳଭଦ୍ର କହିଛନ୍ତି, ନଦୀବନ୍ଧ ପ୍ରକଳ୍ପ କରିବା ପୂର୍ବରୁ ସର୍ବପ୍ରଥମେ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡ଼ିକର ଏନ୍‌ଓସି ନିଆଯାଏ। କୌଣସି ରାଜ୍ୟ ଯଦି ଏନ୍‌ଓସି ନ ଦିଅନ୍ତି, ତେବେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରିବ ନାହିଁ। ୨୦୦୦ ମସିହାରେ ଏନ୍‌ଡିଏ ସରକାରରେ ବିଜେଡିର ଜଣେ ନେତା କେନ୍ଦ୍ରରେ ଜଳ ସମ୍ପଦ ମନ୍ତ୍ରୀ ଥିଲେ। ଏହାପରେ ୨୦୦୪ରେ ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲାରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ଏହି ପ୍ରକଳ୍ପ ପାଇଁ ଏନ୍‌ଓସି କିପରି ଓ କିଏ ଦେଲା ବୋଲି ବଳଭଦ୍ର ପ୍ରଶ୍ନ କରିଛନ୍ତି। କେନ୍ଦ୍ରରେ ଥିବା ତତ୍କାଳୀନ କଂଗ୍ରେସ ସରକାର ଓଡ଼ିଶାର ସ୍ୱାର୍ଥ ପ୍ରତି ଧ୍ୟାନ ନ ଦେଇ ଏହି ପ୍ରକଳ୍ପ ଉପରେ ମୋହର ମାରିଥିଲା। ୨୦୦୦-୨୦୨୪ ପର୍ଯ୍ୟନ୍ତ ରାଜ୍ୟରେ ଜଳ ସମ୍ପଦ ବିଭାଗ ନବୀନ ପଟ୍ଟନାୟକଙ୍କ ହାତରେ ଥିଲା। ମାତ୍ର ଏହି ପ୍ରକଳ୍ପରୁ ବନ୍ଦ କରିବା ପାଇଁ ସେ କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଥିଲେ। ତାଙ୍କର ଭୁଲ୍ ନୀତି ଯୋଗୁ ଓଡ଼ିଶାବାସୀ ଆଜି ହଇରାଣ ହେଉଛନ୍ତି ବୋଲି ବଳଭଦ୍ର କହିଛନ୍ତି।

# ଖାରଜ ପାଇଁ ହାଇକୋର୍ଟରେ ଆବେଦନ

## ବିଞ୍ଝାରପୁର ବିଧାୟିକା ପ୍ରମିଳାଙ୍କ ନାମରେ ନିର୍ବାଚନ ଅନିୟମିତତା ମାମଲା

କଟକ,୧୦।୯ (କାର୍ତ୍ତିକ ସାହୁ)

ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନାମରେ ଦାଏର ନିର୍ବାଚନ ଅନିୟମିତତା ପିଟିଶନକୁ ଖାରଜ କରିବା ପାଇଁ ସେ ହାଇକୋର୍ଟରେ ଆବେଦନ କରିଛନ୍ତି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ଇଜିଲାସ୍‌ରେ ଉକ୍ତ ପିଟିଶନ୍ ବିରୋଧରେ ପ୍ରମିଳାଙ୍କ ପକ୍ଷରୁ ମଙ୍ଗଳବାର ଏହି ଆବେଦନ କରାଯାଇଛି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୪ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ବିଧାୟିକା ପ୍ରମିଳା ବହୁ ଅସାଧୁ ଉପାୟ ଅବଲମ୍ବନ, ବୁଥ୍ ଜବରଦଖଲ ଓ ବେଆଇନ କାର୍ଯ୍ୟ କରି ନିର୍ବାଚନ ଜିତିଥିବା ନେଇ ପରାଜିତ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ହାଇକୋର୍ଟରେ ପିଟିଶନ୍ ଦାଏର କରିଛନ୍ତି। ପ୍ରମିଳାଙ୍କ ପକ୍ଷରୁ ଉକ୍ତ ପିଟିଶନ୍ ବିରୋଧରେ ଦାଏର ହୋଇଥିବା ଆବେଦନରେ ଦର୍ଶାଯାଇଛି, ନିୟମ ଦୃଷ୍ଟିରୁ ଫଳାଫଳ ଘୋଷଣାର ୪୫ ଦିନ ମଧ୍ୟରେ କୌଣସି ପ୍ରାର୍ଥୀଙ୍କ ବିରୋଧରେ ମାମଲା ହୋଇପାରିବ। ମାତ୍ର ଏ କ୍ଷେତ୍ରରେ ନିର୍ବାଚନ ଫଳାଫଳ ଘୋଷଣାର ୪୫ ଦିନ ମଧ୍ୟରେ ଦାଏର ନ ହୋଇ ସମୟସୀମା ଅତିକ୍ରାନ୍ତ ପରେ ଏହି ମାମଲା କରାଯାଇଛି। ନିର୍ବାଚନ ଅନିୟମିତତା ପିଟିଶନ ଠିକ୍ ଭାବେ ଦାଏର କରାଯାଇନାହିଁ। ହାଇକୋର୍ଟ ନିୟମ ଅନୁଯାୟୀ ଏଥିପାଇଁ ଆବଶ୍ୟକ ସିକ୍ୟୁରିଟି ଦେୟ ମଧ୍ୟ ଦାଖଲ କରାଯାଇନାହିଁ। ଏହାବାଦ୍ ଆହୁରି ଅନେକ ପ୍ରକାର ତ୍ରୁଟି ମଧ୍ୟ ରହିଛି। ଏହା ଶୁଣାଣିଯୋଗ୍ୟ ନୁହେଁ। ତେଣୁ ଏସବୁ ଦୃଷ୍ଟିରୁ ପିଟିଶନ୍‌କୁ ବିଚାର ପରିସରଭୁକ୍ତ କରା ନ ଯାଇ ଖାରଜ କରାଯାଉ ବୋଲି ବିଧାୟିକା ପ୍ରମିଳାଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ପ୍ରମିଳାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।




# ପଦାରେ ପଡ଼ିଲା ଭାଜପାର ଗୋଷ୍ଠୀ ବିବାଦ

## ପୌରପାଳିକା କାର୍ଯ୍ୟାଳୟରେ ୨ ଗୋଷ୍ଠୀ ମୁହାଁମୁହିଁ

ବାସୁଦେବପୁର,୧୦।୯(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ପୌର ନିର୍ବାହୀ ଅଧିକାରୀଙ୍କ ଅଫିସରେ ମଙ୍ଗଳବାର ଅପରାହ୍ନରେ ଭାଜପାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରୁ ଦଳର ଗୋଷ୍ଠୀ ବିବାଦ ପଦାରେ ପଡ଼ିଛି। ଭାଜପାରୁ ନେତୃତ୍ୱ ନେଉଥିବା ଜଣେ ନିର୍ବାଚନମଣ୍ଡଳୀ ସ୍ତରୀୟ ଯୁବନେତା ସହରାଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ନେଇ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଥିବା ବେଳେ ଜଣେ ଭାଜପା କାଉନସିଲର ସେଠାରେ ପହଞ୍ଚି ତାଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଦୁଇପକ୍ଷର ସମର୍ଥକଙ୍କ ମଧ୍ୟରେ କଥା କଟାକଟି ହେବା ସହ ଠେଲାପେଲା ମଧ୍ୟ ହୋଇଥିଲା। ପରେ ପରିସ୍ଥିତି ଅଣାୟତ୍ତ ଆଡ଼କୁ ଯାଉଥିବା ବେଳେ ଘଟଣାସ୍ଥଳର ଉତ୍ତେଜନାକୁ ଦେଖି ପୌର ନିର୍ବାହୀ ଅଧିକାରୀ ନିଜ ସିଟ୍ ଛାଡ଼ି ପଳାଇଥିଲେ। ପୌର କର୍ମଚାରୀ ଓ କେତେକ ବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ଭାଜପାର ଦୁଇଗୋଷ୍ଠୀ ପୌର କାର୍ଯ୍ୟାଳୟରୁ ବାହାରି ଯାଇଥିଲେ। ଦଳର ଗୋଷ୍ଠୀ ବିବାଦ ଏବେ ପଦାରେ ପଡ଼ିବା ପରେ ଭାଜପାର ଜିଲା ଓ ଶୀର୍ଷ ନେତୃମଣ୍ଡଳୀଙ୍କ ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ଘଟଣାକୁ ସ୍ୱୀକାର କରିଛନ୍ତି।







# ସ୍ମିତାରାଣୀଙ୍କ ପରିବାର ନ୍ୟାୟ ପାଇବେ: ସ୍ମୃତିରେଖା



ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ସ୍ମୃତିରେଖା ପହି ଓ ଅନ୍ୟମାନେ।

ଧର୍ମଶାଳା,୧୦।୯(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିଶ୍ରୁତି ଦେବା ପରେ ଚର୍ଚ୍ଚା ଜୋର ଧରିଛି।

ସୋମବାର ଭାଜପା ଓବିସି ସେଲ ରାଜ୍ୟ ସଂଯୋଜକ ରାକେଶ କୁମାର ନାୟକଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଆଇନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାର ଫାଇଲ ଖୋଲିବା ସହିତ ଏହାର ସିବିଆଇ ତଦନ୍ତ କରିବାକୁ ଦାବି କରିଥିଲେ। ମଙ୍ଗଳବାର ଜାରକାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ସ୍ମୃତିରେଖା ପହି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ଓ ତାଙ୍କ ପରିବାର ନ୍ୟାୟ ପାଇବେ। ୨୦୧୯ ଅକ୍ଟୋବର ୧୬ରେ ଧର୍ମଶାଳା ବ୍ଲକ ହରିଦାସପୁର ପିଇଓ ସ୍ମିତାରାଣୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା। ସେଦିନ ସ୍ମିତାରାଣୀ ନିଜ ଅଫିସ କାମରେ ହରିଦାସପୁର ପଞ୍ଚାୟତକୁ ଯାଇ ତତ୍କାଳୀନ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ସହ ଲୋକଙ୍କୁ ଭତ୍ତା ବାଣ୍ଟିଥିଲେ। ପରେ ମଧ୍ୟାହ୍ନଭୋଜନ ପାଇଁ ଉଭୟ ହରିଦାସପୁରସ୍ଥିତ ରୂପେଶଙ୍କ ଗେଷ୍ଟହାଉସକୁ ଯାଇଥିଲେ। ଏହି ସମୟରେ ସେଠାରେ ରୂପେଶଙ୍କ ସହିତ ତାଙ୍କ ବନ୍ଧୁ ଅବିନାଶ ଶତପଥୀ, ରୋଷେୟା ପ୍ରମୋଦ ନାୟକ ଓ ରମାକାନ୍ତ ଜେନା ଉପସ୍ଥିତ ଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ତେବେ ମଧ୍ୟାହ୍ନଭୋଜନ ପୂର୍ବରୁ କୌଣସି ଏକ ଘଟଣାକୁ ନେଇ ରୂପେଶ ଓ ସ୍ମିତାରାଣୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସ୍ମିତାରାଣୀ ଏକ କୋଠରିରେ ପଶି ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ ତଦନ୍ତ ରିପୋର୍ଟ ଦେଇଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ଜୀବନ ଯାଇଥିଲା ବୋଲି ଉଲ୍ଲେଖ କରାଯାଇଛି। ହେଲେ ରୂପେଶ ସ୍ମିତାରାଣୀଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିବା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ତାହାକୁ ନେଇ ଧର୍ମଶାଳା ବ୍ଲକ ଅଞ୍ଚଳରେ ତୁମ୍ବିତୋଫାନ ହୋଇଥିଲା। ସେତେବେଳେ ବିଜେଡି ସରକାରରେ ଥିବାବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ସେ ସମୟରେ ଏହି ଖବର ପ୍ରମୁଖ ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ଘଟଣାର ସିବିଆଇ ତଦନ୍ତ ଦାବିକରି ବିରୋଧୀ ଦଳ ନେତା ଓ ଉପନେତା ମୃତକଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଭାଜପା ସରକାର ଆସିବା ପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଏହାର ସିବିଆଇ ତଦନ୍ତ ଦାବି କରାଯିବା ସହିତ ମୃତକଙ୍କ ସ୍ୱାମୀ ଓ ଝିଅଙ୍କୁ ପ୍ରାପ୍ୟ ପ୍ରଦାନ ଓ ରାମ୍‌କୋରେ ଠିକାଦାରି କରୁଥିବା ରୂପେଶ ଏବଂ ସେ ସମୟରେ ଦାୟିତ୍ୱରେ ଥିବା ରାମ୍‌କୋ କମ୍ପାନୀର ବରିଷ୍ଠ ଅଧିକାରୀଙ୍କୁ ସେଠାରୁ ବିଦା କରିବାକୁ ଦାବିରେ ଉଲ୍ଲେଖ କରାଯାଇଛି ବୋଲି ସ୍ମୃତିରେଖା ସ୍ପଷ୍ଟ କରିଛନ୍ତି। ରୂପେଶ ଏବେ ଭାଜପାରେ କାମ କରୁଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଓବିସି ସେଲର ସଂଯୋଜକ ରାକେଶ କୁମାର ନାୟକ, ଓବିସି ମୋର୍ଚ୍ଚା ଜିଲା ଉପସଭାପତି ମାନସ ରଞ୍ଜନ ନାୟକ, ମଣ୍ଡଳ ସଭାପତି ହିମାଂଶୁ ମହାପାତ୍ର, କୁଳମଣି ମଲିକ ଓ ନୀଳମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।













# ଜବାବ ଦାଖଲ ପାଇଁ ସମୟ ନେଲେ ବିଧାୟକ

## ନିର୍ବାଚନ ଅନିୟମିତତା ମାମଲା

କଟକ,୧୦।୯ (କାର୍ତ୍ତିକ ସାହୁ)

ଭୁବନେଶ୍ୱର (ମଧ୍ୟ) ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିରୋଧରେ ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜବାବ ଦାଖଲ ନିମନ୍ତେ ବିଧାୟକ ଜେନା ସମୟ ନେଇଥିବା ଜଣାପଡିଛି। ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ଅକ୍ଟୋବର ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାନୁସାରେ, ୨୦୨୪ ସାଧାରଣ ନିର୍ବାଚନରେ ଅନନ୍ତ ପ୍ରାର୍ଥୀପତ୍ର ଦାଖଲବେଳେ ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଆବେଦନରେ ଦର୍ଶାଇଛନ୍ତି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଅଗଷ୍ଟ ୧୩ରେ ଅନନ୍ତଙ୍କୁ ନୋଟିସ୍ ଜାରି କରିଥିଲେ। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଅନନ୍ତ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪ ନିର୍ବାଚନରେ ଅନନ୍ତ ୫୩,୭୫୯ ଖଣ୍ଡ ଓ ଜଗନ୍ନାଥ ୫୩,୭୨୨ ଖଣ୍ଡ ଭୋଟ ପାଇଥିଲେ।






# ତାପସୀଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଗାନ୍ଧାରୀ'

ମୁମ୍ବାଇ

ଅଭିନେତ୍ରୀ ତାପସୀ ପନ୍ନୁ ନିକଟରେ ଫିଲ୍ମ 'ଫିର୍ ଆଇ ହସିନ୍ ଦିଲ୍‌ରୁବା' କାରଣରୁ ଚର୍ଚ୍ଚାରେ ରହିଥିଲେ। ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ତାପସୀଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ମଙ୍ଗଳବାର ସେ ତାଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ 'ଗାନ୍ଧାରୀ' ହୋଇଥିବା ନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଘୋଷଣା କରିଛନ୍ତି। ଏହି ପୋଷ୍ଟରେ ଉକ୍ତ ଚଳଚ୍ଚିତ୍ରର ଝଲକ ଦେଖିବାକୁ ମିଳିଛି। 'ଗାନ୍ଧାରୀ' ଏକ ଆକ୍ସନ୍ ଥ୍ରୀଲର ଚଳଚ୍ଚିତ୍ର ହୋଇଥିବା ବେଳେ ଏଥିରେ ତାପସୀଙ୍କର ଆକ୍ସନ୍ ଅବତାର ଦେଖିବାକୁ ମିଳିବ। ଫିଲ୍ମରେ ତାପସୀଙ୍କୁ ଜଣେ ମା'ଙ୍କ ଭୂମିକାରେ ଦେଖିବାକୁ ମିଳିବ, ଯେଉଁଥିରେ ସେ ଶତ୍ରୁଙ୍କ ସଂହାର କରୁଥିବା ସହ ନିଜ ଝିଅଙ୍କୁ ସୁରକ୍ଷା ପ୍ରଦାନ କରୁଥିବାର ନଜରକୁ ଆସିବେ। 'ଗାନ୍ଧାରୀ'ରେ ତାପସୀଙ୍କ ଚରିତ୍ରର ନାମ 'କାଲୀ' ହୋଇଥିବା ବେଳେ ସେ ମା' କାଳୀଙ୍କ ପରି ସମାଜରେ ଅସାମାଜିକ ଲୋକଙ୍କର ସଂହାର କରୁଥିବା ଦେଖିବାକୁ ମିଳିବ। ତେବେ 'ଗାନ୍ଧାରୀ' ଫିଲ୍ମ ସିନେମା ହଲ୍‌ରେ ନୁହେଁ ବରଂ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ। ପ୍ରସିଦ୍ଧ ଫିଲ୍ମ ନିର୍ମାତା ତଥା ଲେଖିକା କନିକା ଢିଲୋନ ଏହି ଚଳଚ୍ଚିତ୍ରର ପ୍ରୋଯୋଜିକା ରହିଛନ୍ତି।



# ଦୁବାଇ ପ୍ରିନ୍ସେସ୍‌ଙ୍କ ନୂଆ 'ଡିଭର୍ସ' ପର୍ଫ୍ୟୁମ୍

ଆବୁଧାବୀ

ଦୁବାଇ ପ୍ରିନ୍ସେସ୍ ଶେଖା ମହରା ମହମ୍ମଦ ରଶିଦ ଅଲ୍ ମାକ୍‌ତୁମ(୩୦) ତାଙ୍କ ବ୍ରାଣ୍ଡ 'ମହରା ଏମ୍୧' ଅଧୀନରେ ମଙ୍ଗଳବାର 'ଡିଭର୍ସ' ନାମକ ଏକ ନୂତନ ପର୍ଫ୍ୟୁମ୍‌କୁ ଲଞ୍ଚ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ସେ ଉକ୍ତ ପର୍ଫ୍ୟୁମର ଟିଜରକୁ ଶେୟାର କରିଛନ୍ତି, ଯାହା ଖୁବ୍ ଭାଇରାଲ ହୋଇଛି। ୟୁନାଇଟେଡ ଆରବ ଏମିରେଟସ (ୟୁଏଇ) ବଜାରରେ ଖୁବ୍ ଶୀଘ୍ର 'ଡିଭର୍ସ' ଅତର ଉପଲବ୍ଧ ହେବ ବୋଲି ସେ ତାଙ୍କ ଫଲୋଅର୍ସଙ୍କୁ ଏହି ପୋଷ୍ଟରେ ସୂଚନା ଦେଇଛନ୍ତି। ପ୍ରିନ୍ସେସ ଶେଖାଙ୍କ ପୋଷ୍ଟରେ ଉକ୍ତ ପର୍ଫ୍ୟୁମ ଏକ କଳା ରଙ୍ଗର ଅତର ବୋତଲରେ ଉପଲବ୍ଧ ଥିବା ଦେଖିବାକୁ ମିଳିଛି। ବୋତଲ ଉପରେ 'ଡିଭର୍ସ' ଲେଖା ଯାଇଥିବା ସହ ଏହାର ଲୋଗୋ ମଧ୍ୟ ରହିଛି। କିଛି ଦିନ ତଳେ ପ୍ରିନ୍ସେସ ଶେଖା ତାଙ୍କ ପୂର୍ବତନ ସ୍ୱାମୀ ତଥା ଉଦ୍ୟୋଗପତି ଶେଖ୍ ମାନା ବିନ୍ ମହମ୍ମଦ ବିନ୍ ରସିଦ ବିନ୍ ମାନା ଅଲ୍ ମାକ୍‌ତୁମଙ୍କୁ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ସାର୍ବଜନୀନ ଭାବେ ଛାଡ଼ପତ୍ର ଦେଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କ ବାପା ତଥା ଦୁବାଇର ଶାସକ ମହମ୍ମଦ ବିନ୍ ରସିଦ ଅଲ୍ ମାକ୍‌ତୁମ ଏକାଧାରରେ ୟୁଏଇର ଉପ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସମ୍ପ୍ରତି ଦାୟିତ୍ୱ ନିର୍ବାହ କରୁଛନ୍ତି।




ନୂଆଁଖାଇ ଜୁହାର ଅଭିନନ୍ଦନ
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅମିତ କୁମାର ଜୈନ
ପୂର୍ବତନ ମାରୱାଡି ଯୁବମଞ୍ଚ ଅଧ୍ୟକ୍ଷ, ତୁଷୁରା

ନୂଆଁଖାଇ ଜୁହାର ଅଭିନନ୍ଦନ
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଅଶ୍ୱିନୀ ସାହୁ
ନିର୍ଦ୍ଦେଶକ, ରୟାଲ ଇଣ୍ଟରନ୍ୟାଶନାଲ ସ୍କୁଲ, ତୁଷୁରା

ନୂଆଁଖାଇ ଜୁହାର ଅଭିନନ୍ଦନ
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀଯୁକ୍ତ କିଶୋର କୁମାର ରାଜପୁତ — ବ୍ୟାଙ୍କ ମ୍ୟାନେଜର
ଶ୍ରୀଯୁକ୍ତ ସୁଜିତ ତଗରା — ଏରିଆ ସୁପରଭାଇଜର
ବଲାଙ୍ଗିର କେନ୍ଦ୍ର ସମବାୟ ବ୍ୟାଙ୍କ, ତୁଷୁରା ଶାଖା, ଜି-ବଲାଙ୍ଗିର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମଗ୍ର ଓଡ଼ିଶାର ଭାଇ ଭଉଣୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ଭୋଳାନାଥ କର୍ମୀ
ଅଧ୍ୟକ୍ଷ, ସୁବଳୟା +୨ କଲେଜ, ସୁବଳୟା, ଜି-ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ସୁଶାନ୍ତ କୁମାର ପଧାନ
ଥାନା ଅଧିକାରୀ, ସୁବଳୟା, ଜି-ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ କର୍ମଚାରୀ ତଥା ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ମାନସ କୁମାର ସାହୁ
ବହଳପଦର କେଏଲ୍ ରେଞ୍ଜ ଅଧିକାରୀ, ଅମରପାଲି, ଜି-ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ବାସୁଦେବ ଛତ୍ରିଆ
ଉପଖଣ୍ଡ ପୋଲିସ ଅଧିକାରୀ, ବୀରମହାରାଜପୁର

ନୂଆଁଖାଇ ଅବସରରେ ସମସ୍ତ ଇଣ୍ଡେନ ଗ୍ୟାସ୍ ଉପଭୋକ୍ତା ତଥା ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର।
ସମସ୍ତଙ୍କୁ ନୂଆଁଖାଇ ଜୁହାର
ଦିଲ୍ଲୀପ କୁମାର ମେହେର
ସ୍ୱତ୍ୱାଧିକାରୀ, ଇଣ୍ଡେନ ଗ୍ୟାସ, ବୀରମହାରାଜପୁର

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଗୌତମ ପ୍ରସାଦ ଅଗ୍ରୱାଲ
ଗାୟତ୍ରୀ ଫୁଡ୍ ପ୍ରଡକ୍ଟ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ପ୍ରଦୀପ ବେହେରା
ସରପଞ୍ଚ ସଂଘ ସଭାପତି, ବେଲପଡ଼ା ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଶଙ୍କର ପ୍ରସାଦ ଜୈନ
ଚେୟାରମେନ, ଆସ୍ଥା ପବ୍ଲିକ ସ୍କୁଲ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ସୁଶିଲ ବେହେରା
ସିଏସ୍‌ପି ସଞ୍ଚାଳକ, ସିହିନି, ବାହବଲ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଭେଲାସାଗର ମେହେର
ଭାଜପା କର୍ମୀ, ନୁନହାଡ଼ ଗ୍ରାମପଞ୍ଚାୟତ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଲୋକନାଥ ସାହୁ
ଘାଗୁର୍ଲି, ବେଲପଡ଼ା ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ସଞ୍ଜୟ ମେହେର
ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଶୋଭାକର ମେହେର
ଭାଜପା ଜିଲ୍ଲା ଉପସଭାପତି

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଦୁର୍ଯ୍ୟୋଧନ କୁମ୍ଭାର
ବ୍ଲକ ଉପାଧ୍ୟକ୍ଷ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ପୁରନ୍ଦର ବାଗ — ପୂର୍ବତନ ସମିତି ସଭ୍ୟ, ନୁନହାଡ଼ ଗ୍ରାମ
ପଦ୍ମାବତୀ ବାଗ — ସରପଞ୍ଚ, ଭରୁଆପାଲି ଗ୍ରା.ପ.
ବେଲପଡ଼ା ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଶ୍ରଦ୍ଧାଞ୍ଜଳି ବେହେରା — ସରପଞ୍ଚ, ସିହିନି ଗ୍ରା.ପ., ବେଲପଡ଼ା ବ୍ଲକ
ସୋମନାଥ ସାହୁ — ପିଇଓ, ସିହିନି ଗ୍ରାମପଞ୍ଚାୟତ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ମୋର ନୂଆଁଖାଇ ଜୁହାର।
ଶ୍ୟାମସୁନ୍ଦର ଚିରାଙ୍ଗୁନ
ସରପଞ୍ଚ ସୁଲେକେଲା ଗ୍ରା.ପ., ବେଲପଡ଼ା ବ୍ଲକ

# ପ୍ରତ୍ୟାଶାଙ୍କ ବିରଳ କୀର୍ତ୍ତିମାନ

ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)

ଜୁନିୟର ସ୍ତରରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ି ସାରିଥିବା ଓଡ଼ିଶାର ପ୍ରତ୍ୟାଶା ରାୟ ଏବେ ଆଉ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପୂର୍ବରୁ ଅନେକ ପ୍ରଥମର ଅଧିକାରିଣୀ ଥିବା ପ୍ରତ୍ୟାଶା ଏବେ ଜାତୀୟ ସିନିୟର ସନ୍ତରଣରେ ଓଡ଼ିଶାର ପ୍ରଥମ ସୁଇମରଭାବେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। କର୍ନାଟକର

- ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଜିତିଲେ ରୌପ୍ୟ ଓ ବ୍ରୋଞ୍ଜ
- ମହିଳା ୪x୨୦୦ମି. ଫ୍ରିଷ୍ଟାଇଲରେ ଓଡ଼ିଶାକୁ ବ୍ରୋଞ୍ଜ

ମାଙ୍ଗାଲୋରଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ୭୭ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପରେ ସେ ବ୍ୟକ୍ତିଗତ ରୌପ୍ୟ ଓ ଦଳଗତ ବ୍ରୋଞ୍ଜ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତାର ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧:୦୫.୮୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ସିନିୟର ନ୍ୟାଶନାଲରେ ପ୍ରତ୍ୟାଶାଙ୍କର ଏହା ପ୍ରଥମ ବ୍ୟକ୍ତିଗତ ପଦକ। ହିଟ୍‌ରେ ସେ ୧:୦୬.୫୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ସୋନିଆ ପଟେଲ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୯:୦୩.୫୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛି। କର୍ନାଟକ ଟିମ୍ ୮:୫୪.୮୫ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ମହାରାଷ୍ଟ୍ର ଟିମ୍ ୯:୦୧.୧୫ ସେକେଣ୍ଡ ସହିତ ରୌପ୍ୟ ପଦକ ଅର୍ଜନ କରିଛି। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନରେ ଅଧ୍ୟୟନ କରୁଥିବା ଚାରୁଶ୍ରୀ ବେହୁରା ଓ ରଜତ ରାୟଙ୍କ ଝିଅ ପ୍ରତ୍ୟାଶା ଏହା ପୂର୍ବରୁ ଖେଲୋ ଇଣ୍ଡିଆଠାରୁ ଆରମ୍ଭ କରି ସାଉଥ୍ ଏସିଆନ ପ୍ରତିଯୋଗିତା ପର୍ଯ୍ୟନ୍ତ ପଦକ ଜିତି ସାରିଛନ୍ତି।



ରୌପ୍ୟ ପଦକ ସହ ପ୍ରତ୍ୟାଶା ମିଶ୍ର।


ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୪x୨୦୦ମି. ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

# ‘ହକିର ଗ୍ଲୋବାଲ ହବ୍‌ରେ ପରିଣତ ହୋଇଛି ଓଡ଼ିଶା’

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏଫ୍ଆଇଏଚ୍ ସଭାପତି

- ଓଡ଼ିଶା ସହ ମିଶି ବିଶ୍ୱସ୍ତରରେ ହକିର ବିକାଶ ପାଇଁ ଏଫ୍ଆଇଏଚ୍ ପ୍ରତିଶ୍ରୁତିବଦ୍ଧ: ଇକ୍ରାମ

ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ସଭାପତି ତୟାବ ଇକ୍ରାମ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏଠାରେ ସାକ୍ଷାତ କରିଛନ୍ତି। ବିଶ୍ୱ ହକିକୁ ଓଡ଼ିଶାର ଅବଦାନ ଏବଂ ରାଜ୍ୟରେ ହକିର ବିକାଶ ପାଇଁ ମିଳିତ ଉଦ୍ୟମ ସମ୍ପର୍କରେ ଏହି ସାକ୍ଷାତ ଅବସରରେ ଆଲୋଚନା ହୋଇଛି। କ୍ରୀଡ଼ା ସହ ଭିତ୍ତିଭୂମିର ଉନ୍ନତି ଏବଂ ଓଡ଼ିଶାରେ ଆଗାମୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ମହାସଚିବ ଭୋଲାନାଥ ସିଂ, କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ପୁରୁଷ ହକି ବିଶ୍ୱକପ ପରି ବଡ଼ ଟୁର୍ନାମେଣ୍ଟଗୁଡ଼ିକର ଆୟୋଜନ ସମୟରେ ଏଫ୍ଆଇଏଚ୍‌ର ଅକୁଣ୍ଠ ସହଯୋଗକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ‘‘ସମ୍ମାନଜନକ ଟୁର୍ନାମେଣ୍ଟଗୁଡ଼ିକ ଆୟୋଜନ କରି ଓଡ଼ିଶା ହକିର ଏକ ଗ୍ଲୋବାଲ ହବ୍‌ରେ ପରିଣତ ହୋଇଛି। ଅମେ ଆସନ୍ତା ପ୍ରୋ ଲିଗ୍ ଆୟୋଜନକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ଏହା ବ୍ୟତୀତ ଏଫ୍ଆଇଏଚ୍ ସହଯୋଗରେ ରାଜ୍ୟରେ ଭବିଷ୍ୟତରେ ଆହୁରି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଆଶା ରଖିଛୁ’’ ବୋଲି ଆଲୋଚନା ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। କ୍ରୀଡ଼ାକୁ ପ୍ରମୋଟ କରୁଥିବାରୁ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରି ହକି ପ୍ରତିଭା ଅନ୍ୱେଷଣ କରୁଥିବାରୁ ଇକ୍ରାମ ମଧ୍ୟ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଆଥ୍ଲେଟ୍ ଡେଭଲପ୍‌ମେଣ୍ଟ, ସ୍ପୋର୍ଟ୍ସ ସାଇନ୍ସ ଏବଂ ଖେଳାଳି ଓ କୋଚ୍‌ଙ୍କ ଫାଇଦା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଉପରେ ଆଲୋଚନା ହୋଇଥିଲା। ଉଭୟ ଓଡ଼ିଶା ଏବଂ ଦେଶରେ ମହିଳା ହକିକୁ ପ୍ରୋତ୍ସାହିତ କରିବା ଓ ମହିଳା ଆଥ୍ଲେଟ୍‌ଙ୍କ ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସହ ମିଶି ବିଶ୍ୱସ୍ତରରେ ହକିର ବିକାଶ ପାଇଁ ଏଫ୍ଆଇଏଚ୍ ପ୍ରତିଶ୍ରୁତିବଦ୍ଧ ବୋଲି ଇକ୍ରାମ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ଇକ୍ରାମଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିମାନ ବନ୍ଦରରେ କ୍ରୀଡ଼ା ଓ ଯୁବସେବା ବିଭାଗ, ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ହକି ଇଣ୍ଡିଆର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ।

# ପୁଣି ସଭାପତି ହେବେ ଇକ୍ରାମ

**ଲାଉସାନେ, ୧୦।୯ (ପି.ଟି.):** ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍)ର ସଭାପତି ଭାବେ ଦ୍ୱିତୀୟ ଥର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ତୟାବ ଇକ୍ରାମ। ନଭେମ୍ବର ୯ରେ ଓମାନର ମସ୍କଟଠାରେ ଏଫ୍ଆଇଏଚ୍‌ର ୪୯ତମ ସମ୍ମିଳନୀ ଅନୁଷ୍ଠିତ ହେବ। ଏଫ୍ଆଇଏଚ୍ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଗ୍ରହଣ ଶେଷ ତାରିଖ ଅଗଷ୍ଟ ୩୧ ତାରିଖ ରହିଥିଲା। ଏଫ୍ଆଇଏଚର ସଦସ୍ୟ ରହିଥିବା ଜାତୀୟ ଆସୋସିଏଶନଗୁଡ଼ିକ ନିର୍ବାଚନରେ ସେମାନଙ୍କ ମତ ସାବ୍ୟସ୍ତ କରିବେ। ଇକ୍ରାମ ଦୀର୍ଘ ଦିନ ଧରି ହକି ଖେଳ ସହିତ ଜଡ଼ିତ। ସେ ପାକିସ୍ତାନ ଓ ଚାଇନାର ହକି କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଜଣେ ସଦସ୍ୟ ଏବଂ ୨୦୧୬ରୁ ସେ ଏଫ୍ଆଇଏଚ୍ କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ ରହି ଆସିଛନ୍ତି। ୨୦୨୨ ନଭେମ୍ବର ୫ରେ ସେ ଏଫ୍ଆଇଏଚ୍‌ର ୧୩ତମ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାକାଉରୁ ପ୍ରତିନିଧିତ୍ୱ କରୁଥିବା ଇକ୍ରାମ ସଭାପତି ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ରହିଛନ୍ତି।

# ଅନଓ୍ୱର ଅଲୀ ୪ ମାସ ବାସନ୍ଦ

## ମୋହନବାଗାନକୁ ମିଳିବ ୧୨.୯ କୋଟି କ୍ଷତିପୂରଣ

କୋଲକାତା,୧୦।୯(ପି.ଟି.)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ଚୁକ୍ତି ଉଲ୍ଲଂଘନ ମାମଲାରେ ଭାରତୀୟ ଡିଫେଣ୍ଡର ଅନଓ୍ୱର ଅଲୀଙ୍କୁ ୪ ମାସ ପାଇଁ ବାସନ୍ଦ କରାଯାଇଛି। ଏହା ସହିତ ଫୁଟବଲ କ୍ଲବ ମୋହନବାଗାନ ସୁପର ଜାଏଣ୍ଟ୍ସକୁ ୧୨.୯୦ କୋଟି ଟଙ୍କାର କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ମିଳିଛି। ଏଆଇଏଫ୍ଏଫ୍‌ର ପ୍ଲେୟର୍ସ ଷ୍ଟାଟସ୍ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ଏଫ୍‌ସିରୁ ଲୋନ୍‌ରେ ଆସି ମୋହନବାଗାନ ପକ୍ଷରୁ ଖେଳୁଥିଲେ ଅନଓ୍ୱର। ଏହା ମଧ୍ୟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଏକ ଲୋଭନୀୟ ଅଫର ମିଳିବା ପରେ ୫ ବର୍ଷ ପାଇଁ ସେ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ ବିରୋଧ କରି ମୋହନବାଗାନ ପ୍ଲେୟର୍ସ ଷ୍ଟାଟସ୍ କମିଟିର ଦ୍ୱାରସ୍ଥ ହୋଇଥିଲା। ଏହି ଆବେଦନର ବିଚାର କରି ଷ୍ଟାଟସ୍ କମିଟି ଅନଓ୍ୱରଙ୍କୁ ସମସ୍ତ ପ୍ରକାର ପ୍ରଫେଶନାଲ ପ୍ରତିଯୋଗିତାରୁ ୪ ମାସ ପାଇଁ ବାସନ୍ଦ କରିଛି। ଏହା ସହିତ ଦିଲ୍ଲୀ ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ଉପରେ ୨୦୨୪-୨୫ ଓ ୨୦୨୫-୨୬ ସିଜନ ପାଇଁ ଖେଳାଳି ପଞ୍ଜୀକରଣ ଉପରେ ରୋକ ଲଗାଯାଇଛି।

ଅନଓ୍ୱରଙ୍କୁ ଦିଲ୍ଲୀ ଏଫ୍‌ସିରୁ ୨ କୋଟି ଟଙ୍କା ଲୋନ୍‌ରେ ଆଣିଥିଲା ମୋହନବାଗାନ। ଚୁକ୍ତି ଖିଲାପ କରିଥିବା କାରଣରୁ ଅନଓ୍ୱର ଅଲୀ, ଦିଲ୍ଲୀ ଏଫ୍‌ସି ଓ ଇଷ୍ଟ ବେଙ୍ଗଲକୁ ମିଳିତ ଭାବରେ ଏହି ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚୁକ୍ତି ଖିଲାପ ବାବଦରେ ୮.୪୦ କୋଟି, ଦିଲ୍ଲୀ ଏଫ୍‌ସି ନେଇଥିବା ୨ କୋଟି ଓ ଅନ୍ୟାନ୍ୟ କ୍ଷତି ବାବଦରେ ୨.୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୩ ବର୍ଷୀୟ ଅନଓ୍ୱର ଅଲୀ ବିଗତ ସିଜନରେ ମୋହନବାଗାନକୁ ଚାମ୍ପିୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୬ ମ୍ୟାଚ୍‌ରୁ ସେ ୩ ଗୋଲ୍ ସ୍କୋର କରିଥିବା ବେଳେ ଗୋଟିଏ ଆସିଷ୍ଟ କରିଥିଲେ। ମୋହନବାଗାନରେ ଲୋନରେ ଥାଇ ମଧ୍ୟ ପ୍ରତିଦ୍ୱନ୍ଦ୍ୱୀ କ୍ଲବ ଇଷ୍ଟବେଙ୍ଗଲ ସହ ୫ ବର୍ଷିଆ ଚୁକ୍ତି କରିଥିଲେ ଅନଓ୍ୱର। ଅନଓ୍ୱରଙ୍କ ଏହି ବାସନ୍ଦାଦେଶ କେବଳ କ୍ଲବ ଗେମ୍ ପାଇଁ ଲାଗୁ ହେବ। ଏହି ସମୟରେ ସେ ଭାରତ ପାଇଁ ଖେଳିପାରିବେ ବୋଲି ଷ୍ଟାଟସ୍ କମିଟି ପକ୍ଷରୁ କୁହାଯାଇଛି। ଦିଲ୍ଲୀ ଏଫ୍‌ସି ଏହି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିବା ସହ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।




# ଚାଇନାରେ ୪୩ ଜଣଙ୍କୁ ଆଜୀବନ ବାସନ୍ଦ

## ଫୁଟ୍‌ବଲ ଦୁର୍ନୀତି

ଡାଲିଆନ (ଚାଇନା), ୧୦।୯ (ଏପି)

ଫୁଟ୍‌ବଲରେ ମ୍ୟାଚ୍ ଫିକ୍ସିଂ ଓ ଅନ୍ୟାନ୍ୟ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚାଇନା ଫୁଟବଲ ଆସୋସିଏଶନ ୪୩ ଜଣଙ୍କୁ ଆଜୀବନ ବାସନ୍ଦ କରିଛି। ଝାଙ୍ଗ ଜିଆଓପେଙ୍ଗ୍ ନାମକ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଦୁଇ ବର୍ଷ ତଦନ୍ତ ପରେ ଦେଶରେ ଫୁଟ୍‌ବଲ ଖେଳରେ ହୋଇଥିବା ଅନେକ ଅନ୍‌ଲାଇନ୍ ଗ୍ୟାମ୍ବଲିଂ, ମ୍ୟାଚ ଫିକ୍ସିଂ ଓ ଲାଞ୍ଚ କାରବାର ମାମଲା ନଜରକୁ ଆସିଛି। ୧୨୦ଘରୋଇ ଲିଗ୍ ମ୍ୟାଚରେ ୧୨୮ଜଣ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ସନ୍ଦେହ କରାଯାଇଥିଲା। ୪୧ଟି କ୍ଲବକୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା। ବାସନ୍ଦ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୩୮ଜଣ ଖେଳାଳି ଏବଂ ବିଭିନ୍ନ କ୍ଲବ ପାଇଁ କାର୍ଯ୍ୟ କରୁଥିବା ୫ ଅଫିସିଆଲ ରହିଛନ୍ତି। ଚାଇନାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଜିନ୍ ଜିଙ୍ଗଦାଓ ଓ ଗୁ ତିଆନିୟୁଙ୍କୁ ଖେଳରୁ ଆଜୀବନ ବାସନ୍ଦ କରାଯାଇଛି। ଅନ୍ୟ ଯେଉଁ ଖେଳାଳିମାନଙ୍କୁ ସ୍ୱଳ୍ପକାଳୀନ ବାସନ୍ଦ କରାଯାଇଛି ସେମାନଙ୍କ ମଧ୍ୟରେ କେତେଜଣ ଉଚ୍ଚ ବେତନଧାରୀ ବିଦେଶୀ ଖେଳାଳି ରହିଛନ୍ତି। ଚାଇନାର ଶାନଡଙ୍ଗ ତାଇଶାନ ଏଫ୍‌ସି ଓ ପୂର୍ବରୁ ହିଲଙ୍ଗଜିଆଙ୍ଗ ଆଇସ୍ ସିଟି ପାଇଁ ଖେଳିଥିବା କାମେରୁନ୍‌ର ଇଓଲୋ ଡୋନୋଭାନ୍‌ଙ୍କୁ ୫ବର୍ଷ ଲେଖାଏଁ ବାସନ୍ଦ କରାଯାଇଛି। ସନ୍ ସ୍ପୋର୍ଟ୍ସ ଏଥିକ୍ସ ଓ ସ୍ପୋର୍ଟ୍ସମ୍ୟାନଶିପ୍ ନିୟମର ଉଲ୍ଲଂଘନ କରିଛନ୍ତି। ତାଙ୍କ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ବାରି ହୋଇପଡୁଥିଲା। ସମାଜ ଉପରେ ଏହା ଖରାପ ପ୍ରଭାବ ପକାଇବ ବୋଲି ଚାଇନା ଫୁଟ୍‌ବଲ ଆସୋସିଏଶନ କହିଛି। ଦେଶର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଚାଇନାକୁ ଫୁଟ୍‌ବଲର ଏକ ସୁପର ପାଓ୍ୱାର କରିବାକୁ ଚାହୁଁଛନ୍ତି। କିନ୍ତୁ ପୁରୁଷ ଦଳ ଏପର୍ଯ୍ୟନ୍ତ ସେତେଟା ସଫଳତା ଅର୍ଜନ କରିପାରି ନାହିଁ।

# ପଦକ ବିଜେତାଙ୍କ ପାଇଁ ପୁରସ୍କାର ଘୋଷଣା

ନୂଆଦିଲ୍ଲୀ,୧୦।୯(ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସରେ ପଦକ ଜିତିଥିବା ସମସ୍ତ ଭାରତୀୟ ଖେଳାଳିଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି କେନ୍ଦ୍ର ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ସ୍ୱର୍ଣ୍ଣ ବିଜେତାଙ୍କୁ ୭୫ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୫୦ ଲକ୍ଷ ଓ ବ୍ରୋଞ୍ଜ ବିଜେତାଙ୍କ ପାଇଁ ୩୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସେହିପରି ମିକ୍ସଡ ଇଭେଣ୍ଟରେ ପଦକ ହାସଲ କରିଥିବା ଶୀତଲ ଦେବୀଙ୍କ ପରି ଆଥଲେଟଙ୍କୁ ୨୨.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ସେହିପରି ଆଗାମୀ ୨୦୨୮ ଲସ୍‌ଏଞ୍ଜେଲ୍ସ ପାରାଲିମ୍ପିକ୍ସ ପାଇଁ ଆଥ୍ଲେଟମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ମାଣ୍ଡବ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ ସଂସ୍କରଣରେ ଭାରତ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ସହ ମୋଟ ୨୯ ପଦକ ହାସଲ କରି ୧୮ତମ ସ୍ଥାନରେ ରହିଥିଲା। ଏହା ବ୍ୟତୀତ ଭାରତର ପାରାଲିମ୍ପିକ୍ସ ପଦକ ସଂଖ୍ୟା ୫୦ ଅତିକ୍ରମ କରିସାରିଛି।

# ଦୁଲୀପ୍ ଟ୍ରଫି ଖେଳିବେ ରିଙ୍କୁ ସିଂ

**ଅନନ୍ତପୁର,୧୦।୯(ପି.ଟି.):** ଦୁଲୀପ୍ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭାରତୀୟ ମିଡିଲ ଅର୍ଡର ବ୍ୟାଟର ରିଙ୍କୁ ସିଂଙ୍କୁ ସାମିଲ କରାଯାଇଛି। ବାଂଲାଦେଶ ଟେଷ୍ଟ ସିରିଜ ପାଇଁ ଦଳରେ ସ୍ଥାନ ପାଇଥିବା ରିଷଭ ପନ୍ତ,ଲୋକେଶ ରାହୁଲ ଓ ଶୁବମାନ ଗିଲ୍‌ଙ୍କୁ ରିଲିଜ୍ କରାଯାଇଛି। ଅନ୍ୟ ଖେଳାଳିଙ୍କ ଧରେ ଆକାଶ ଦୀପ୍, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କୁ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରୁ ରିହାତି ମିଳିଛି। ଅନ୍ୟ ପକ୍ଷରେ ଯଶ ଦୟାଲ ଓ ସର୍ଫରାଜ ଖାନଙ୍କୁ ରିଲିଜ୍ କରାଯାଇ ନ ଥିବା ବେଳେ ଉଭୟ ପ୍ଲେଇଙ୍ଗ ଇଲେଭେନ୍‌ରେ ସାମିଲ ନ ଥିବା ସ୍ପଷ୍ଟ ହୋଇଛି। ଶୁବମନ ଗିଲ୍‌ଙ୍କ ସ୍ଥାନରେ ପ୍ରଥମ ସିଂ, ରାହୁଲଙ୍କ ସ୍ଥାନରେ ଅକ୍ଷୟ ଓ୍ୱାଡକର ଓ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଶେକ୍ ରଶିଦଙ୍କୁ ସାମିଲ କରାଯାଇଛି। ଗିଲ୍‌ଙ୍କ ସ୍ଥାନରେ ମୟଙ୍କ ଅଗ୍ରଓ୍ୱାଲଙ୍କୁ ଭାରତ‘ଏ’ର ଅଧିନାୟକ ଘୋଷଣା କରାଯାଇଛି। ରିଷଭ ପନ୍ତଙ୍କ ସ୍ଥାନରେ ରିଙ୍କୁ ସିଂଙ୍କୁ ସାମିଲ କରାଯାଇଛି।

# ପାରାଲିମ୍ପିକ୍ସ ଚାମ୍ପିୟନଙ୍କୁ ଭବ୍ୟ ସ୍ୱାଗତ

ନୂଆଦିଲ୍ଲୀ,୧୦।୯(ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସରେ ଅପାର ସଫଳତା ପରେ ଭାରତୀୟ ଆଥଲେଟ୍‌ମାନେ ମଙ୍ଗଳବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ହିରୋର ସ୍ୱାଗତ ମିଳିଥିଲା। ଭାରତ ୮୪ ଆଥ୍ଲେଟ ପ୍ରେରଣ କରିଥିବା ବେଳେ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ଖେଳାଳିମାନେ ୨୯ ପଦକ ଜିତିବାରେ ସକ୍ଷମ ହୋଇଥିଲେ। ଏହା ମଧ୍ୟରେ ୭ଟି ସ୍ୱର୍ଣ୍ଣ ପଦକ ସାମିଲ ଥିଲା। ଭାରତୀୟ ଆଥ୍ଲେଟଙ୍କ ପ୍ରତ୍ୟାବର୍ତ୍ତନରେ ଶତାଧିକ ସମର୍ଥକ ବାଜା ବାଣ ଓ ମିଠା ସହ ସ୍ୱାଗତ କରିଥିଲେ। ଏହି ଅଭୂତପୂର୍ବ ସ୍ୱାଗତ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଜାଭେଲିନ୍ ଥ୍ରୋୟର ସୁମିତ ଆଣ୍ଟିଲ୍। ଏଫ୍ ୬୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁମିତ ପାରାଲିମ୍ପିକ୍ସ ରେକର୍ଡ ୭୦.୫୯ ମିଟରର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପାରାଲିମ୍ପିକ୍ସରେ ଏହା ସୁମିତଙ୍କ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ରହିଥିଲା। ଅନ୍ୟତମ ଭାରତୀୟ ଅଭନି ଲେଖରା ନିଜର ଟାଇଟଲ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲେ। ୧୦ ମିଟର ଏୟାର ରାଇଫଲର ଏସ୍‌ଏଚ୍-୧ ବର୍ଗରେ ଅଭନି ସ୍ୱର୍ଣ୍ଣ ଜିତିଥିଲେ। ଟୋକିଓ ପାରାଲିମ୍ପିକ୍ସର ସମାନ ଇଭେଣ୍ଟରେ ମଧ୍ୟ ଅଭନି ସ୍ୱର୍ଣ୍ଣ ଜିତିଥିଲେ। ଅଭନି ଗତ ସପ୍ତାହରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ।

୨୦୧୫ରେ ପୂର୍ବରୁ ରେସ୍‌ଲିଂ କରୁଥିବା ସୁମିତ ଏକ ବାଇକ୍ ଦୁର୍ଘଟଣାରେ ନିଜର ବାମ ଗୋଡ଼ ହରାଇଥିଲେ। ତାଙ୍କ ଗୋଡର ଆଣ୍ଠୁ ତଳକୁ କଟା ଯାଇଥିଲା। ତେବେ ନିଜ ପ୍ରସ୍ତୁତିକୁ ସଫଳତାର ରହସ୍ୟ ଭାବରେ ବର୍ଣ୍ଣନା କରିଛନ୍ତି ସୁମିତ। ଆଗାମୀ ଦିନରେ ୭୫ ମିଟର ଦୂରତା ଅତିକ୍ରମ କରିବା ତାଙ୍କର ଲକ୍ଷ୍ୟ ରହିବ ବୋଲି କହିଛନ୍ତି ସୁମିତ। ପାରାଲିମ୍ପିକ୍ସ କାରଣରୁ ସେ ଚା’ ପିଇ ନ ଥିବା ବେଳେ ପ୍ରଥମେ ପରିବାର ସହ ଚା’ ପିଇବେ ବୋଲି କହିଛନ୍ତି ଏହି ତାରକା ଜାଭେଲିନ୍ ଥ୍ରୋୟର।

ପାରା ଆର୍ଚେରୀରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିବା ହରବିନ୍ଦର ସିଂ ମଧ୍ୟ ଖୁସି ଜାହିର କରିଛନ୍ତି। ସେ ବର୍ତ୍ତମାନ ପଞ୍ଜାବ ୟୁନିଭର୍ସିଟିରେ ଇକୋନୋମୀରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଛନ୍ତି। ପିଲାବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଡାକ୍ତରଙ୍କ ଭୁଲ୍ ମେଡିସିନ୍ କାରଣରୁ ବାମ ଗୋଡ ପୋଲିଓ ହୋଇଯାଇଥିଲା। ଟୋକିଓରେ ଏକମାତ୍ର ତୀରନ୍ଦାଜ ଭାବେ ବ୍ରୋଞ୍ଜ ଜିତିଥିବା ବେଳେ ୩ ବର୍ଷ ବ୍ୟବଧାନରେ ଏହାକୁ ସ୍ୱର୍ଣ୍ଣରେ ପରିଣତ କରିଛନ୍ତି ହରବିନ୍ଦର। ଭାରତୀୟ ଦଳରେ ସର୍ବକନିଷ୍ଠ ଖେଳାଳି ରହିଥିବା ପାରା ଆର୍ଚର ଶୀତଲ ଦେବୀଙ୍କ ଉପରକୁ ଫୁଲ ପକାଇଥିଲେ ଉପସ୍ଥିତ ପ୍ରଶଂସକ। ଶୀତଲ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଥର ଅଂଶଗ୍ରହଣ କରିଥିବା ବେଳେ ଏହା ତାଙ୍କ ପାଇଁ ଅତ୍ୟନ୍ତ ଚମତ୍କାର ଅଭିଜ୍ଞତା ରହିଥିଲା ବୋଲି କହିଛନ୍ତି ଶୀତଲ।

ଏଫ୍ ୪୧ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜାଭେଲିନ୍ ଥ୍ରୋୟର ନବଦୀପଙ୍କୁ ପ୍ରଶଂସକ କାନ୍ଧରେ ବସାଇ ଥିଲେ। କମ୍ ଉଚ୍ଚତା କାରଣରୁ ଏଫ୍ ୪୧ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନବଦୀପ ୪୭.୩୨ ମିଟରର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଥିଲେ।


ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ପାରାଲିମ୍ପିଆନଙ୍କୁ ସ୍ୱାଗତ କରାଯାଉଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ